

▶ପୃଷ୍ଠା ୧୧ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 43 •ISSUE-65 •FRIDAY •29 AUGUST 2025 •PAGE-12 •₹ 6.00 | BHUBANESWAR | •ବର୍ଷ-୪୩ •ସଂଖ୍ୟା-୬୫ •ଶୁକ୍ରବାର •୨୯ ଅଗଷ୍ଟ ୨୦୨୫ •ପୃଷ୍ଠା-୧୨ •ଟ.୬.୦୦


## ଗ୍ରହଦୋଷ କାଟିବା ପାଇଁ ନାତିକୁ ବଳି



■ **ପ୍ରୟାଗରାଜ, ୨୮ ।୮ (ଏଜେନ୍ସି):** ଅନ୍ଧ ବିଶ୍ୱାସ ପାଇଁ ଜଣେ ନିରୀହର ଜୀବନ ଯାଇଛି । ତାନ୍ତ୍ରିକ କଥାରେ ପଡ଼ି ଶରଣ ସିଂ ନାମକ ଜଣେ ପ୍ରପର୍ଟି ଡିଲର ଜଘନ୍ୟ କାଣ୍ଡ ଘଟାଇଛନ୍ତି । ଗ୍ରହଦୋଷ କାଟିବାକୁ ଯାଇ ସେ ନିଜର ୧୭ ବର୍ଷୀୟ ନାତିକୁ ବଳି ଦେବାକୁ ପଛାଇନାହାନ୍ତି । ଉତ୍ତର ପ୍ରଦେଶ ପ୍ରୟାଗରାଜର କାରେଲି ଥାନା ଅଞ୍ଚଳରେ ଏହି ଜଘନ୍ୟ କାଣ୍ଡ ଘଟିଛି । ସୂଚନା ଅନୁଯାୟୀ ନାତି ପୀୟୂଷ ମଙ୍ଗଳବାର ସ୍କୁଲ ଯାଉଥିବା ବେଳେ ଜେଜେ ତାଙ୍କୁ ଅପହରଣ କରି ନେଇଥିଲେ । ପରେ ଘରକୁ ନେଇ ତନ୍ତ୍ର- ମନ୍ତ୍ର କରିବା ସହ ବଳି ଦେଇଥିଲେ । ହାତଗୋଡ଼ କାଟିବା ସହ ମୁଣ୍ଡଗଣ୍ଡି ଅଲଗା କରି ଦେଇଥିଲେ । ପୀୟୂଷ ନ ଫେରିବାରୁ ମଙ୍ଗଳବାର ନିଖୋଜ ମାମଲା ରୁଜୁ କରାଯାଇଥିଲା । ପୀୟୂଷଙ୍କ ପିତା ଅଜୟ ସିଂ ମୃତ୍ୟୁବରଣ କରିସାଥିବା ବେଳେ ମା କାମିନୀଙ୍କ ସହ ସେ ସାଦିଆପୁରର ଗୁରୁଦ୍ୱାର ନିକଟରେ ରହୁଥିଲେ । ପୀୟୂଷ ସରସ୍ୱତୀ ବିଦ୍ୟାମନ୍ଦିରରେ ଏକାଦଶ ଶ୍ରେଣୀରେ ପଢୁଥିଲେ । ସକାଳେ ସ୍କୁଲ୍‌କୁ ଯିବା ପରେ ପୀୟୂଷ ଘରକୁ ଫେରି ନଥିଲେ । କିନ୍ତୁ ସେ ସ୍କୁଲକୁ ଯାଇନଥିବା କାମିନୀ ଜାଣିବାକୁ ପାଇଥିଲେ । ଫଳରେ ସେ ପୁଲିସରେ ଅଭିଯୋଗ କରିଥିଲେ । ସିସିଟିଭି ଫୁଟେଜକୁ ଆଧାର କରି ପୁଲିସ ଶରଣ ସିଂଙ୍କୁ ଗିରଫ କରିଥିଲା । ଶରଣ ନିଜ ଅପରାଧ ସ୍ୱୀକାର କରିଛନ୍ତି । ଅଧିକ ତଦନ୍ତ ପାଇଁ ଶରଣଙ୍କ ସମେତ ତାଙ୍କ ପତ୍ନୀ ଓ ଅନ୍ୟ ଜଣେ ପୁଅକୁ ପୁଲିସ ପଚରାଉଚରା କରୁଛି ।

## ୪ ମହଲା କୋଠା ଭୁଶୁଡ଼ି ୧୭ ମୃତ, ୯ ଆହତ

### ଜନ୍ମଦିନ ପାଳନ ବେଳେ ଅଘଟଣ
### ବିଲ୍ଡର୍ ଗିରଫ



■ **ମୁମ୍ବାଇ, ୨୮ ।୮ (ଏଜେନ୍ସି):** ମହାରାଷ୍ଟ୍ରର ପାଲଘର ଜିଲ୍ଲାରେ ଏକ ୪ ମହଲା ବିଶିଷ୍ଟ କୋଠା ଭୁଶୁଡ଼ିବା ଫଳରେ ୧୭ ଜଣ ଲୋକ ମୃତ୍ୟୁବରଣ କରିଥିବା ବେଳେ ୯ ଜଣ ଆହତ ହୋଇଛନ୍ତି । ମୁମ୍ବାଇ ନିକଟସ୍ଥ ବିରାର ଅଞ୍ଚଳର ବିଜୟ ନଗରରେ ଅଗଷ୍ଟ ୨୬ରେ ରାତି ୧୨.୦୫ରେ ପାଖାପାଖି ୫୦ ଫ୍ଲାଟ ବିଶିଷ୍ଟ ୪ ତାଲା କୋଠା ରମାବାଇ ଆପାର୍ଟମେଣ୍ଟର ୧୨ଟି ଫ୍ଲାଟ୍ ନିକଟରେ ଥିବା ଏକ ଚାଳ ଘର ଉପରେ ଭୁଶିଡି ପଡ଼ିଥିଲା । ଉଦ୍ଧାରକାର୍ଯ୍ୟ ଚାଲିଥିବା ବେଳେ ଗୁରୁବାର ୫ ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଛି । ଘଟଣା ବେଳେ ଚତୁର୍ଥ ମହଲାରେ ଜଣେ ଏକ ବର୍ଷୀୟ ଝିଅର ଜନ୍ମଦିନ ପାଳନ କରାଯାଉଥିଲା ଓ ପାର୍ଟି ଦିଆଯାଉଥିଲା । ଏହି ଝିଅ ସମେତ ତା'ର ମା ଓ ଆଉ କେତେଜଣ ଅତିଥି ଏଥିରେ ମୃତ୍ୟୁବରଣ କରିଛନ୍ତି । ଆହତ ହୋଇଥିବା ▶ପୃଷ୍ଠା-୭

## ଟ୍ରମ୍ପ ଟାରିଫ

# ୫.୮%କୁ ଖସିବ ଜିଡିପି

### ପ୍ରଭାବିତ ହେବେ ଦେଶର ନିଯୁକ୍ତିଭିତ୍ତିକ ଶିଳ୍ପର ୨.୧ କୋଟି ଶ୍ରମିକ




**ବୟନ ସାମଗ୍ରୀ, ରତ୍ନ ଅଳଙ୍କାର, ସାମୁଦ୍ରିକ ଖାଦ୍ୟ ଶିଳ୍ପ ସର୍ବାଧିକ କ୍ଷତିଗ୍ରସ୍ତ**

**ଅଟୋ ଯନ୍ତ୍ରାଂଶ ଉପରେ ୨୫%; ଇସ୍ପାତ ଓ ଆଲୁମିନିୟମରେ ୫୦%**

**ଭାରତରୁ ରପ୍ତାନୀ ହେଉଥିବା ୬୦% ସାମଗ୍ରୀ ଉପରେ ୫୦% ଟାରିଫ**


**ସେମିକଣ୍ଡକ୍ଟର, ଜେନେରିକ୍ ଔଷଧ, ଇଲେକ୍ଟ୍ରୋନିକ ସାମଗ୍ରୀ ବାଦ୍**

■ **ନୂଆଦିଲ୍ଲୀ, ୨୮।୮ (ଏଜେନ୍ସି):** ଅଗଷ୍ଟ ୨୭ ତାରିଖରୁ ଭାରତୀୟ ଆମଦାନୀ ଉପରେ ଅତିରିକ୍ତ ୨୫% 'ରୁଷ୍ ଜୋରିମାନା' ଲାଗୁ କରିଛି ଆମେରିକା । ପୂର୍ବରୁ ଭାରତ ଉପରେ ୨୫% ଟାରିଫ୍ ବା ଶୁଳ୍କ ଲାଗୁ ହୋଇଥିବା ବେଳେ ସମ୍ପ୍ରତି ଅତିରିକ୍ତ ୨୫% ଜୋରିମାନା ଶୁଳ୍କ ହାରକୁ ୫୦%ରେ ପହଞ୍ଚାଇଛି । ଗୋଟିଏ ରିପୋର୍ଟ ଅନୁସାରେ ଆମେରିକା ନିଜ ଆବଶ୍ୟକତା ନିମନ୍ତେ ଭାରତରୁ ଆମଦାନୀ କରୁଥିବା ଜେନେରିକ ଔଷଧ, ଇଲେକ୍ଟ୍ରୋନିକ୍ସ ଓ ସେମିକଣ୍ଡକ୍ଟରକୁ ଅତିରିକ୍ତ ଜୋରିମାନାରୁ ବାଦ ଦେଇଛି । ସେହିପରି ଅଟୋ ଯନ୍ତ୍ରାଂଶ ଉପରେ ୨୫% ଟାରିଫ ଲାଗୁ କରିଥିବା ସମୟରେ ଆଲୁମିନିୟମ ସାମଗ୍ରୀ ଉପରେ ୫୦% ଟିକସ ଲଦିଛି । ମାତ୍ର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେ ଭାରତୀୟ ନିଯୁକ୍ତିଭିତ୍ତିକ ବୟନ, ଚମଡ଼ା, ରତ୍ନ ଓ ଅଳଙ୍କାର ଶିଳ୍ପ ଦ୍ୱାରା ଉତ୍ପାଦିତ ସାମଗ୍ରୀ ଉପରେ ଆମେରିକା ଲାଗୁ କରିଥିବା ୫୦% ଶୁଳ୍କ ଭାରତୀୟ ଅର୍ଥନୀତିକୁ ଗଭୀର ଭାବରେ ପ୍ରଭାବିତ କରିବ ବୋଲି ଆକଳନ କରାଯାଉଛି । ଆମେରିକାର ଏହି ଶୁଳ୍କ ଭାରତ ଉପରେ ବଳବତ୍ତର ରହିଲେ ଆଗାମୀ ୬ ମାସ ପରେ ପରିସ୍ଥିତି ଭୟଙ୍କର ହେବ ଓ ଏହି କ୍ଷେତ୍ରରେ କାର୍ଯ୍ୟ କରୁଥିବା ଶ୍ରମିକଙ୍କ ମଧ୍ୟରୁ ପ୍ରାୟ ୨କୋଟି ୧୦ ଲକ୍ଷ କ୍ଷତିଗ୍ରସ୍ତ ହେବେ ବୋଲି ପ୍ରାରମ୍ଭିକ ଭାବରେ ଆଶଙ୍କା କରାଯାଉଛି ।

ଅନ୍ୟପକ୍ଷରେ ଟ୍ରମ୍ପ ଟାରିଫ୍‌ର ପ୍ରଭାବ ଭାରତୀୟ ପୁଞ୍ଜି ବଜାରରେ ମଧ ଅନୁଭୂତ ହୋଇଛି । ଗତକାଲି ଭାରତୀୟ ପୁଞ୍ଜି ବଜାର ବନ୍ଦ ରହିଥିବା ବେଳେ ଆଜି ସେନସେକ୍ସ ୭୦୦ ପଏଣ୍ଟ ହ୍ରାସ ପାଇଛି । ଅନ୍ୟପକ୍ଷରେ ଅର୍ଥନୀତି ସଂକ୍ରାନ୍ତରେ ଅନ୍ତର୍ଜାତୀୟ ରେଟିଂ ଏଜେନ୍ସି ନୋମ୍ୟୁରା ଟାରିଫ୍ ପ୍ରଭାବରେ ୨୦୨୫-୨୬ ଆର୍ଥିକ ବର୍ଷରେ ଭାରତର ମୋଟ ଘରୋଇ ଉତ୍ପାଦ (ଜିଡିପି) ଅଭିବୃଦ୍ଧି ପୂର୍ବାନୁମାନ ୬.୨ରୁ ୫.୮ ପ୍ରତିଶତକୁ ହ୍ରାସ ପାଇବ ବୋଲି ଆକଳନ କରିଛି । ନୋମୁରା ରିପୋର୍ଟ ଅନୁସାରେ ଆର୍ଥିକବର୍ଷ ୨୦୨୫-୨୬ରେ ୨୫% ପ୍ରତିଶତ ପାରସ୍ପରିକ ଶୁଳ୍କ ବଳବତ୍ତର ରହିପାରେ । ନଭେମ୍ବର ପରେ ଅତିରିକ୍ତ ୨୫% ଶୁଳ୍କ ହଟାଇ ଦିଆଯିବାର ସମ୍ଭାବନା ରହିଛି । ତଥାପି ୨୦୨୫-୨୬ ଆର୍ଥିକ ବର୍ଷରେ ଭାରତର ମୋଟ ଘରୋଇ ଉତ୍ପାଦ (ଜିଡିପି) ଅଭିବୃଦ୍ଧି ୬.୨ରୁ ୫.୮ ପ୍ରତିଶତକୁ ହ୍ରାସ ପାଇପାରେ । ତେବେ ଦ୍ରବ୍ୟ ଓ ସେବା ଟିକସ (ଜିଏସ୍‌ଟି)ରେ ସଂସ୍କାର ଅଣାଗଲେ କିଛି ପରିମାଣରେ ଏହାକୁ ନିୟନ୍ତ୍ରଣ କରାଯାଇ ପାରିବ । ଆମେରିକା ସେମିକଣ୍ଡକ୍ଟର, ଇଲେକ୍‌ଟ୍ରୋନିକ୍ସ, ▶ପୃଷ୍ଠା-୭

## ବିହାର ବିଧାନସଭା ନିର୍ବାଚନ

# ଜେଡିୟୁ ପୁଣି ବଡ଼ଭାଇ




■ **ପାଟନା, ୨୮ ।୮ (ଏଜେନ୍ସି):** ବିହାରରେ ଚଳିତ ବର୍ଷ ଶେଷ ଆଡ଼କୁ ହେବାକୁ ଯାଉଥିବା ରାଜ୍ୟ ବିଧାନସଭା ନିର୍ବାଚନରେ ଆସନ ଭାଗବଣ୍ଟାକୁ ନେଇ ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ନେତୃତ୍ୱାଧୀନ ଏନ୍‌ଡିଏରେ ସହମତି ପ୍ରକାଶ ପାଇଥିବା ଜଣାପଡ଼ିଛି । ଦିଲ୍ଲୀରେ ଏନେଇ ଆଲୋଚନା ହୋଇଛି ଏବଂ ଯେକୌଣସି ମୁହୂର୍ତ୍ତରେ ଏହା ଘୋଷଣା ହୋଇପାରେ ବୋଲି କୁହାଯାଉଛି ।

ମିଳିଥିବା ସୂଚନା ଅନୁଯାୟୀ ବିଧାନସଭାର ମୋଟ୍ ୨୪୩ଟି ଆସନ ମଧ୍ୟରୁ ନୀତୀଶଙ୍କ ଜନତାଦଳ(ୟୁ)କୁ ସର୍ବାଧିକ ୧୦୨ଟି ଆସନ ମିଳିଥିବା ବେଳେ ବିଜେପି ଭାଗରେ ୧୦୧ ଆସନ ପଡ଼ିଛି । ନୀତୀଶଙ୍କୁ ମୁଖ୍ୟମନ୍ତ୍ରୀର ଚେହେରା ରୂପେ ଉପସ୍ଥାପନ କରିବାକୁ ଯାଇ ଏଭଳି ନିଷ୍ପତ୍ତି ହୋଇଛି । ଗତ ବିଧାନସଭା ନିର୍ବାଚନର ବିଜେପି ତୁଳନାରେ କମ୍ ଆସନ ପାଇଥିଲେ ମଧ ନୀତୀଶ ମୁଖ୍ୟମନ୍ତ୍ରୀ ରହିଥିଲେ । ସେହିଭଳି ଗତ ନିର୍ବାଚନରେ ଏନ୍‌ଡିଏ ପାଇଁ ଘାତକ ସାବ୍ୟସ୍ତ ହୋଇଥିବା ଚିରାଗ ପାଶ୍ୱାନଙ୍କ ଲୋକ ଜନଶକ୍ତି ପାର୍ଟି (ରାମବିଳାଶ)କୁ ୨୦ଟି ଆସନ ଦିଆଯାଇଛି । ଗତ ବିଧାନସଭା ନିର୍ବାଚନରେ ତାଙ୍କ ଦଳ ସ୍ୱାଧୀନ ଭାବେ ଲଢ଼ିଥିବାରୁ ଅତିକମରେ ୩୦ଟି ଆସନର କ୍ଷତି ସହିଥିଲା ଏନ୍‌ଡିଏ । ସେହି ନିର୍ବାଚନରେ ତାଙ୍କ ପାର୍ଟି ଗୋଟିଏ ଆସନ ଜିତିଥିଲେ ମଧ ୩୦ଟିରେ ଏନଡିଏ ପ୍ରାର୍ଥୀଙ୍କ ପାଇଁ ପରାଜୟର କାରଣ ହୋଇଥିଲା । ତାଙ୍କୁ ସନ୍ତୁଷ୍ଟ କରିବାକୁ ଯାଇ ୨୦ଟି ଆସନ ଦିଆଯାଇଛି ।

ଏହାବାଦ୍ ଜିତେନ ରାମ ମାନ୍‌ଝୀଙ୍କ ହିନ୍ଦୁସ୍ତାନ ଆୱାମ ମୋର୍ଚ୍ଚା (ଏଚ୍‌ଏଏମ୍) ଓ ଉପେନ୍ଦ୍ର କୁଶୱାହଙ୍କ ରାଷ୍ଟ୍ରୀୟ ଲୋକ ମୋର୍ଚ୍ଚା (ଆରଏଲ୍‌ଏମ୍)କୁ ୧୦ଟି ଲେଖାଏଁ ଆସନ ଦିଆଯାଇଛି । କିନ୍ତୁ ▶ପୃଷ୍ଠା-୭

## ମା' ସମଲେଇଙ୍କୁ ନବାନ୍ନ ଲାଗି



■**ସମ୍ବଲପୁର, ୨୮ ।୮ (ସମିସ):** ପଶ୍ଚିମଓଡ଼ିଶାରେ ଗୁରୁବାର ପାରମ୍ପରିକ ଉତ୍ସାହ ଉଦ୍ଦୀପନାର ସହ ଗଣପର୍ବ ନୂଆଁଖାଇ ପାଳିତ ହୋଇଯାଇଛି । ଭାଦ୍ରବ ଶୁକ୍ଲପକ୍ଷ ପଞ୍ଚମୀ ତିଥି ନିର୍ଦ୍ଧାରିତ ଲଗ୍ନରେ ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀଙ୍କ ସହ ବିଭିନ୍ନ ଦେବାଦେବୀଙ୍କଠାରେ ନବାନ୍ନ ଲାଗି ହେବାପରେ ଗ୍ରାମଦେବୀ, ଇଷ୍ଟଦେବୀ ତଥା ଘରେ ଠାକୁରଙ୍କୁ ଭୋଗ ଲଗେଇ ଲୋକେ ନୂଆଁ ଖାଇଛନ୍ତି ।

ମା' ସମଲେଶ୍ୱରୀଙ୍କ ମୂଳପୀଠ ସମ୍ବଲପୁରରେ ଆଜି ଭୋର ୪ଟାରୁ ମା' ସମଲେଶ୍ୱରୀଙ୍କୁ ସ୍ନାନାଦି ପରେ ସମ୍ବଲପୁରୀ ପାଟବସ୍ତ୍ର, ଅଳଙ୍କାର ଆଦି ବେଶଭୂଷା ପରେ ପୂଜକମାନେ ▶ପୃଷ୍ଠା-୭

## ନିଜକୁ ଜାଳିଦେଲେ ଯୁବ ଆଇନଜୀବୀ

■ **ଭୁବନେଶ୍ୱର, ୨୮ ।୮ (ସମିସ):** ଗୁରୁବାର ରାତିରେ ରାଜଧାନୀରେ ଜଣେ ଆଇନଜୀବୀ ନିଜ ଦେହରେ ନିଆଁ ଲଗେଇ ଆତ୍ମାହୁତି ଦେଇଛନ୍ତି । ଏଭଳି ଘଟଣା ମଞ୍ଚେଶ୍ୱର ଥାନା ଜଗନ୍ନାଥ ନଗରରେ ଦେଖିବାକୁ ମିଳିଛି । ମୃତ ଯୁବକ ହେଲେ ଦୀପକ ସାହୁ । ପୁଲିସ ଖବର ପାଇ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କ୍ୟାପିଟାଲ ହସ୍ପିଟାଲକୁ ପଠେଇ ଦେଇଛି । କିଭଳି ଭାବରେ ଦୀପକ ନିଜ ଦେହରେ ନିଆଁ ଲଗେଇଲେ ସେ ନେଇ ପୁଲିସ ତଦନ୍ତ କରୁଛି ।

ସୂଚନା ଅନୁସାରେ, ଦୀପକ ପରିବାର ସହ ଜଗନ୍ନାଥ ନଗରରେ ରହୁଥିଲେ । ପାରିବାରିକ ସମସ୍ୟାକୁ ନେଇ ମାନସିକ ଚାପରେ ଥିଲେ ଦୀପକ । ଗୁରୁବାର ରାତି ୧୦ଟା ସମୟରେ ଦୀପକ ଏକାକୀ ୪ ମହଲା ଉପରକୁ ▶ପୃଷ୍ଠା-୭

## ଦିନରେ ପ୍ରବଚନ; ରାତିରେ ଚୋରି



### ଅପରାଧରୁ ଦୂରେଇ ଯିବାକୁ ବାର୍ତ୍ତା ବାଣ୍ଟି ନିଜେ କରୁଥିଲା ଅପରାଧ

**୨୦୦ ଗ୍ରାମ ସୁନା, ୧ଲକ୍ଷ ଟଙ୍କା ଜବତ**

**ଚୋରି ସୁନା ବନ୍ଧକ ରଖି ଆଣୁଥିଲା ଟଙ୍କା**

**ୟୁ-ଟ୍ୟୁବ୍‌ରେ 'ଚେଞ୍ଜ ୟୋର୍ ଲାଇଫ୍' ନାମରେ ଖୋଲିଥିଲା ଚ୍ୟାନେଲ**


**ବନ୍ଦ ଥିବା ଘରକୁ କରୁଥିଲା ଟାର୍ଗେଟ**

■ **ଭୁବନେଶ୍ୱର, ୨୮ ।୮ (ସମିସ):** ଦିନରେ ପ୍ରବଚନ ଦେଇ ରାତିରେ ଚୋରି କରୁଥିଲା । ପୁଲିସ ହାତରେ ଧରାପଡ଼ିଛି ଏମିତି ଏକ ଦୁର୍ଦ୍ଦାନ୍ତ ଚୋର । ୟୁ-ଟ୍ୟୁବ୍‌ରେ 'ଚେଞ୍ଜ ୟୋର୍ ଲାଇଫ୍' ନାମକ ଏକ ଚ୍ୟାନେଲ ଖୋଲି ପ୍ରବଚନ ଦେଉଥିଲା । ଖରାପ କାମ ନ କରିବାକୁ ଲୋକଙ୍କୁ ପରାମର୍ଶ ଦେଉଥିଲା । ରାତି ହେଲେ ସ୍କୁଟି ଧରି ବାହାରି ପଡୁଥିଲା ଚୋରି କରିବାକୁ । ବନ୍ଦ ଥିବା ଘରକୁ ଟାର୍ଗେଟ କରୁଥିଲା । ଏଭଳି ଛଦ୍ମବେଶୀ ଚୋରକୁ ଧରିଛି ପୁଲିସ । ତା' ନିକଟରୁ ୨୦୦ ଗ୍ରାମର ସୁନା ଅଳଙ୍କାର, ନଗଦ ୧ଲକ୍ଷ ଟଙ୍କା, ସ୍କୁଟି ଏବଂ ଲୁହାରଡ୍ ଜବତ ହୋଇଛି । ▶ପୃଷ୍ଠା-୭

## ଦୁର୍ଦ୍ଦିନରେ କପା ଚାଷୀ

# ଉତ୍ପାଦନ ବଢୁଛି; ଦର ବଢୁନି


■ **ଭୁବନେଶ୍ୱର, ୨୮ ।୮ (ସମିସ):** କପା ଏକ ଅର୍ଥ ଉପାର୍ଜନକାରୀ ଫସଲ । ଚାଷ ପାଇଁ ଓଡ଼ିଶା ଜଳବାୟୁ ବି ଅନୁକୂଳ । ମାତ୍ର କପା ଚାଷ ଆଖିଦୃଶିଆ ଭାବେ ବଢ଼ିପାରୁନି । ଚାଷୀ ଆୟ ବୃଦ୍ଧିରେ ବି ସହାୟ ହୋଇପାରୁନି । ଏତଦବ୍ୟତୀତ କପା ବିହନ ପାଇଁ ଚାଷୀମାନେ ଦହଗଞ୍ଜ ହେଉଛନ୍ତି । ଆଜି ପର୍ଯ୍ୟନ୍ତ ବିହନ ପାଇବା ଦିଗରେ ଚାଷୀମାନେ ଆତ୍ମନିର୍ଭର ହୋଇପାରୁନାହାନ୍ତି । ପ୍ରତିବର୍ଷ ବିହନ ପାଇଁ ଆମକୁ ଅନ୍ୟ ରାଜ୍ୟ ଉପରେ ନିର୍ଭର କରିବାକୁ ପଡୁଛି । ଯେତିକି କପା ଉତ୍ପାଦନ ହେଉଛି, ଚାଷୀଙ୍କୁ ତା'ର ଉଚିତ୍ ମୂଲ୍ୟ ମିଳୁନି । ଆମ ରାଜ୍ୟରେ ସୂତା କଳ ବନ୍ଦ ହୋଇଯିବା ଯୋଗୁଁ କପା ଚାଷୀଙ୍କ ଉନ୍ନତି ହୋଇପାରୁନି ବୋଲି ବିଶେଷଜ୍ଞମାନେ ପ୍ରକାଶ କରୁଛନ୍ତି । ବାହାର ରାଜ୍ୟର ବେପାରୀ ଶାଗ-ମାଛ ଦରରେ ଓଡ଼ିଶାରୁ କପା କିଣି ନେଉଥିବା ଚାଷୀମାନେ ଅଭିଯୋଗ କରିଛନ୍ତି ।



ବିହନ ପାଇଁ ବାହାର ରାଜ୍ୟକୁ ଭରସା

କୃଷି ବିଭାଗ ସୂଚନାନୁସାରେ, ଓଡ଼ିଶାରେ କପା ଚାଷ ୧୯୮୫ ମସିହା ପରଠାରୁ କ୍ରମାଗତ ଭାବେ ବୃଦ୍ଧି ପାଉଛି । ପ୍ରଥମେ ୫ ହଜାର ହେକ୍ଟର ଜମିରେ ଚାଷ ହୋଇ ୫ହଜାର ଗାଣ୍ଠି ଉତ୍ପାଦନ ହୋଇଥିଲା । ୨୦୧୨ ମସିହାରେ ୧.୧୧ ହେକ୍ଟର ଜମିରୁ ୨.୭୧ ଲକ୍ଷ ଗାଣ୍ଠି ଉତ୍ପାଦନ ହେଉଥିବାବେଳେ ୨୦୨୨ରେ ୭.୯ ଲକ୍ଷ ଗାଣ୍ଠିକୁ ବୃଦ୍ଧି ପାଇଥିଲା । ଏବେ ପାଖାପାଖି ୯ଲକ୍ଷ ଗାଣ୍ଠି ଉତ୍ପାଦନ ହେଉଛି । କପା ଚାଷ ପୂର୍ବରୁ କଳାହାଣ୍ଡି, ବଲାଙ୍ଗିର, ରାୟଗଡ଼ା ଓ ନୂଆପଡ଼ା ଜିଲ୍ଲାରେ ହେଉଥିବାବେଳେ ଏବେ ଏହା ଗଞ୍ଜାମ, ସୋନପୁର, ଗଜପତି, ବୌଦ୍ଧ, ବରଗଡ଼, ଫୁଲବାଣୀ ଓ କୋରାପୁଟରେ ହେଉଛି । ଆମ ରାଜ୍ୟର ଉପ ଜମିରେ ଚାଷ ହେଉଥିବା ସ୍ଥାନୀୟ କିସମର ଧାନ, ସୁଆଁ, ଗୁଲ୍‌ଜି, ହରଡ଼, ମାଣ୍ଡିଆ ପ୍ରଭୃତି ଅପେକ୍ଷାକୃତ ସ୍ୱଳ୍ପ ଲାଭଜନକ ଶସ୍ୟ ▶ପୃଷ୍ଠା-୭








ସକାଳ


www.sakalaepaper.com


# ଭାରତ ବିରୋଧରେ ଆମେରିକାର ବିଷୋଦ୍‌ଗାର

## ରୁଷ୍‌-ଚୀନ୍‌ ସହ ଭାରତର ସଂପର୍କ ବିଶ୍ୱ ପାଇଁ ବିପଦ

ୱାସିଂଟନ, ୨୮।୮ (ଏଜେନ୍ସି): ଚଢ଼ା ଶୁଳ୍କକୁ ନେଇ ଆମେରିକା ଏବଂ ଭାରତ ମଧ୍ୟରେ ତିକ୍ତତା ବଢ଼ିବାରେ ଲାଗିଛି। ରୁଷଠାରୁ ତୈଳ କିଣିବାକୁ ନେଇ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଲଗାଇ ଥିବା ୫୦ ପ୍ରତିଶତ ଶୁଳ୍କକୁ ଭାରତ ବିରୋଧ କରିଛି। ଆମେରିକା ଏବଂ ୟୁରୋପୀୟ ରାଷ୍ଟ୍ର ନିଜେ ରୁଷ୍‌ ସହ ବାଣିଜ୍ୟ ବ୍ୟବସାୟ କରୁଥିବାବେଳେ ଚୁଚ୍ଛାଟାରେ ଭାରତ ଉପରେ ଅଭିଯୋଗ ଲଗାଉଛନ୍ତି ବୋଲି କୁହାଯାଉଛି। ଏପରି ସମୟରେ ଟ୍ରମ୍ପଙ୍କ ବାଣିଜ୍ୟ ପରାମର୍ଶଦାତା ପିଟର ନଭାରୋ ୟୁକ୍ରେନ ଯୁଦ୍ଧକୁ ନେଇ ପୁଣି ଭାରତକୁ ଦୋଷ ଦେଇଛନ୍ତି। ସେ ଗମ୍ଭୀର ଅଭିଯୋଗ ଲଗାଇ ଏହାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର 'ମୋଦୀ ୱାର' କହିଛନ୍ତି। ଭାରତ ୟୁକ୍ରେନ ଯୁଦ୍ଧକୁ ପ୍ରୋତ୍ସାହନ ଦେଉଛି ଏବଂ ଡବଲ୍‌ ଗେମ୍‌ ଖେଳୁଥିବା ସେ ଅଭିଯୋଗ କରିଛନ୍ତି। ଏହା ସହିତ ସେ ଆମେରିକାର ଉଦ୍ଦେଶ୍ୟକୁ ମଧ୍ୟ ପିଟର ସମସ୍ତଙ୍କ ସାମ୍ନାରେ ରଖିଛନ୍ତି। ସେ କହିଛନ୍ତି ଯେ ୟୁକ୍ରେନ ଯୁଦ୍ଧ ବନ୍ଦ କରିବାର ମାର୍ଗ ଦେଇ ଯାଉଛି। ଯଦି ଭାରତ ଆଜି ରୁଷରୁ ତେଲ କିଣିବା ବନ୍ଦ କରିଦେବ ତେବେ କାଲିଠାରୁ ଲଗାଯାଇଥିବା ଅତିରିକ୍ତ ୨୫ ପ୍ରତିଶତ ଶୁଳ୍କକୁ ଉଚ୍ଛେଦ କରିଦିଆଯିବ ବୋଲି କହିଛନ୍ତି।

**"ୟୁକ୍ରେନ ଯୁଦ୍ଧ ହେଉଛି 'ମୋଦୀ ୱାର' ଆଜି ବେପାର ବନ୍ଦ କଲେ, କାଲି ଅତିରିକ୍ତ ଶୁଳ୍କ ହଟିବ"**



ବୁଧବାର ବ୍ଲୁମ୍‌ବର୍ଗ ଟିଭିକୁ ସାକ୍ଷାତକାର ଦେଇ ପିଟର ଏଭଳି ଅଭିଯୋଗ ଲଗାଇଛନ୍ତି।

ନଭାରୋ କହିଥିଲେ ଯେ ରୁଷରୁ ଶସ୍ତା ତେଲ କିଣି ଭାରତ ତାହାକୁ ରିଫାଇନ କରୁଛି ଏବଂ ଏହାକୁ ଉଚ୍ଚା ଦରରେ ବିକୁଛି। ଏହା ଦ୍ୱାରା ରୁଷକୁ ଯୁଦ୍ଧ ପାଇଁ ଟଙ୍କା ମିଳୁଛି। ଏହି ଦେଶ ୟୁକ୍ରେନ ଉପରେ ଜୋରଦାର ଆକ୍ରମଣ କରୁଛି। ଏହାକୁ ନେଇ ନଭାରୋ ଭାରତକୁ ଚେତାବନୀ ଦେଇଛନ୍ତି। ରୁଷ୍‌ ଏବଂ ଚୀନ୍‌ ସହିତ ଭାରତର ସମ୍ବନ୍ଧ ବୃଦ୍ଧି ବିଶ୍ୱ ପାଇଁ ବିପଦ ପାଲଟି ପାରେ ବୋଲି କହିଛନ୍ତି। ଏକଛତ୍ରବାଦ ଦେଶ ସହ ଭାରତ ସମ୍ବନ୍ଧ ବଢାଉଛି। ଅକ୍ସାଇ ଚୀନ୍‌ ସହିତ ଭାରତର ଅନେକ ଅଞ୍ଚଳକୁ ବେଜିଂ କବ୍‌ଜା କରି ନେଇଛି। ରୁଷ୍‌ ସହ ମଧ୍ୟ ଭାରତ ସମ୍ପର୍କ ଛିନ୍ନ କରିବା ଦରକାର। କାରଣ ମସ୍କୋ ଭାରତର ବନ୍ଧୁ ନୁହେଁ। ଭାରତୀୟ ନେତା ଆମ ଆଖିରେ ଆଖି ମିଶାଇ ରୁଷଠାରୁ ତୈଳ କିଣିବା ବନ୍ଦ କରିବେନି ବୋଲି କହୁଛନ୍ତି। ଏହାର ଅର୍ଥ କ'ଣ? ଭାରତକୁ ବିକ୍ରି କରି ମିଳୁଥିବା ଅର୍ଥରେ ରୁଷ୍‌ ଯୁଦ୍ଧ ପାଇଁ ଅସ୍ତ୍ରଶସ୍ତ୍ର କିଣୁଛି। ୟୁକ୍ରେନରେ ହେଉଥିବା ଆକ୍ରମଣରେ ଅନେକ ଲୋକ ମରୁଛନ୍ତି। ପୁଣି ୟୁକ୍ରେନ ଆମେରିକା ଏବଂ ୟୁରୋପ ପାଖକୁ ଆସି ଅଧିକ ଅର୍ଥ ମାଗୁଛି। ଏହି ଭଳି ଭାବେ ଆମେରିକା ଟିକସଦାତାଙ୍କ କ୍ଷତି ହେଉଛି।

ଆମେରିକା ସାମଗ୍ରୀ ଉପରେ ଭାରତ ଲଗାଇଥିବା ଶୁଳ୍କକୁ ମଧ୍ୟ ନଭାରୋ ସମାଲୋଚନା କରିଥିଲେ। ସେ କହିଥିଲେ ଯେ ଭାରତ ନୀତି ଯୋଗୁଁ ଆମେରିକାରେ ସମସ୍ତଙ୍କର କ୍ଷତି ହେଉଛି। ଭାରତର ଚଢ଼ା ଶୁଳ୍କ ଯୋଗୁଁ ଜନତା, ବ୍ୟବସାୟୀ, କର୍ମଜୀବୀ ହାରି ଯାଉଛନ୍ତି। ଏଥିପାଇଁ ଆମେରିକା ନିଯୁକ୍ତି ସୁଯୋଗ ହରାଉଛି। କାରଖାନା ବନ୍ଦ ହେଉଛି, ଲୋକଙ୍କ ଆମଦାନୀ ବଢୁଛି। ଆମେରିକା ଟିକସଦାତାଙ୍କୁ କ୍ଷତି ସହିବାକୁ ପଡୁଛି। କାରଣ ତାଙ୍କ ଅର୍ଥ 'ମୋଦୀଙ୍କ ଯୁଦ୍ଧ'ରେ ବ୍ୟବହାର ହେଉଛି। ସେହିପରି ନଭାରୋ ତେଲ ଆମଦାନୀ ଉପରେ ଭାରତ ଦାବିକୁ ଖାରଜ କରିଦେଇଛନ୍ତି। ସେ ମୋଦୀଙ୍କୁ ଅହଙ୍କାରୀ କହିଛନ୍ତି। ଟ୍ରମ୍ପଙ୍କ ଏହି ପରାମର୍ଶଦାତାଙ୍କ ଅନୁଯାୟୀ ଭାରତ ଦିନକୁ ରୁଷ୍‌ଠାରୁ ୧୫ ଲକ୍ଷ ବ୍ୟାରେଲ ତୈଳ କିଣୁଛି। ଏହା ୟୁକ୍ରେନ ଲୋକଙ୍କୁ ମାରିବା ପାଇଁ ଅସ୍ତ୍ରଶସ୍ତ୍ର, ଡ୍ରୋନ ଏବଂ ବୋମା କିଣିବା ପାଇଁ ଯଥେଷ୍ଟ। ନଭାରୋ ଆମେରିକା ଶୁଳ୍କକୁ ଉଚିତ ଦର୍ଶାଇ ଭାରତର ବାଣିଜ୍ୟ ନୀତିକୁ ଅନୁଚିତ ଦର୍ଶାଇଛନ୍ତି। ଧୋକା ଦେଉଥିବାରୁ ଭାରତ ଉପରେ ୨୫ ପ୍ରତିଶତ ଶୁଳ୍କ ଲଗାଯାଇଛି। ଭାରତକୁ ରୁଷ୍‌ ତେଲର ଆବଶ୍ୟକତା ନାହିଁ। କେବଳ ଲାଭ ପାଇଁ ଏହା କିଣାଯାଉଛି। ମୋଦୀ ଜଣେ ମହାନ ନେତା। ବିଶ୍ୱର ଅର୍ଥ ବ୍ୟବସ୍ଥାକୁ ଭାରତ କି ଯୋଗଦାନ ଦେଉଛି ତାହା ଭାବିବା ଦରକାର। ଏହି ପଦକ୍ଷେପ ଶାନ୍ତି ନୁହେଁ, ଯୁଦ୍ଧକୁ ଖୋରାକ ଯୋଗାଉଛି।

# ଦିନେଶ ପଟ୍ଟନାୟକ କାନାଡ଼ାରେ ଭାରତର ଉଚ୍ଚାୟୁକ୍ତ ନିଯୁକ୍ତ



ନୂଆଦିଲ୍ଲୀ, ୨୮।୮ (ଏଜେନ୍ସି): ଭାରତ ଏବଂ କାନାଡ଼ା ଦ୍ୱିପାକ୍ଷିକ ସମ୍ବନ୍ଧ ସୁଧାରିବାକୁ ଲାଗିଛନ୍ତି। ଏହି କ୍ରମରେ ଦୁଇ ଦେଶ ଗୁରୁବାର ପରସ୍ପର ପାଇଁ ରାଷ୍ଟ୍ରଦୂତ ନିଯୁକ୍ତ କରିଛନ୍ତି। ଓଡ଼ିଶାରେ ଜନ୍ମିତ କୂଟନୀତିଜ୍ଞ ଦିନେଶ କେ ପଟ୍ଟନାୟକଙ୍କୁ ଭାରତ ସରକାର କାନାଡ଼ର ନୂଆ ଉଚ୍ଚାୟୁକ୍ତ ନିଯୁକ୍ତ କରିଛନ୍ତି। ସେହିପରି କାନାଡ଼ା କ୍ରିଷ୍ଟୋଫର କୁଟରଙ୍କୁ ଭାରତର ନୂଆ କୂଟନୀତିଜ୍ଞ କରିଛି। କାନାନିସ୍କରେ ଅନୁଷ୍ଠିତ ଜି୭ ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନିଜର କାନାଡ଼ ସମକକ୍ଷ ମାର୍କ କାର୍ଣ୍ଣେଙ୍କ ସହ ଆଲୋଚନା ପରେ ଏହି ଅଗ୍ରଗତି ଦେଖାଦେଇଛି। ୧୯୯୦ ବ୍ୟାଚ୍‌ର ଭାରତୀୟ ବିଦେଶ ସେବା ଅଧିକାରୀ ଶ୍ରୀ ପଟ୍ଟନାୟକ ଏବେ ସ୍ପେନ ।।ରେ ଭାରତର ରାଷ୍ଟ୍ରଦୂତ ଭାବେ କାର୍ଯ୍ୟ କରୁଛନ୍ତି। ସେ ଖୁବଶୀଘ୍ର ନୂଆ ଦାୟିତ୍ୱ ଗ୍ରହଣ କରିବେ ବୋଲି ବୈଦେଶିକ ମନ୍ତ୍ରାଳୟ ପକ୍ଷରୁ କୁହାଯାଇଛି।

## ପରିବାରରେ ୩ ପିଲା ଜରୁରୀ: ମୋହନ ଭାଗବତ

ନୂଆଦିଲ୍ଲୀ, ୨୮।୮(ଏଜେନ୍ସି): ରାଷ୍ଟ୍ରୀୟ ସ୍ୱୟଂ ସେବକ (ଆରଏସ୍‌ଏସ୍‌) ମୁଖ୍ୟ ମୋହନ ଭାଗବତ ଦେଶର ସୁରକ୍ଷା ଓ ପରିବାର ବ୍ୟବସ୍ଥା ବଜାୟ ରଖିବା ଉପରେ ଗୁରୁତ୍ୱ ଦେଇଛନ୍ତି। ପ୍ରତ୍ୟେକ ପରିବାରରେ ଅତିକମ୍‌ରେ ୩ଟି ପିଲା ରହିବା ଜରୁରୀ ବୋଲି ସେ କହିଛନ୍ତି। ଏପରି ହେଲେ ଭାରତୀୟ ସଂସ୍କୃତି ସହିତ ସନାତନ ଧର୍ମ ସୁରକ୍ଷିତ ରହିବ। ଏହି କ୍ରମରେ ସେ ଅଖଣ୍ଡ ଭାରତ କଥା ପୁଣି ଥରେ ଦୋହରାଇଥିଲେ। ଆମ ସମସ୍ତଙ୍କର ଗୋଟିଏ ପରିଚୟ ଓ ଆମେ ସବୁ ହିନ୍ଦୁ ବୋଲି ସେ କହିଥିଲେ। ଆରଏସ୍‌ଏସ୍‌ ସ୍ଥାପନର ୧୦୦ ବର୍ଷ ପୂରଣ ହେବାକୁ ଯାଉଥିବାରୁ ସଂଘ ତରଫରୁ ଦେଶ ବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ବେଆଇ ଅନୁପ୍ରବେଶ ଓ ଧର୍ମାନ୍ତରଣକୁ ରୋକିବା ନିଆତି ଜରୁରୀ। ଏହାକୁ ରୋକା ନଗଲେ ଜନସଂଖ୍ୟାରେ ଅସନ୍ତୁଳନ ସୃଷ୍ଟି ହେବ ଓ ଭବିଷ୍ୟତରେ ବିଭିନ୍ନ ପ୍ରକାର ସମସ୍ୟା ସୃଷ୍ଟିହେବ। ୭୫ ବର୍ଷ ହେଲେ ରାଜନୀତିରୁ ସନ୍ୟାସ ନେବା କଥା କେବେ କହିନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ବିଜେପି ତଥା କେନ୍ଦ୍ର ସରକାର ଓ ବିଭିନ୍ନ ସରକାରଙ୍କ ସହ ଆରଏସ୍‌ଏସ୍‌ର ମତଭେଦ ରହିଛି। କିନ୍ତୁ ସବୁ ସରକାରଙ୍କ ସହ ଭଲ ସମ୍ପର୍କ ରହିଛି। ଆମ ଭିତର କୌଣସି ବିଚାରଗତ ପାର୍ଥକ୍ୟ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ପୁଣି ଶିକ୍ଷାର ଅର୍ଥ କେବଳ ସାକ୍ଷରତା ନୁହେଁ। ବରଂ ଶିକ୍ଷା ଦ୍ୱାରା ଜଣେ ପ୍ରକୃତ ମଣିଷ ହେବାର ସୌଭାଗ୍ୟ ପାଇଥାଏ ବୋଲି ସେ କହିଛନ୍ତି।

## ଇଞ୍ଜିନିୟରଙ୍କ ସହ ୫୦ମି କଥା ହେବା ସତ୍ତ୍ୱେ ଏଫ୍‌-୩୫ ବିମାନ ଦୁର୍ଘଟଣାଗ୍ରସ୍ତ

ଆଲାସ୍କା, ୨୮।୮(ଏଜେନ୍ସି): ଆମେରିକା ଆଲାସ୍କାର ଏଲସନ ଏୟାର ବେସ୍‌ରେ ୨୦୦ ମିଲିଅନ ଆମେରିକୀୟ ଡଲାର ଅର୍ଥାତ ପାଖାପାଖି ୧୪୮୫ କୋଟି ଟଙ୍କା ମୂଲ୍ୟର ଏକ ୫ମ ପିଢ଼ିର ଷ୍ଟେଲ୍‌ଥ ଏଫ୍‌-୩୫ ଲଢୁଆ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇ ଧ୍ୱଂସ ପାଇଛି। ଟ୍ରେନିଂ ଫ୍ଲାଇଟ୍‌ ଅବସରରେ ଆମେରିକା ବାୟୁସେନାର ଜଣେ ପାଇଲଟ ମଝି ଆକାଶରେ କନଫରେନ୍ସରେ ଇଞ୍ଜିନିୟରଙ୍କ ସହ ବୈଷୟିକ ତ୍ରୁଟି ନେଇ ୫୦ ମିନିଟ ଧରି କଥା ହୋଇଥିଲେ ମଧ୍ୟ ଏଫ୍‌-୩୫ ବିମାନକୁ ରକ୍ଷା କରିପାରି ନାହାନ୍ତି। ବିମାନଟି ତଳକୁ ଖସି ଏୟାର ବେଶ୍‌ରେ ପିଟି ହୋଇ ନିଆଁ ଗୋଳାରେ ପରିଣତ ହୋଇଯାଇଥିଲା। ତେବେ ପାଇଲଟ ପାରାଚୁଟ ଯୋଗେ ଓହ୍ଲାଇବାରୁ ସୁରକ୍ଷିତ ଅଛନ୍ତି। ବିମାନର ହାଇଡ୍ରୋଲିକ୍‌ ଲାଇନ୍ସ ନୋଜ ଓ ମୁଖ୍ୟ ଲାଣ୍ଡିଂ ଗିୟରରେ ବରଫ ଜମିବା କାରଣରୁ ଏହି ଦୁର୍ଘଟଣା ଘଟିଛି ବୋଲି ଅନୁମାନ କରାଯାଉଛି।

## ତିନି ଛୁଆଙ୍କୁ ହତ୍ୟା କଲା ମା

ହାଇଦରାବାଦ୍‌, ୨୮।୮(ଏଜେନ୍ସି): ସାଉଦି ଆରବର ଅଲ ଖୋବାର ସହରରେ ରହୁଥିବା ହାଇଦରାବାଦ ମହିଳା ହୁମେରା ଅମରିନ ବାଥ୍‌ଟବ୍‌ରେ ନିଜର ୩ ଛୁଆକୁ ବୁଡାଇ ମାରିବା ପରେ ନିଜେ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ସେ ଭ୍ରମଣ ଭିସାରେ ସାଉଦି ଆରବ ଯାଇଥିଲେ। ସେ ମଙ୍ଗଳବାର ନିଜର ୭ ବର୍ଷୀୟ ଯାଆଁଳା ପିଲା ସାଦେକ,ଆଦେଶ ଅହମ୍ମଦ ଏବଂ ସାନ ପୁଅ ୩ ବର୍ଷୀୟ ୟୁସୁଫ ଅହମ୍ମଦଙ୍କୁ ହତ୍ୟା କରିଥିଲେ। କାମରୁ ଫେରି ଅମରିନ୍‌ଙ୍କ ସ୍ୱାମୀ ଘରୁ ଆସି ପିଲାଙ୍କୁ ମୃତ ଅବସ୍ଥାରେ ଦେଖିବା ପରେ ସାଉଦି କର୍ତ୍ତୃପକ୍ଷଙ୍କୁ ସୂଚନା ଦେଇଥିଲେ। ପୁଲିସ ଅମରିନ୍‌ଙ୍କୁ ଗିରଫ କରିବା ପରେ ତଦନ୍ତ ଆରମ୍ଭ କରିଛି। ମହିଳାଙ୍କ ମାନସିକ ସ୍ଥିତି ଠିକ୍‌ ନଥିଲା ବୋଲି କୁହାଯାଉଛି।

## ଏନ୍‌କାଉଣ୍ଟରରେ ୨ ଆତଙ୍କବାଦୀ ନିହତ

ଶ୍ରୀନଗର, ୨୮।୮(ଏଜେନ୍ସି): ଜମ୍ମୁ-କଶ୍ମୀର ବନ୍ଦିପୋରା ଜିଲ୍ଲାରେ ଗୁରେଜ ସେକ୍ଟରରେ ଗୁରୁବାର ସୁରକ୍ଷାବାହିନୀ ଏବଂ ଆତଙ୍କବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ଏଥିରେ ଦୁଇଜଣ ଆତଙ୍କବାଦୀ ନିହତ ହୋଇଛନ୍ତି। ଆତଙ୍କବାଦୀଙ୍କ ଅନୁପ୍ରବେଶ ନେଇ ସେନାକୁ ସୂଚନା ପରେ ପୁଲିସ ସହ ଅପରେସନ ଆରମ୍ଭ କରାଯାଇଥିଲା। ଆତଙ୍କବାଦୀମାନେ ଆଖିବୁଜା ଗୁଳି ଚଳାଇଥିଲେ। କିନ୍ତୁ ସେନା ତରଫରୁ ପାଲଟା ଗୁଳି ଚାଳନା ପରେ ଦୁଇ ଆତଙ୍କବାଦୀ ଟଳି ପଡ଼ିଥିଲେ।

# କିଭ୍‌ ଉପରେ ରୁଷିଆର ଭୟଙ୍କର ଆକ୍ରମଣ

କିଭ୍‌, ୨୮।୮ (ଏଜେନ୍ସି): ୟୁକ୍ରେନ ରାଜଧାନୀ କିଭ୍‌ ଉପରେ ରୁଷିଆ ସବୁଠୁ ଭୟଙ୍କର ଆକ୍ରମଣ କରିଛି। ରୁଷ ମଙ୍ଗଳବାର ରାତିରେ କିଭ୍‌କୁ ଲକ୍ଷ୍ୟ କରି ୬୦୦ ଡ୍ରୋନ୍‌ ଓ ୩୦ ବାଲାଷ୍ଟିକ ମିସାଇଲ ମାଡ଼ କରିଛି। ଏଥିରେ ୧୪ ଜଣ ଲୋକ ପ୍ରାଣ ହରାଇଥିବା ବେଳେ ୪୪ ଜଣ ଆହତ ହୋଇଛନ୍ତି ବୋଲି ୟୁକ୍ରେନ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ତରଫରୁ ସୂଚନା ଦିଆଯାଇଛି। ମୃତକଙ୍କ ମଧ୍ୟରେ ୪ ଜଣ ଛୋଟପିଲା ସାମିଲ ରହିଛନ୍ତି। ରୁଷର ଏହି ଆକ୍ରମଣ ସବୁଠାରୁ ବିଧ୍ୱଂସକାରୀ ବିବେଚିତ ହେଉଛି। କିଭ୍‌ସ୍ଥିତ ୟୁକ୍ରେନର ସେନା ଠିକଣା, ଏୟାର ବେସ ଉପରେ ଆକ୍ରମଣ କରାଯାଇଛି ବୋଲି ରୁଷ୍‌ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ରୁଷ୍‌ ଏହି ଆକ୍ରମଣରେ ହାଇପରସୋନିକ୍‌ 'କିନଝାଲ' ମିସାଇଲ, ହାଇ ପ୍ରେସିସନ

**୧୪ ମୃତ, ୪୪ ଆହତ**

**୬୦୦ ଡ୍ରୋନ, ୩୦ ବାଲିଷ୍ଟିକ ମିସାଇଲ ମାଡ଼**



ଏୟାର- ଲଞ୍ଚ ମିସାଇଲ ବ୍ୟବହାର କରିଥିଲା। କିଭ୍‌ରେ ମୋଟ୍‌ ଉପରେ ୨୦ଟି ସ୍ଥାନ ଉପରେ ରୁଷ ଆକ୍ରମଣ କରିଛି ବୋଲି ୟୁକ୍ରେନ କହିଛି। ଏଥିରେ ଏକ ୫ ମହଲା ବିଶିଷ୍ଟ କୋଠା ଧ୍ୱଂସ ପାଇଛି। ଏହି କୋଠାରେ ୧୨୦ ଜଣ ଲୋକ ରହୁଥିଲେ। ଉଦ୍ଧାରକାର୍ଯ୍ୟ ଜାରି ରହିଛି। ରୁଷିଆ ୬୦୦ଟି ଡ୍ରୋନ୍‌ ଓ ୩୦ଟି ବାଲାଷ୍ଟିକ ଓ କ୍ରୁଜ୍‌ ମିସାଇଲ୍‌ ଦ୍ୱାରା ଆକ୍ରମଣ କରିଥିଲା। ଏହାର ପ୍ରଭାବରେ ପ୍ରାୟ ଏକ ଲକ୍ଷ ଘରେ ବିଜୁଳି ଚାଲିଯାଇଛି। ସେହିପରି ଭିନିସିଆରେ ମଧ୍ୟ ୬୦ ହଜାର ଘରେ ବିଜୁଳି କଟିଯାଇଛି। ରୁଷିଆ ଶାନ୍ତି ପ୍ରୟାସକୁ ଗ୍ରହଣ କରୁନାହିଁ ବୋଲି ୟୁକ୍ରେନ ରାଷ୍ଟ୍ରପତି ଭୋଲୋଡାମିର ଜେଲେଁସ୍କି କହିଛନ୍ତି। କଥାବାର୍ତ୍ତା ନକରି ରୁଷିଆ ବାଲାଷ୍ଟିକ ମିସାଇଲ ବ୍ୟବହାର କରୁଛି ବୋଲି ସେ ଅଭିଯୋଗ ଆଣିଛନ୍ତି। ସେହିପରି ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରୋନ ରୁଷିଆର ଏହି ଆକ୍ରମଣକୁ ଆତଙ୍କବାଦ ସହ ତୁଳନା କରିଛନ୍ତି। ୟୁରୋପିଆନ ୟୁନିୟନ ଅଧ୍ୟକ୍ଷ ଉରସୁଲା ଭୋନ ଡେର ଲେୟେନ ମଧ୍ୟ ରୁଷିଆକୁ ଏଭଳି ଆକ୍ରମଣ ନ କରିବାକୁ ପରାମର୍ଶ ଦେଇଛନ୍ତି।

## ନେପାଳ ଦେଇ ବିହାରରେ ପଶିଲେ ୩ ପାକ୍‌ ଆତଙ୍କବାଦୀ

ପାଟନା, ୨୮।୮(ଏଜେନ୍ସି): ନେପାଳ ବାଟ ଦେଇ ୩ ଜଣ ପାକିସ୍ତାନୀ ଆତଙ୍କବାଦୀ ବିହାରରେ ଅନୁପ୍ରବେଶ କରିଛନ୍ତି। ଏହି ୩ ଆତଙ୍କୀଙ୍କ ଫଟୋ ଜାରି କରିଛି ପୁଲିସ। ଏମାନେ ଆତଙ୍କବାଦୀ ସଂଗଠନ ଜୈଶ-ଇ- ମହମ୍ମଦ ସହିତ ଜଡିତ ବୋଲି କୁହାଯାଇଛି। ପୁଲିସ ଯେଉଁ ୩ ଆତଙ୍କୀଙ୍କ ଫଟୋ ଜାରି କରିଛି ସେମାନଙ୍କ ନାମ ହେଲା ଆସନୈନ ଅଲି, ଆଦିଲ ହୁସେନ ଓ ମହମ୍ମଦ ଉସ୍‌ମାନ। ହାସନୈନ ରାୱଲପିଣ୍ଡି, ଆଦିଲ ଉମରକୋଟ ଓ ଉସ୍ମାନ ବାହବଲପୁରର ବାସିନ୍ଦା ବୋଲି ଜଣା

**ସୂଚନା ଦେଲେ ୫୦, ୦୦୦ ଟଙ୍କା ପୁରସ୍କାର**

**ରାହୁଲ ଗାନ୍ଧୀଙ୍କ ଭୋଟ ଅଧିକାର ଯାତ୍ରାରେ ପରିବର୍ତ୍ତନ**

ପଡ଼ିଛି। ଏହି ଆତଙ୍କୀ ଅରରିୟା ଜିଲ୍ଲା ବାଟ ଦେଇ ବିହାରରେ ପ୍ରବେଶ କରିଛନ୍ତି ବୋଲି ଆଶଙ୍କା କରାଯାଉଛି। ପୁଲିସ ମୁଖ୍ୟ କାର୍ଯ୍ୟାଳୟ ତରଫରୁ ସବୁ ଜିଲ୍ଲାକୁ ଏ ସଂକ୍ରାନ୍ତରେ ଅବଗତ କରାଯାଇଛି। ଏହି ଆତଙ୍କୀଙ୍କ ଉପରେ କଡ଼ା ନଜର ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏମାନଙ୍କ ସମ୍ପର୍କରେ ସୂଚନା ଦେଲେ ବିହାର ସରକାର ୫୦ ହଜାର ଟଙ୍କାର ପୁରସ୍କାର ପ୍ରଦାନ କରିବେ ବୋଲି ଘୋଷଣା କରିଛନ୍ତି। ଆତଙ୍କବାଦୀମାନେ ଯେଉଁ ବାଟ ଦେଇ ଅନୁପ୍ରବେଶ କରିଛନ୍ତି ସେହିବାଟ ଦେଇ ରାହୁଲ ଗାନ୍ଧୀଙ୍କ ଭୋଟର ଅଧିକାର ଯାତ୍ରା ଚାଲୁଛି। ତେଣୁ ସୁରକ୍ଷା ତଥା ନିରାପତ୍ତା ବ୍ୟବସ୍ଥାକୁ ଆହୁରି କଡ଼ାକଡ଼ି କରାଯାଇଛି। ବିହାର ୭ଟି ଜିଲ୍ଲା ନେପାଳ ସୀମାକୁ ଲାଗିରହିଛି। ରାହୁଲ ଏହି ଜିଲ୍ଲାଗୁଡ଼ିକୁ ଯାଇସାରିଛନ୍ତି କିମ୍ବା ଯିବାର କାର୍ଯ୍ୟକ୍ରମ ରହିଛି। ଏହି ଆତଙ୍କବାଦୀମାନେ ବିହାରରେ ବଡ଼ କାଣ୍ଡ ଘଟାଇପାରନ୍ତି ବୋଲି ଆଶଙ୍କା କରାଯାଉଛି। ଆତଙ୍କବାଦୀ ଅନୁପ୍ରବେଶକୁ ଦୃଷ୍ଟିରେ ରଖି ରାହୁଲଙ୍କ କାର୍ଯ୍ୟକ୍ରମରେ ପରିବର୍ତ୍ତନ କରାଯାଇଛି। ରାହୁଲ ସୀତାମଢ଼ିରେ ମାତା ଜାନକୀ ମନ୍ଦିରରେ ପୂଜାର୍ଚ୍ଚନା କରିଥିଲେ। ଏହାପରେ ରୋଡ ଶୋ'କୁ ବାତିଲ କରାଯାଇଛି।

## ବିଲ୍‌ ଅନୁମୋଦନ ନେଇ ରାଜ୍ୟପାଳଙ୍କୁ ଅସୀମିତ ସମୟ ଦିଆଯାଇନି: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୨୮।୮ (ଏଜେନ୍ସି): ରାଷ୍ଟ୍ରପତି ଏବଂ ରାଜ୍ୟପାଳଙ୍କ ପାଇଁ କଣ୍ଟ ଧାର୍ଯ୍ୟ ମାମଲାରେ ଉପରେ ଗୁରୁବାର ସୁପ୍ରିମକୋର୍ଟରେ ଶୁଣାଣି ହୋଇଛି। ବିଲ୍‌କୁ ଅନୁମୋଦନ ଦେବା ପାଇଁ ରାଷ୍ଟ୍ରପତି ଏବଂ ରାଜ୍ୟପାଳଙ୍କୁ ଦୀର୍ଘ ଦିନ ପର୍ଯ୍ୟନ୍ତ ସମୟ ଦେଲେ ସମ୍ବିଧାନ ଧାରା ୨୦୦ରେ ଥିବା ନିୟମ 'ଯଥାଶୀଘ୍ର'ର ଉଦ୍ଦେଶ୍ୟ ପୂରଣ ହେବ ନାହିଁ ବୋଲି ସାମ୍ବିଧାନିକ ଖଣ୍ଡପୀଠ କହିଛନ୍ତି। ବିଧାନସଭାରେ ପାରିତ ବିଲ୍‌ ଉପରେ ନିଷ୍ପତ୍ତି ନେବା ବିରୋଧରେ ରାଜ୍ୟଗୁଡିକ ଦାଏର କରିଥିବା ରିଟ୍‌ ଆବେଦନକୁ କେନ୍ଦ୍ର ବିରୋଧ କରିଥିବାବେଳେ ଖଣ୍ଡପୀଠ ଏହି ଟିପ୍ପଣୀ କରିଛନ୍ତି। କେନ୍ଦ୍ର ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହେଟା କହିଥିଲେ ଯେ ରାଜ୍ୟ ସରକାରଗୁଡିକ ଧାରା ୩୨କୁ ବ୍ୟବହାର କରିପାରିବେ ନାହିଁ। କାରଣ ମୌଳିକ ଅଧିକାର ସାଧାରଣ ଲୋକଙ୍କ ପାଇଁ ଥାଏ, ରାଜ୍ୟଗୁଡିକ ପାଇଁ ନୁହେଁ। ରାଜ୍ୟଙ୍କୁ ଏଭଳି ଅଧିକାର ମିଳିଛି କି ନାହିଁ ତାହା ରାଷ୍ଟ୍ରପତି ଜାଣିବାକୁ ଚାହୁଁଛନ୍ତି। ଏହା ସହିତ ଧାରା ୩୬୧ ଅନୁଯାୟୀ ନିଜ ନିଷ୍ପତ୍ତି ପାଇଁ ରାଷ୍ଟ୍ରପତି ଏବଂ ରାଜ୍ୟପାଳଙ୍କୁ କୋର୍ଟରେ ଦାୟୀ କରାଯାଇପାରିବ ନାହିଁ।

କେନ୍ଦ୍ର ପକ୍ଷରୁ କୁହାଯାଇଥିଲା ଯେ ରାଷ୍ଟ୍ରପତି ଏବଂ ରାଜ୍ୟପାଳଙ୍କୁ କୋର୍ଟ କୌଣସି ନିର୍ଦ୍ଦେଶ ଦେଇପାରିବେ ନାହିଁ। କାରଣ ତାଙ୍କ ନିଷ୍ପତ୍ତି ନ୍ୟାୟିକ ସମୀକ୍ଷା ପରିସରରେ ଆସୁନାହିଁ। ଏହାକୁ ନେଇ ଖଣ୍ଡପୀଠ କହିଥିଲେ ଯେ କୌଣସି ରାଜ୍ୟପାଳ ୬ ମାସ ପର୍ଯ୍ୟନ୍ତ ବିଲ୍‌କୁ ପକାଇ ରଖିବା ମଧ୍ୟ ଉଚିତ ନୁହେଁ। ସମ୍ବିଧାନ ନିର୍ମାତାମାନେ ଜାଣିଶୁଣି ପ୍ରଥମେ ଧାରା ୨୦୦ରେ ଥିବା ୬ ସପ୍ତାହର ନିୟମକୁ ବଦଳାଇ 'ଯଥାଶୀଘ୍ର' କରି ଦେଇଥିଲେ। ବିଲ୍‌ ଉପରେ ନିଷ୍ପତ୍ତି ନେବା ପାଇଁ ଏହାକୁ ଅଣଦେଖା କରାଯାଇପାରିବ କି ବୋଲି ସୁପ୍ରିମକୋର୍ଟ କେନ୍ଦ୍ରକୁ ପଚାରି ଥିଲେ।

## ମା'କୁ ମାରି ଗୀତ ଗାଇଲା ପୁଅ

ରାୟପୁର, ୨୮।୮(ଏଜେନ୍ସି): ଛତିଶଗଡ଼ର ଯଶପୁର ଜିଲ୍ଲାର କୁନ୍‌କୁରୀ ଥାନା ଅଞ୍ଚଳରେ ପୁଅ ନିଜ ମାଆକୁ ଟାଙ୍ଗିଆରେ ହାଣି ମାରିବା ପରେ ମୃତଦେହ ପାଖରେ ବସି ରାଗରେ ଗୀତ ଗାଇଛି। ପାଖକୁ ଆସୁଥିବା ଲୋକଙ୍କୁ ସେ ଟାଙ୍ଗିଆ ହଲାଇ ଭୟଭୀତ କରାଇବାକୁ ପଛାଇନାହିଁ। ଏହି ବ୍ୟକ୍ତି ହେଉଛନ୍ତି ଜିତ ରାମ ଯାଦବ। ସେ ନିଜ ୫୯ ବର୍ଷୀୟ ମା ଗୁଲାବୀଙ୍କୁ ମଙ୍ଗଳବାର ସକାଳ ୫ଟାରେ ହତ୍ୟା କରିଥିଲା। ଗୁଲାବୀ ମରିବା ପର୍ଯ୍ୟନ୍ତ ସେ ତାଙ୍କୁ ଟାଙ୍ଗିଆରେ ହାଣି ଚାଲିଥିଲା ବୋଲି ଜଣେ ପ୍ରତ୍ୟେକ୍ଷଦର୍ଶୀ ପୁଲିସକୁ କହିଛନ୍ତି। ପୁଲିସ ପହଞ୍ଚିଥିଲେ ବି ଟାଙ୍ଗିଆ ଧରି ଡରାଇବାରୁ ଜିତ୍‌କୁ କାବୁ କରିବାକୁ ପୁଲିସକୁ ୪ ଘଣ୍ଟା ଲାଗିଥିଲା। ହତ୍ୟାର କାରଣ ସମ୍ପର୍କରେ କିଛି ଜଣା ପଡ଼ିନାହିଁ। ତେବେ ଜିତ୍‌ ମାନସିକ ବିକାରଗ୍ରସ୍ତ ଥିଲା ବୋଲି କୁହାଯାଉଛି।

## ନିଜକୁ ଅସୁରକ୍ଷିତ ମଣୁଛନ୍ତି ୪୦% ସହରାଞ୍ଚଳ ମହିଳା

ନୂଆଦିଲ୍ଲୀ, ୨୮।୮ (ଏଜେନ୍ସି): ଦେଶରେ ମହିଳା ବିରୋଧୀ ହିଂସା ବୃଦ୍ଧି ପାଉଥିବାବେଳେ ଏକ ଚିନ୍ତାଜନକ ରିପୋର୍ଟ ସାମ୍ନାକୁ ଆସିଛି। ସହରରେ ରହୁଥିବା ୪୦ ପ୍ରତିଶତ ମହିଳା ନିଜକୁ ଅସୁରକ୍ଷିତ ମଣୁଛନ୍ତି। ନ୍ୟାସନାଲ ଆନୁଆଲ ରିପୋର୍ଟ ଆଣ୍ଡ ଇଣ୍ଡେକ୍ସ ଅନ୍‌ ୱିମେନ୍ସ ସେଫ୍‌ଟି (ଏନଏଆରଆଇ)-୨୦୨୫ରୁ ଏହା ଜଣାପଡ଼ିଛି। ୩୧ ସହରର ୧୨,୭୭୦ ମହିଳାଙ୍କୁ ନେଇ ଏହି ସର୍ଭେ କରାଯାଇଥିଲା। ଗୁରୁବାର ଏହି ରିପୋର୍ଟ ଜାରି କରାଯାଇଥିଲା। ଏହା ଅନୁଯାୟୀ ୨୦୨୪ରେ ୭ ପ୍ରତିଶତ ମହିଳା ଉତ୍ପୀଡ଼ନର ଶିକାର ହେଉଥିବା କହିଥିଲେ। ଏମାନଙ୍କ ମଧ୍ୟରୁ ୧୮-୨୪ ବର୍ଷର ମହିଳା ସର୍ବାଧିକ ବିପଦର ସମ୍ମୁଖୀନ ହେଉଥିଲେ। ଏହା ଏନ୍‌ସିଆରବିର ୨୦୨୨ ତଥ୍ୟ ଅନୁଯାୟୀ ଶହେଗୁଣ। ସହରର ଗଳିରେ ମହିଳାଙ୍କୁ ଅଶ୍ଳୀଳ ନଜରରେ ଚାହିଁବା, ଗାଳିଗୁଲଜ, ଛୁଇଁବା ଆଦି ଉତ୍ପୀଡ଼ନ ସାମିଲ ରହିଛି। ଦୁର୍ବଳ ଭିତ୍ତିଭୂମି ବ୍ୟବସ୍ଥା, ଖରାପ ଆଲୋକୀକରଣ ଏବଂ ପର୍ଯ୍ୟାପ୍ତ ସାର୍ବଜନୀନ ପରିବହନ ବ୍ୟବସ୍ଥା ନ ଥିବାରୁ ଏପରି ହେଉଛି। କୋଲକାତା, ଦିଲ୍ଲୀ ଭଳି ସହରରେ ମହିଳା ଏଭଳି ନିର୍ଯାତନାର ଶିକାର ହେଉଛନ୍ତି। ଏହା ପଛକୁ ରାଞ୍ଚି, ଶ୍ରୀନଗର, ପାଟନା, ଜୟପୁର ଏବଂ ଫରିଦାବାଦ ରହିଛି। ଏହି ସବୁ ସହର ମହିଳାଙ୍କ ପାଇଁ କମ୍‌ ସୁରକ୍ଷିତ। ଏହି ସହରରେ ସଂସ୍ଥାଗତ ପ୍ରତିକ୍ରିୟା ଦୁର୍ବଳ ରହିଛି। ପିତୃକୈନ୍ଦ୍ରିକ ଚିନ୍ତାଧାରା ଏବଂ ସହରୀ ମନୋଭାବ ବହୁତ କମ୍‌ ଥିବାରୁ ସୁରକ୍ଷା ସ୍ଥିତି ଖରାପ ରହିଛି।

କୋହିମା, ବିଶାଖପାଟଣା, ଭୁବନେଶ୍ୱର, ଆଇଜୋଲ, ଗ୍ୟାଙ୍ଗଟକ, ଇଟାନଗର ଏବଂ ମୁମ୍ବଇ ମହିଳାଙ୍କ ପାଇଁ ସବୁଠୁ ସୁରକ୍ଷିତ ସହର ପାଲଟିଛି। ରିପୋର୍ଟରେ କୁହାଯାଇଛି ଯେ କୋହିମା ଏବଂ ଅନ୍ୟ ସବୁଠୁ ସୁରକ୍ଷିତ ସହରରେ ମହିଳାଙ୍କୁ ଅଧିକ ସମାନତା, ନାଗରିକ ସହଭାଗୀ, ଉତ୍ତମ ପୁଲିସ ବ୍ୟବସ୍ଥା ଏବଂ ମହିଳାଙ୍କ ପାଇଁ ଅନୁକୂଳ ବ୍ୟବସ୍ଥା ମିଳୁଛି। ରିପୋର୍ଟରେ କୁହାଯାଇଛି ଯେ ରେକର୍ଡରେ ନ ଥିବା ମାମଲାକୁ ବିଚାରକୁ ନେବାକୁ ପ୍ରୟାସ କରାଯାଇଛି। ପଞ୍ଜିକୃତ ମାମଲାଠାରୁ ବାସ୍ତବତା ଅଧିକ ଭୟଙ୍କର ରହିଛି। ପୁଣି ଉତ୍ପୀଡ଼ନର ଶିକାର ହେବାକୁ ଏବଂ ସାମାଜିକ କଳଙ୍କ ଭୟରେ ଅନେକ ମହିଳା ଏତଲା ଦିଅନ୍ତି ନାହିଁ। ମାତ୍ର ୨୨ ପ୍ରତିଶତ ମହିଳା କର୍ତ୍ତୃପକ୍ଷଙ୍କୁ ଏ ବିଷୟରେ ଅଭିଯୋଗ କରିଥାନ୍ତି। କାର୍ଯ୍ୟସ୍ଥଳରେ ଯୌନ ଉତ୍ପୀଡ଼ନ ନିରୋଧୀ ବ୍ୟବସ୍ଥା (ପିଓଏସ୍‌ଏଚ) ଅଛି କି ନାହିଁ ତାହା ୫୩ ପ୍ରତିଶତ ମହିଳା ଜାଣିନାହାନ୍ତି।

# ପୁଲିସର ଦ୍ୱନ୍ଦ୍ୱ ବଢ଼ାଇଲା ଡାକ୍ତରଙ୍କ ରିପୋର୍ଟ



ନୋଏଡ଼ା, ୨୮।୮ (ଏଜେନ୍ସି): ଉତ୍ତର ପ୍ରଦେଶ ଗ୍ରେଟର ନୋଏଡ଼ାର ନିକି ଭାଟିଙ୍କୁ ଯୌତୁକ ପାଇଁ ଜିଅନ୍ତା ପୋଡି ମାରିବା ମାମଲା ଦିନକୁ ଦିନ ନୂଆ ମୋଡ଼ ନେବାରେ ଲାଗିଛି। ନିକି ନିଜକୁ ନିଆଁ ଲଗାଇ ଥିଲେ କି ସ୍ୱାମୀ ବିପିନ ଭାଟି ତାଙ୍କୁ ନିଆଁ ଲଗାଇ ଦେଇଥିଲେ ତାହା ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇପାରି ନାହିଁ। ଗତ ୨୧ ତାରିଖ ସନ୍ଧ୍ୟା ୫ଟା୩୦ରେ ଘରର ପାହାଚରେ ଜଳନ୍ତା ଅବସ୍ଥାରେ ଓହ୍ଲାଉ ଥିବା ଦେଖାଯାଇଥିଲା। ଯାଞ୍ଚ ସମୟରେ ବିପିନଙ୍କ ଘରେ ୮ଟି ସିସିଟିଭି ଲାଗିଥିବା ଜଣାପଡ଼ିଥିଲା। କିନ୍ତୁ ଘଟଣା ଦିନ ସବୁ ସିସିଟିଭି ବନ୍ଦ ଥିଲା। ଏଥିପାଇଁ କିଛି ବି ରେକର୍ଡ ହୋଇପାରି ନ ଥିଲା। ନିକିଙ୍କ ଭଉଣୀ କାଞ୍ଚନ ନିଜ ମୋବାଇଲରେ ନିକି ଜଳୁଥିବା ଭିଡିଓ ସୁଟ୍‌ କରିଥିଲେ। ସେ ଏହାକୁ ପ୍ରମାଣ ଭାବେ ପୁଲିସକୁ ଦେଇଥିଲେ। ବିପିନଙ୍କ ପରିବାର ପକ୍ଷରୁ ମଧ୍ୟ ଅନେକ ଦାବି କରାଯାଇଛି। ପୁଲିସକୁ କିଛି ଭିଡିଓ ମଧ୍ୟ ଦେଇଛନ୍ତି। ଗତ ୭ ଦିନରେ ନିକିଙ୍କ ସହ ମାର୍‌ପିଟ ଏବଂ ମୃତ୍ୟୁ ସମ୍ବନ୍ଧିତ ୫ଟି ଭିଡିଓ ସାମ୍ନାକୁ ଆସିଲାଣି। ତଥାପି ବି ମୃତ୍ୟୁର କାରଣ ସ୍ପଷ୍ଟ ହୋଇପାରି ନାହିଁ। ଏହି ସବୁ ଭିଡିଓକୁ ପୋଷ୍ଟ କରାଯାଇଥିବାର ତାରିଖ ଜଣା ପଡ଼ିଥିଲେ ବି କେବେ ସୁଟ୍‌ କରାଯାଇଥିଲା ତାହା ଜଣାପଡ଼ି ନାହିଁ। ଯାଞ୍ଚ ପାଇଁ ଏ ସବୁ ଭିଡିଓକୁ ଆଗ୍ରା ଏବଂ ଚଣ୍ଡିଗଡ଼ ସ୍ଥିତ ଫରେନସିକ ଲ୍ୟାବ୍‌କୁ ପଠାଇବା ପାଇଁ ପ୍ରସ୍ତୁତି କରାଯାଉଛି।

ଏହା ମଧ୍ୟରେ ବଡ଼ ସୂଚନା ସାମ୍ନାକୁ ଆସିଛି। ନିକି ମୃତ୍ୟୁ ପୂର୍ବରୁ ସିଲିଣ୍ଡର ବିସ୍ଫୋରଣ ଯୋଗୁଁ ଦେହରେ ନିଆଁ ଲାଗି ଯାଇଥିଲା ବୋଲି ଡାକ୍ତରକୁ କହିଥିବା ଦାବି ହେଉଛି। ଡାକ୍ତରଖାନା ଜଣେ ଡାକ୍ତର ଏବଂ ନର୍ସ କହିଛନ୍ତି ଯେ ହସ୍ପିଟାଲକୁ ଆଣିବା ସମୟରେ ନିକି କଥାବାର୍ତ୍ତା କରିପାରୁ ଥିଲେ। ପୁଲିସ ଅଧିକାରୀଙ୍କ ସୂଚନା ଅନୁଯାୟୀ ହସ୍ପିଟାଲ ବାହାରର ସିସିଟିଭି ଫୁଟେଜରେ ନିକିଙ୍କ ଶାଶୁ, ଶଶୁର, ଦେଢ଼ଶୁର ଏବଂ ପଡୋଶୀ କାର୍‌ରେ ବସିଥିବା ଦେଖାଯାଉଛି। ତେବେ ଭାଟିଙ୍କ ଘରେ ଗ୍ୟାସ୍‌ ସିଲିଣ୍ଡର ବିସ୍ଫୋରଣର କୌଣସି ପ୍ରମାଣ ମିଳି ନ ଥିବା କୁହାଯାଇଛି। ନିକିଙ୍କୁ ବୟାନ ଦେବା ପାଇଁ ବାଧ୍ୟ କରାଯାଇଥିଲା କି ନାହିଁ ଏବେ ତାହାର ତଦନ୍ତ ଚାଲିଛି। ଫରେନସିକ ରିପୋର୍ଟରୁ ମୃତ୍ୟୁର କାରଣ ସ୍ପଷ୍ଟ ହେବ। ବ୍ୟବଚ୍ଛେଦ ରିପୋର୍ଟରେ ୮୦% ପୋଡ଼ିଯିବା ଯୋଗୁଁ ନିକିଙ୍କ ମୃତ୍ୟୁ ହୋଇଥିଲା ବୋଲି କୁହାଯାଇଛି। ସେହିପରି ବିପିନ ହିଁ ନିଆଁ ଲଗାଇ ହତ୍ୟା କରିଥିଲା ବୋଲି ନିକିଙ୍କ ଭଉଣୀ କାଞ୍ଚନ କହିଥିଲେ।

# ଆଜିଠୁ କମିବ ବର୍ଷା; ପହିଲାରୁ ପୁଣି ବଢ଼ିବ

ଭୁବନେଶ୍ୱର,୨୮।୮(ସମିସ): ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ରାଜ୍ୟଠାରୁ ଧୀରେ ଧୀରେ ଦୂରକୁ ଯାଉଛି। ବର୍ତ୍ତମାନ ଏହି ଲଘୁଚାପ କେନ୍ଦ୍ରୀୟ ଛତିଶଗଡ଼ ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ସକ୍ରିୟ ରହିଛି। ଯଦିଓ ଏହା ପ୍ରଭାବରେ ରାଜ୍ୟରେ ବର୍ତ୍ତମାନ ବର୍ଷାର ପରିମାଣ ହ୍ରାସ ପାଇଛି; ମାତ୍ର ଲଘୁଚାପ ଯୋଗୁଁ ଗତ ୨ ଦିନ ମଧ୍ୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ବ୍ୟାପକ ବର୍ଷା ହୋଇଛି। ପ୍ରଥମେ ଲଘୁଚାପ ଯୋଗୁଁ ଦକ୍ଷିଣ ଓଡ଼ିଶାରେ ପ୍ରବଳ ବର୍ଷା ହୋଇଥିବା ବେଳେ ସେଠାରେ ବିଭିନ୍ନ ନଦୀରେ ଜଳସ୍ତର ବଢ଼ିଛି। ବିଶେଷକରି ମାଲକାନଗିରି, କୋରାପୁଟ ଓ ନବରଙ୍ଗପୁର ଆଦି ଜିଲ୍ଲାର ବିଭିନ୍ନ ସ୍ଥାନରେ ପ୍ରବଳ ଯୋଗୁଁ ଜନଜୀବନ ବିଶେଷ ଭାବେ ପ୍ରଭାବିତ ହୋଇଛି। ଗୁରୁବାର ଲଘୁଚାପ ପ୍ରଭାବରେ ଉତ୍ତର ଓଡ଼ିଶାରେ ପ୍ରବଳ ବର୍ଷା ହୋଇଥିବା ବେଳେ ଏବେ ଛତିଶଗଡ଼ ସୀମାନ୍ତବର୍ତ୍ତୀ ଜିଲ୍ଲାର କିଛି କିଛି ସ୍ଥାନରେ ବର୍ଷା ଲାଗି ରହିଛି। ଶୁକ୍ରବାରଠାରୁ ଦୁଇ ଦିନ ପର୍ଯ୍ୟନ୍ତ ବର୍ଷାର ପ୍ରଭାବ କମିବାକୁ ଥିଲେ ମଧ୍ୟ ୧ ତାରିଖରୁ ପୁଣି ଥରେ ବର୍ଷାର ପ୍ରଭାବ ବଢ଼ିବା ନେଇ ଆଶଙ୍କା କରାଯାଇଛି। କାରଣ ଉତ୍ତର ପଶ୍ଚିମ ବଙ୍ଗୋପସାଗର ଓ ଉତ୍ତର ଓଡିଶା ଉପକୂଳରେ ପୁଣି ଏକ ଲଘୁଚାପ ସୃଷ୍ଟି ନେଇ ସମ୍ଭାବନା ରହିଛି। ଯାହାଫଳରେ ସେପ୍ଟେମ୍ବରରୁ ପହିଲାରୁ ରାଜ୍ୟରେ ଜାରି ରହିବ ବର୍ଷା ବୃଦ୍ଧି ପାଇବ। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ତି, ଛତିଶଗଡ଼ ଉପରେ ବର୍ତ୍ତମାନ ଲଘୁଚାପଟି ସକ୍ରିୟରହିଛି। ଗୁରୁବାର ସାରା ରାଜ୍ୟରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବାକୁ ଥିବା ବେଳେ ଶୁକ୍ରବାରଠାରୁ ବର୍ଷାର ପରିମାଣ କମିବା ସମ୍ଭାବନା ରହିଛି। ଉତ୍ତର ଓ ଉପକୂଳ ଓଡିଶାର କିଛି ଅଞ୍ଚଳରେ ହାଲୁକରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ୩୦ ତାରିଖ ଯାଏ ପ୍ରବଳ ବର୍ଷାର ସମ୍ଭାବନା ନଥିବା ବେଳେ ପୁଣି ୩୧ରୁ ବର୍ଷା ବଢ଼ିବା ଆକଳନ କରାଯାଉଛି।

ଗତ ୨୪ ଘଣ୍ଟାରେ ୫ ସ୍ଥାନରେ ପ୍ରବଳ ଓ ୭ ସ୍ଥାନରେ ଅତିପ୍ରବଳ ବର୍ଷା ହୋଇଥିବା ବେଳେ କୋରାପୁଟ ଜୟପୁରରେ ସର୍ବାଧିକ ୧୮୬ ମିମି ବର୍ଷା ରେକର୍ଡ କରାଯାଇଛି। ମୌସୁମୀ ଋତୁରେ ଆଜିଯାଏଁ ସ୍ୱାଭାବିକ ବର୍ଷା ୮୮୪ ମିମି ତୁଳନାରେ ୮୫୪ ମିମି ବର୍ଷା ରେକର୍ଡ ହୋଇଛି।

## ରାୟପୁର ଗୋଲଟେବୁଲ ବୈଠକରେ ନିଷ୍ପତ୍ତି

# ସେପ୍ଟେମ୍ବରରେ ଦିଲ୍ଲୀରେ ହେବ ମହାନଦୀ ସଂସଦ

ଭୁବନେଶ୍ୱର, ୨୮।୮ (ସମିସ): ଅଣମୌସୁମୀ ସମୟରେ ଯେତିକି ପାଣି ଓଡ଼ିଶାର ଆବଶ୍ୟକତା ରହିଛି ତାକୁ ଛାଡ଼ିବା ଦରକାର। ଓଡ଼ିଶା ସରକାର ଓ ଛତିଶଗଡ଼ ସରକାର ମଧ୍ୟରେ ହେବାକୁ ଥିବା ଆପୋସ ଆଲୋଚନା ପୂର୍ବରୁ ଏହି ସର୍ତ୍ତ ରହିବା ଜରୁରୀ। ମହାନଦୀ ଜଳ ବିବାଦକୁ ନେଇ ଛତିଶଗଡ଼ ରାଜଧାନୀ ରାୟପୁରରେ ଆୟୋଜିତ ଗୋଲ୍ ଟେବୁଲ୍ ବୈଠକରେ ଏହି ମତ ପ୍ରକାଶ ପାଇଛି। ଗୁରୁବାର ମହାନଦୀର ସଙ୍କଟ ଓ ଜଳ ବିବାଦକୁ ନେଇ ଆୟୋଜିତ ଗୋଲ୍ ଟେବୁଲ ବୈଠକରେ ମହାନଦୀ ବଞ୍ଚାଅ ଆନ୍ଦୋଳନ, ନଦୀ ଘାଟି ମୋର୍ଚ୍ଚା ଓ ରାଷ୍ଟ୍ରୀୟ ଜଳ ବିରାଦରିର ଆଦିର ସଦସ୍ୟମାନେ ଅଂଶଗ୍ରହଣ କରିଥିଲେ। ଏଥିରେ ଉଭୟ ଛତିଶଗଡ଼ ଏବଂ ଓଡ଼ିଶାର ଅନେକ ନଦୀ ଆନ୍ଦୋଳନର ନେତୃତ୍ୱ ଯୋଗ ଦେଇଥିଲେ।

ଜଳମାନବ ଡଃ ରାଜେନ୍ଦ୍ର ସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ମହାନଦୀ ଜଳ ବିବାଦର ଆପୋସ ସମାଧାନ ପାଇଁ ଓଡ଼ିଶା ଓ ଛତିଶଗଡ଼ ସରକାରଙ୍କ ସହମତିକୁ ବୈଠକରେ ସ୍ୱାଗତ କରାଯାଇଛି। ମାତ୍ର ଆପୋସ ଆଲୋଚନାକୁ



ଯିବା ପୂର୍ବରୁ ଅଣ ମୌସୁମୀ ସମୟରେ ଯେତିକି ପାଣି ଓଡ଼ିଶାର ଆବଶ୍ୟକତା ରହିଛି ତାକୁ ଛାଡ଼ିବାକୁ ସର୍ତ୍ତ ରହିବା ଜରୁରୀ ବୋଲି ବୈଠକରେ ମତ ପ୍ରକାଶ ପାଇଛି। ଦୁଇ ସରକାରଙ୍କ ଭିତରେ ଆପୋସ ସମାଧାନକୁ ସୀମିତ ନ ରଖି ନଦୀ ସହିତ ସଂଶ୍ଲିଷ୍ଟ ଅଂଶୀଦାରମାନଙ୍କୁ ଏଥିରେ ସାମିଲ କରିବା ପାଇଁ ଦୁଇ ରାଜ୍ୟ ସରକାରଙ୍କୁ ନିବେଦନ କରାଯାଇଛି। ମହାନଦୀ ଏବେ ସଙ୍କଟରେ ଏବଂ ଏହି ସଙ୍କଟରୁ ମୁକ୍ତି ପାଇଁ ଲୋକଙ୍କୁ ନଦୀ ସହିତ ଯୋଡିବା ଆବଶ୍ୟକ ବୋଲି ବିଚାର କରି ଆସନ୍ତା ନୂଆ ବର୍ଷରେ ମହାନଦୀ ମହୋତ୍ସବ ଆୟୋଜନ କରିବାର ନିଷ୍ପତ୍ତି ହୋଇଛି। ଏଥିରେ ଦୁଇ ରାଜ୍ୟର ସଂସ୍କୃତି, ସାହିତ୍ୟ, ଅର୍ଥନୀତି ଓ ସାମାଜିକ ଜୀବନ ସମ୍ପର୍କରେ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହେବ। ଏଥିପାଇଁ ସେପ୍ଟେମ୍ବର ମାସରେ ମହାନଦୀ ଚେତନା ଯାତ୍ରା ମଧ୍ୟ ଆୟୋଜିତ ହେବ। ମହାନଦୀ ଜଳ ବିବାଦର ଆପୋସ ସମାଧାନ ସମ୍ପର୍କରେ ଦିଲ୍ଲୀଠାରେ ମହାନଦୀ ସଂସଦ ଅନୁଷ୍ଠିତ ହେବ। ସେପ୍ଟେମ୍ବର ଶେଷ ସପ୍ତାହରେ ଏଥିରେ ଓଡ଼ିଶା, ଛତିଶଗଡ଼ ସମେତ ଦେଶର ନଦୀ ବିଶେଷଜ୍ଞମାନେ ଯୋଗ ଦେବେ। କେନ୍ଦ୍ର ତଥା ଦୁଇ ରାଜ୍ୟ ସରକାରଙ୍କ ପ୍ରତିନିଧିମାନଙ୍କୁ ମଧ୍ୟ ଏହି ସଂସଦକୁ ଆମନ୍ତ୍ରଣ କରାଯିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି।

ଆଜିର ବୈଠକକୁ ମହାନଦୀ ବଞ୍ଚାଅ ଆନ୍ଦୋଳନର ଆବାହକ ସୁଦର୍ଶନ ଦାସ, ନଦୀ ଘାଟି ମୋର୍ଚ୍ଚାର ଆବାହକ ଗୌତମ ବନ୍ଦୋପାଧ୍ୟାୟ, ରାଷ୍ଟ୍ରୀୟ ଜଳ ବିରାଦରିର ନିର୍ଦ୍ଦେଶକ ଡଃ ସଞ୍ଜୟ ସିଂହ ଆୟୋଜନ କରିଥିଲେ। ଓଡ଼ିଶାରୁ ଏଥିରେ ବିଜୟ ପ୍ରଧାନ, ସଚ୍ଚିକାନ୍ତ ପ୍ରଧାନ, ଅର୍ଜୁନ ସାମନ୍ତରାୟ, ଅଶୋକ ପ୍ରଧାନ ପ୍ରମୁଖ ଯୋଗ ଦେଇଥିବା ବେଳେ ଛତିଶଗଡ଼ର ବିଭିନ୍ନ ନଦୀ ଅବବାହିକାରୁ ଅନେକ ସାମାଜିକ କର୍ମୀ, ଲୋକ ପ୍ରତିନିଧି, ବୁଦ୍ଧିଜୀବୀମାନେ ଯୋଗ ଦେଇଥିଲେ ବୋଲି ମହାନଦୀ ବଞ୍ଚାଅ ଆନ୍ଦୋଳନର ମୁଖପାତ୍ର ପ୍ରସନ୍ନ ବିଷୋୟୀ ଗଣମାଧ୍ୟମକୁ କହିଛନ୍ତି।

# ୫୦% ପିଲା ବୁଝି ପାରୁନାହାନ୍ତି ବିଦ୍ୟାଳୟ ପାଠ୍ୟକ୍ରମ

ଭୁବନେଶ୍ୱର, ୨୮।୮(ସମିସ): ବିଦ୍ୟାଳୟରେ ପଢ଼ାଯାଉଥିବା ପାଠ୍ୟକ୍ରମକୁ ଛାତ୍ରଛାତ୍ରୀମାନେ ବୁଝି ପାରୁ ନାହାନ୍ତି। ଏଥିପାଇଁ ସେମାନେ ଘରୋଇ କୋଚିଂ ଉପରେ ନିର୍ଭର ହେଉଛନ୍ତି। ଉଭୟ ସରକାରୀ ଓ ଘରୋଇ ବିଦ୍ୟାଳୟରେ ସମାନ ପରିସ୍ଥିତି। ଓଡ଼ିଶାରେ ପ୍ରାୟ ୫୦ ପ୍ରତିଶତରୁ ଅଧିକ ଛାତ୍ରଛାତ୍ରୀ ଘରୋଇ କୋଚିଂ ସେଣ୍ଟର ଉପରେ ନିର୍ଭରଶୀଳ ହେଉଥିବା କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରକାଶ ପାଇଥିବା ଶିକ୍ଷା ସମ୍ବନ୍ଧୀୟ ବ୍ୟାପକ ମଡ୍ୟୁଲାର ସର୍ଭେ (ସିଏମ୍‌ଏସ୍)ରୁ ଜଣା ପଡ଼ିଛି।

ଚଳିତ ବର୍ଷ ଏପ୍ରିଲ-ଜୁନ୍ ମାସରେ କରାଯାଇଥିବା ସର୍ଭେରୁ ଜଣାପଡିଛି ଯେ ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳରେ ପ୍ରାଥମିକରୁ ଉଚ୍ଚ ମାଧ୍ୟମିକ ଶ୍ରେଣୀ ପର୍ଯ୍ୟନ୍ତ ୫୭.୧ ପ୍ରତିଶତ ଛାତ୍ରଛାତ୍ରୀ ଘରୋଇ କୋଚିଂ ନେଉଛନ୍ତି। ଗ୍ରାମାଞ୍ଚଳ ତୁଳନାରେ ସହରାଞ୍ଚଳରେ ଅଧିକ ଛାତ୍ରଛାତ୍ରୀ କୋଚିଂ ଉପରେ ନିର୍ଭରଶୀଳ ଅଛନ୍ତି। ଗ୍ରାମାଞ୍ଚଳରେ ଏହାର ମାତ୍ରା ୫୪.୬ ପ୍ରତିଶତ ଥିବାବେଳେ ସହରାଞ୍ଚଳରେ ୬୬.୬ ପ୍ରତିଶତ ରହିଛି। ସେହିପରି ମାଧ୍ୟମିକ ସ୍ତର ଅର୍ଥାତ୍ ନବମ ଓ ଦଶମ ଶ୍ରେଣୀର ସବୁଠାରୁ ଅଧିକ ଅର୍ଥାତ୍ ୬୮.୭ ପ୍ରତିଶତ ପିଲାମାନେ

■ ଘରୋଇ କୋଚିଂ ଉପରେ ନିର୍ଭରଶୀଳ ଛାତ୍ରଛାତ୍ରୀ
■ ଗ୍ରାମାଞ୍ଚଳ ତୁଳନାରେ ସହରାଞ୍ଚଳରେ ଅଧିକ ଟ୍ୟୁସନ୍
■ ଅଧିକ କୋଚିଂ ନେଉଛନ୍ତି ନବମ ଓ ଦଶମ ଶ୍ରେଣୀ ପିଲା

କୋଚିଂ ନେଉଛନ୍ତି। ପ୍ରାଥମିକ ଶିକ୍ଷା ପୂର୍ବରୁ ୩୪.୨ ପ୍ରତିଶତ ଛାତ୍ରଛାତ୍ରୀଙ୍କୁ ସେମାନଙ୍କ ପିତାମାତା ନିଜେ ପଢ଼ାଉଛନ୍ତି କିମ୍ବା ପ୍ରାଥମିକ ଶ୍ରେଣୀ ପାଇଁ ପ୍ରସ୍ତୁତ କରିବାକୁ ଟ୍ୟୁସନ୍ ଦେଉଛନ୍ତି। ଅନୁରୂପ ଭାବେ ଛାତ୍ରଛାତ୍ରୀଙ୍କ ପାରିବାରିକ ଖର୍ଚ୍ଚ ଏବଂ କୋଚିଂ ଫି' ଉପରେ ମଧ୍ୟ ସର୍ଭେରେ ଗୁରୁତ୍ୱ ଦିଆଯାଇଥିଲା। ସହରାଞ୍ଚଳରେ ଘରୋଇ କୋଚିଂ ବାବଦକୁ ବାର୍ଷିକ ହାରାହାରି ୧୦,୮୯୯ ଟଙ୍କା ଖର୍ଚ୍ଚ କରାଯାଉଥିବାବେଳେ ଗ୍ରାମାଞ୍ଚଳରେ ୩,୫୪୭ ଟଙ୍କା ବ୍ୟୟ ହେଉଛି। ଅର୍ଥାତ୍ ଗ୍ରାମାଞ୍ଚଳ ତୁଳନାରେ ପ୍ରାୟ ୩ଗୁଣା ଅଧିକ ଖର୍ଚ୍ଚ ସହରାଞ୍ଚଳରେ ହେଉଥିବା ଜଣା ପଡ଼ିଛି। ପ୍ରାଥମିକ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ ବାର୍ଷିକ ହାରାହାରି ୧,୨୩୮ ଟଙ୍କା ଖର୍ଚ୍ଚ ହେଉଥିବାବେଳେ ମାଧ୍ୟମିକ ସ୍ତର ବେଳକୁ ଏହା ୧୦,୪୦୧ ଟଙ୍କାରେ ପହଞ୍ଚିଛି।

ଘରୋଇ କୋଚିଂ ବ୍ୟତୀତ ସ୍କୁଲ୍ ଫି, ପରିବହନ, ୟୁନିଫର୍ମ, ପାଠ୍ୟପୁସ୍ତକ, ଷ୍ଟେସନାରୀ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ମଧ୍ୟ ପରିବାରବର୍ଗ ବହନ କରୁଛନ୍ତି। ପ୍ରାଥମିକ ଶିକ୍ଷା ସ୍ତରରେ ସରକାରୀ ବିଦ୍ୟାଳୟର ପିଲାଙ୍କ ପାଇଁ ହାରାହାରି ୧,୧୯୬ ଟଙ୍କା ଖର୍ଚ୍ଚ ହେଉଥିବାବେଳେ ଘରୋଇ ବିଦ୍ୟାଳୟ ପିଲାଙ୍କ ପାଇଁ ହାରାହାରି ୨୪,୫୨୭ ଟଙ୍କା ବ୍ୟୟ କରୁଛନ୍ତି। ସେହିପରି ମାଧ୍ୟମିକ ଶିକ୍ଷା ସ୍ତରରେ ସରକାରୀ ସ୍କୁଲ ପିଲାଙ୍କ ପିଛା ୮,୧୧୭ ଟଙ୍କା ଏବଂ ଘରୋଇ ସ୍କୁଲ ପିଲାଙ୍କ ପିଛା ୪୦,୧୪୭ ଟଙ୍କା ଖର୍ଚ୍ଚ ହେଉଛି। ସହରାଞ୍ଚଳରେ ପଢୁଥିବା ପିଲାଙ୍କ ପାଇଁ ସମସ୍ତ ବର୍ଗରେ ଅଧିକ ଦେୟ ଦେବାକୁ ପଡୁଥିବା ସର୍ଭେରୁ ଜଣା ପଡ଼ିଛି। ଉଭୟ ସରକାରୀ ଓ ଘରୋଇ ବିଦ୍ୟାଳୟରେ ହାରାହାରି ଗୋଟିଏ ପିଲାର ପଢ଼ିବା ବାବଦକୁ ୧୪,୧୪୫ ଟଙ୍କା ପାଠ୍ୟକ୍ରମ ଫି' ରହୁଥିବାବେଳେ ପରିବହନ ବାବଦକୁ ୪,୪୩୮ ଟଙ୍କା ଖର୍ଚ୍ଚ ହେଉଥିବା ଆକଳନ କରାଯାଇଛି।

ସେହିପରି ରାଜ୍ୟର ୯୨ ପ୍ରତିଶତ ଛାତ୍ରଛାତ୍ରୀ ସେମାନଙ୍କ ଶିକ୍ଷା ପାଇଁ ପାଣ୍ଠିର ପ୍ରଥମ ଓ ପ୍ରମୁଖ ଉତ୍ସ ପରିବାର ସଦସ୍ୟଙ୍କଠାରୁ ଥିବାବେଳେ ମାତ୍ର ୨.୩ ପ୍ରତିଶତ ଛାତ୍ରଛାତ୍ରୀ ସରକାରୀ ବୃତ୍ତି ରାଶି ସେମାନଙ୍କର ପ୍ରମୁଖ ପାଣ୍ଠି ଥିଲା ବୋଲି ଦର୍ଶାଇଛନ୍ତି।

# ମନ୍ଦିରରେ ନିଆଁ ଲାଗି ଜଳିଗଲେ ତିନି ଠାକୁର

ବ୍ରହ୍ମଗିରି,୨୮।୮(ସମିସ): ଗୁରୁବାର ବ୍ରହ୍ମଗିରି ଥାନା ଅନ୍ତର୍ଗତ କାଣ୍ଡଗୋଦା ଗ୍ରାମରେ ଥିବା ଜଗନ୍ନାଥ ମନ୍ଦିର ଭିତରେ ନିଆଁ ଲାଗିଯାଇଛି। ଏହି ନିଆଁରେ ପ୍ରଭୁ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ ଦେବୀ ସୁଭଦ୍ରା ତିନି ବିଗ୍ରହ ଜଳିଯାଇଛନ୍ତି। ମନ୍ଦିର ପୂଜକ ରାତିରେ ନୀତି ସାରି କବାଟ ବନ୍ଦ କରି



ଯିବାର କିଛି ସମୟ ପରେ ମନ୍ଦିରରୁ ଧୂଆଁ ବାହାରୁଥିବା ଦେଖି ଗାଁ ଲୋକେ ତାଲା ଭାଙ୍ଗି ନିଆଁକୁ ଆୟତ୍ତ କରିଥିଲେ। କିନ୍ତୁ ସେତେବେଳକୁ ତିନି ବିଗ୍ରହ ନିଆଁରେ ଜଳି ସାରିଥିଲେ। ଅସାବଧାନତା ଯୋଗୁଁ ଦୀପରୁ ନିଆଁ ଲାଗିଥିବା ସନ୍ଦେହ କରାଯାଉଛି।

# ଆଜିଠୁ ଏସ୍‌ସି/ଏସ୍‌ଟି କଲ୍ୟାଣ କମିଟି ଅଧ୍ୟକ୍ଷଙ୍କ ସମ୍ମିଳନୀ

ଭୁବନେଶ୍ୱର,୨୮।୮(ସମିସ): ଶୁକ୍ରବାରଠାରୁ ରାଜଧାନୀ ଭୁବନେଶ୍ୱରରେ ଅନୁଷ୍ଠିତ ହେବ ସଂସଦ ଓ ବିଧାନସଭାର ଅନୁସୂଚିତ ଜାତି (ଏସ୍‌ସି) ଏବଂ ଅନୁସୂଚିତ ଜନଜାତି (ଏସ୍‌ଟି) କଲ୍ୟାଣ କମିଟିର ଅଧ୍ୟକ୍ଷ

## ଉଦ୍‌ଘାଟନ କରିବେ ଲୋକସଭା ବାଚସ୍ପତି ଓମ୍ ବିର୍ଲା

ଏବଂ ସଦସ୍ୟମାନଙ୍କର ଦୁଇଦିନିଆ ଜାତୀୟ ସମ୍ମିଳନୀ। ଲୋକସେବା ଭବନର କନ୍‌ଭେନସନ୍ ସେଣ୍ଟରଠାରେ ଆୟୋଜିତ ଏହି ସମ୍ମିଳନୀକୁ ଲୋକସଭା ବାଚସ୍ପତି ଓମ୍ ବିର୍ଲା ଉଦଘାଟନ କରିବେ। ଏ ସମ୍ପର୍କରେ ବାଚସ୍ପତି ସୁରମା ପାଢ଼ୀ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଶ୍ରୀମତୀ ପାଢ଼ୀ କହିଛନ୍ତି ଯେ ଦୀର୍ଘ ବର୍ଷର ବ୍ୟବଧାନ ପରେ ଓଡ଼ିଶାରେ ଏହି ଧରଣର ଜାତୀୟ ସମ୍ମିଳନୀ ପ୍ରଥମ ଥର ପାଇଁ ଅନୁଷ୍ଠିତ ହେଉଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ, କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟସଭାର ଉପାଧ୍ୟକ୍ଷ ହରିବଂଶ ନାରାୟଣ ସିଂ ଏବଂ ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି କଲ୍ୟାଣ ସଂସଦୀୟ କମିଟିର ଅଧ୍ୟକ୍ଷ ଡକ୍ଟର ଫଗନ ସିଂହ କୁଲସ୍ତେ ଏହି ସମାବେଶକୁ ସମ୍ବୋଧିତ କରିବେ। ସଂସଦ ଏବଂ ରାଜ୍ୟ / କେନ୍ଦ୍ର ଶାସିତ ପ୍ରଦେଶ ବିଧାନସଭାର ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି କଲ୍ୟାଣ କମିଟିର ଅଧ୍ୟକ୍ଷ ଏବଂ ସଦସ୍ୟ, ଓଡ଼ିଶା ସରକାରଙ୍କ ମନ୍ତ୍ରୀ ଏବଂ ଓଡ଼ିଶା ବିଧାନସଭାର ସଦସ୍ୟ ଓ ସାଂସଦମାନେ ଉଦଘାଟନୀ କାର୍ଯ୍ୟକ୍ରମରେ ଯୋଗଦେବେ। ଏହି ସମ୍ମିଳନୀରେ ସଂସଦ ଏବଂ ରାଜ୍ୟ / କେନ୍ଦ୍ର ଶାସିତ ପ୍ରଦେଶ ବିଧାନସଭାର ଅନୁସୂଚିତ ଜାତି ଏବଂ ଜନଜାତି କଲ୍ୟାଣ କମିଟିର ଅଧ୍ୟକ୍ଷ ଏବଂ ସଦସ୍ୟମାନେ ଯୋଗଦେବେ। ଚଳିତ ସମ୍ମିଳନୀର ବିଷୟବସ୍ତୁ ରହିଛି "ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତିଙ୍କ କଲ୍ୟାଣ, ବିକାଶ ଏବଂ ସଶକ୍ତିକରଣରେ ସଂସଦୀୟ ଏବଂ ବିଧାନସଭା କମିଟିର ଭୂମିକା'।

## ମତ୍ସ୍ୟଜୀବୀଙ୍କ ପାଇଁ କାଳ ସାଜିଛି ପଥର ବନ୍ଧ

# ଋଷିକୁଲ୍ୟା ମୁହାଣରେ ଡଙ୍ଗା ଓଲଟି ଜଣେ ମୃତ

ଛତ୍ରପୁର/ଗଞ୍ଜାମ,୨୮।୮(ସମିସ): ଗଞ୍ଜାମ ବ୍ଲକ ଅନ୍ତର୍ଗତ ପୋଡ଼ମପେଟା ନିକଟରେ ଅବସ୍ଥିତ ଋଷିକୁଲ୍ୟା ମୁହାଣରେ ଡ଼ଙ୍ଗା ଓଲଟି ଜଣେ ମତ୍ସ୍ୟଜୀବୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଛତ୍ରପୁର ବ୍ଲକ ସାନନୋଲିଆ ନୂଆଗାଁର ଏ. କାଲେୟା (୪୯)। ବୁଧବାର ରାତିରୁ ସେ ନିଖୋଜ ଥିବାବେଳେ ଗୁରୁବାର ସନ୍ଧ୍ୟାରେ ଅଳେଶ୍ୱର-ସିଦ୍ଧାନ୍ତନଗର ମଧ୍ୟଭାଗ ବେଳାଭୂମିରୁ ତାଙ୍କ ମୃତଦେହ ମିଳିଛି।

ଅଳେଶ୍ୱର ବେଳାଭୂମିରୁ ମିଳିଲା ମୃତଦେହ



ସୂଚନା ପ୍ରକାରେ ବୁଧବାର ଭୋରରୁ ନୋଲିଆନୂଆଗାଁର ୭ଜଣ ମତ୍ସ୍ୟଜୀବୀ ସମୁଦ୍ରକୁ ମାଛ ଧରିବାକୁ ଯାଇଥିଲେ। ଋଷିକୁଲ୍ୟା ମୁହାଣ ଦେଇ ସମୁଦ୍ର ଭିତରକୁ ଯିବାବେଳେ ଏକ ଉଚ୍ଚ ଲହଡ଼ି ମାଡ଼ରେ ଡଙ୍ଗାଟି ଓଲଟି ପଡ଼ିଥିଲା। ପି. ଏରେୟା, ଏମ. ବାବାଜୀ, ପି. କାମେୟା, ପି. ରଘୁନାଥ, ଏମ୍. ମୋହନ ଓ ପି. ରାମେୟା ୬ ଜଣ ପହଁରି ପହଁରି କୂଳକୁ ଚାଲି ଆସିଥିବାବେଳେ କାଲେୟା ଡ଼ଙ୍ଗା ତଳେ ଚାପିହୋଇ ରହି ଯାଇଥିଲେ। ଅନ୍ଧାର ରାତିରେ ତାଙ୍କୁ ଉଦ୍ଧାର କରାଯାଇପାରିନଥିଲା। ଅଗ୍ନିଶମ କର୍ମଚାରୀ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କ ପତ୍ତା ପାଇନଥିଲେ। ଖବର ପାଇ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ପହଞ୍ଚି ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ଅଧିକାରୀଙ୍କୁ କହିବା ସହ ନିଜେ ମତ୍ସ୍ୟଜୀବୀଙ୍କ ସହ ଡଙ୍ଗାରେ ସମୁଦ୍ରକୁ ଯାଇ ଖୋଜାଖୋଜି କରିଥିଲେ। ଗୁରୁବାର ସନ୍ଧ୍ୟାରେ ଅଳେଶ୍ୱର ବେଳାଭୂମିରେ କାଲେୟାଙ୍କ ମୃତଦେହ ଲାଗିଥିବା ସ୍ଥାନୀୟ ଜଣେ ଯୁବକ ଦେଖିଥିଲେ। ଖବର ପାଇ ରମ୍ଭା ଥାନା ପୁଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଛତ୍ରପୁର ମେଡ଼ିକାଲକୁ ପଠାଇଛି। ଅନ୍ୟପକ୍ଷରେ ଦୀର୍ଘବର୍ଷ ହେଲା ଗୋପାଳପୁର ପୋର୍ଟକୁ ସୁରକ୍ଷା ଦେବା ନିମନ୍ତେ ସମୁଦ୍ର ମଧ୍ୟରେ ପଥର ବନ୍ଧ ନିର୍ମାଣ ହୋଇଛି। ଫଳରେ ଦକ୍ଷିଣରେ ରାମେୟାପାଟଣାଠାରୁ ଉତ୍ତରରେ ପ୍ରୟାଗୀ ମଧ୍ୟରେ ଉଚ୍ଚ ଲହଡ଼ି ସୃଷ୍ଟି ହେଉଛି, ଯାହା ଆମ ପାଇଁ କାଳ ସାଜୁଛି ବୋଲି ମତ୍ସ୍ୟଜୀବୀ ଅଭିଯୋଗ କରି ଆସୁଛନ୍ତି। ସ୍ଥାନୀୟ ତହସିଲଦାର ସୁକାନ୍ତ ଚନ୍ଦ୍ର ମିଶ୍ର, ରମ୍ଭା ଥାନା ଅଧିକାରୀ କୁମର ମୁଦୁଲି, ଗଞ୍ଜାମ ଥାନା ଆଇଆଇସି ସୁମିତ୍ରା ପାତ୍ର, ହୁମ୍ମା ଫାଣ୍ଡି ଅଧିକାରୀ ଶୁଭ୍ରଜିତ ସାମନ୍ତରାୟ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚିଥିଲେ।

# ଇଞ୍ଜେକ୍ସନ ନେବାପରେ ଶିଶୁ ଗୁରୁତର

ପଟ୍ଟାମୁଣ୍ଡାଇ,୨୮।୮(ସମିସ): ପଟ୍ଟାମୁଣ୍ଡାଇ ସବଡିଭିଜନ ହସ୍‌ପିଟାଲରେ ଡାକ୍ତରଙ୍କ ଭୁଲ ଇଞ୍ଜେକ୍ସନ ଯୋଗୁଁ ଜଣେ ଶିଶୁ ଗୁରୁତର ହେବା ଘଟଣାରେ ହସ୍‌ପିଟାଲ ପରିସରରେ ଉତ୍ତେଜନା ପ୍ରକାଶ ପାଇବା ସହିତ ଧାରଣା ଦିଆଯାଇଥିଲା। ସୂଚନା ମୁତାବକ, ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ ମାଟିଆ ଗ୍ରାମର ଆନନ୍ଦ ମଲିକ ତାଙ୍କ ୪ ବର୍ଷର ପୁଅ ରୋହନଙ୍କୁ ଥଣ୍ଡା ଜ୍ୱର ହୋଇଥିବାରୁ ଚିକିତ୍ସା ପାଇଁ ୨୩ ତାରିଖରେ ପଟ୍ଟାମୁଣ୍ଡାଇ ହସ୍‌ପିଟାଲକୁ ଆଣିଥିଲେ। ସେଠାରେ ଡ୍ୟୁଟିରେ ଥିବା ଡାକ୍ତର ରୋହନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଔଷଧ ଓ ଇଞ୍ଜେକ୍ସନ ନେବା ପାଇଁ ପ୍ରେସକ୍ରିପସନ ଲେଖିଥିଲେ। ଏହା ପରେ ରୋହଙ୍କୁ ଇଞ୍ଜେକ୍ସନ ଦେବାରୁ ସେ ହଠାତ ଅସୁସ୍ଥ ହୋଇପଡ଼ିବା ସହିତ

## ପଟ୍ଟାମୁଣ୍ଡାଇ ହସ୍‌ପିଟାଲରେ ଉତ୍ତେଜନା ଓ ଧାରଣା

ବାମ ଗୋଡ଼ ତଳେ ଲାଗି ନ ଥିଲା। ଏ ନେଇ ମେଡିକାଲ ପରିସରରେ ଉତ୍ତେଜନା ପ୍ରକାଶ ପାଇବା ସହିତ ଡାକ୍ତରଙ୍କ ଭୁଲ ଔଷଧ ଓ ଇଞ୍ଜେକ୍ସନ ଦ୍ୱାରା ରୋହନର ଏଭଳି ଅବସ୍ଥା ହୋଇଥିବା ରୋହନଙ୍କ ପରିବାର ଲୋକେ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ରୋହନର ପରିବାର ଲୋକ ପଟ୍ଟାମୁଣ୍ଡାଇ ସବଡିଭିଜନ ହସ୍ପିଟାଲଠାରୁ ଆରମ୍ଭ କରି ଥାନା ଓ ଜିଲ୍ଲାସ୍ତରୀୟ ହସ୍ପିଟାଲ ପର୍ଯ୍ୟନ୍ତ ନ୍ୟାୟ ପାଇଁ ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ସେମାନଙ୍କ ଅଭିଯୋଗ କେହି ଶୁଣି ନ ଥିଲେ। ଉପଯୁକ୍ତ ତଦନ୍ତ ଓ ନ୍ୟାୟ ଦାବିରେ ଆଜି ରୋହନଙ୍କ ପରିବାର ସହିତ ମାଟିଆ ଗ୍ରାମର ଶତାଧିକ ଲୋକ ପଟ୍ଟାମୁଣ୍ଡାଇ ସବଡିଭିଜନ ହସ୍ପିଟାଲ ପରିସରରେ ଧାରଣା ଦେଇଥିଲେ। ଫଳରେ ସବଡିଭିଜନ ହସ୍‌ପିଟାଲ ପରିସରରେ ପ୍ରବଳ ଉତ୍ତେଜନା ପ୍ରକାଶ ପାଇଥିଲା। ଗଣ୍ଡଗୋଳ ଆଶଙ୍କାରେ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ପକ୍ଷରୁ ସବଡିଭିଜନ ହସ୍‌ପିଟାଲ ପରିସରରେ ପୁଲିସ ମୃତୟନ କରାଯାଇଥିଲା। ଶେଷରେ ପଟ୍ଟାମୁଣ୍ଡାଇ ସବଡିଭିଜନ ହସ୍‌ପିଟାଲ ଡାକ୍ତର ଚନ୍ଦ୍ରଶେଖର ଦାଶ ଧାରଣାସ୍ଥଳକୁ ଆସି ରୋହନଙ୍କୁ ଦୁଇଜଣ ମେଡିକାଲ ଷ୍ଟାଫଙ୍କ ଦ୍ୱାରା ଆମ୍ବୁଲାନ୍ସ ଯୋଗେ କଟକ ଶିଶୁ ଭବନକୁ ପଠାଇବା ଓ ସମସ୍ତ ଚିକିତ୍ସା ବ୍ୟବସ୍ଥା କରିବା ପାଇଁ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

# ଭାଇରାଲ୍ ଜ୍ୱର କବଳରେ ଓଡ଼ିଶା

ଭୁବନେଶ୍ୱର, ୨୮।୮(ସମିସ): ଘରେ ଘରେ ଏବେ ଜ୍ୱର, କାଶ, ଥଣ୍ଡା। ଡେଙ୍ଗୁ, ମ୍ୟାଲେରିଆ ଆଦି ପରୀକ୍ଷା କଲେ ରିପୋର୍ଟ ନେଗେଟିଭ୍ ଆସୁଛି; କିନ୍ତୁ ୫ରୁ ୭ ଦିନ ପର୍ଯ୍ୟନ୍ତ ତଣ୍ଟି ଦରଜ ଓ ଗଳା ବସିବା ଭଳି ଲକ୍ଷଣ ଦେଖାଯାଉଛି। ଶରୀରରେ ତାପମାତ୍ରା କିଛି ଦିନ ଯାଏଁ ଲାଗି ରହୁଛି। ରାଜଧାନୀରେ ପ୍ରତି ୫ଜଣରେ ଜଣେ ଏବେ ଏହି ଜ୍ୱରରେ ସଂକ୍ରମିତ ହୋଇଥିବା ଜଣାପଡ଼ିଛି। ଦୈନିକ କ୍ୟାପିଟାଲ୍ ହସ୍ପିଟାଲ୍‌କୁ ଶହ ଶହ ରୋଗୀ ଆସୁଛନ୍ତି। ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ର ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଘରୋଇ ଚିକିତ୍ସାଳୟରେ ମଧ୍ୟ ରୋଗୀଙ୍କ ଲମ୍ବା ଧାଡ଼ି ଲାଗୁଛି। କେବଳ ରାଜଧାନୀ ନୁହେଁ, ସାରା ରାଜ୍ୟରେ ଅର୍ଦ୍ଧାଧିକ ଲୋକ ଏବେ ଏପରି ସ୍ୱାସ୍ଥ୍ୟଗତ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି।

ସୂଚନା ଅନୁସାରେ ଏହି ଜ୍ୱର ଓ ଥଣ୍ଡାରେ ଛୋଟ ପିଲା ଏଥିରେ ଅଧିକ ମାତ୍ରାରେ ସଂକ୍ରମିତ ହେଉଛନ୍ତି। ପିଲାଙ୍କଠାରୁ ବଡ଼ ଲୋକମାନଙ୍କୁ ବ୍ୟାପୁଛି। ପରିବାରରେ କୌଣସି ସଦସ୍ୟଙ୍କୁ ଏହି ଜ୍ୱର ହେଲେ ଧୀରେ ଧୀରେ ସମସ୍ତେ ସଂକ୍ରମିତ ହେଉଛନ୍ତି। କିଛି ସ୍ୱାସ୍ଥ୍ୟ ବିଶେଷଜ୍ଞ ଏହାକୁ ଏଚ୍-୧ ଏନ୍-୧ ଭୂତାଣୁ କହୁଥିବା ବେଳେ କିଛି ଏହାକୁ ଭାଇରାଲ୍ ଫିଭର(ଜ୍ୱର) ବୋଲି କହୁଛନ୍ତି। ହେଲେ ସରକାରୀ ଭାବେ ଏହି ଜ୍ୱରକୁ ନେଇ କୌଣସି ସ୍ପଷ୍ଟ କରାଯାଇନାହିଁ। ତେଣୁ ଏହା କେଉଁ ପ୍ରକାର ଭୂତାଣୁ ବୋଲି କିଛି ସ୍ପଷ୍ଟ ହୋଇପାରୁନି। ରୋଗୀ ଡାକ୍ତରଖାନାରୁ ଓ ଔଷଧ ଦୋକାନରୁ ଥଣ୍ଡା ଓ ସାଧାରଣ ଜ୍ୱର ପାଇଁ ଉଦ୍ଦିଷ୍ଟ ପାରାସିଟାମଲ୍ ଔଷଧ ଖାଇ ସୁସ୍ଥ ଅନୁଭବ କରୁଥିବା କହୁଛନ୍ତି। ଖରା-ବର୍ଷା ସାଙ୍ଗକୁ ଗରମ ଗୁଳୁଗୁଳିରୁ ରକ୍ଷା ପାଇଁ ଲୋକମାନେ ପଙ୍ଖା, ଏସି ଆଦି ବ୍ୟବହାର କରୁଛନ୍ତି।

■ କରୋନା ଭଳି ଘରକୁ ଘର ବ୍ୟାପୁଛି ସଂକ୍ରମଣ
■ ପାଣିପାଗ ପରିବର୍ତ୍ତନକୁ ଦାୟୀ କଲେ ବିଶେଷଜ୍ଞ

ତେଣୁ ଶରୀର ହଠାତ୍ ଥଣ୍ଡା ଓ ଗରମ ଅନୁଭବ କରିବା ଯୋଗୁଁ ଏଭଳି ରୋଗ ଦେଖାଦେଉଥିବା ବିଶେଷଜ୍ଞମାନେ କହିଛନ୍ତି।

ଭାଇରାଲ୍ ଜ୍ୱର ଅତି ସହଜରେ ଜଣଙ୍କଠାରୁ ଅନ୍ୟ ଜଣଙ୍କୁ ହେଉଛି। ବିଶେଷକରି ରୋଗୀ ମାସ୍କ ନ ପିନ୍ଧିଥିବା ବେଳେ ରୋଗୀର ପାଖରେ ବସିବା ଓ ରୋଗୀ ବ୍ୟବହାର କରୁଥିବା ଜିନିଷ ପତ୍ରକୁ ବ୍ୟବହାର କରିବା ଦ୍ୱାରା ହିଁ ସଂକ୍ରମଣ ବୃଦ୍ଧି ପାଉଛି। ତେଣୁ କରୋନା ମହାମାରୀ ସମୟରେ ଯେଭଳି ସାମାଜିକ ଦୂରତା ଓ ମାସ୍କ ବ୍ୟବହାର ବାଧ୍ୟତାମୂଳକ ହୋଇଥିଲା, ଏବେ ସେହି ପନ୍ଥା ଆପଣାଇବା ସହ ଆକ୍ରାନ୍ତ ବ୍ୟକ୍ତି ଥଣ୍ଡା ଓ ପାରାସିଟାମଲ୍ ଭଳି ଔଷଧ ଖାଇବା ଉଚିତ୍ ବୋଲି ଡାକ୍ତରମାନେ ପରାମର୍ଶ ଦେଇଛନ୍ତି। ଏହାସହ ଗରମ ବାମ୍ଫ ନେବାକୁ ଡାକ୍ତରମାନେ କହିଛନ୍ତି। ଛୋଟ ଶିଶୁଠାରୁ ଆରମ୍ଭ କରି ବୟସ୍କ ବ୍ୟକ୍ତି ସମସ୍ତେ ଏହି ଚିକିତ୍ସା ପଦ୍ଧତିକୁ ଆପଣାଇବା ଆବଶ୍ୟକ ବୋଲି ବିଶେଷଜ୍ଞମାନେ ପରାମର୍ଶ ଦେଉଛନ୍ତି। ଭେଷଜ ବିଶେଷଜ୍ଞ ଡାକ୍ତର ମହେନ୍ଦ୍ର କୁମାର ବେହେରା କହିଛନ୍ତି, ସାଧାରଣତଃ ପାଗରେ ପରିବର୍ତ୍ତନ ଆସିବା କାରଣରୁ ଥଣ୍ଡା ଜ୍ୱର ହେବା ସ୍ୱାଭାବିକ। ଏହାକୁ ନେଇ ଆଦୌ ଚିନ୍ତିତ ହେବା ଉଚିତ ନୁହେଁ। ଏହା ସଂକ୍ରମିତ ଜ୍ୱର ହୋଇଥିବାରୁ ଜଣଙ୍କଠାରୁ ଅନ୍ୟ ଜଣଙ୍କୁ ନ ବ୍ୟାପିବା ନେଇ ସତର୍କ ରହିବା ପାଇଁ ସେ ପରାମର୍ଶ ଦେଇଛନ୍ତି। ଏଥିରେ ବରିଷ୍ଠ ନାଗରିକମାନେ ଟିକେ ଅଧିକ ସତର୍କ ହୋଇ ଚଳିବା ଉଚିତ। କାରଣ ସେମାନଙ୍କ ରୋଗ ପ୍ରତିରୋଧକ ଶକ୍ତି ସାଧାରଣତ କମ୍ ରହିଥାଏ। ତେଣୁ ଥରେ ଜ୍ୱରରେ ଆକ୍ରାନ୍ତ ହେଲେ ସୁସ୍ଥ ହେବା ପାଇଁ ମାତ୍ରାଧିକ ସମୟ ଲାଗିପାରେ। ସଂପୂର୍ଣ୍ଣ ସୁସ୍ଥ ହେବା ପାଇଁ ପାଖାପାଖି ୨୦ ଦିନ ସମୟ ଲାଗିବ ବୋଲି ସେ କହିଛନ୍ତି।

PARADEEP PARIVAHAN LIMITED

**PARADEEP PARIVAHAN LIMITED**

(CIN: L63090OR2000PLC006379)
Regd Office: Room no.204, Above OBC, Bank Street, Port Town, Paradeep, Jagatsinghpur 754142, Odisha, India
Phone no. 06722-223416, 0674-2590169, Mail: ho@paradeepparivahan.com
Corporate Office: A-29, Pallaspalli, Near AirPort, Bhubaneswar, Pin- 751020, Odisha, India
Tel/ Fax- 0674-2590169, Mail:info@paradeepparivahan.com
Web Site: www.paradeepparivahan.com

**NOTICE OF 25TH ANNUAL GENERAL MEETING AND REMOTE E-VOTING**

NOTICE IS HEREBY GIVEN THAT THE 25TH ANNUAL GENERAL MEETING (AGM) OF THE MEMBERS OF PARADEEP PARIVAHAN LIMITED WILL BE HELD ON FRIDAY, SEPTEMBER 19, 2025, AT 12.30 P.M.(IST) AT THE EMPIRES HOTEL PARADIP AT MARINE DRIVE ROAD, PARADIP PORT, JAGATSINGHPUR-754142, ODISHA, INDIA.

Notice of the AGM setting out the business to be transacted, along with Proxy Form, Annual Report of the Company for the year ended March 31, 2025 have been sent in electronic mode on August 28, 2025 to the members whose e-mail IDs are registered with the Company or Depository Participant(s).

Members are hereby informed that the notice of the 25th Annual General Meeting and 25th Annual Report of the company are available on the website of the company www.paradeepparivahan.com . The Notice & Annual Report are also available for inspection at the registered office of the company on all working days during business hours of the Company.

Pursuant to the provisions of Section 108 of the Companies Act, 2013 read with Rule 20 of the Companies (Management and Administration) Amendment Rules, 2015 and Regulation 44 of SEBI (Listing Obligation and Disclosure Requirement) Regulations, 2015, and Secretarial Standard on General Meetings issued by the Institute of Company Secretaries of India members are provided with the facility to cast their votes on all resolutions set forth in the Notice of the Annual General Meeting using electronic voting. The facility for voting through Ballot Paper shall also be made available at the AGM and the members attending the AGM, who have not cast their vote by remote e-voting and otherwise not barred from attending the meeting, shall be able to exercise their right to vote at the AGM through Ballot Paper. The members who have already cast their vote by remote e-voting may attend the AGM but shall not be entitled to cast their vote again. In order to enable its members, who do not have access to e-voting facility, to send their assent or dissent in writing in respect of the resolutions as set out in the Notice of Annual General Meeting; the Company has also enclosed a ballot form with the Annual Report for 2024-25.

All members are hereby informed that:

1. The ordinary and special business as set out in the Notice of AGM may be transacted through voting by electronic means;
2. Date of completion of dispatch of Notice of AGM and Annual Report: August 28, 2025;
3. The remote e-voting shall commence on Monday, September 15, 2025 at 9:00 a.m. (IST) and end on Thursday, September 18, 2025 at 5.00 p.m. (IST);
4. The remote e-voting shall not be allowed beyond Thursday, September 18, 2025 at 5.00 p.m. (IST);
5. The cut-off date for determining the eligibility to vote through remote e-voting or at the AGM will be Friday, September 12, 2025;
6. A person who has acquired shares and become a member of the Company after the dispatch of notice of Annual General Meeting and holding shares as of cut-off date, may obtain the login ID and password by sending a request at www.evoting.nsdl.com and https://ivote.bigshareonline.com . However, if the person is already registered with NSDL for remote e-voting then the existing user ID and password can be used for casting vote.
7. The facility for voting, either through electronic voting system or ballot or polling paper shall also be made available at the venue of the Annual General Meeting and Members who have not already casted their vote by remote e-voting shall be able to exercise their right at the Annual General Meeting. The Members who have casted their vote by remote e-voting prior to the Annual General Meeting may also attend the Annual General Meeting but shall not be entitled to cast their vote again.
8. A person, whose name is registered in the Register of members or in the register of beneficial owners maintained by the depositories as on the cut-off date i.e. Friday, September 12, 2025 only shall be entitled to avail the facility of remote e-voting or voting through" electronic voting system" or ballot form at the AGM;
9. Shareholders holding shares in physical form (who have not registered their e-mail address) are requested to furnish their e-mail addresses and mobile numbers with the Company's RTA viz. Bigshare Services Pvt. Ltd.
10. Members holding shares in physical form or who have not registered their e-mail addresses with the Company can cast their vote through remote e-voting or e-voting at the AGM by following the below process for obtaining the e-voting credentials:

a) In case of shares held in physical form, please provide copy of the signed request letter mentioning the Folio Number, name and address of the shareholder, scanned copy of the share certificate (front and back), Self-attested copy of the PAN card and self-attested copy of any document (e.g. Driving License, Election Identity Card, Passport) in support of the address of the shareholder by email to RTA E-mail Id: ivote@bigshareonline.com or to the Company E-mail Id: cs@paradeepparivahan.com.

b) In case of shares held in demat form, please provide Demat account details (CDSL:-16 digit beneficiary ID or NSDL:-16 digit DPID + CLIO), Name of shareholder, client master or copy of consolidated Account statement, Self-attested copy of the PAN card and self-attested copy of Aadhaar Card by email to ivote@bigshareonline.com or to the Company E-mail Id: cs@paradeepparivahan.com

11. In case shareholders/ investor have any queries regarding E-voting, you may refer the Frequently Asked Questions ('FAQs') and i-Vote e-Voting module available at https://ivote.bigshareonline.com, under download section or you can email us to ivote@bigshareonline.com or call us at: 1800 22 54 22. Alternatively, the Members may also write an e-mail to the Company at cs@paradeepparivahan.com for any queries/ information.

By Order of the Board of Directors
For PARADEEP PARIVAHAN LIMITED
SD/- Khalid Khan
Managing Director
DIN: 06432054

Place: Bhubaneswar
Date: 20.08.2025

## ଗୋଚର ଜମିରୁ ବାଲି ଉତ୍ତୋଳନ; ଜେସିବି ଓ ହାଇୱା ଜବତ

ବଳଙ୍ଗା,୨୮ା୮(ସମିସ): ଗୋଚର ଜମିରୁ ପୋତା ବାଲି ଉତ୍ତୋଳନକୁ ନେଇ ବଳଙ୍ଗା ଥାନା ଗୋପୀନାଥପୁର ଗ୍ରାମରେ ଉତ୍ତେଜନା ଦେଖାଦେଇଛି। ଖବର ପାଇ ବଳଙ୍ଗା ପୁଲିସ ଘଟଣାସ୍ଥଳରୁ ଗୋଟିଏ ହାଇୱା ସହ ଗୋଟିଏ ଜେସିବି ମେସିନକୁ ଜବତ କରି ଥାନାକୁ ଆଣି ତଦନ୍ତ ଜାରି ରଖିଛି। ସୂଚନା ମୁତାବକ, ବଳଙ୍ଗା ବାୟାବରଠାରୁ ଗୋପୀନାଥପୁର ପ୍ରଧାନମନ୍ତ୍ରୀ ରାସ୍ତାର ପ୍ରଶସ୍ତୀକରଣ କାର୍ଯ୍ୟ ଚାଲୁରହିଛି। ଏହି ରାସ୍ତା କାର୍ଯ୍ୟ କରୁଥିବା ଜନୈକ ଠିକାଦାରଙ୍କ ପୋତାବାଲିର ଆବଶ୍ୟକ ଥିବାରୁ ସେ ଗୁରୁବାର ପୂର୍ବାହ୍ଣରେ ଗ୍ରାମର ଗୋଚର ଜମିରେ ଥିବା କୁଦରୁ ବେଆଇନ ଭାବେ ଜେସିବି ମେସିନ ଦ୍ୱାରା ହାଇୱାରେ ବାଲି ନେବା ପାଇଁ ଲୋଡ୍ କରୁଥିଲେ। ଏହାକୁ ନେଇ ଗ୍ରାମରେ ଉତ୍ତେଜନା ଦେଖାଦେଇଥିଲା। ଏନେଇ ବଳଙ୍ଗା ପୁଲିସ ସୂଚନା ପାଇ ଘଟଣାସ୍ଥଳରେ ପହଞ୍ଚି ଜେସିବି ଓ ହାଇୱାକୁ ଜବତ କରି ଥାନାକୁ ନେଇ ତଦନ୍ତ ଜାରି ରଖିଛି।

## ତେଜରାତି ଦୋକାନରୁ ଚୋରି କରି ଗିରଫ

ବଳଙ୍ଗା,୨୮ା୮(ସମିସ): ବଳଙ୍ଗା ଥାନା ଦଳଭାଣପୁର ଗ୍ରାମର ମେଳଣ ପଡ଼ିଆରେ ଥିବା କ୍ୟାବିନ୍ ଭାଙ୍ଗି ଗ୍ରୋସରୀ ସାମଗ୍ରୀ ଓ ନଗଦ ଟଙ୍କା ଚୋରି ମାମଲାରେ ପୁଲିସ ଜଣେ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଜଣକ ଦଳଭାଣପୁର ଗ୍ରାମର କୁଶ ବେହେରା ବୋଲି ପୁଲିସ ସୂଚନା ଦେଇଛି। ପୂର୍ବରୁ ଏହି ମାମଲାରେ ସେହି ଗ୍ରାମର ଆଶିଷ ନାରାୟଣ ବେହେରାକୁ ଗିରଫ କରାଯାଇଥିଲା। ସୂଚନା ମୁତାବକ, ଗ୍ରାମର ସୂର୍ଯ୍ୟକାନ୍ତ ବାଘଙ୍କର ମେଳଣ ପଡ଼ିଆରେ ଏକ କ୍ୟାବିନ୍‌ରେ ଗ୍ରୋସରୀ ଦୋକାନ କରିଥିଲାବେଳେ ଅଭିଯୁକ୍ତ ଗତ ୨୦ ତାରିଖ ବିଳମ୍ବିତ ରାତିରେ ଦୋକାନ କ୍ୟାବିନ୍ ଭାଙ୍ଗି ୧୦ହଜାର ଟଙ୍କାର ଗ୍ରୋସରୀ ସାମଗ୍ରୀ ଓ ନଗଦ ୨ହଜାର ଟଙ୍କା ଚୋରି କରିନେଇଥିଲେ। ଏନେଇ ସୂର୍ଯ୍ୟକାନ୍ତ ଘଟଣାର ପରଦିନ ଥାନାରେ ଅଭିଯୋଗ କରିବା ପରେ ଥାନାରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲା।

## ସଡ଼କ ଦୁର୍ଘଟଣାରେ ଦୁଇ ଆହତ

ନୟାହାଟ,୨୮ା୮(ସମିସ): ନୟାହାଟ ଫାଣ୍ଡି ଅନ୍ତର୍ଗତ ପାଣିଛତ୍ର ଓ ଯୋଗେଶ୍ୱରପୁରଠାରେ ସଡ଼କ ଦୁର୍ଘଟଣାରେ ଦୁଇ ଜଣ ଆହତ ହୋଇଥିବାବେଳେ ନୟାହାଟ ଫାଣ୍ଡି ଅଧିକାରୀ ଶ୍ରୀଧର ମଲ୍ଲିକ ଘଟଣାସ୍ଥଳରେ ପହଞ୍ଚି ଆହତ ବ୍ୟକ୍ତିଙ୍କୁ ଚିକିତ୍ସା ପାଇଁ ପଠାଇଥିବାବେଳେ ଦୁଇଟି ବାଇକ୍ ଜବତ କରିଛନ୍ତି। ଆହତ ବ୍ୟକ୍ତିଦ୍ୱୟ ହେଲେ ନିଆଳି ଥାନା ଅଞ୍ଚଳର ବିରଞ୍ଚି ପରିଡ଼ା ଓ ନୟାହାଟ ଫାଣ୍ଡି ଅନ୍ତର୍ଗତ ମଧୁବନ ଗ୍ରାମର ଶ୍ରଦ୍ଧାଞ୍ଜଳି ସାହୁ। ଏ ସମ୍ପର୍କରେ ଗୋପ ଥାନାରେ କେସ୍ ନମ୍ବର ୨୬୬/୨୫ ଓ ୨୭୧/୨୫ ଦୁଇଟି ମୋକଦ୍ଦମା ରୁଜୁ କରାଯାଇଛି।

## ସଡ଼କ ଦୁର୍ଘଟଣାରେ ଜଣେ ମୃତ, ୩ ଆହତ



ବ୍ରହ୍ମଗିରି,୨୮ା୮(ସମିସ): ଗୁରୁବାର ପୁରୀ-ସାତପଡ଼ା ଜାତୀୟ ରାଜପଥର ରାୟପୁର ଛକ ନିକଟରେ ଏକ ସଡ଼କ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ହେବା ସହିତ ୩ ଜଣ ଗୁରୁତର ଆହତ ହୋଇଛନ୍ତି। ଆହତମାନଙ୍କୁ ପ୍ରଥମେ ରେବଣା ନୂଆଗାଁ ପ୍ରାଥମିକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ତାଙ୍କର ଅବସ୍ଥା ଗୁରୁତର ହେବାରୁ ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତରିତ କରାଯାଇଛି। ପ୍ରକାଶ ଯେ, ପୁରୀ-ସାତପଡ଼ା ରାସ୍ତା ରାୟପୁର ଛକଠାରେ ପୁରୀ ପଟୁ ଆସୁଥିବା ଏକ ବ୍ୟାଟେରି ଟୋଟ ଅଟୋ ସହ ସାତପଡ଼ାରୁ ପର୍ଯ୍ୟଟକ ନେଇ ଆସୁଥିବା କାର୍ ମୁହାଁମୁହିଁ ଧକ୍କା ହୋଇଥିଲା। ଅଟୋ ଚାଳକଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବାବେଳେ କାର୍‌ରେ ଥିବା ଡ୍ରାଇଭରଙ୍କ ସମେତ ୩ଜଣ ଗୁରୁତର ହୋଇଛନ୍ତି। ମୃତ ଯୁବକ ଅରଖକୁଦା ଥାନା ଗୋପୀନାଥପୁର ଗାଁର ସ୍ୱରାଜ୍ୟ ବେହେରା (୩୫) ବୋଲି ଜଣାପଡ଼ିଛି। କାର୍ ଡ୍ରାଇଭର ଅଟୋକୁ ଧକ୍କା ଦେଇ ଭାରସାମ୍ୟ ହରାଇ ଏକ ଗଛରେ ପିଟି ହୋଇଛି। ଗାଡ଼ିଟିର ଆଗ ପଟ ସମ୍ପୂର୍ଣ୍ଣ ଭାଙ୍ଗି ଯାଇଛି। ଗାଡ଼ି ଚାଳକ ନିଶାସକ୍ତ ଥିବା କିଛି ସ୍ଥାନୀୟ ଲୋକ କହିଛନ୍ତି। ଅରଖକୁଦା ମେରାଇନ୍ ଥାନା ଦୁର୍ଘଟଣାସ୍ଥଳରେ ପହଞ୍ଚି ଦୁଇଟିଯାକ ଗାଡ଼ିକୁ ଜବତ କରିଛି। କେଉଁ କାରଣରୁ ଦୁର୍ଘଟଣା ହୋଇଛି ଏହି ଘଟଣାର ଅନୁସନ୍ଧାନ କରୁଥିବା ପୁଲିସ କହିଛି।

## ଅଜଣା ଗାଡ଼ି ଧକ୍କାରେ ଦୁଇ ଗୋରୁ ମୃତ

ଗୋପ,୨୮ା୮(ସମିସ): ଗୋପ-କୋଣାର୍କ ରାସ୍ତାର କଲେଜ ଛକ ନିକଟ ସତ୍ୟସାଇ ବିଦ୍ୟାମନ୍ଦିର ସମ୍ମୁଖରେ ଗୁରୁବାର ରାତି ୯ଟା ସମୟରେ ଏକ ଅଜଣା ଦ୍ରୁତଗାମୀ ଗାଡ଼ି ଧକ୍କାରେ ଦୁଇ ଗୋରୁଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, କୋଣାର୍କରୁ ଗୋପ ଅଭିମୁଖେ ଯାଉଥିବା ଏକ ଅଜଣା ଗାଡ଼ି ଗୋପ କଲେଜ ଛକ ନିକଟ ସତ୍ୟସାଇ ବିଦ୍ୟାମନ୍ଦିର ସ୍କୁଲ ନିକଟରେ ବୁଲୁଥିବା ଦୁଇ ବୁଲା ଗୋରୁଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ଦୁଇ ବୁଲା ଗୋରୁଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି।

### କାକଟପୁରକୁ ଏନ୍‌ଏସି ମାନ୍ୟତା ଦାବି

# ବ୍ଲକ୍ କଂଗ୍ରେସର ୧୨ ଘଣ୍ଟିଆ ବନ୍ଦ ସଫଳ

କାକଟପୁର/ବାଙ୍ଗୁରିଗାଁ,୨୮ା୮ (ସମିସ)



ପୁରୀ ଜିଲ୍ଲା କାକଟପୁରର ଅଧିଷ୍ଠାତ୍ରୀ ଦେବୀ ମା' ମଙ୍ଗଳାଙ୍କ ନୀତିକାନ୍ତି ଜଗନ୍ନାଥ ସଂସ୍କୃତି ସହିତ ଓତଃପ୍ରୋତ ଭାବେ ଜଡ଼ିତ। ସେଥିପାଇଁ କାକଟପୁର ସାରା ରାଜ୍ୟରେ ଏକ ପ୍ରମୁଖ ସ୍ଥାନ ଭାବେ ପରିଚିତ। କିନ୍ତୁ ଦୀର୍ଘ ଦିନ ଧରି କାକଟପୁରକୁ ଏନ୍‌ଏସି ମାନ୍ୟତା ପାଇଁ ଦାବି ହୋଇଆସୁଥିଲେ ମଧ୍ୟ ସରକାରଙ୍କ ଉଦାସୀନତା ଯୋଗୁଁ ଏହା ସମ୍ଭବ ହୋଇପାରୁ ନାହିଁ। ପୂର୍ବ ସରକାରଙ୍କ ସମୟରେ କାକଟପୁରକୁ ଏନ୍‌ଏସି ମାନ୍ୟତା ପାଇଁ ଘୋଷଣା ହୋଇଥିଲେ ମଧ୍ୟ ଏହା ଅଦ୍ୟାବଧି ଫାଇଲ୍ ତଳେ ଚାପି ହୋଇ ରହିଛି। ଏହି ପରିପ୍ରେକ୍ଷୀରେ ଗୁରୁବାର କାକଟପୁର ବ୍ଲକ୍ କଂଗ୍ରେସ ପକ୍ଷରୁ ୧୨ ଘଣ୍ଟିଆ ବନ୍ଦ ଡକରା ଦିଆଯାଇଥିବାବେଳେ ଏହାକୁ ସମସ୍ତ ବ୍ୟବସାୟୀ ସଂଘ, ମୋଟର ମାଲିକ ସଂଘ, ବିଭିନ୍ନ ସଂଗଠନ ଏବଂ ସ୍ଥାନୀୟ ଜନସାଧାରଣ ସମର୍ଥନ କରିଥିଲେ। କଂଗ୍ରେସର ବିଧାୟକ ପ୍ରାର୍ଥୀ ତଥା ଯୁବନେତା ବିଶ୍ୱଭୂଷଣ ଦାସ, ବ୍ଲକ୍ କଂଗ୍ରେସର ପୂର୍ବତନ ସଭାପତି ଏବଂ ସଂଯୋଜକ ଯଶୋବନ୍ତ ମହାନ୍ତିଙ୍କ ନେତୃତ୍ୱରେ ଶତାଧିକ କଂଗ୍ରେସ କର୍ମୀ କାକଟପୁରର ବଲରା ଛକ ଏବଂ ମେଡିକାଲ ଛକରେ ପିକେଟିଂ କରିବା ସହ ରାସ୍ତାରୋକ କରି ସରକାରଙ୍କ ବିରୋଧରେ ନାରାବାଜି ଦେବା ସହ କାକଟପୁରକୁ ଏନ୍‌ଏସି ମାନ୍ୟତା ନ ମିଳିଲେ ଆଗାମୀ ଦିନରେ ଏ ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ ବୋଲି ରାଜ୍ୟ ସରକାରଙ୍କୁ ଚେତାବନୀ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୁରୀ ଜିଲ୍ଲା କଂଗ୍ରେସ କମିଟି ସଂଯୋଜକ ଇଂ ରାଜେଶ ମିଶ୍ର, ମହିଳା ସଭାପତି ନିରୁପମା ପାତ୍ର, ସାଧାରଣ ସମ୍ପାଦକ ସୌମ୍ୟକାନ୍ତ ଖୁଣ୍ଟିଆ, ସେବା ଦଳ ଅଧ୍ୟକ୍ଷ ବିଶ୍ୱକେଶନ ହରିଚନ୍ଦନ, ଗୋପ କଂଗ୍ରେସ କମିଟି ସଭାପତି ଭାସ୍କର ସେଠ୍, ପିସିସି ପୂର୍ବତନ ସାଧାରଣ ସମ୍ପାଦକ ସୁକାନ୍ତ ପ୍ରଧାନ, ଅସ୍ତରଙ୍ଗ କଂଗ୍ରେସ କମିଟି ସଭାପତି ସୁକାନ୍ତ ମହାନ୍ତି, କୋଣାର୍କ କଂଗ୍ରେସ କମିଟି ସଭାପତି ଉପେନ୍ଦ୍ର କାଣ୍ଡି, ପୂର୍ବତନ କାକଟପୁର ବ୍ଲକ୍ ଅଧ୍ୟକ୍ଷ ବିପିନ ବିହାରୀ ମହାନ୍ତି, ଯୁବନେତା ଜୟନ୍ତ ବେହେରା, ଶେଖ୍ ଲିଆକତଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

## କଣାସରେ ସାର ଅଭାବ; ଚାଷୀ ହନ୍ତସନ୍ତ

କଣାସ,୨୮ା୮(ସମିସ): କେନ୍ଦ୍ର ଓ ରାଜ୍ୟ ସରକାର ଚାଷୀଙ୍କ ପ୍ରଗତି ପାଇଁ ବିଭିନ୍ନ ଯୋଜନା କରି କୋଟି କୋଟି ଟଙ୍କା ଖର୍ଚ୍ଚ କରିଚାଲିଥିବା ବେଳେ ପୁରୀ ଜିଲ୍ଲା କଣାସ ବ୍ଲକ୍‌ର ଚାଷୀ ଚଢ଼ା ଦରରେ ସାର କିଣୁଥିବା ଏବଂ ଆବଶ୍ୟକ ମୁତାବକ ସାର ମିଳୁ ନ ଥିବାରୁ ଚାଷୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରକାଶ ଯେ, କଣାସ ବ୍ଲକ୍‌ର ୨୮ଟି ଗ୍ରାମ ପଞ୍ଚାୟତରେ ୩୦ରୁ ଊର୍ଦ୍ଧ୍ୱ ସାର ବିକ୍ରେତା ସରକାରୀ ସ୍ୱୀକୃତିପ୍ରାପ୍ତ କରିଥିବାବେଳେ ୟୁରିଆ, ୨୮-୨୮ ଗ୍ରୋମର ସାର ବଜାରରେ ମିଳୁନାହିଁ। ୟୁରିଆ ସାର ବସ୍ତା ୨୭୦ ଟଙ୍କା ସରକାରୀ ଧାର୍ଯ୍ୟ ଥିବାବେଳେ ବିଭିନ୍ନ ସ୍ଥାନରେ ୪୦୦ରୁ ୫୦୦ଟଙ୍କା ବିକ୍ରି କରାଯାଉଛି। ୨୮-୨୮ ଗ୍ରୋମର ସାର ବସ୍ତା ପିଛା ସରକାରୀ ମୂଲ୍ୟ ୧୪୫୦ ଟଙ୍କା ଥିବାବେଳେ ୧୮୦୦ରୁ ଊର୍ଦ୍ଧ୍ୱ ଟଙ୍କାରେ ବିକ୍ରି ହେଉଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। କଣାସରେ କୃଷି ଅଧିକାରୀ ପଦ ଦୀର୍ଘ ଦିନ ହେଲା ଖାଲି ପଡ଼ିଥିବାବେଳେ ୮ଦିନ ତଳେ ଜଣେ କୃଷି ଅଧିକାରିଣୀ କଣାସ କୃଷି କାର୍ଯ୍ୟାଳୟରେ ଯୋଗଦେଇଥିଲେ ମଧ୍ୟ ତାଙ୍କର ଦେଖାନାହିଁ। ସାର ଅଭାବ ସମ୍ପର୍କରେ କେତେକ ସରକାରୀ ସ୍ୱୀକୃତିପ୍ରାପ୍ତ ଡିଲରଙ୍କୁ ପଚାରିବାରୁ ସେ କହୁଛନ୍ତି ଆମେ ହୋଲ୍‌ସେଲରଙ୍କଠାରୁ ୟୁରିଆ ଓ ଗ୍ରୋମର ଆଣିବା ପାଇଁ ବାରମ୍ବାର ଦୌଡ଼ି ଦୌଡ଼ି ନିରାଶ ହେଲୁଣି। ଚାଷୀ ୟୁରିଆ ଓ ଗ୍ରୋମର ସାର ପାଇଁ ସରକାରୀ ସ୍ୱୀକୃତିପ୍ରାପ୍ତ ବିକ୍ରେତାଙ୍କ ପାଖକୁ ଯାଇ ସାର ନ ପାଇ ନିରାଶ ହୋଇ ଫେରୁଥିବାରୁ ଚାଷୀମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ତୁରନ୍ତ ଜିଲ୍ଲା କୃଷି ଅଧିକାରୀ ଚାଷୀଙ୍କ ସମସ୍ୟା ସମାଧାନ ପାଇଁ ଦୃଷ୍ଟି ଦେବାକୁ ଚାଷୀମାନେ ଦାବି କରିଛନ୍ତି।

## କଣାସରେ ଗଣେଶ ମଣ୍ଡପ ଉତ୍ସବମୁଖର

କଣାସ,୨୮ା୮(ସମିସ): ବୁଧବାର ଗଜାନନଙ୍କ ପୂଜା ଉତ୍ସବ ପାଳନ କରାଯାଉଥିବା ବେଳେ ଦିନତମାମ ବର୍ଷା ଲାଗି ରହିଥିବାରୁ କେତେକାଂଶରେ ବାଧା ସୃଷ୍ଟି କରିଥିଲା। ଗୁରୁବାର ବର୍ଷା ଛାଡ଼ିଯାଇଥିବାରୁ କଣାସ ବଜାରର ପ୍ରତ୍ୟେକ ଗଣେଶ ମଣ୍ଡପରେ ଜନଗହଳି ଲାଗିରହିଛି। ସେହିପରି କଣାସ ଗ୍ରାମ, ଡିମିରି ଗ୍ରାମ ଓ ଆଖପାଖ ଗ୍ରାମରେ ଅନୁଷ୍ଠିତ ଗଣେଶ ମଣ୍ଡପରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହେଉଥିବା ଦେଖିବାକୁ ମିଳିଛି। ଗଣେଶ ମଣ୍ଡପଗୁଡ଼ିକ ରଙ୍ଗ ବେରଙ୍ଗର ଆଲୋକରେ ସାଜସଜ୍ଜା ହୋଇଥିବାରୁ ବିଶେଷଭାବେ ଆକର୍ଷିତ ହୋଇଛି।



କଣାସ ବଜାରର ବାଲିଘାଇ ଛକରେ ଆର୍‌ଡିଏକ୍ସ ୟୁନିଟ୍ ପକ୍ଷରୁ ନିର୍ମାଣ କରାଯାଇଥିବା ତୋରଣ ବିଶେଷ ଆକର୍ଷଣ ହୋଇଥିବାବେଳେ କଣାସ କୁଞ୍ଜେଶ୍ୱରୀ ବଜାର, ବସ୍‌ଷ୍ଟାଣ୍ଡ, କୃଷ୍ଣନଗର, କଣାସ ଗୋଲାବଜାର, ସହନା କ୍ଲବ୍, ଚାନ୍ଦପଡ଼ା କ୍ଲବ୍ ଗଣେଶ ମଣ୍ଡପରେ ଜନଗହଳି ଲାଗିରହିଛି। କଣାସ କୁଞ୍ଜେଶ୍ୱରୀ ବ୍ୟବସାୟୀ ସଂଘ ଗଣେଶ ମଣ୍ଡପ ଏବଂ ଗୋଲାବଜାର ବ୍ୟବସାୟୀ ସଂଘ ଗଣେଶ ମଣ୍ଡପରେ ବିଭିନ୍ନ ପ୍ରବଚକମାନେ ପ୍ରବଚନ ଦେଉଥିବାରୁ ବହୁ ବୁଦ୍ଧିଜୀବୀ, ସଂସ୍କୃତି ପ୍ରେମୀମାନେ ଯୋଗଦେଇଛନ୍ତି।

## ନ୍ୟାୟ ଅପେକ୍ଷାରେ ଥାନାର ଦ୍ୱାରସ୍ଥ ହେଲେ ୬୦ରୁ ଊର୍ଦ୍ଧ୍ୱ ଚାଷୀ

ନିମାପଡ଼ା,୨୮ା୮(ସମିସ): ହାଇଦରାବାଦର ଏକ ଘରୋଇ କମ୍ପାନୀ ଅଧିକ ଅମଳ ପାଇଁ ଚାଷୀମାନଙ୍କୁ ଏକ ହାଇବ୍ରିଡ୍ ଧାନଚାଷ ପାଇଁ କମ୍ପାନୀର କର୍ମଚାରୀମାନେ ଚାଷୀମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ବ୍ଲକ୍ ଅନ୍ତର୍ଗତ ଅଲଣ୍ଡା, ଛଣିଜଙ୍ଗ, ରଟିଲୋ, ବଡ଼ମାଛପୁର, ଚଉଁରପଦା, ଡେଣୁଅଁ ଆଦି ପଞ୍ଚାୟତ ସହିତ ନିକଟସ୍ଥ ଗୋପ ଓ ବାଲିପାଟଣା ବ୍ଲକ୍‌ର ଅନେକ ଚାଷୀ କମ୍ପାନୀର କର୍ମଚାରୀଙ୍କ କଥାରେ ବିଶ୍ୱାସ କରି ଏହି ଧାନ ବିହନ କିଣି ମେଲ୍ ଓ ଫିମେଲ୍ ଧାନ ଫସଲ କରିଥିଲେ। ତେବେ କମ୍ପାନୀର ପ୍ରତିଶ୍ରୁତି ଅନୁଯାୟୀ ଧାନ ଅମଳ ହୋଇନଥିଲା। ବିହନ କ୍ରୟ କରି ଫସଲ କରିଥିବା ଚାଷୀମାନେ କମ୍ପାନୀର କର୍ମଚାରୀଙ୍କୁ ଏ ବିଷୟରେ ଜଣାଇବା ପରେ କର୍ମଚାରୀମାନେ ପ୍ରତ୍ୟେକ ଚାଷୀ ଅମଳ କରିଥିବା ୨ରୁ ୩ କ୍ୱିଣ୍ଟାଲ ଧାନକୁ ସେମାନଙ୍କଠାରୁ ନେଇ ଦେଢ଼ମାସରୁ ଅଧିକ ହେବ ଧାନ ବାବଦ ଟଙ୍କା କିମ୍ବା ପ୍ରତିଶ୍ରୁତି ଅନୁଯାୟୀ ଫସଲ ହାନୀ ସହାୟତା ଚାଷୀଙ୍କୁ ଦେବା ପରିବର୍ତ୍ତେ କର୍ମଚାରୀମାନେ



ନିଜ ନିଜର ଫୋନ୍‌କୁ ସୁଇଚ୍ ଅଫ୍ କରି ଚାଷୀଙ୍କୁ ଭୂଆଁ ବୁଲାଇ ଆସୁଛନ୍ତି। ଗତ ବୁଧବାର ସନ୍ଧ୍ୟାରେ କେତେକ ଚାଷୀ ଉକ୍ତ କମ୍ପାନୀର ୨ଜଣ କର୍ମଚାରୀଙ୍କୁ ଧରି ପୁଲିସ ଜିମା ଦେଇଥିଲେ। କ୍ଷତିପୂରଣ ଦାବିରେ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ କ୍ଷତିଗ୍ରସ୍ତ ଚାଷୀ କମ୍ପାନୀର କର୍ମଚାରୀଙ୍କ ନାଁରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପରେ କମ୍ପାନୀ କର୍ମଚାରୀ କ୍ଷତିଗ୍ରସ୍ତ ଚାଷୀଙ୍କୁ ଚୁକ୍ତି ଅନୁଯାୟୀ ୧ ମାସ ମଧ୍ୟରେ ନେଇଥିବା ଧାନ ଏବଂ ଫସଲ କ୍ଷତି ବାବଦ ଟଙ୍କା ଦେବେ ବୋଲି ଚାଷୀମାନଙ୍କ ସହିତ ଲିଖିତ ଚୁକ୍ତି କରିଥିବା ଜଣାପଡ଼ିଛି।

### ସରିଲା ଚାଷୀ ପଞ୍ଜୀକରଣ

## ୱେବ୍‌ସାଇଟ୍‌ରେ ଉପଲବ୍ଧ ହେଉନି ତଥ୍ୟ

ଗୋପ,୨୮ା୮(ସମିସ): ରାଜ୍ୟ ସରକାର ଚାଷୀମାନଙ୍କ ପାଇଁ ସରକାରୀ ବର୍ଦ୍ଧିତ ଦରରେ ଧାନ କିଣିବା ଲାଗି ମଣ୍ଡିର ବ୍ୟବସ୍ଥା କରିଥିବାବେଳେ ଚାଷୀମାନେ ନିଜର ନାମକୁ ଧାନ ବିକ୍ରି ଲାଗି ପଞ୍ଜୀକରଣ କରିଛନ୍ତି। ଗତ ୨୫ ତାରିଖଠାରୁ ଚାଷୀ ପଞ୍ଜୀକରଣ ଶେଷ ହୋଇଛି। ମାତ୍ର ଅଦ୍ୟାବଧି ୱେବ୍‌ସାଇଟ୍‌ରେ ଚାଷୀ ପଞ୍ଜୀକରଣ ତଥ୍ୟ ଉପଲବ୍ଧ ହେଉନଥିବା ଦେଖିବାକୁ ମିଳିଛି। ଫଳରେ ଅନେକ ନକଲି ଚାଷୀ ପଞ୍ଜୀକରଣ କରିଥିବା ନେଇ ଆଶଙ୍କା ଉପୁଜୁଛି। ସରକାର ଧାନର ସର୍ବନିମ୍ନ ମୂଲ୍ୟ ୩୧୦୦ ଟଙ୍କାକୁ ବୃଦ୍ଧି କରିବା ପରେ ଚାଷୀ ପଞ୍ଜୀକରଣ ଲାଗି ବିଭିନ୍ନ ମଣ୍ଡିରେ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ଚାଷୀମାନେ ଆବଶ୍ୟକ କାଗଜପତ୍ର ଦେଇ ପଞ୍ଜୀକରଣ କରିଥିବାବେଳେ କ'ଣ ପାଇଁ ୱେବ୍‌ସାଇଟ୍‌ରେ ଚାଷୀଙ୍କ ତଥ୍ୟ ଉପଲବ୍ଧ ହେଉନାହିଁ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

କେନ୍ଦ୍ର ଓ ରାଜ୍ୟ ସରକାର ଡିଜିଟାଲ ଇଣ୍ଡିଆକୁ ଗୁରୁତ୍ୱ ଦେଉଥିବାବେଳେ ସମସ୍ତ ସରକାରୀ କାର୍ଯ୍ୟ ମଧ୍ୟ ଅନ୍‌ଲାଇନ୍ ଜରିଆରେ କରାଯାଉଛି। ସେହିପରି ଚାଷୀ ପଞ୍ଜୀକରଣ ଲାଗି ଫର୍ମ ସୋସାଇଟିରେ ଦାଖଲ ସମୟରେ ଆଖି ସ୍କାନ୍ ମଧ୍ୟ କରାଯାଉଛି। ସମସ୍ତ କାର୍ଯ୍ୟ ଅନ୍‌ଲାଇନ୍ ମାଧ୍ୟମରେ କରାଯାଉଥିଲେ ମଧ୍ୟ କ'ଣ ପାଇଁ ଏହି ତଥ୍ୟ ୱେବ୍‌ସାଇଟ୍‌ରେ ଉପଲବ୍ଧ ହେଉନି ଏହା ପଛରେ କ'ଣ ରହସ୍ୟ ରହିଛି ତାହା ତଦନ୍ତ ସାପେକ୍ଷ ହୋଇପଡ଼ିଛି। ଅପରପକ୍ଷେ ସରକାର ବଦଳିବା ପରେ କେତେକ ରାଜନୈତିକ ଦଳର ବ୍ୟକ୍ତିବିଶେଷ ସରକାରୀ କର୍ମଚାରୀ ଜାଲିଆତି କରି ନିଜକୁ ଚାଷୀ ବୋଲି ଦର୍ଶାଇ ସରକାରୀ ବର୍ଦ୍ଧିତ ଦରରେ ଧାନ ବିକ୍ରି କରିବା ପାଇଁ ନାମ ପଞ୍ଜୀକରଣ କରିଥିବା ଅଭିଯୋଗ ହୋଇଛି। ଗତ ବର୍ଷ ଗୋପ ବ୍ଲକ୍‌ର ୨୯ଟି ସେବା ସମବାୟ ସମିତିରେ ୯ ହଜାରରୁ ଊର୍ଦ୍ଧ୍ୱ ଚାଷୀ ଧାନ ବିକ୍ରି କରିବା ପାଇଁ ସେମାନଙ୍କ ନାମ ପଞ୍ଜୀକରଣ କରିଥିବାବେଳେ ଚଳିତ ବର୍ଷ ଏହା ୧୦ ହଜାରରୁ ଊର୍ଦ୍ଧ୍ୱ ହୋଇପାରେ ବୋଲି ଅନୁମାନ କରାଯାଉଛି। ଅଧିକ ସଂଖ୍ୟକ ଚାଷୀ ଧାନ ବିକ୍ରି ପାଇଁ ନାମ ପଞ୍ଜୀକରଣ କରୁଥିଲେ ମଧ୍ୟ ଧାନ ବିକ୍ରି ସମୟରେ ନାନାଦି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାଜ୍ୟ ସରକାର ଚାଷୀଙ୍କ ସ୍ୱାର୍ଥକୁ ଗୁରୁତ୍ୱ ଦେଇ ବିଭିନ୍ନ ଯୋଜନା ପ୍ରଣୟନ କରୁଥିଲେ ମଧ୍ୟ କେତେକ ଅଣଚାଷୀ ସରକାରୀ କର୍ମଚାରୀ ଅସାଧୁ ବ୍ୟକ୍ତି ନିଜକୁ ଚାଷୀ ଦର୍ଶାଇ ସମସ୍ତ ସରକାରୀ ସୁବିଧା ହାତଉଛନ୍ତି। ସରକାର ଯୋଗ୍ୟ ଚାଷୀ ଚିହ୍ନଟ ନିମନ୍ତେ ସର୍ଭେ କରିବାର ଆବଶ୍ୟକ ରହିଥିବା ସାଧାରଣରେ ଆଲୋଚନା ହେଉଛି। ଅପରପକ୍ଷେ ଚାଷୀଙ୍କ ତଥ୍ୟ ୱେବ୍‌ସାଇଟ୍‌ରେ ଉପଲବ୍ଧ ହେଉନଥିବା ଯୋଗୁଁ ଅଧିକାଂଶ ନକଲି ଚାଷୀ ଧାନ ବିକ୍ରି ପାଇଁ ନାମ ପଞ୍ଜୀକରଣ କରିଥିବା ଆଶଙ୍କା ଉପଜିଛି। ଏହା ଉପରେ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

## ଶ୍ରୀଗଣେଶଙ୍କ ନୂତନ ବିଗ୍ରହ ପ୍ରତିଷ୍ଠା

ଡେଲାଙ୍ଗ,୨୮ା୮(ସମିସ): ରେଞ୍ଜସ୍ଥିତ ଡେଲାଙ୍ଗ ମଣ୍ଡଳ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶିକ୍ଷା ଅଧିକାରୀ, କର୍ମଚାରୀ ଓ ସିଆର୍‌ସିସି ବୃନ୍ଦଙ୍କ ସମ୍ମିଳିତ ସହଯୋଗରେ ଗୁରୁବାର ପ୍ରଥମ କରି ଅଗ୍ରପୂଜ୍ୟ ଶ୍ରୀଗଣେଶଙ୍କ ନୂତନ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି। ବିଧି ଅନୁଯାୟୀ, ପଣ୍ଡିତ ସନ୍ତୋଷ କୁମାର ତ୍ରିପାଠୀ, ଆଦିତ୍ୟ ମହାପାତ୍ରଙ୍କ ଦ୍ୱାରା କଳସ ସ୍ଥାପନ, ସୂର୍ଯ୍ୟପୂଜା, ମାତୃପୂଜା ଓ ମନ୍ତ୍ରପାଠ ସହ ଚୁଆ, ହଳଦୀ, ଘୃତ, ମହୁ, ଦୁଗ୍ଧ, ଗୋମୟ ଆଦି ପ୍ରଲେପ ପରେ ବିଗ୍ରହଙ୍କ ମହାସ୍ନାନ, ହୋମପୂଜା ଏବଂ ପ୍ରାଣ ପ୍ରତିଷ୍ଠା କରାଯାଇ ସିଂହାସନରେ ସ୍ଥାପନ କରାଯାଇଥିଲା। ଗୋଷ୍ଠୀ ଶିକ୍ଷା ଅଧିକାରୀ ଶତ୍ରୁଘ୍ନ ବେହେରା ଏଥିରେ କର୍ତ୍ତା ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ସିଆର୍‌ସିସି ତପନ କୁମାର ମଲ୍ଲିକ, ଜଗନ୍ନାଥ ପରିଡ଼ା, ପ୍ରଦୀପ୍ତ ବଳିୟାରସିଂହ, ଦୟାନିଧି ମାର୍ଥା, ସୁଦୀପ୍ତ ପରିଡ଼ା, କୃତିବାସ ପରିଡ଼ା, କ୍ଷେତ୍ରବାସୀ ଆଲୁକ, ସୋମନାଥ ବେହେରା, ଦୁର୍ଯ୍ୟୋଧନ ପ୍ରଧାନ, ମନୋରଞ୍ଜନ ମହାରଣା, ସଂସ୍କୃତି ପ୍ରେମୀ ଶିକ୍ଷକ ଅଭୟ ଚରଣ ସାହୁ, ଅବସରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ କଳ୍ପନା ବିଶ୍ୱାଳ, ଜଗୁଆଳି ପ୍ରଫୁଲ୍ଲ ତାଡ଼ ପ୍ରମୁଖ ସହଯୋଗ କରିଥିଲେ।



## ପୁରୀ କୃଷି ବିଜ୍ଞାନ କେନ୍ଦ୍ରରେ ସିଏମ୍ କିଷାନ କିସ୍ତି ପ୍ରଦାନ ସମାରୋହ

ସାକ୍ଷୀଗୋପାଳ,୨୮ା୮(ସମିସ): ସିଏମ୍ କିଷାନର କିସ୍ତି ବୁଧବାର ଗଣେଶ ପୂଜା ଅବସରରେ ରାଜ୍ୟର କୃଷକଙ୍କୁ ଅନ୍‌ଲାଇନ୍ ମାଧ୍ୟମରେ ପ୍ରଦାନ କରାଯାଇଛି। ପୁରୀ ଜିଲ୍ଲାସ୍ତରୀୟ ସିଏମ୍ କିଷାନ ଉତ୍ସବ ସାକ୍ଷୀଗୋପାଳସ୍ଥିତ କୃଷି ବିଜ୍ଞାନ କେନ୍ଦ୍ରଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବରେ ପୁରୀ ଲୋକସଭା ସାଂସଦ ସମ୍ବିତ୍ ପାତ୍ର କୃଷି ଓ କୃଷକର ବିକାଶ ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ଓ ସରକାର ଦେଇଥିବା କଥାକୁ ପାଳନ କରିଛନ୍ତି। ପୁରୀ ଜିଲ୍ଲାର ମୋଟ୍ ୨ ଲକ୍ଷ ୨୫ ହଜାର ୬୫୬ ଜଣ କ୍ଷୁଦ୍ର ଓ ନାମମାତ୍ର କୃଷକ ଏବଂ ୧୨୧୯ ଜଣ ଭୂମିହୀନ କୃଷକ ଏହି କିସ୍ତିରେ ୨ହଜାର ଟଙ୍କା ହିସାବରେ ସିଏମ୍ କିଷାନ ସମ୍ମାନ ନିଧି ସହାୟତା ମାଧ୍ୟମରେ ୪୫ କୋଟି ୩୭ ଲକ୍ଷ ୫୦ ହଜାର ଟଙ୍କା ପ୍ରାପ୍ତ କରିଛନ୍ତି। ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଏଥିରେ ଅଧ୍ୟକ୍ଷତା କରିବା ସହ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର, ବରିଷ୍ଠ ବୈଜ୍ଞାନିକ ଅମ୍ବିକା ପ୍ରସାଦ ନାୟକ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଜିଲ୍ଲା କୃଷି ଅଧିକାରୀ, ସମସ୍ତ ବ୍ଲକ୍‌ସ୍ତରୀୟ, ଜିଲ୍ଲାସ୍ତରୀୟ କୃଷି ଅଧିକାରୀ, କର୍ମଚାରୀ ଏବଂ କୃଷକ ଉପସ୍ଥିତ ଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ସୁମିତ୍ରା ଆଚାର୍ଯ୍ୟ ସଭା ପରିଚାଳନା କରିଥିବାବେଳେ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ସୁଶାନ୍ତ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲ୍ଲା ପରିଷଦ ସଭ୍ୟ ରତିକାନ୍ତ ମିଶ୍ର, ଜିଲ୍ଲା ପରିଷଦ ସଭ୍ୟା ବିଷ୍ଣୁପ୍ରିୟା ବରାଳ, ତ୍ରିଲୋଚନ ରଥ, ଦୀପକ ଶତପଥୀ, ସୁରେନ୍ଦ୍ର ପ୍ରଧାନ, ସୁବାସ ଚନ୍ଦ୍ର ଜେନା ପ୍ରମୁଖଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ଗାଁରେ ପହଞ୍ଚିଲା ପ୍ରବାସୀ ଶ୍ରମିକଙ୍କ ମରଶରୀର

### ଉପମୁଖ୍ୟମନ୍ତ୍ରୀଙ୍କ ସମେତ ଜିଲ୍ଲା ଅଧିକାରୀମାନେ କଲେ ଶେଷ ଦର୍ଶନ

ନିମାପଡ଼ା,୨୮ା୮(ସମିସ): ନିମାପଡ଼ା ବଡ଼ମାଞ୍ଚପୁର ପଞ୍ଚାୟତର ପ୍ରବାସୀ ଶ୍ରମିକ ଦାଦନ ଖଟିବାକୁ କେରଳ ଯାଇଥିବାବେଳେ ତାଙ୍କର ମୃତ୍ୟୁ ଘଟିଥିଲା। ପରିବାର ଲୋକେ ଦୁଃଖରେ ଭାଙ୍ଗି ପଡ଼ିବାବେଳେ ରାଜ୍ୟ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇବା ସହ ପ୍ରବାସୀ ଶ୍ରମିକଙ୍କ ଶବକୁ ଯଥା ସମ୍ମାନ ସହକାରେ ତାଙ୍କ ପୈତୃକ ଘରକୁ ପଠାଇବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଗ୍ରାମରେ ପ୍ରବାସୀ ଶ୍ରମିକଙ୍କ ଶବ ପହଞ୍ଚିବା ପରେ ହଜାର ହଜାର ଲୋକଙ୍କ ସମାବେଶ ହୋଇଥିବାବେଳେ ଗ୍ରାମରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା।



ସୂଚନା ଅନୁଯାୟୀ, ନିମାପଡ଼ା ବ୍ଲକ୍ ବଡ଼ମାଛପୁର ଗ୍ରାମର ହୀନା ନାୟକଙ୍କ ପୁଅ ବିଜୟ ନାୟକ କେରଳରେ ପ୍ରବାସୀ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ଦେହ ଅସୁସ୍ଥ ହେବାରୁ ଗତ ୨୪ ତାରିଖରେ ଟ୍ରେନ୍ ଯୋଗେ ନିଜ ଗ୍ରାମକୁ ଫେରୁଥିବାବେଳେ ଦେହ ଅଧିକ ଅସୁସ୍ଥ ହେବାରୁ କେରଳର ପାଲପାଟ ଷ୍ଟେସନରେ ଓହ୍ଲାଇ ସଂଜ୍ଞାହୀନ ହୋଇ ଯାଇଥିଲେ। ରେଲ୍‌ୱେ ପୁଲିସ ବିଜୟଙ୍କୁ ପାଲପାଟ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଖବର ପାଇ ପରିବାର ଭାଙ୍ଗି ପଡ଼ିବାବେଳେ ଖବର ପାଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ତାଙ୍କ ପରିବାର ସହିତ କଥା ହୋଇ ପ୍ରବାସୀଙ୍କୁ ଫେରାଇ ଆଣିବା ପାଇଁ କହିଥିଲେ। ଗୁରୁବାର ଦିନ ୧୧ଟାରେ ପ୍ରବାସୀ ଶ୍ରମିକଙ୍କ ମରଶରୀର ସ୍ୱତନ୍ତ୍ର ବିମାନ ଯୋଗେ ବିଜୁ ପଟ୍ଟନାୟକ ବିମାନ ବନ୍ଦରଠାରେ ପହଞ୍ଚିଥିବାବେଳେ ସେଠାରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଉପସ୍ଥିତ ରହିବା ସହିତ ରାଜ୍ୟ ବୀମା ବିଭାଗ ତରଫରୁ ଶ୍ରମ ଆୟୁକ୍ତ ଓ ପୁରୀ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲାଶ୍ରମ ଅଧିକାରୀ ଖୋର୍ଦ୍ଧା ପ୍ରଭାକର ବିଶ୍ୱାଳଙ୍କ ସହଯୋଗରେ ଚିନ୍ମୟ ପ୍ରିୟଦର୍ଶିନୀ ସହକାରୀ ଶ୍ରମ ଅଧିକାରୀ ପୁରୀ, ପ୍ରିୟଙ୍କା ପ୍ରିୟଦର୍ଶିନୀ ଶ୍ରମ ଅଧିକାରୀ ପୁରୀ, ଚୌଧୁରୀ ସୁବ୍ରତ କୁମାର ଜେନା ଶ୍ରମ ଆୟୁକ୍ତ ପୁରୀ ଓ ମଧୁସ୍ମିତା ଶୁକ୍ଳା ପର୍ଯ୍ୟଟନ ଅଧିକାରୀ ବିଜୁ ପଟ୍ଟନାୟକ ଆନ୍ତର୍ଜାତିକ ବିମାନ ବନ୍ଦରରେ ଉପସ୍ଥିତ ରହି ପ୍ରବାସୀ ଶ୍ରମିକଙ୍କୁ ଉପମୁଖ୍ୟମନ୍ତ୍ରୀଙ୍କ ସମେତ ଉପସ୍ଥିତ ଅଧିକାରୀମାନେ ପୁଷ୍ପଗୁଚ୍ଛ ଦେଇ ଶେଷ ଦର୍ଶନ କରିଥିଲେ। ଏହାପରେ ମୃତଦେହ ଗ୍ରାମରେ ପହଞ୍ଚିବା ପରେ ତାଙ୍କୁ ବିଜେପି ନେତା ଶ୍ୟାମ ସୁନ୍ଦର ନାୟକ, ଯଚିନ୍ଦ୍ର ସାଇଁ, କାଉନ୍‌ସିଲର ତଥା ନଗର ସଭାପତି ନିରଞ୍ଜନ ନାୟକଙ୍କ ସମେତ ଶତାଧିକ ଲୋକ ଶେଷ ଦର୍ଶନ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ୪ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ରାଶି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିବାରୁ ବିଜୟଙ୍କ ପରିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

## କ୍ୟାନ୍ସର ପୀଡ଼ିତଙ୍କ ଚିକିତ୍ସାରେ ଅର୍ଥାଭାବ ବାଧକ

ନୟାହାଟ,୨୮ା୮(ସମିସ): ଲିଭର କ୍ୟାନ୍ସରରେ ପୀଡ଼ିତ ୩୧ ବର୍ଷର ଯୁବକଙ୍କ ଚିକିତ୍ସା ପାଇଁ ଆର୍ଥିକ ସହାୟତା ପାଇଁ ପତ୍ନୀ ସସ୍ମିତା ଭୋଇ ଆକୁଳ ନିବେଦନ କରିଛନ୍ତି। ପ୍ରକାଶ ଯେ, ପୁରୀ ଜିଲ୍ଲା ନୟାହାଟ ଫାଣ୍ଡି ଅନ୍ତର୍ଗତ ଧୂମାଳ ପଞ୍ଚାୟତର ଧୂମାଳ ଗ୍ରାମର କାଳନ୍ଦୀ ଭୋଇ ଜଣେ ଦିନ ମଜୁରିଆ। ଦିନେ କାମକୁ ନ ଗଲେ ଚୁଲି ଜଳେନି। ଗତ ୪ ମାସ ହେଲା ଲିଭର କ୍ୟାନ୍ସରରେ କାଳନ୍ଦୀ ପୀଡ଼ିତ ହୋଇ ଭୁବନେଶ୍ୱର ସମ୍ ହସ୍ପିଟାଲରେ ଚିକିତ୍ସାଧୀନ ଥିବାବେଳେ ସରକାରଙ୍କ ଅନୁଦାନ ସ୍ୱାସ୍ଥ୍ୟବୀମା କାର୍ଡରୁ ଅର୍ଥ ସରିଯିବା ପରେ କାଳନ୍ଦୀ ନିଜ ଘରେ ଆସି ଅଛନ୍ତି। ଖବର ପାଇ ଧୂମାଳ ସରପଞ୍ଚଙ୍କ ପ୍ରତିନିଧି ତଥା ସମାଜସେବୀ ଅଭିମନ୍ୟୁ ସିଂହ ପୀଡ଼ିତଙ୍କୁ ଭେଟି ଆର୍ଥିକ ସହାୟତା ଯୋଗାଇବା ସହିତ ଶୁଖିଲା ଖାଦ୍ୟ ପ୍ରଦାନ କରିଥିଲେ। କାଳନ୍ଦୀଙ୍କ ୨ ବର୍ଷର ଝିଅ ଓ ବୃଦ୍ଧ ବାପା-ମାଆ ଥିବାବେଳେ ରୋଜଗାରକ୍ଷମ ଏକମାତ୍ର ପୁଅ ଲିଭର କ୍ୟାନ୍ସରରେ ପୀଡ଼ିତ ହେବାରୁ ଘରେ ଚୁଲି ଜଳୁ ନାହିଁ। ଦିନେ ଖାଇଲେ ଦିନେ ଉପବାସ। ଆର୍ଥିକ ସହାୟତା ଯୋଗାଇଦେବା ପାଇଁ ତାଙ୍କ ପତ୍ନୀ ସସ୍ମିତା ଭୋଇ ଫୋନ୍ ନମ୍ବର ୭୩୨୭୮୯୫୫୩୯ରେ ଯୋଗାଯୋଗ କରିବାକୁ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନକୁ ଆକୁଳ ନିବେଦନ କରିଛନ୍ତି।



୨୮/୮/୨୦୨୫ (ଗୁରୁବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ

ଟ. ୫,୦୪,୭୦୮/- ସୁନା: ୦୦.୦୭୦ ଗ୍ରାମ୍ ରୁପା: ୦୭.୦୦୦ ଗ୍ରାମ୍



## ପୁରୀରେ ପଥୋତ୍ସବ

# ବିବିଧ କାର୍ଯ୍ୟକ୍ରମକୁ ଉପଭୋଗକଲେ ହଜାର ହଜାର ଦର୍ଶକ










ପୁରୀ,୨୮।୮ (ସମିସ): ପୁରୀ ପୌରପାଳିକା ଆସନ୍ତା ୩୧ ତାରିଖରେ ପାଳନ କରିବାକୁ ଯାଉଛି ସ୍ୱାୟତ୍ତ ଶାସନ ଦିବସ। ଏହାର ଅବ୍ୟବହିତ ପୂର୍ବରୁ ଆରମ୍ଭ ହୋଇଛି ସପ୍ତାହବ୍ୟାପୀ ବିବିଧ କାର୍ଯ୍ୟକ୍ରମ। ତାହାର ଅଂଶ ସ୍ୱରୂପ ଗୁରୁବାର ପ୍ରତ୍ୟୁଷରୁ ସୁଭାଷ ବୋଷ ଛକଠାରୁ ହରିହର ଛକ ପର୍ଯ୍ୟନ୍ତ ଆରମ୍ଭ ହୋଇଥିଲା ରାହାଗିରି ବା ପଥୋତ୍ସବ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଯୋଗଦେଇ କଳାକାରମାନଙ୍କୁ ଉତ୍ସାହିତ କରିବା ସହ ପ୍ରତିଭା ପ୍ରଦର୍ଶନ ଓ ନିଜର ପରିଚୟ ସୃଷ୍ଟି ପାଇଁ ପଥୋତ୍ସବ ଏକ ଉନ୍ନତ ମାଧ୍ୟମ ବୋଲି କହିଥିଲେ। ବିବିଧ କାର୍ଯ୍ୟକ୍ରମ ପରିବେଷଣ କରୁଥିବା କଳାକାର ଓ ଦଳମାନେ ନିଜର ଦକ୍ଷତା ଓ ନିଷ୍ଠା ବଳରେ ଜିଲ୍ଲା ପାଇଁ ସମ୍ବଳ ହୋଇ ବାହାରିବେ ବୋଲି ଜିଲ୍ଲାପାଳ ଆଶା ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ, ଉପଜିଲ୍ଲାପାଳ ରାଜ କିଶୋର ଜେନା, ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଶିଶୁ ସୁରକ୍ଷା ଅଧିକାରୀ ମନୋଜ ତ୍ରିପାଠୀ, ପୌରପାଳିକା ସହକାରୀ ଯନ୍ତ୍ରୀ ଦେବବ୍ରତ ଷଡ଼ଙ୍ଗୀ, ଅତିରିକ୍ତ ପୌରନିର୍ବାହୀ ଅଧିକାରୀ ଅରଜିତ ନାୟକ, ଏନ୍‌ଫୋର୍ସମେଣ୍ଟ ଅଧିକାରୀ ସ୍ୱାଧୀନ ବିଶ୍ୱାଳ, ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀମାନେ ଯୋଗଦେଇ ସହଯୋଗ କରିଥିଲେ। ପୌରନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା ସମସ୍ତ କାର୍ଯ୍ୟକୁ ତତ୍ତ୍ୱାବଧାନ ସହ ପରିଚାଳନା କରିଥିଲେ। ନୃତ୍ୟ, ସଂଗୀତ, ଯୋଗ, ସାଇକ୍ଲିଂ, ସଡ଼କ ସୁରକ୍ଷା, ବୃକ୍ଷରୋପଣ ଇତ୍ୟାଦି ସଚେତନତା ସୃଷ୍ଟି, ପେଣ୍ଟିଂ, ରଙ୍ଗୋଲୀ, ବିଜ୍ଞାନଭିତ୍ତିକ ପ୍ରକଳ୍ପ ପ୍ରଦର୍ଶନ, ବିଭିନ୍ନ ଖାଦ୍ୟ ପ୍ରସ୍ତୁତି ଇତ୍ୟାଦି ପ୍ରଦର୍ଶନ କରାଯାଇଥିଲା। ସେହିପରି ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଓ କାର୍ଯ୍ୟକ୍ରମ ସମ୍ପର୍କରେ ଲୋକମାନଙ୍କୁ ସଚେତନ କରାଯିବା ପାଇଁ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ବ୍ୟବସ୍ଥା କରାଯାଇଥିଲା। ସାଂସ୍କୃତିକ ମଞ୍ଚରେ ଓଲିଉଡ୍ ଗାୟିକା ସୁଜ୍ଞାନୀ ମହାପାତ୍ର, ଗାୟକ ମୃଣ୍ମୟ ଚିତ୍ତାକର୍ଷକ ସଙ୍ଗୀତ ପରିବେଷଣ କରିଥିବାବେଳେ ଶିବାନା ଓ ଗେଡାନା ଭାବରେ ପରିଚିତ ଧାରାବାହିକ ଅଭିନେତା ଆକର୍ଷଣୀୟ ଅଭିନୟ ପ୍ରଦର୍ଶନ କରିଥିଲେ। ଉପସ୍ଥାପିକା ତଥା ଅଭିନେତ୍ରୀ ଅଙ୍କିତା ମହାନ୍ତି, ପୀୟୂଷ ଏବଂ ଶ୍ୟାମ ପ୍ରକାଶ ସେନାପତି ମଞ୍ଚ ସଞ୍ଚାଳନ କରିଥିଲେ।

● ଶ୍ରୀମନ୍ଦିରରେ ଦାହ ଲୀଳା

## ଅଗ୍ନିକୁ ଶାନ୍ତ କରି ଗାଈପଲ୍ଲଙ୍କୁ ଉଦ୍ଧାରକଲେ ଶ୍ରୀକୃଷ୍ଣ

ପୁରୀ,୨୮।୮ (ସମିସ): ଶ୍ରୀମନ୍ଦିରରେ ଚାଲିଥିବା ଶ୍ରୀକୃଷ୍ଣ ଲୀଳା କ୍ରମରେ ଗୁରୁବାର ଦାହ ଲୀଳା ସମ୍ପନ୍ନ ହୋଇଛି। ସନ୍ଧ୍ୟାଧୂପ ବଢ଼ିବା ପରେ ଦକ୍ଷିଣୀ ଘରୁ ମଦନମୋହନ ବିଜେ ହୋଇ ଆଜ୍ଞାମାଳ ପାଇ ନାଟପା ମଣ୍ଡପ ଖଟ ଉପରେ ବିଜେ ହୋଇଥିଲେ। ସେଠାରେ ଦାହଲୀଳା ପ୍ରସ୍ତାବ ଆଗତ ହୋଇଥିଲା। ପରେ ଶୀତଳ ଭୋଗ ବନ୍ଦାପନା ହୋଇ ଠାକୁର ବାହୁଡ଼ା ବିଜେ କରିଥିଲେ। ଭଗବାନ ଶ୍ରୀକୃଷ୍ଣ ବୃନ୍ଦାବନରେ ଗୋପାଳ ବାଳକମାନଙ୍କ ସହିତ ଗୋ-ଚାରଣ କରୁଥିବାବେଳେ ଏକଦା ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ହୋଇଥିଲା। ଏହି ସମୟରେ ଗାଈପଲ୍ଲ ନିକଟରେ ଥିବା ସରବନ ମଧ୍ୟକୁ ପ୍ରବେଶ କରିଥିଲେ। ଭଗବାନ ଶ୍ରୀକୃଷ୍ଣ ଗୋପାଳ ବାଳକଙ୍କ ସହିତ ଗାଈପଲ୍ଲଙ୍କୁ ଆଣିବାକୁ ଯିବା ସମୟରେ ହଠାତ୍ ପ୍ରଚଣ୍ଡ ବେଗରେ ନିଆଁ ଲାଗିଯାଇଥିଲା। ନିଆଁ ଏତେ ଭୟଙ୍କର ଥିଲା ଯେ, ସେ ସମୟରେ ଗାଈପଲ୍ଲଙ୍କୁ ଉଦ୍ଧାର କରିବା ଅସମ୍ଭବ ହୋଇପଡ଼ିଥିଲା। ଗୋପାଳ ପିଲାମାନେ ଗାଈପଲ୍ଲଙ୍କୁ ଉଦ୍ଧାର କରିବା ଲାଗି ଭଗବାନ ଶ୍ରୀକୃଷ୍ଣଙ୍କୁ ପ୍ରାର୍ଥନା କରିଥିଲେ। ଶ୍ରୀକୃଷ୍ଣ କହିଲେ ତୁମ୍ଭେମାନେ ଆଖି ବନ୍ଦ କର, ମୁଁ ଅଗ୍ନିଜ୍ୱାଳାକୁ ଶାନ୍ତ କରିଦେବି। ଗୋପାଳ ବାଳକମାନେ ଆଖି ବନ୍ଦ କରିବା ପରେ ଶ୍ରୀକୃଷ୍ଣ ସମସ୍ତ ଅଗ୍ନିକୁ ଶାନ୍ତ କରିଦେଇଥିଲେ। ଏହାକୁ ଦାହଲୀଳା କୁହାଯାଏ। ଏହି ସ୍ମୃତିରେ ଶ୍ରୀମନ୍ଦିରରେ କୃଷ୍ଣଲୀଳା କ୍ରମରେ ଦାହଲୀଳା ପାଳିତ ହେଉଛି।

## ସାହି ଗଳି ବୁଲି ଆଇନଶୃଙ୍ଖଳା ସମୀକ୍ଷା କଲେ ଏସ୍‌ପି

ପୁରୀ,୨୮।୮ (ସମିସ): ପୁରୀ ଜିଲ୍ଲାର ନୂତନ ଭାବେ ଦାୟିତ୍ୱ ନେଇଥିବା ଏସ୍‌ପି ପ୍ରତୀକ ସିଂହ ଗୁରୁବାର ପୁରୀ ପୌରାଞ୍ଚଳ ଅନ୍ତର୍ଗତ ବିଭିନ୍ନ ସାହି ଗଳିକନ୍ଦି ଗସ୍ତ କରି ଆଇନଶୃଙ୍ଖଳା ପରିସ୍ଥିତି ନେଇ ସାହି ବାସିନ୍ଦାଙ୍କ ସହ ଆଲୋଚନା କରିଛନ୍ତି। ବୁଧବାର ସକାଳେ ଶ୍ରୀମନ୍ଦିରରେ ସ୍ପାଏ କ୍ୟାମେରା ବ୍ୟବହାର କରି ଜଣେ ଧରାପଡ଼ିବା, ଦିନ ଦ୍ୱିପ୍ରହରରେ ବସ୍‌ଷ୍ଟାଣ୍ଡ ପ୍ରବେଶ ପଥରେ ଖଣ୍ଡା ବୁଲିବା ଓ ସନ୍ଧ୍ୟାରେ ଶ୍ରୀମନ୍ଦିର ଚାରିପଟେ ଡ୍ରୋନ୍ ବୁଲିବା ଭଳି ତିନି ତିନିଟି ଘଟଣା ପରେ ଆକ୍ସନ୍ ମୁଡ୍‌କୁ ଆସିଛି ପୁରୀ ପୁଲିସ। ଏସ୍‌ପି ପ୍ରତୀକ ସିଂହ ଗୁରୁବାର ସିଟି ଡିଏସ୍‌ପି, ଟ୍ରାଫିକ୍ ଡିଏସ୍‌ପି, କୁମ୍ଭାରପଡ଼ା, ଟାଉନ ଓ ସିଂହଦ୍ୱାର ଥାନା ପୁଲିସ ସହ ମିଶି ବିଭିନ୍ନ ସାହି ବୁଲି ଜନସାଧାରଣଙ୍କ ସୁରକ୍ଷା, ବିଭିନ୍ନ ସମସ୍ୟା, ଆଇନ ଶୃଙ୍ଖଳା ପରିସ୍ଥିତି, ପୁଲିସ ଓ ଜନସାଧାରଣଙ୍କ ମଧ୍ୟରେ ଉତ୍ତମ ସମ୍ପର୍କ ଓ ସମନ୍ୱୟ ନେଇ ଆଲୋଚନା କରିଛନ୍ତି।



ଶ୍ରୀମନ୍ଦିର ଆକାଶରେ ଇନ୍ଦ୍ରଧନୁର ଛିଟା

## ମା' ଦୁର୍ଗାଙ୍କୁ ଆବାହନ ପାଇଁ କୀଳା ପ୍ରତିଷ୍ଠା ଆଜି

ପୁରୀ,୨୮।୮ (ସମିସ): ଷଠି ଓଷାରେ କୀଳା ପ୍ରତିଷ୍ଠା ସହ ଦେବୀ ଦୁର୍ଗାଙ୍କୁ ଆବାହନ କରଯିବ। ତେଲିଙ୍ଗି ବାଜା, ତୁରୀର ମାଙ୍ଗଳିକ ଧ୍ୱନିରେ ମା' ଦୁର୍ଗାଙ୍କୁ ମୃଣ୍ମୟ ମୂର୍ତ୍ତିର ରୂପ ଦିଆଯିବ। ବିଶେଷକରି ମା' କାକୁଡ଼ିଖାଇଙ୍କ ମୂର୍ତ୍ତି ଲାଗି ଉଦ୍ଦିଷ୍ଟ କୀଳା ପ୍ରତିଷ୍ଠା କରାଯିବ। ଆଉ କିଛି ପୂଜା ମଣ୍ଡପ ପକ୍ଷରୁ ସୁନିଆଁରେ କୀଳା ପ୍ରତିଷ୍ଠା ହେବ।

ପୁରୀ ସହର ମଧ୍ୟରେ ଦେବୀ ଦୁର୍ଗାଙ୍କ ପୂଜା ସହ ନାଗା ପରମ୍ପରା ରହିଛି। ତେଣୁ ଦେବୀ ମୂର୍ତ୍ତି ଓ ନାଗାକୁ ମିଶାଇ ୩୦ରୁ ଊର୍ଦ୍ଧ୍ୱ ସ୍ଥାନରେ ଅଣିଣ ପୂଜା ଅନୁଷ୍ଠିତ ହେବ। ମା' କାକୁଡ଼ିଖାଇ ପୂଜା କମିଟିର ମୂର୍ତ୍ତିକାର ଚିତ୍ତରଞ୍ଜନ ମହାରଣାଙ୍କ ସୂଚନା ମୁତାବକ, ମା' କାକୁଡ଼ିଖାଇ ମହାପ୍ରଭୁଙ୍କ ଦାରୁ କୀଳାରେ ନିର୍ମିତ ହୁଅନ୍ତି। ଏହି କୀଳା ବର୍ଷସାରା କଳା କାଞ୍ଜିନିରେ ପୀଠ ଦେବୀ ମା' କାକୁଡ଼ିଖାଇଙ୍କ ମୂର୍ତ୍ତି ନିକଟରେ ରହି ପୂଜା ପାଆନ୍ତି। ପୂଜକ ଉକ୍ତ କୀଳାକୁ ମୂର୍ତ୍ତିକାରଙ୍କ ହାତକୁ ହସ୍ତାନ୍ତର କରିବେ। କୀଳାରେ କୌଣସି ଖୁଣ ଅଛି କି ନାହିଁ, ତାହା ତନ୍ନତନ୍ନ କରି ନିରୀକ୍ଷଣ କରାଯିବ। କୀଳାକୁ କାଳିସୀଙ୍କ ହାତକୁ ହସ୍ତାନ୍ତର କରାଯିବ। କତା ଛନ୍ଦି ସାପ ଛନ୍ଦ ପ୍ରସ୍ତୁତ କରାଯିବ। ଦାରୁ କୀଳାକୁ ଆସ୍ଥାନରେ ଖଞ୍ଜାଯାଇ ପୂଜା ଆରମ୍ଭ ହେବ। ହଳଦୀ, ଚନ୍ଦନ, ଦହି ଓ ପଇଡ଼ ପାଣିରେ ଭଗବତୀଙ୍କୁ ଗାଧୁଆ ନୀତି ଅନୁଷ୍ଠିତ ହେବ। ସେଇ ଦାରୁ କୀଳାରେ ହଳଦୀରେ ମା'ଙ୍କ ପ୍ରତିମା କରାଯାଇ ଶୀତଳ ଭୋଗ ଖଇ-କୋରା ଅର୍ପଣ କରାଯିବ। ମା'ଙ୍କୁ ଶୃଙ୍ଗାର କରାଯିବା ପରେ କାକୁଡ଼ି ବଳି ପ୍ରସ୍ତୁତ ହେବ। କାକୁଡ଼ିକୁ ପଶୁମନ୍ତ୍ର ଦିଆଯିବା ପରେ ଟେରାପଡ଼ି କାକୁଡ଼ି ବଳି ପଡ଼ିବ। ମହାପ୍ରସାଦ ରଖି ନଡ଼ାବନ୍ଧା କାର୍ଯ୍ୟ ଆରମ୍ଭ ହେବ ବୋଲି ସେ କହିଛନ୍ତି। କୀଳା ପ୍ରତିଷ୍ଠା ପରେ ମୂର୍ତ୍ତିକାରଙ୍କ ଦାୟିତ୍ୱ ଆରମ୍ଭ ହୋଇଯିବ। ପ୍ରତ୍ୟେକ ଦେବୀ ପୂଜା ମଣ୍ଡପରେ ଏକ ନିର୍ଦ୍ଦିଷ୍ଟ ଉଚ୍ଚତାର କୀଳା ପୂଜା ପାଉଥିବାବେଳେ ତାହା ଏହି ଷଷ୍ଠୀରେ ପ୍ରତିଷ୍ଠା କରାଯିବାର ବିଧି ରହିଛି। ସେହି ବିଧି ମୁତାବକ କୀଳା ପ୍ରତିଷ୍ଠା ସହ ସେଥିରେ ନଡ଼ା ସଂଯୋଗ କରି ମୂର୍ତ୍ତି ନିର୍ମାଣ କାର୍ଯ୍ୟର ଶୁଭାରମ୍ଭ କରାଯିବ। ସିନ୍ଦୂର ଓ ଚନ୍ଦନ ଲଗାଇ ଭୋଗ ବିଧି କରାଯିବା ସହ ମା'ଙ୍କ ପୂଜା ପାଇଁ ପ୍ରସ୍ତୁତି ଆରମ୍ଭ ହେବ। ମାସେ ପର୍ଯ୍ୟନ୍ତ ଏହି ମୂର୍ତ୍ତି ନିର୍ମାଣ କାର୍ଯ୍ୟ ଚାଲୁ ରହିବ।

## 'ଦଧିନଉତି'ର ସମୀକ୍ଷା ଆସର

ପୁରୀ,୨୮।୮ (ସମିସ): ଅଭିନନ୍ଦନିକାର ପ୍ରତିଷ୍ଠାତା ସମ୍ପାଦକ ତଥା କବି ଶ୍ୟାମ ପ୍ରକାଶ ସେନାପତିଙ୍କ କବିତା ପୁସ୍ତକ 'ଦଧିନଉତି'ର ସମୀକ୍ଷା ଆସର ବଡ଼ଦାଣ୍ଡସ୍ଥିତ ସେନାପତି ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ ସ୍ତମ୍ଭକାର ଓ ସମାଜସେବୀ ଡ. ପ୍ରଭାସ ଚନ୍ଦ୍ର ଆଚାର୍ଯ୍ୟ, ଉତ୍କଳ ସାହିତ୍ୟ ସମାଜର ପାଠାଗାର ସମ୍ପାଦକ ବ୍ରହ୍ମାନନ୍ଦ ବିଶ୍ୱାଳ, ସାହିତ୍ୟିକା ଗୀତାଞ୍ଜଳି ପୃଷ୍ଟି ଏବଂ ସାଂସ୍କୃତିକ ସଂଗଠକ ରାଜୀବ ଷଡ଼ଙ୍ଗୀ



ପ୍ରମୁଖ ଯୋଗଦେଇ ପୁସ୍ତକର ସମୀକ୍ଷା କରିଥିଲେ। ଏହି ସଂକଳନରେ କବି ଜଗନ୍ନାଥଙ୍କୁ ଅନନ୍ତ, ମହାକାଳ, ଅଚିନ୍ତ୍ୟ, ଅବ୍ୟକ୍ତ ଓ ପୂର୍ଣ୍ଣପୁରୁଷ ଭାବରେ ପ୍ରକାଶ କରିଛନ୍ତି। ଏହା ଜଗନ୍ନାଥ ବିଭୂତିର ଏକ ସମର୍ପିତ କାବ୍ୟିକ ପରିପ୍ରକାଶ ଏବଂ ଶ୍ରୀଜଗନ୍ନାଥ ଚେତନାର ଏକ ବିମୁଗ୍ଧ କାବ୍ୟକଳ୍ପ। ଏହା କ୍ଷେତ୍ର ଓ କ୍ଷେତ୍ରପତି କ୍ରମରେ ଦୁଇ ଭାଗରେ ସଜ୍ଜିତ ହୋଇଛି। ଏଥିରୁ ଦୟଣା, ତୁଳସୀର ବାସ୍ନା ଓ ମରୁଆର ମନ୍ତ୍ରଧ୍ୱନି ଅନୁଭବ କରିପାରିବେ ବୋଲି ସମୀକ୍ଷକମାନେ ପ୍ରକାଶ କରିବା ସହିତ 'ଦଧିନଉତି' ଏକ ସାର୍ଥକ କବିତା ସଂକଳନ ଅ।।ଟେ। କବି ଶ୍ରୀ ସେନାପତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ମହାଲକ୍ଷ୍ମୀ ପାଳିଲେ ଋଷି ପଞ୍ଚମୀ ବ୍ରତ

ପୁରୀ,୨୮।୮ (ସମିସ): ଗୁରୁବାର ଭାଦ୍ରବ ଶୁକ୍ଳ ପଞ୍ଚମୀ ତଥା ଋଷି ପଞ୍ଚମୀ। ଶ୍ରୀଦେବୀ (ମହାଲକ୍ଷ୍ମୀ) ମାର୍କଣ୍ଡ ଋଷିଙ୍କ ଆଶ୍ରମକୁ ଯାଇ ଋଷି ପଞ୍ଚମୀ ବ୍ରତ ପାଳନ କରିଛନ୍ତି। ସକାଳ ଧୂପ ବଢ଼ିବା ପରେ ମହାଲକ୍ଷ୍ମୀ ଶ୍ରୀଅଙ୍ଗରୁ ଆଜ୍ଞାମାଳ ପାଇ ସାତପାହାଚଠାରେ ଥିବା ପାଲିଙ୍କିରେ



ବିଜେ ହୋଇଥିଲେ। ବିମାନ ବଡୁମାନେ ତାଙ୍କୁ ପାଲିଙ୍କିରେ ନେଇ ମାର୍କଣ୍ଡଙ୍କ ଭିତର ଗମ୍ଭୀରାରେ ବିଜେ କରାଇଥିଲେ। ସେଠାରେ ମାଜଣା, ବନକଲାଗି ସାରି ପୂଜାପଣ୍ଡାମାନେ ଋଷି ପଞ୍ଚମୀ ବ୍ରତ କଥା ପାଠ କରିଥିଲେ। ଶୀତଳଭୋଗ ଓ ବନ୍ଦାପନା ବଢ଼ି ମହାଲକ୍ଷ୍ମୀ ଶ୍ରୀମନ୍ଦିରକୁ ବାହୁଡ଼ାବିଜେ କରିଥିଲେ। ଏ ସମ୍ପର୍କରେ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଡ. ନରେଶ ଦାଶ କୁହନ୍ତି, ରଜସ୍ୱଳା ସମୟରେ ନାରୀମାନେ ସ୍ୱତନ୍ତ୍ର ନିୟମରେ ରହିଥା'ନ୍ତି; କିନ୍ତୁ ଏହି ସମୟରେ ଅଜ୍ଞାତରେ ହୋଇଥିବା ଦୋଷରୁ ମୁକ୍ତି ଲାଗି ସପ୍ତଋଷିଙ୍କୁ ଆରାଧନା କରିବାର ପରମ୍ପରାକୁ ଋଷି ପଞ୍ଚମୀ ବ୍ରତ କୁହାଯାଏ। ସେହି ପରମ୍ପରା ଆଧାରରେ ମହାଲକ୍ଷ୍ମୀ ମାର୍କଣ୍ଡ ଋଷିଙ୍କ ଆଶ୍ରମକୁ ଯାଇ ଋଷି ପଞ୍ଚମୀ ବ୍ରତ ପାଳନ କରିଥାନ୍ତି। ଏହିଦିନ ସ୍ୱୟଂ ମହାଲକ୍ଷ୍ମୀ ଠାକୁରାଣୀ ମାନବୀୟ ଲୀଳାକ୍ରମେ ପୂଜାପଣ୍ଡାଙ୍କୁ ଛଞ୍ଚା ଦେଇଥା'ନ୍ତି।

# ପରିଚାଳନା କମିଟି ଚୟନକୁ ନେଇ କେଁ

### ସୁଆର ମହାସୁଆର ନିଯୋଗର ସମୂହ ସ୍ୱାର୍ଥକୁ କୁଠାରାଘାତ

### ମନ୍ଦିରକୁ ଡାଲ୍‌ଡା ଘିଅ ପ୍ରବେଶ ରୋକିବାରେ ପ୍ରଶାସନ ବିଫଳ

ପୁରୀ,୨୮।୮ (ସମିସ): ପରିଚାଳନା କମିଟି ଚୟନ ନେଇ କେଁ ସୃଷ୍ଟି ହୋଇଛି। ଅସନ୍ତୋଷ ଝାଡ଼ିଛନ୍ତି ସୁଆର ମହାସୁର ନିଯୋଗର ଜଣେ କର୍ମକର୍ତ୍ତା। ସେ କହିଛନ୍ତି, ଦୀର୍ଘ ୧ ବର୍ଷ ପରେ ରାଜ୍ୟ ସରକାର ଶ୍ରୀମନ୍ଦିର ପରିଚାଳନା କମିଟି ଗଠନ କରିଛନ୍ତି। ସରକାରଙ୍କ ପକ୍ଷରୁ ୧୦ ଜଣଙ୍କ ନାମ ପ୍ରକାଶ ପାଇଛି। ନିୟମ ଅନୁଯାୟୀ, ସେଥିରେ ୫ ଜଣ ବିଭିନ୍ନ ନିଯୋଗରୁ ଚୟନ କରାଯାଇଛି। ଏଥିରେ ରାଜ୍ୟ ସରକାର ସୁଆର ମହାସୁଆର ନିଯୋଗ ସହ ଅନ୍ୟାୟ କରିଛନ୍ତି। ସରକାର ଯେବେ କୌଣସି ସଙ୍କଟରେ ପଡ଼ିଛନ୍ତି ସେତେବେଳେ ସୁଆର ମହାସୁଆର ନିଯୋଗକୁ ସ୍ୱାର୍ଥ ନିମନ୍ତେ ବ୍ୟବହାର କରିଛନ୍ତି। ସ୍ୱାର୍ଥ ସରିଗଲା ପରେ ଅଲୋଡ଼ା, ଅଦରକାରୀ ପଦାର୍ଥ ପରି ଦୂରେଇ ଦେଇଛନ୍ତି। ସୁଆର ମହାସୁଆର ନିଯୋଗର ସମୂହ ସ୍ୱାର୍ଥକୁ କୁଠାରାଘାତ କରି ଏକ ନିର୍ଦ୍ଦିଷ୍ଟ ବଡୁସୁଆର ଗୋଷ୍ଠୀକୁ ତୃତୀୟଥର ପାଇଁ ଶ୍ରୀମନ୍ଦିର ପରିଚାଳନା ପଦ ଉଦ୍ଦେଶ୍ୟମୂଳକ ଭାବେ ଦିଆଯାଇଛି। ଯାହାକୁ ସେ ଘୋର୍ ନିନ୍ଦା କରିଛନ୍ତି। ପରିଚାଳନା କମିଟିରେ ସୁଆର ମହାସୁଆର ନିଯୋଗର ସଦସ୍ୟଙ୍କୁ ସ୍ଥାନ ଦେଇଥିଲେ ଶ୍ରୀମନ୍ଦିର ଭିତରେ ଥିବା ଅନେକ ସମସ୍ୟା ଦୂର ହୋଇପାରିଥା'ନ୍ତା। କାରଣ ସରକାର ଅନେକ କାର୍ଯ୍ୟରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି ବୋଲି ସାଂଘାତିକ ଅଭିଯୋଗ ଆଣିଛନ୍ତି। ଯେପରି ସକାଳ ଧୂପରେ ଦେଖାଯାଉଥିବା ବିଶୃଙ୍ଖଳାକୁ ଶୃଙ୍ଖଳିତ କରିବା ନିମନ୍ତେ ପଦକ୍ଷେପ ନିଆଯାଇଥା'ନ୍ତା।

ଆନନ୍ଦ ବଜାରରେ ଶୃଙ୍ଖଳା ପାଇଁ ନିଯୁକ୍ତ ୨୦ଜଣ ଏକ୍ସ ମିଲିଟାରୀ ସଭ୍ୟଙ୍କ କାର୍ଯ୍ୟ କୌଣସି ଫଳପ୍ରଦ ନୁହେଁ। ଏଥି ନିମନ୍ତେ ପ୍ରଦାନ କରାଯାଉଥିବା ମାସିକ ୫ଲକ୍ଷ ଟଙ୍କା ପ୍ରଶାସନର ଅଯଥା ବ୍ୟୟ ହେଉଛି। ମହାପ୍ରସାଦ ଦର ଚାର୍ଟ ଓ ଖଜା ଦୋକାନ ସ୍ଥାନାନ୍ତର ପୁନର୍ବାର ସ୍ଥଗିତ ରହିଛି। ଶ୍ରୀମନ୍ଦିର ଚାରିଦ୍ୱାର ଦେଇ ପ୍ରଚୁର ପରିମାଣରେ ଡାଲ୍‌ଡା ଘିଅ ଭିତରକୁ ପ୍ରବେଶ ରୋକିବାରେ ପ୍ରଶାସନ ବିଫଳ ହୋଇଛି। ବିନା ତାଲିମ୍ ଓ ବିନା ଚୟନ ପ୍ରକ୍ରିୟାରେ ଅର୍ଥରାଶି ଦେଇ ୭୫ଜଣ ଜେଟିପି ସ୍ମାର୍ଟଙ୍କୁ ନିଯୁକ୍ତି କରାଯାଇଛି। ଏହା ତଦନ୍ତସାପେକ୍ଷ ଅଟେ। ପ୍ରଶାସନ ମୂଳଦାରୁଘରକୁ ଭଗ୍ନ ଅବସ୍ଥାରେ ରଖି ମହାଲକ୍ଷ୍ମୀଙ୍କର ରୋଷ ସାମଗ୍ରୀ ଘରକୁ ଦାରୁ ସଂରକ୍ଷଣ ଗୃହଭାବେ ଅନଧିକୃତଙ୍କୁ ଟେକି ଦେଇଛନ୍ତି। ଏ ନେଇ ପ୍ରଶାସନର ଦୃଷ୍ଟି ଆକର୍ଷଣ କଲାପରେ ମଧ୍ୟ ପ୍ରଶାସନ ନିରବ ରହିଛି। ଶୃଙ୍ଖଳିତ ଧାଡ଼ି ଦର୍ଶନ ପାଇଁ ବ୍ୟବହାର ହେବାକୁ ଥିବା ରାମ୍ ଭୋଗମଣ୍ଡପ ପୂର୍ବରୁ କାଢ଼ିବା ଅତ୍ୟନ୍ତ ବିଳମ୍ବ ପ୍ରକ୍ରିୟା। ଏହାକୁ ବରିଷ୍ଠ ସୁପକାରମାନେ ବିରୋଧ କରୁଛନ୍ତି। ଅମୃତ ଅନ୍ନକୁ ସୁପକାରମାନେ ଭୋଗ ଲାଗିକରି ଭକ୍ତମାନଙ୍କୁ ଦେବାପାଇଁ ସ୍ଥିର ହୋଇଥିଲା। ମାତ୍ର ଏହା ବିଚାରାଧୀନ ରହିବାକୁ ସ୍ଥିର ହୋଇଛି।

ଶ୍ରୀମନ୍ଦିର ପ୍ରଶାସନ ଓ ରାଜ୍ୟ ସରକାର ମିଳିତଭାବେ ୧୪ ହଜାର କ୍ୱିଣ୍ଟାଲ ଅର୍ପଣ ଚାଉଳ ସୁଆର ମହାସୁଆର ନିଯୋଗକୁ ହସ୍ତାନ୍ତର କରିଥିଲେ। ଉକ୍ତ ସମୟରେ ୩ ହଜାର ଭକ୍ତଙ୍କୁ କାନିକା, ଖେଚୁଡ଼ି ବଣ୍ଟନ କରିବା ପାଇଁ ମୁଖ୍ୟ ପ୍ରଶାସକ, ଉପମୁଖ୍ୟ ପ୍ରଶାସକ ଓ ଶ୍ରୀମନ୍ଦିର ପରିଚାଳନା କମିଟି ଉପସ୍ଥିତିରେ ଏକ ଗୋଟି କାନିକାକୁ ୨୦୦୦ ଟଙ୍କାରେ ଦେବାପାଇଁ ସ୍ଥିର ହୋଇଥିଲା। ଆଜି ଯାଏଁ ସେହି ଟଙ୍କା ମିଳିନଥିବାରୁ ନିରୀହ ସୁପକାରମାନେ ଆଗାମୀ ଦିନରେ ହବିଷ୍ୟାଳି ଯୋଜନାରେ ଅସହଯୋଗ କରିପାରନ୍ତି। କିଛିଦିନ ତଳେ ବଳନ୍ତି ଚାଉଳକୁ ସୁଆର ମହାସୁଆର ନିଯୋଗ ଓ ଶ୍ରୀମନ୍ଦିର ପ୍ରଶାସନ ୨କୋଟି ୮୭ଲକ୍ଷ ଟଙ୍କାରେ ବିକ୍ରିକରି ପ୍ରଶାସନ ପାଖରେ ଦାଖଲ କରାଯାଇଛି। ସେହି ଅର୍ଥରୁ ନିଯୋଗର ଉକ୍ତ ପ୍ରସାଦ ବଣ୍ଟନ ବାବଦକୁ ବକେୟା ଥିବା ଟଙ୍କା ପରିଶୋଧ କରାଯିବା ଉଚିତ୍। କାର୍ତ୍ତିକ ମାସରେ ପ୍ରତ୍ୟେକ ଦିନ ୧୦୦ରୁ ୧୨୦ କ୍ୱିଣ୍ଟାଲ କାଠର ବ୍ୟବସ୍ଥା ଯଦି ନ ହୁଏ, ତେବେ ଚଳିତ ବର୍ଷ ହବିଷ୍ୟାଳି ମହାପ୍ରସାଦ ନ ରାନ୍ଧିବା ପାଇଁ ଯୋଜନା କରାଯାଇଛି ବୋଲି ବିଶେଷ ସୂତ୍ରରୁ ଖବର ମିଳୁଛି। ଶ୍ରୀମନ୍ଦିରରେ ଓମ୍‌ଫେଡ୍ ଘିଅର ବ୍ୟବହାର ୧ ବର୍ଷ ମଧ୍ୟରେ ପ୍ରାୟ ୭ କୋଟି ଟଙ୍କାରୁ ଉର୍ଦ୍ଧ୍ୱର ବ୍ୟବସ୍ଥା କରାଯାଇଥିଲେ ମଧ୍ୟ ରାଜ୍ୟ ସରକାର ବାରମ୍ବାର ନିମ୍ନମାନର ଘିଅ ଯୋଗାଉଛନ୍ତି। ଯାହାଫଳରେ ସୁଆର ମହାସୁଆର ନିଯୋଗ ଭଲ ଘିଅ ପାଇଁ ଅନ୍ୟ କମ୍ପାନୀମାନଙ୍କ ସହିତ ଆଲୋଚନା କରିଥିବା ଜଣାପଡ଼ିଛି।

## ଶ୍ରୀପର୍ଣ୍ଣା ସାହିତ୍ୟ ସଂସଦ ପକ୍ଷରୁ ପୁସ୍ତକ ଉନ୍ମୋଚନ ଓ କବିତା ପାଠ


ପୁରୀ,୨୮।୮ (ସମିସ): ଶ୍ରୀପର୍ଣ୍ଣା ସାହିତ୍ୟ ସଂସଦ, ଶ୍ରୀପର୍ଣ୍ଣା ପ୍ରକାଶନୀ ଆନୁକୂଲ୍ୟରେ ପୁସ୍ତକ ଉନ୍ମୋଚନ ଓ ଅନୁପମ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ସଭାପତି ଡ. ପ୍ରଭାକର ତ୍ରିପାଠୀ, ମୁଖ୍ୟଅତିଥି ଓଡ଼ିଶାର ବିଶିଷ୍ଟ ଲେଖକ, ଅନୁବାଦକ, ଗାଳ୍ପିକ, ଔପନ୍ୟାସିକ ଅବଶୋଷ/ଶ୍ରୀପର୍ଣ୍ଣା ସାହିତ୍ୟ ପତ୍ରିକା ଏବଂ ସୁଜାତା ସିହ୍ନାଙ୍କ ଅନୁଦିତ ବାଂଲାଦେଶର ପ୍ରସିଦ୍ଧ ଔପନ୍ୟାସିକ ହୁମାୟୁନ ଆହେମଦଙ୍କ ଉପନ୍ୟାସ ସମୁଦ୍ର ବିଳାସ ଓ ମୌଳିକ ଶିଶୁ କିଶୋର ଉପନ୍ୟାସ ଦେବଦୂତ ଉନ୍ମୋଚନ ଓ ଆଲୋଚନା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ସୁଜାତା ସିହ୍ନା ଓ ଗୌରାଙ୍ଗ ସନନ୍ଦ ଦେଇ ସମ୍ମାନିତ କରିଥିଲେ। ଏହି କାବ୍ୟୋତ୍ସବରେ ବିଶିଷ୍ଟ ଗୀତିକବି ବିପିନ ମହାନ୍ତି, କବି ସର୍ବଶ୍ରୀ ପୂର୍ଣ୍ଣଚନ୍ଦ୍ର ମହାରଣା, ଜୟନ୍ତୀ ନନ୍ଦ, କଳ୍ପନା ମିଶ୍ର, ମହେନ୍ଦ୍ର ଦାଶ, ସ୍ୱର୍ଣ୍ଣଲତା ତ୍ରିପାଠୀ, ଡ. ସସ୍ମିତା ମିଶ୍ର, ପୌର୍ଣ୍ଣମାସୀ ଦେବୀ, ଅନ୍ତର୍ଯ୍ୟାମୀ ମିଶ୍ର, ବିଜୟଲକ୍ଷ୍ମୀ ଦାଶ ମିଶ୍ର, ରଜତ ମହାନ୍ତି,



ଜିତେନ୍ଦ୍ର ନାରାୟଣ ଦାଶ (ଦାଶ ବେନହୁର), ମୁଖ୍ୟବକ୍ତା ଲକ୍ଷ୍ମୀକାନ୍ତ ଖୁଣ୍ଟିଆ, ଡ. ଦିଲ୍ଲୀପ କୁମାର ସ୍ୱାଇଁ, ସମ୍ମାନିତ ଅତିଥି ପ୍ରଶାନ୍ତ କୁମାର ମଙ୍ଗରାଜ, ଅନୁଷ୍ଠାନର ଉପାଧ୍ୟକ୍ଷ ଲକ୍ଷ୍ମୀକାନ୍ତ ତ୍ରିପାଠୀ, ମଞ୍ଚ ସଂଯୋଜକ କବି ପୁରୁଷୋତ୍ତମ ନନ୍ଦ, କବି ସୁଜାତା ସିହ୍ନା, ଗୌରାଙ୍ଗ ଚରଣ ଦାସ ଏବଂ ସମ୍ପାଦକ ଉମାକାନ୍ତ ମହାପାତ୍ର ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ କବି ଉମାକାନ୍ତ ମହାପାତ୍ରଙ୍କ କବିତା ସଂକଳନ ଅସମର୍ଥ ଉଚ୍ଚାରଣ/ଅନାବୃତ ଅହଙ୍କାର/ଅର୍ଥମୟ ଚରଣ ଦାସଙ୍କୁ ମାନପତ୍ର ଓ ଗଜାନନଙ୍କ ରୌପ୍ୟ ମୂର୍ତ୍ତି ପ୍ରଦାନ କରି ଅତିଥିମାନଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା।

ଏଥିସହ ଅପରାହ୍ଣରେ ଅନୁଷ୍ଠିତ କବିତା ପାଠୋତ୍ସବରେ କବି ସୁଜାତା ସିହ୍ନା ଅଧ୍ୟକ୍ଷତା କରିବା ସହିତ କବି ମମତା ଦାସ ଓ କବୀ ପ୍ରବାସିନୀ ମିଶ୍ର ସଂଯୋଜନା କରିଥିଲେ। ଗୀତି କବି ବିଜୟ ପଣ୍ଡା, ବିଶିଷ୍ଟ ଶିଶୁ ଲେଖକ ରାଇମୋହନ ମହାନ୍ତି ସମ୍ମାନିତ ଅତିଥି ଭାବରେ ଯୋଗଦେଇ କବିତାପାଠ କରିଥିବା ସମସ୍ତ କବି/କବୟିତ୍ରୀଙ୍କୁ ସମ୍ମାନ ଅଶୋକ ମିଶ୍ର, ରଶ୍ମିତା ବେହେରା, ପର୍ଶୁରାମ ପାତ୍ର, ଦେବସ୍ମିତା ପ୍ରଧାନ, ନୀଳମଣି ସୁଆର, ଅଜୟ ସେଠୀ, ଅରୁଣାକର ମହାପାତ୍ର, ଗୀତା ପଟ୍ଟନାୟକ, ବିପିନ ବିହାରୀ ନାୟକ, ମୃତ୍ୟୁଞ୍ଜୟ ଦକ୍ଷିଣରାୟ, ବିପିନ ବିହାରୀ ଦଳାଇ, ରମେଶ ଚନ୍ଦ୍ର ଦାଶ, କାଶୀନାଥ ମହାପାତ୍ର, ସୁବାସ ଚନ୍ଦ୍ର ପରିଡ଼ା, ସଞ୍ଜୟ କୁମାର ବରାଳ ପ୍ରଭୃତି ଯୋଗଦେଇ କବିତାପାଠ କରିଥିଲେ। ପରିଶେଷରେ ଅନୁଷ୍ଠାନର ସଂଯୋଜକ ଗୌରାଙ୍ଗ ଚରଣ ଦାସ ଧନ୍ୟବାଦ ଦେଇଥିଲେ।

# ସମ୍ପାଦକୀୟ



ଯେତେବେଳେ ଦ୍ୱନ୍ଦ୍ୱ ମୋ ମନକୁ ବିଦୀର୍ଣ୍ଣ କରେ, ହତାଶା ବିଷଣ୍ଣ କରେ, ଦିଗବଳୟରୁ ଆଶାର କିରଣ ଅସ୍ତ ହୋଇଯାଏ, ସେତେବେଳେ ମୁଁ ଭଗବତ୍ ଗୀତାର ବାଣୀକୁ ସ୍ମରଣ କରି ସ୍ଥିତପ୍ରଜ୍ଞ ହୋଇଯାଏ।

-ମହାତ୍ମା ଗାନ୍ଧୀ

ସକାଳ THE SAKALA

## ବିକଳ୍ପ ସନ୍ଧାନର ସୁଯୋଗ

ଭାରତ ବିରୋଧରେ ବିଧିବଦ୍ଧ ଭାବେ ଆରମ୍ଭ ହୋଇସାରିଥିବା ଆମେରିକାର ବାଣିଜ୍ୟ ଯୁଦ୍ଧର ପ୍ରାରମ୍ଭିକ ପର୍ଯ୍ୟାୟରେ ଭାରତର ବୟନ, ରତ୍ନପଥର, ଅଳଙ୍କାର, ସାମୁଦ୍ରିକ ଖାଦ୍ୟ, ଅଟୋଯନ୍ତ୍ରାଂଶ ଶିଳ୍ପ ଗୁରୁତର ପ୍ରଭାବିତ ହୋଇଛି। ସବୁଠାରୁ ଅଧିକ ଓ ତତ୍କାଳ ପ୍ରଭାବିତ ହୋଇଛି ବୟନଶିଳ୍ପ। ଭାରତର ବୟନଶିଳ୍ପ ପେଣ୍ଠ କୁହାଯାଉଥିବା ଗୁଜରାଟର ସୁରତ, ତାମିଲ୍‌ନାଡୁର ତିରିପୁର ଓ ନୋଇଡ଼ାରେ କାରଖାନାମାନ ବନ୍ଦ ହୋଇଯାଇଛି। ଲକ୍ଷ ଲକ୍ଷ କାରିଗର ଚାକିରି ହରାଇଛନ୍ତି। କୋଭିଡ୍ ମହାମାରୀ ଜନିତ ଲକ୍‌ଡାଉନ୍ ଘୋଷଣା ପରେ ସୃଷ୍ଟି ହୋଇଥିବା ପରିସ୍ଥିତିର ଏକପ୍ରକାର ପୁନରାବୃତ୍ତି ଘଟିଛି। ଏବେ ବୟନ ଶିଳ୍ପ କ୍ଷେତ୍ରରେ ଅନୁଭୂତ ପ୍ରଭାବ ଖୁବ୍‌ଶୀଘ୍ର ଅର୍ଥନୀତିର ଅନ୍ୟାନ୍ୟ କ୍ଷେତ୍ରକୁ ସଂଚରିଯିବା ସ୍ୱାଭାବିକ ଥିବାରୁ ଚଳିତ ଆର୍ଥିକ ବର୍ଷରେ ଭାରତର ଅର୍ଥନୈତିକ ଅଭିବୃଦ୍ଧି ହାର ହ୍ରାସ ପାଇବା ଏକପ୍ରକାର ସୁନିଶ୍ଚିତ। ସାମଗ୍ରିକ ଭାବେ ଆମେରିକାର ବାଣିଜ୍ୟ ଶୁଳ୍କ ବୃଦ୍ଧି ଯୋଗୁଁ ଭାରତୀୟ ନିଯୁକ୍ତି ବଜାରରେ ପ୍ରାୟ ୩୦ ଲକ୍ଷ ଛଟେଇ ହେବେ ବୋଲି ଆଶଙ୍କା ପ୍ରକାଶ ପାଇଛି। ଓଡ଼ିଶାର ସର୍ବାଧିକ ପ୍ରବାସୀ ଶ୍ରମିକ ସୁରତର ବୟନଶିଳ୍ପରେ ନିୟୋଜିତ ଥିବାରୁ ସେଠାରେ କାମଧନ୍ଦା ବନ୍ଦ ହେଲେ ପ୍ରବାସୀ ଶ୍ରମିକଙ୍କ ଘରବାହୁଡ଼ା ଓଡ଼ିଶାରେ ଆଉ ଏକ ସଙ୍କଟକୁ ଜନ୍ମ ଦେବ। ତେଣୁ ରାଜ୍ୟ ସରକାର ଏଥିପ୍ରତି ସତର୍କ ଓ ସଜାଗ ହେବା ଆବଶ୍ୟକ।

ରୁଷ୍‌ରୁ ଭାରତ ତୁଳନାରେ ଚୀନ୍ ଅଧିକ ତୈଳ ଆମଦାନୀ କରୁଛି। କିନ୍ତୁ ଚୀନ୍ ଉପରେ ଟ୍ରମ୍ପ ସେଭଳି କଠୋର ହୋଇନାହାନ୍ତି। ଏଥିରୁ ପ୍ରମାଣିତ ହେଉଛି ଯେ ଭାରତୀୟ ଉତ୍ପାଦ ଉପରେ ଟ୍ରମ୍ପଙ୍କ ବର୍ଦ୍ଧିତ ଶୁଳ୍କ ଲାଗୁ ବା ବାଣିଜ୍ୟ ଯୁଦ୍ଧ ଘୋଷଣା ପଛରେ କେବଳ ରୁଷ୍‌ରୁ ତୈଳ ଆମଦାନୀ ଏକମାତ୍ର କାରଣ ନୁହେଁ। ଏହି କାରଣକୁ ଭାରତ ସାମ୍ନାକୁ ଆଣି ବିଶ୍ୱ ଦରବାରରେ ସ୍ୱାର୍ଥପର ଆମେରିକାର ମୁଖା ଖୋଲିବା ଉଚିତ। ଭାରତୀୟ ଉତ୍ପାଦର ଅନୁପସ୍ଥିତିରେ ଆମେରିକାର ଖାଉଟି ମଧ୍ୟ ପ୍ରଭାବିତ ହେବେ, ଯାହା ଚୀନ୍ ଦ୍ୱାରା ତତ୍କାଳ ପୂରଣ ହେବା ସମ୍ଭବ ନୁହେଁ। ତେଣୁ ଯେସାକୁ ତେସା ନୀତିରେ ଭାରତ ଆମେରିକାକୁ ଔଷଧ ରପ୍ତାନୀକୁ କାଣ୍ଟଛାଣ୍ଟ କରି ଆମ ବଜାରରେ ଆମେରିକା ଉତ୍ପାଦ ଉପରେ ଦ୍ୱିଗୁଣା ଶୁଳ୍କ ଲାଗୁ କରିବା ଉଚିତ ହେବ।

ସର୍ବୋପରି ଆମେରିକାର ଶୁଳ୍କ ବୃଦ୍ଧିର ଅଳଂଘ୍ୟ ପ୍ରଭାବ ଭାରତୀୟ ଅର୍ଥନୀତିର ଅନ୍ୟାନ୍ୟ ଦିଗକୁ ସଞ୍ଚରିଯିବା ପୂର୍ବରୁ ଭାରତ ସରକାର ଆଶୁ ପଦକ୍ଷେପ ନେବା ଜରୁରୀ। ଭାରତୀୟ ଉତ୍ପାଦ ପାଇଁ ଆମେରିକା ଏକମାତ୍ର ବିକଳ୍ପ ନୁହେଁ। କିନ୍ତୁ ଆମେରିକା ବଜାର ଉପରେ ଆମର ମାତ୍ରାଧିକ ନିର୍ଭରଶୀଳତା ଏବଂ ବିଶ୍ୱର ସର୍ବଶକ୍ତିମାନ ରାଷ୍ଟ୍ରର ସହାଚାର୍ଯ୍ୟର ଆସକ୍ତି ଯୋଗୁଁ ଆଜି ଆମ ରପ୍ତାନୀ ଶିଳ୍ପକୁ ଏ ଦଶା ଭୋଗିବାକୁ ପଡୁଛି। ଯଦି ବେଳ ଥାଉଁ ବିକଳ୍ପ ବଜାର ଖୋଜିବାର ଚେଷ୍ଟା କରିଥା'ନ୍ତେ ତେବେ ଆଜି ଆମେ ମଧ୍ୟ ଆମେରିକାକୁ ଚୀନ୍ ସୁଲଭ ନାଲି ଆଖି ଦେଖାଇ ନମନୀୟ କରିପାରିଥା'ନ୍ତେ। ଏବେ ମଧ୍ୟ ବେଶୀ ବିଳମ୍ବ ହୋଇନାହିଁ। ଆମର ବାଣିଜ୍ୟ-ଅର୍ଥନୀତିକୁ ନିଜ ଗୋଡ଼ରେ ଠିଆ ହେବାର ଦୀର୍ଘସ୍ଥାୟୀ ଯୋଜନା ପ୍ରସ୍ତୁତ କରିବାରେ ଆମେରିକାର ବାଣିଜ୍ୟ ଯୁଦ୍ଧ ଆମକୁ ଏକ ସୁଯୋଗ ଦେଇଛି। ଓଡ଼ିଶା ମଧ୍ୟ ଦାଦନ-ଶ୍ରମିକ ରଣନୀତିରେ ଯୁଗୋପଯୋଗୀ ପରିବର୍ତ୍ତନ ଆଣିବା ଲାଗି ମାନସ ମନ୍ଥନ ଆରମ୍ଭ କରିବାର ଅବକାଶ ସୃଷ୍ଟି ହୋଇଛି। ଏହି ସମୟର ସଦୁପଯୋଗ କରି ସୁଯୋଗର ସନ୍ଧାନ ଆମେ ଯେତେଶୀଘ୍ର କରିପାରିବା ଆମେରିକାକୁ ଉଚିତ ଶିକ୍ଷା ତ ମିଳିବ, ଭାରତୀୟ ଅର୍ଥନୀତି ମଧ୍ୟ ଅଦମନୀୟ ହୋଇପାରିବ। ●

## ଅରଣ୍ୟର ରୋଦନ

ବିକାଶ ଆଳରେ ବ୍ୟାପକ ବୃକ୍ଷଛେଦନର ପରିବେଶ ଉପରେ ପ୍ରତ୍ୟକ୍ଷ ପ୍ରଭାବ ବିଷୟରେ ପରିବେଶବିତ୍‌ମାନେ ସପ୍ରମାଣ ଚେତାବନୀ ଦେଇ ଆସୁଛନ୍ତି। ଜଙ୍ଗଲକ୍ଷୟ ପ୍ରାଣୀମାନଙ୍କ ଜୀବନଚକ୍ରକୁ ପରୋକ୍ଷ ପ୍ରଭାବିତ କରୁଥିବା ଅନେକ ଗବେଷଣାରୁ ଜଣାପଡ଼ିଛି। ଏବେ କିନ୍ତୁ ଜଙ୍ଗଲକ୍ଷୟର ମଣିଷମାନଙ୍କ ଉପରେ ପ୍ରତ୍ୟକ୍ଷ ପ୍ରଭାବର ପ୍ରମାଣ ମିଳିଛି। ବିଖ୍ୟାତ ବିଜ୍ଞାନ ପତ୍ରିକା 'ନେଚର୍'ର ଗତ ୨୭ ତାରିଖରେ ପ୍ରକାଶିତ ସଂଖ୍ୟାରେ ଉଲ୍ଲେଖିତ ଏକ ଗବେଷଣାଲବ୍ଧ ସନ୍ଦର୍ଭର ତଥ୍ୟ ଅନୁଯାୟୀ ଗତ ଦୁଇ ଦଶନ୍ଧିରେ ଜଙ୍ଗଲ କ୍ଷୟ ଯୋଗୁଁ ବାର୍ଷିକ ହାରାହାରି ୨୮ ହଜାର ଲୋକଙ୍କ ଜୀବନ ହାନି ଘଟିଛି। ସବୁଠାରୁ ଅଧିକ ପ୍ରଭାବ ପଡ଼ିଛି ଦକ୍ଷିଣ-ଏସିଆରେ। ଉକ୍ତ ସନ୍ଦର୍ଭର ଦାବି ଅନୁଯାୟୀ ଚଳିତ ଶତାବ୍ଦୀର ଦୁଇ ଦଶନ୍ଧି ମଧ୍ୟରେ କୃଷି ଓ ବାସସ୍ଥାନ ନିର୍ମାଣ ପାଇଁ ୧୬୦ ଲକ୍ଷ ବର୍ଗ କିମି ଜଙ୍ଗଲ ନଷ୍ଟ ହୋଇଛି। ଫଳରେ ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ମାତ୍ରା ବୃଦ୍ଧି ଏବଂ ଜଳବାୟୁରେ ଅସ୍ୱାଭାବିକ ପରିବର୍ତ୍ତନ ଘଟିଛି, ଯାହାର ସିଧାସଳଖ ପ୍ରଭାବ ମଣିଷ ଜୀବନ ଉପରେ ପଡ଼ିଛି।

ଏକପକ୍ଷରେ ବିଶ୍ୱ ତାପମାତ୍ରାକୁ ଶିଳ୍ପ ବିପ୍ଳବ ପୂର୍ବବର୍ତ୍ତୀ ସମୟର ୧.୫ ଡିଗ୍ରୀ ସେଲ୍‌ସିୟସ୍ ମଧ୍ୟରେ ସୀମିତ ରଖିବାକୁ ପରିବେଶ ଶିଖର ସମ୍ମିଳନୀମାନଙ୍କରେ ସଂକଳ୍ପ ପାରିତ ହେଉଛି। ଅପରପକ୍ଷରେ ପରିବେଶର ସୁରକ୍ଷାର କବଚ ଜଙ୍ଗଲକୁ ଅତି ନିଷ୍ଠୁର ଭାବେ ନଷ୍ଟ କରାଯାଉଛି। ବିକାଶର ମାୟାଜାଲରେ ମଣିଷ ଏତେ ଅନ୍ଧ ହୋଇଯାଇଛି ଯେ ନିଜ ସହିତ ମାନବ ସଭ୍ୟତାକୁ ବିଲୟ ଆଡ଼କୁ ନେଇଯାଉଛି, ତାହା ସେ ନିଜେ ଜାଣିପାରୁନାହିଁ। ବିକାଶ ପାଇଁ ଆଇନକାନୁନ୍‌କୁ ଦଳିଚକଟି ଚାଲିଛି। ନୂତନ ବନାଞ୍ଚଳ ଯେ ସୃଷ୍ଟି ହେଉନାହିଁ ତା' ନୁହେଁ। କିନ୍ତୁ ବନୀକରଣ ତୁଳନାରେ ଅରଣ୍ୟ ଉଭାନ୍‌ର ପରିମାଣ ବଢ଼ି ଚାଲିଛି। ଭିତ୍ତିଭୂମି ବିକାଶ ନାମରେ ଶହଶହ ବର୍ଷ ପୁରୁଣା ଗଛ ବଦଳରେ କାଗଜଫୁଲ, କନିଅର ଫୁଲ ଗଛ ଶୋଭା ପାଉଛି। ପରିସଂଖ୍ୟାନରେ ଯେଉଁ ସବୁଜ ବଳୟ ଅଞ୍ଚଳ ବୃଦ୍ଧି ପାଇଥିବା ଦର୍ଶାଯାଇଛି ତାହା କେବଳ ଉପଗ୍ରହ ମାଧ୍ୟମରେ ଉତ୍ତୋଳିତ ଚିତ୍ର ଆଧାରରେ ପ୍ରସ୍ତୁତ ହେଉଥିବାରୁ ଯାହା କିଛି ଉପଗ୍ରହ କ୍ୟାମେରାରେ ସବୁଜ ଚିତ୍ରିତ ହେଉଛି ତାହାକୁ ପରିସଂଖ୍ୟାନବିତ୍‌ମାନେ ବନାଞ୍ଚଳ ବା ବୃକ୍ଷ ଆଚ୍ଛାଦିତ ଅଞ୍ଚଳ ବୋଲି ଦର୍ଶାଉଛନ୍ତି। କିନ୍ତୁ ଗୋଟିଏ ବଡ଼ ଗଛର ବିକଳ୍ପ ଲକ୍ଷେ ଫୁଲଗଛ ଚାରା ନୁହେଁ, ଏହି ବାସ୍ତବତାକୁ ଗ୍ରହଣ କରିବାକୁ ପଡ଼ିବ।

ଅରଣ୍ୟ ଆମକୁ ବହୁବର୍ଷ ହେଲା ଆକୁଳ ନିବେଦନ କରୁଛି - ମୋତେ ମାର ନାହିଁ; ନଚେତ୍ ତୁମେ ମରିଯିବ। କିନ୍ତୁ ନିଷ୍ଠୁର ମଣିଷ ଅରଣ୍ୟର ସେହି ରୋଦନ ଶୁଣିବାର ଧୈର୍ଯ୍ୟ ଓ ଆନ୍ତରିକତା ହରାଇଛି। ●

# ବାଣିଜ୍ୟ-ଯୁଦ୍ଧ ଓ ଚିରସ୍ଥାୟୀ କୃଷିବିକାଶ

**ବିଦ୍ୟାଧର ମହାରଣା**

ଆମେରିକା ସହିତ ଭାରତର ବାଣିଜ୍ୟ ଯୁଦ୍ଧର ବିଗୁଲ୍ ବାଜିସାରିଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ଭାରତର ରପ୍ତାନି ଶିଳ୍ପ ଗୁରୁତର ବାଧାପ୍ରାପ୍ତ ହୋଇଥିବା ବେଳେ ଆଗାମୀ ଦିନରେ କୃଷି ଆମଦାନୀ ଓ ଖାଦ୍ୟ ନିରାପତ୍ତା ଉପରେ ଏହାର ପ୍ରଭାବକୁ ଏଡ଼ାଇ ଦେଇ ହେବ ନାହିଁ ବୋଲି ବିଶେଷଜ୍ଞମାନେ ଆଶଙ୍କା କଲେଣି। ତେଣୁ ଏବେଠାରୁ ଭାରତ କୃଷି ଓ ଖାଦ୍ୟ ନିରାପତ୍ତାରେ ସମ୍ପୂର୍ଣ୍ଣ ଆତ୍ମନିର୍ଭରଶୀଳ ହେବା ପାଇଁ ଦୀର୍ଘସ୍ଥାୟୀ ଯୋଜନା ପ୍ରସ୍ତୁତ କରିବା ଆବଶ୍ୟକ। ଭାରତ ଆଜି ବିଶ୍ୱର ସବୁଠାରୁ ଅଧିକ ଜନବହୁଳ ରାଷ୍ଟ୍ରରୂପେ ଉଭା ହୋଇଛି। ଦେଶର ବିଶାଳକାୟ ଜନସମାଜକୁ ଉପଯୁକ୍ତ ପୁଷ୍ଟିକର ଖାଦ୍ୟ ଯୋଗାଇବା ପାଇଁ ଆଗୁଆ ଯୋଜନା ପ୍ରସ୍ତୁତ କରା ନ ଗଲେ ଲୋକମାନେ ବହୁ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି।

ଭାରତ ବିଶ୍ୱରେ ସର୍ବାଧିକ ଡାଲି, କପା, ଝୋଟ ଓ ଦୁଗ୍ଧ ଉତ୍ପାଦନକାରୀ ରାଷ୍ଟ୍ର। ଚାଉଳ, ଆଖୁ, ଫଳ ଓ ପନିପରିବା ଉତ୍ପାଦନରେ ଭାରତ ଦ୍ୱିତୀୟ ସ୍ଥାନରେ ଅଛି। ୨୦୨୪-୨୫ ରେ ଦେଶରେ ଖାଦ୍ୟଶସ୍ୟ(ଶସ୍ୟ ଓ ଡାଲି) ଉତ୍ପାଦନ ୩୫୩ ନିୟୁତ ଟନ୍‌ରୁ ଅଧିକ ହେଲେ ମଧ୍ୟ ବିଶ୍ୱ କ୍ଷୁଧା ଅନୁକ୍ରମଣିକାରେ ଭାରତର ନୈରାଶ୍ୟଜନକ ପ୍ରଦର୍ଶନ ସମସ୍ତଙ୍କୁ ବ୍ୟଥିତ କରିଛି। ବିଶ୍ୱର ତାଲିକାଭୁକ୍ତ ୧୨୭ ଦେଶ ମଧ୍ୟରେ ଭାରତର ସ୍ଥାନ ୧୦୫ ଓ କ୍ଷୁଧା ସୂଚକାଙ୍କ ମାତ୍ର ୨୭.୩, ଯାହାକି ସାଂଘାତିକ। ଦେଶରେ ପ୍ରାୟ ୨୦ କୋଟି ଲୋକ ଖାଲି ପେଟରେ ଶୋଇବାକୁ ଯାଆନ୍ତି। ୧୯୫ ନିୟୁତ ଲୋକ ଅପପୁଷ୍ଟି ପ୍ରପୀଡ଼ିତ, ଯାହାକି ବିଶ୍ୱର ଏକ-ଚତୁର୍ଥାଂଶ। ତେଣୁ ଏବେଠାରୁ ଯୁଦ୍ଧକାଳୀନ ଭିତ୍ତିରେ କୃଷି ଯୋଜନା ପ୍ରସ୍ତୁତ ହେବା ଆବଶକ୍ୟକ।

ଆଗାମୀ ଦିନରେ ଭାରତର ଖାଦ୍ୟ ଦ୍ରବ୍ୟଗୁଡ଼ିକର ଆବଶ୍ୟକତା କେତେହେବ ତାକୁ ବୈଜ୍ଞାନିକ ଓ ନିତି ଆୟୋଗ ହିସାବ କରିଛନ୍ତି। ନାବାର୍ଡ ୨୦୨୩ ମସିହାରେ ଏକ ପୁସ୍ତକ ପ୍ରକାଶ କରିଥିଲା, ଯାହାର ଶୀର୍ଷକ ଥିଲା 'ପ୍ରସପେକ୍ଟସ୍ ଅଫ୍ ଇଣ୍ଡିଆସ୍ ଡିମାଣ୍ଡ ଆଣ୍ଡ ସପ୍ଲାଇସ୍ ଅଫ୍ ଏଗ୍ରିକଲ୍‌ଚର କୋମୋଡିଟିଜ୍ ଟୁଆର୍ଡସ୍ ୨୦୩୦'। ଦେଶରେ ଜନସଂଖ୍ୟା ବୃଦ୍ଧି ହାର ବାର୍ଷିକ ୦.୯ ଶତାଂଶ ହେବ ବୋଲି ଜାତିସଂଘ ଆକଳନ କରିଛି। ଏହି ସମୟ ମଧ୍ୟରେ ଭାରତର ମୁଣ୍ଡପିଛା ଆୟ ବାର୍ଷିକ ୪.୧, ୫.୧ ଓ ୬.୧ ଶତାଂଶ ବୃଦ୍ଧି ପାଇବ ବୋଲି ପୂର୍ବାନୁମାନ କରାଯାଇ ତଦନୁଯାୟୀ ଖାଦ୍ୟର ଆବଶ୍ୟକତା ହିସାବ କରାଯାଇଛି। ଅଧିକ ରୋଜଗାର ଯୋଗୁଁ ଲୋକମାନଙ୍କ ଚାହିଦା ନିଶ୍ଚିତ ଭାବରେ ଖାଦ୍ୟଶସ୍ୟ ସହିତ ଖାଇବା ତେଲ, ଫଳ, ପନିପରିବା, କ୍ଷୀର, ମାଛ, ମାଂସ ଓ ଅଣ୍ଡା ଆଡ଼କୁ ଯିବ। ଆମେ ଯଦି ବାର୍ଷିକ ମୁଣ୍ଡପିଛା ଆୟ ବୃଦ୍ଧିକୁ ୫.୧ ଶତାଂଶ ଧରିବା ତାହାହେଲେ ଆମ ଦେଶର ଲୋକଙ୍କ ପାଇଁ ୨୦୩୦-୩୧ ରେ ବାର୍ଷିକ ୧୧୩.୮ ନିୟୁତ ଟନ୍ ଚାଉଳ, ୧୧୧.୮ ନିୟୁତ ଟନ୍ ଗହମ, ମୋଟା ଶସ୍ୟ ୪୭.୧ ନିୟୁତ ଟନ୍, ଡାଲି ୩୪.୫ ନିୟୁତ ଟନ୍, ତୈଳବୀଜ ୪୧ ନିୟୁତ ଟନ୍, ଚିନି ୩୦.୯ ନିୟୁତ ଟନ୍, ଫଳ ୧୩୪.୬ ନିୟୁତ ଟନ୍, ପନିପରିବା ୨୩୫.୧ ନିୟୁତ ଟନ, କ୍ଷୀର ୨୬୪.୩ ନିୟୁତ ଟନ୍ ଓ ମାଛ ମାଂସ ୧୧.୭ ନିୟୁତ ଟନ୍ ଆବଶ୍ୟକ ପଡ଼ିବ।

ଏତିକି ଖାଦ୍ୟ ଦ୍ରବ୍ୟ ଆମକୁ ଉତ୍ପାଦନ କରିବାକୁ ହେବ କିମ୍ବା ନିଅଣ୍ଟ ଭରଣା କରିବା ପାଇଁ ବିଦେଶରୁ ଆମଦାନୀ କରିବାକୁ ହେବ। ବର୍ତ୍ତମାନ ଆମ ଦେଶର ଚାଉଳ ଓ ଗହମ ଉତ୍ପାଦନ ଯଥାକ୍ରମେ ୧୪୯ ଓ ୧୧୭ ନିୟୁତ ଟନ୍ ହୋଇଥିବାରୁ ଏହା ଆବଶ୍ୟକତା ଅପେକ୍ଷା ଅଧିକ ଅଛି। କିନ୍ତୁ ଆମେ ଡାଲି ଓ ତୈଳବୀଜ ଉତ୍ପାଦନ କ୍ଷେତ୍ରରେ ପଛରେ ପଡ଼ିଛୁ। ଆମ ଦେଶରେ ଯେଉଁ ହାରରେ ଖାଦ୍ୟଶସ୍ୟ ଉତ୍ପାଦନ ବୃଦ୍ଧି ପାଉଛି ତାହାକୁ ବିଚାରକୁ ନେଲେ ୨୦୩୦-୩୧ ବେଳକୁ ଶସ୍ୟ ଉତ୍ପାଦନ ୩୪୨.୩ ନିୟୁତ ଟନ୍, ଡାଲି ୩୫ ନିୟୁତ ଟନ୍, ଫଳ ୧୪୫.୨ ନିୟୁତ ଟନ୍ ଓ ପନିପରିବା ୨୫୩.୫ ନିୟୁତ ଟନ୍ ହେବାର ଆଶା କରାଯାଏ। ସୁତରାଂ ଅଭାବ ପଡ଼ିବ ଡାଲି, ତୈଳବୀଜ, କ୍ଷୀର, ମାଛ ଓ ମାଂସ। କହିବାରେ ଦ୍ୱିଧା ନାହିଁ ଯେ ୧୯୬୬ ପରେ ଦେଶରେ ସବୁଜ ବିପ୍ଳବର ସଫଳ ରୂପାୟନ ଆମକୁ ଖାଦ୍ୟଶସ୍ୟ ଉତ୍ପାଦନରେ ସ୍ୱାବଲମ୍ବୀ କରିପାରିଛି। ୧୯୫୧ ମସିହାରେ ମୁଣ୍ଡପିଛା ଖାଦ୍ୟ ଶସ୍ୟ ବାର୍ଷିକ ମାତ୍ର ୧୪୪ କିଲୋଗ୍ରାମ ଥିବା ବେଳେ ୧୯୭୧ ରେ ଏହା ୧୭୧ କିଲୋଗ୍ରାମକୁ ବୃଦ୍ଧି ପାଇଥିଲା। ଏବେତ ଏହା ୨୦୭ କିଲୋଗ୍ରାମରେ ପହଞ୍ଚିଲାଣି। କିନ୍ତୁ ଡାଲି, ତୈଳବୀଜ, କ୍ଷୀର, ଅଣ୍ଡା ଓ ମାଛ ମାଂସ ସେହି ଅନୁପାତରେ ବୃଦ୍ଧି ପାଉ ନ ଥିବା କାରଣରୁ ଅପପୁଷ୍ଟିର ଚିତ୍ର ସାମ୍ନାକୁ ଆସୁଛି।

ଖାଲି ଉତ୍ପାଦନ ହୋଇଗଲେ ଯେ ଖାଦ୍ୟ ଓ ପୁଷ୍ଟି ନିରାପତ୍ତା ହାସଲ ହେବ ଏହା ଭାବିବା ଭୁଲ। କାରଣ ଏପରି ନିରାପତ୍ତା ପାଇଁ ଉପଲବ୍ଧତା, କ୍ରୟଶକ୍ତି, ଖାଦ୍ୟ ଗ୍ରହଣୀୟତା ଓ ସ୍ଥାୟିତ୍ୱ ଆବଶ୍ୟକ। ରୋଜଗାର ଅଭାବରୁ ଗରିବ ଲୋକେ ଉପଯୁକ୍ତ ଖାଦ୍ୟ ପ୍ରାପ୍ତିରୁ ବଞ୍ଚିତ ହୁଅନ୍ତି। ଆଉ କେତେକ ଶିକ୍ଷା, ସ୍ୱାସ୍ଥ୍ୟ ଓ ସ୍ୱଚ୍ଛତା ଅଭାବରୁ ଖାଦ୍ୟକୁ ଭଲ ଭାବେ ଗ୍ରହଣ କରି ନ ପାରି ଅପପୁଷ୍ଟିର ଶିକାର ହୁଅନ୍ତି। ସୁତରାଂ ଖାଦ୍ୟ ନିରାପତ୍ତା ସହିତ ଶିକ୍ଷା, ସ୍ୱାସ୍ଥ୍ୟ ଓ ପରିଚ୍ଛନ୍ନତା ଜଡ଼ିତ। ଜଳବାୟୁ ପରିବର୍ତ୍ତନ ଯୋଗୁଁ ଦେଶର ଖାଦ୍ୟ ଉତ୍ପାଦନ ଅସ୍ଥିର ହେବା ସହିତ ଏହାର ପ୍ରତିକୂଳ ପ୍ରଭାବ ସମସ୍ତଙ୍କ ସ୍ୱାସ୍ଥ୍ୟ ଉପରେ ପଡୁଛି। ତେଣୁ ଦୀର୍ଘମିଆଦୀ କୃଷି ଯୋଜନା ପ୍ରଣୟନ ହେବା ବେଳେ ଏ ବିଷୟକୁ ମଧ୍ୟ ବିଚାରକୁ ନିଆଯିବା ଜରୁରୀ।

ଖାଦ୍ୟ ନିରାପତ୍ତା ଦୃଷ୍ଟିରୁ ଦେଶର ୮୦ କୋଟି ଲୋକଙ୍କୁ ମାଗଣାରେ ରାସନ ଦିଆ ଯାଉଛି, ଯାହାର ମୁଖ୍ୟ ଆଧାର ଧାନ ଓ ଗହମ। ତେଣୁ ଧାନ ଓ ଗହମ ଚାଷୀମାନଙ୍କୁ ପ୍ରୋତ୍ସାହନ ଦେବା ପାଇଁ ସର୍ବନିମ୍ନ ସହାୟକ ମୂଲ୍ୟ ସ୍ଥିର କରାଯାଇ ଉତ୍ପାଦ ସଂଗ୍ରହଣ କରାଯାଉଛି। ଅଣଧାନ ଫସଲ ପାଇଁ କିଛି ପ୍ରୋତ୍ସାହନ ବ୍ୟବସ୍ଥା ଓ ଅଧିକ ସହାୟକ ମୂଲ୍ୟ ସ୍ଥିର କରାଯାଇଥିଲେ ମଧ୍ୟ ସଂଗ୍ରହଣ ଅଭାବରୁ ଚାଷୀ ଏହି ଫସଲ ପାଇଁ ବିଶେଷ ଆଗ୍ରହୀ ନୁହନ୍ତି। ପନିପରିବା, ଫଳ, କ୍ଷୀର, ମାଛ, ମାଂସ ଓ ଅଣ୍ଡା ପାଇଁ ସର୍ବନିମ୍ନ ସହାୟକ ମୂଲ୍ୟ ଘୋଷଣା କରାଯାଇ ନାହିଁ। ୨୦୨୧-୨୨ ବର୍ଷରେ ଧାନ ଉତ୍ପାଦନର ୩୭ ଶତାଂଶ ଓ ଗହମ ଉତ୍ପାଦନର ୧୭ ଶତାଂଶ ସର୍ବନିମ୍ନ ସହାୟକ ମୂଲ୍ୟରେ ସଂଗ୍ରହ କରାଯାଇଥିଲା ଏବଂ ମାତ୍ର ୬ ଶତାଂଶ କୃଷକ ଏହି ଫାଇଦା ହାସଲ କରିଥିଲେ। ଏଥିରୁ ସନ୍ଦେଶ ମିଳୁଛି ଯେ ସର୍ବନିମ୍ନ ସହାୟକ ମୂଲ୍ୟ କେବଳ ବଡ଼ ଚାଷୀଙ୍କୁ ଉପକୃତ କରୁଛି ଏବଂ ପଞ୍ଜାବ, ହରିଆଣା ଓ ଉତ୍ତରପ୍ରଦେଶ ପରି ଅଧିକ ଉତ୍ପାଦନ କରୁଥିବା ରାଜ୍ୟ ବିଶେଷ ଲାଭବାନ୍ ହେଉଛନ୍ତି। ଏପରି ବ୍ୟବସ୍ଥା ଯୋଗୁଁ ଡାଲି, ତୈଳବୀଜ ଓ ଅନ୍ୟାନ୍ୟ ଅର୍ଥକରୀ ଫସଲ ପାଇଁ ବିଶେଷ ଆଗ୍ରହ ପ୍ରକାଶ କରୁନାହାନ୍ତି। ଅବଶ୍ୟ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରମାନେ ଫସଲ ବିବିଧିକରଣ ପାଇଁ କୃଷକମାନଙ୍କୁ କେତେକ ପ୍ରୋତ୍ସାହନ ଦେଉଛନ୍ତି। ଉଦାହରଣ ସ୍ୱରୂପ ଭାରତ ସରକାର ଖାଇବା ତେଲ ଓ ପାମ୍ ତେଲ ମିସନ୍ ବାବଦରେ ୧୧୦୪୦ କୋଟି ଟଙ୍କାର ବ୍ୟୟବରାଦ କରି ୨୦୩୦-୩୧ ସୁଦ୍ଧା ୨.୮ ନିୟୁତ ଟନ୍ ପାମ୍ ତେଲ ଉତ୍ପାଦନ ଲକ୍ଷ୍ୟ ରଖିଛନ୍ତି।

ଧାନ ଓ ଗହମ ଫସଲରେ ଅଧିକ ସାର ଓ ଜଳ ବ୍ୟବହାର ଯୋଗୁଁ ପରିବେଶ ଉପରେ କୁପ୍ରଭାବ ପଡୁଥିବାରୁ ଏ କ୍ଷେତ୍ରରେ ରିହାତି ପରିମାଣ ସୀମିତ କରିବା ଉଚିତ ମନେହୁଏ। ବରଂ ମୃତ୍ତିକା ସ୍ୱାସ୍ଥ୍ୟ ରକ୍ଷା, ସେଚନ ଜଳର ଉତ୍ପାଦକତା ବୃଦ୍ଧି, ଧାରଣକ୍ଷମ କୃଷି ବିକାଶ, ଗବେଷଣା ଓ ଉନ୍ନୟନ ଉପରେ ଅଧିକ ବ୍ୟୟ ବରାଦ ହେବା ଆବଶ୍ୟକ। ଯଥାସମ୍ଭବ ଜୈବିକ କୃଷି, ପ୍ରାକୃତିକ କୃଷି ଓ ସମନ୍ୱିତ କୃଷିକୁ ପ୍ରାଧାନ୍ୟ ଦେବାକୁ ହେବ। କୃଷି ଭିତ୍ତିଭୂମି ବିକାଶ (ଜଳ ସେଚନ, ଭଣ୍ଡାରଣ, ରାସ୍ତା, ବିଜୁଳି ଶକ୍ତି), ସଙ୍ରକ୍ଷଣ, ପ୍ରକ୍ରିୟାକରଣ ଓ ବିପଣନରେ ସରକାରୀ-ଘରୋଇ ସହଭାଗିତାରେ ଅଧିକ ପୁଞ୍ଜି ନିବେଶ ଜରୁରୀ। ବିଶେଷ କରି ଗବେଷଣା ଓ ଉନ୍ନୟନ କ୍ଷେତ୍ରରେ ଏହି ସହଭାଗିତା ଅତ୍ୟନ୍ତ ଜରୁରୀ।

ଉତ୍ପାଦନଠାରୁ ପରିବହନ ଓ ଯୋଗାଣ ସହିତ ଉପଭୋକ୍ତାଙ୍କ ନିକଟରେ ପହଞ୍ଚିବା ପର୍ଯ୍ୟନ୍ତ ପ୍ରତ୍ୟେକ ସ୍ତରରେ ମୂଲ୍ୟ ସଂଯୋଗ ଓ ଦକ୍ଷତାର ଆବଶ୍ୟକତା ଉପଲବ୍ଧି କରି ଯୋଜନା ପ୍ରଣୟନ କରିବାକୁ ହେବ। ସ୍ୱଚ୍ଛଳ ବର୍ଗର କୃଷକ ଡ୍ରୋନ, ରୋବୋଟ୍, ସେନସର ଏଆଇ, ମେସିନ୍ ଲର୍ଣ୍ଣିଂ, ହାଇଡ୍ରୋପୋନିକ, ଜୈବ ପ୍ରଯୁକ୍ତି ବିଦ୍ୟା ସମ୍ବଳିତ ହାଇଟେକ୍ ଓ ପରିଶୁଦ୍ଧ କୃଷି ପଦ୍ଧତି ଗ୍ରହଣ କରିବା ଆବଶ୍ୟକ। କୃଷି ପରିବେଶ ଉନ୍ନତିକରଣ, କାର୍ବନ ଫାର୍ମିଙ୍ଗ, ସଂରକ୍ଷଣ କୃଷି, ଜୈବିକ କୃଷି, ପାରିବାରିକ କୃଷି ଓ ଧାରଣକ୍ଷମ କୃଷି ପଦ୍ଧତି ଅନୁସରଣ କଲେ ପରିବେଶ ସୁରକ୍ଷା ସହିତ ଆମର ଆବଶ୍ୟକତା ଅନୁସାରେ ଖାଦ୍ୟ ଉତ୍ପାଦନ ହୋଇପାରିବ। କୃଷି ସହିତ ପଶୁପାଳନ, ମହୁଚାଷ, ଟସର ଚାଷ, ମତ୍ସ୍ୟ ଚାଷ ଓ ଦ୍ୱିତୀୟକ କୃଷି (ପ୍ରକ୍ରିୟାକରଣ) ଉପରେ ଧ୍ୟାନ କେନ୍ଦ୍ରିତ ମଧ୍ୟ ହେବା ଆବଶ୍ୟକ। ସଘନ କୃଷି ବିକାଶ ପାଇଁ ପିପିପି ମୋଡ୍‌ରେ ଆବଶ୍ୟକ ଏକ ଦକ୍ଷ ସମ୍ପ୍ରସାରଣ ସେବା ଓ କୃଷକ ଉତ୍ପାଦକ ସଂଗଠନଗୁଡ଼ିକର ସହାୟତା। ଏହାହିଁ ହେବ ଭବିଷ୍ୟତ ପାଇଁ ଆମ ଦେଶର କୃଷି ଯୋଜନା। ଭାରତ କୃଷିରେ ଆତ୍ମନିର୍ଭର ହେବାର ଏହା ହିଁ ସର୍ବୋତ୍ତମ ପନ୍ଥା। ●

ଭୁବନେଶ୍ୱର, ମୋ: ୯୪୩୭୦୭୧୧୯୦

# ବିଷାଦ ଓ ବିଷାଦମନସ୍କତା

**ପ୍ରଫେସର ଫକୀର ମୋହନ ସାହୁ**

ବିଷାଦ(ଡିପ୍ରେସନ୍) ଓ ବିଷାଦମନସ୍କତା ଏକାକଥା ନୁହେଁ। ଅବଶ୍ୟ ବିଷାଦ ବା ଡିପ୍ରେସନ୍ ଶବ୍ଦଟି ଆମ ଦୈନନ୍ଦିନ ଜୀବନର ଏକ ନିତ୍ୟବ୍ୟବହୃତ ପରିଭାଷାର ରୂପ ନେଇଛି। ଆମର ଶାରୀରିକ ଅସୁସ୍ଥତା ପରିପ୍ରେକ୍ଷୀରେ ଥଣ୍ଡା, କାଶ ପରି ମାନସିକ ସ୍ୱାସ୍ଥ୍ୟ ଇଲାକାରେ ବିଷାଦ ସେପରି ଏକ ନକାରାତ୍ମକ ଅନୁଭବ। ବିଷାଦର ଲକ୍ଷଣ ଓ ନିରାକରଣ ଜାଣିବା ପୂର୍ବରୁ ଏହାର ସଂଜ୍ଞା ସଂପର୍କରେ ପରିଚିତ ରହିବାକୁ ପଡ଼ିବ। ବିଷାଦର ବିଭାଗୀକରଣ ମଧ୍ୟ ବୁଝିବାକୁ ହେବ।

ପ୍ରଥମେ ମନେରଖିବାକୁ ହେବ ଯେ ବିଷାଦ ହେଉଛି ଏକ ମାନସିକ ବିକୃତି। ବିଶ୍ୱର ଯେଉଁ ମାର୍ଗଦର୍ଶକ ପୁସ୍ତିକା ଅନୁଯାୟୀ ବିଷାଦକୁ ମାନସିକ ବିକୃତିର ଆଖ୍ୟା ଦିଆଯାଇଛି, ସେହି ମାନଦଣ୍ଡ ଅନୁଯାୟୀ ବିଷାଦ ହେଉଛି ମିଜାସର ବିପର୍ଯ୍ୟୟ। ପ୍ରଶ୍ନ ଉଠିପାରେ ମାନସିକ ବିପର୍ଯ୍ୟୟ କ'ଣ? ଅତି ସରଳ ଭାଷାରେ କୁହାଯିବ ଯେ ଗୋଟିଏ ପରିସ୍ଥିତି ବା ପରିବେଶ ଯେଉଁ ମାତ୍ରାର ପ୍ରତିକ୍ରିୟା ଦର୍ଶାଇବା ଆବଶ୍ୟକ କରୁଛି, ତାହାଠାରୁ ମାତ୍ରାଧିକ ପ୍ରତିକ୍ରିୟା ଦର୍ଶାଇବା ହେଉଛି ମାନସିକ ବିପର୍ଯ୍ୟୟ। ଧରାଯାଉ ଜଣେ ବ୍ୟକ୍ତି ରାସ୍ତାରେ ଯାଉଥିବା ସମୟରେ ଗୋଟିଏ ଲୋକ ଦୁର୍ଘଟଣାଗ୍ରସ୍ତ ହୋଇ କ୍ଷତବିକ୍ଷତ ହୋଇଥିବାର ଦେଖିଲେ। ଏ କ୍ଷେତ୍ରରେ ସେ ଦୁଃଖ ଅନୁଭବ କରିବା ଏବଂ କିଛି ପରିମାଣରେ ବିଷାଦଗ୍ରସ୍ତ ହେବା, ମାନବୋଚିତ ନୁହେଁ କି? ଏ କ୍ଷେତ୍ରରେ ତାଙ୍କର ଦୁଃଖାନୁଭୂତି ପୂରାପୂରି ସ୍ୱାଭାବିକ ବିଚାର କରାଯିବ। କିନ୍ତୁ ସେ ଯଦି ଘରକୁ ଆସି ନିଜର ଖାଦ୍ୟପାନୀୟ ତ୍ୟାଗ କରନ୍ତି, ସ୍ନାନାଦି କର୍ମ ତ୍ୟାଗ କରନ୍ତି ଏବଂ ନିଜର ଯତ୍ନ ନ ନିଅନ୍ତି ତେବେ ବ୍ୟବହାରଟି ଅସ୍ୱାଭାବୀ ଧରାଯିବ। ଏପରି ମାନସିକ ସ୍ଥିତି ବିକୃତିସମ୍ପନ୍ନ ବିଚାର କରାଯିବ।

ସ୍ଥୂଳତଃ ପରିସ୍ଥିତିକୁ ଚାହିଁ ପ୍ରତିକ୍ରିୟା ମାତ୍ରାଧିକ ରହିବା ବିକୃତିର ମୁଖ୍ୟ ଚିହ୍ନ। ବିଷାଦ ବା ଡିପ୍ରେସନ୍ ପରିପ୍ରେକ୍ଷୀରେ ଯେଉଁ ବିଭାଗୀକରଣ ପରିକଳ୍ପନା କରାଯାଇଛି, ତାହା ଦୁଇଟି ଉପାଦାନ ଉପରେ ପର୍ଯ୍ୟବସିତ। ଗୋଟିଏ ଉପାଦାନ ହେଉଛି ବିଷାଦର ତୀବ୍ରତା। ଏହା ବେଶୀ କିମ୍ବା କମ୍ ହୋଇପାରେ। ମନୋବୈଜ୍ଞାନିକ ଭାଷାରେ ପ୍ରଥମଟିକୁ ବୃହତ୍ ବା ମେଜର୍ ଡିପ୍ରେସନ୍ କୁହାଯିବା ସ୍ଥଳେ ଅଳ୍ପମାତ୍ରାର ବିଷାଦକୁ ବିଷାଦମନସ୍କତା ବା ଡିସ୍‌ଥେମିଆ କୁହନ୍ତି। ଦ୍ୱିତୀୟ ଉପାଦାନଟି ହେଉଛି ବିଷାଦର ଦିଗ। ଦିଗ ବିଚାରରେ କେତେକ ବିଷାଦ ଏକପ୍ରାନ୍ତୀୟ ହେବା ସ୍ଥଳେ ଅନ୍ୟପ୍ରକାରର ବିଷାଦ ହେଉଛି ଦୁଇପ୍ରାନ୍ତୀୟ। ଏକପ୍ରାନ୍ତୀୟ ପରିଭାଷା ତାତ୍ପର୍ଯ୍ୟ ହେଉଛି ଯେ ଏପରି ବିଷାଦଗ୍ରସ୍ତ ବ୍ୟକ୍ତିମାନେ ହୁଏତ ଅତିଶୟ ଦୁଃଖର ମାନସିକତା ଦର୍ଶାନ୍ତି କିମ୍ବା ଉନ୍ମତ୍ତ ଅବସ୍ଥା (ଚିତ୍କାର କରିବା, ପାଟିକରିବା ମନୋଭାବ) ଦେଖାନ୍ତି; କିନ୍ତୁ ଦୁଇଟିଯାକ ଲକ୍ଷଣ ଦେଖାନ୍ତି ନାହିଁ। ଅନ୍ୟପକ୍ଷରେ ଦୁଇପ୍ରାନ୍ତୀୟ ବିଷାଦରେ ମାନସିକ ରୋଗୀ ବେଳେବେଳେ ଉନ୍ମତ୍ତଭାବ ଦର୍ଶାଇବା ସ୍ଥଳେ ଅନ୍ୟ ସମୟରେ ବିଷଣ୍ଣତା ଦର୍ଶାନ୍ତି। ମିଜାସର ଦୋଳନ ଗୋଟିଏ ପଟରୁ ଅନ୍ୟପଟକୁ ଯାଉଥିବାରୁ ଏହାକୁ ଦୁଇପ୍ରାନ୍ତୀୟ ବିଷାଦ କୁହାଯାଏ। ଗୋଟିଏ ସଂକ୍ଷିପ୍ତ ଲେଖାର କଳେବର ମଧ୍ୟରେ ସବୁପ୍ରକାର ବିଷାଦର ଆଲୋଚନା ସମ୍ଭବପର ନୁହେଁ। ଏଠାରେ କେବଳ ବିଷାଦମନସ୍କତାର ଆଲୋଚନା କରାଯାଉଛି। ବାରାନ୍ତରେ ଅନ୍ୟଗୁଡ଼ିକ ଆଲୋଚିତ ହୋଇପାରେ।

ପୂର୍ବରୁ ସୂଚନା ଦିଆଯାଇଛି ଯେ ବିଷାଦମନସ୍କତାର ପୂରାପୂରି ବଡ଼ ଧରଣର ବିଷାଦ ବା ଡିପ୍ରେସନ୍ ନୁହେଁ। ଏଥିରେ ବିଷାଦର ଲକ୍ଷଣସବୁ ଥାଏ; ମାତ୍ର କମ୍ ମାତ୍ରାରେ ରହିଥାଏ। କିନ୍ତୁ ଏହା ଦୀର୍ଘକାଳୀନ। ଶିଶୁ ଓ କିଶୋର କିଶୋରୀ ପ୍ରାୟ ଏକବର୍ଷ ଏପରି ଲକ୍ଷଣ ଦର୍ଶାନ୍ତି। ଯୁବକଯୁବତୀ ଏବଂ ବର୍ଷୀୟାନ୍ ବ୍ୟକ୍ତି ଦୁଇବର୍ଷ କିମ୍ବା ତତୋଧିକ ସମୟ ଏପରି ଅସ୍ୱାଭାବୀ ବ୍ୟବହାର ଦର୍ଶାନ୍ତି। ମନ ସଦାସର୍ବଦା ଉଦାସିଆ ରହିବା, ମୁଖ୍ୟକାର୍ଯ୍ୟରେ ଆଗ୍ରହହୀନତା, ଅସ୍ଥିରତା, ଶୀଘ୍ର କ୍ଳାନ୍ତ ହୋଇପଡ଼ିବା, ନିଦ୍ରାହୀନତା କିମ୍ବା ବେଶୀ ନିଦ୍ରାଳୁତା ଏବଂ ଏକାଗ୍ରତାର ଅଭାବ ଓ ନିଷ୍ପତ୍ତି ଗ୍ରହଣର ଅସୁବିଧା ଏ ମାନସିକ ରୋଗ ଲକ୍ଷଣ। ପୁନଶ୍ଚ କୁହାଯିବ ଯେ ଏପରି ଲକ୍ଷଣସବୁର ତୀବ୍ରତା ଖୁବ୍ ବେଶୀ ନ ଥାଏ। ଅବଶ୍ୟ ମଝିରେ ମଝିରେ ବ୍ୟକ୍ତିର ଜୀବନ ସ୍ୱାଭାବିକ ହୋଇଉଠେ ଏବଂ ସେ ସ୍ୱାଭାବିକ ବ୍ୟବହାର ପ୍ରଦର୍ଶନ କରନ୍ତି। ବିଷାଦକବଳିତ ଜୀବନ ମଧ୍ୟରେ ମଝିରେ ମଝିରେ ସ୍ୱାଭାବିକ ଜୀବନଯାତ୍ରାର ଘଟଣାଟି ବିଷାଦମନସ୍କତାର ଏକ ବିଶେଷ ଲକ୍ଷଣ। ମଝିରେ ମଝିରେ ସ୍ୱାଭାବିକତା ସତ୍ତ୍ୱେ ବିଷାଦର ବାଦଲ ଦୀର୍ଘସ୍ଥାୟୀ ହେଉଥିବାରୁ ପାରିବାରିକ, ସାମାଜିକ ଓ ବୃତ୍ତିଗତ ଜୀବନରେ କିଛି କ୍ଷତିସାଧିତ ହୁଏ। ଏତଦ୍‌ବ୍ୟତୀତ ମଝିରେ ମଝିରେ ଆସୁଥିବା ସ୍ୱାଭାବିକତା ଅଳ୍ପସ୍ଥାୟୀ(ଅଳ୍ପ କିଛିଦିନରୁ ଆରମ୍ଭ କରି ସର୍ବାଧିକ ଦୁଇମାସ ପର୍ଯ୍ୟନ୍ତ) ହୋଇଥାଏ।

ବିଷାଦମନସ୍କତାର ତୀବ୍ରତା ଓ ପରିଣତି ଭୟାନକ ହୋଇ ନ ଥିବାରୁ ଏ ଦିଗରେ ଆତଙ୍କିତ ନ ହେବା ପାଇଁ ପରାମର୍ଶ ଦିଆଯାଇଛି। ନିଜର ପ୍ରିୟକାର୍ଯ୍ୟରେ ମନୋନିବେଶ କରିବା ଏବଂ କର୍ମବ୍ୟସ୍ତ ରହିବା ସ୍ୱାଭାବିକ ଜୀବନ ପାଇଁ ଖୁବ୍ ସହାୟକ। ଅବଶ୍ୟ ମାନସିକ ଚାପ ବିଷାଦ ମନସ୍କତାକୁ ବୃଦ୍ଧି କରୁଥିବାରୁ ଚାପ ଏଡ଼ାଇବା ପାଇଁ ମନୋରଞ୍ଜନ, ଶାରୀରିକ ବ୍ୟାୟମ, ଯୋଗ ଓ ଧ୍ୟାନର ସକାରାତ୍ମକ ଭୂମିକାକୁ ଗୁରୁତ୍ୱ ଦିଆଯାଇଛି। ●

ଭୁବନେଶ୍ୱର, ମୋ: ୯୪୩୭୨୭୨୨୭୯

# ଲଙ୍କିନୀ ମନ୍ଦିର

**ଓଜସ୍ୱିନୀ**

ଦେବୀ ଲଙ୍କିନୀ ଥିଲେ ରାବଣଙ୍କ ସୁବର୍ଣ୍ଣ ଲଙ୍କାର ରକ୍ଷାକର୍ତ୍ତୀ। ପୌରାଣିକ କାହାଣୀ ଅନୁଯାୟୀ ଦେବୀ ଲଙ୍କିନୀ ପୂର୍ବଜନ୍ମରେ ବ୍ରହ୍ମଲୋକର ମୁଖ୍ୟ ଦ୍ୱାରପାଳ ଥିଲେ। ଅସୀମ ବଳଶାଳୀ କାରଣରୁ ଗର୍ବ ଓ ଅହଂକାର ବଶତଃ ସେ ବ୍ରହ୍ମଲୋକର ଅନ୍ୟ ପାରିଷଦମାନଙ୍କୁ ହତାଦର କରିବାକୁ ଲାଗିଲେ। ସୃଷ୍ଟିକର୍ତ୍ତା ବ୍ରହ୍ମା ଏ ସମ୍ପର୍କରେ ଜାଣିବା ପରେ ତାଙ୍କୁ ଅଭିଶାପ ଦେଇ କହିଲେ - 'ବ୍ରହ୍ମଲୋକରେ ରହି ରହି ମଧ୍ୟ ତୁମ ମନରେ ଅହଂକାର ଭଳି ଆସୁରିକ ପ୍ରବୃତ୍ତି ଜନ୍ମ ନେଇସାରିଛି। ତେଣୁ ତୁମେ ଅସୁର ରାଜ୍ୟର ରକ୍ଷାକର୍ତ୍ତୀ ଭାବେ ରହିବ।' ଦେବୀ ଲଙ୍କିନୀ ନିଜର ଭୁଲ୍ ବୁଝିପାରି ପ୍ରାୟଶ୍ଚିତ କରିବାକୁ ଚାହିଁଲେ। ବ୍ରହ୍ମା କହିଲେ, 'ତ୍ରେତୟା ଯୁଗରେ ଜଣେ ବାନର ତୁମକୁ ପରାସ୍ତ କରିବ। ସେହିଦିନ ତୁମେ ପୁଣିଥରେ ବ୍ରହ୍ମଲୋକକୁ ଫେରିଆସିବ।' ବ୍ରହ୍ମବାକ୍ୟ ଅନୁସାରେ ସୁବର୍ଣ୍ଣ ଲଙ୍କାର ଦ୍ୱାରପାଳ ଭାବେ ଲଙ୍କିନୀ ରହିଲେ ଏବଂ ମାତାସୀତାଙ୍କୁ ଠାବ କରିବାକୁ ଯାଇଥିବା ହନୁମାନଙ୍କ ଦ୍ୱାରା ପରାସ୍ତ ହୋଇ ବ୍ରହ୍ମଲୋକକୁ ଗମନ କରିଥିଲେ। ତେଣୁ ପୁରାଣ କଥା ଅନୁସାରେ ଲଙ୍କିନୀଙ୍କୁ ବ୍ରହ୍ମଲୋକ ନିବାସୀ, ଦିବ୍ୟଗୁଣରେ ପରିପୂର୍ଣ୍ଣା ଦେବୀ ଭାବେ ଭାରତର କେତେକ ସ୍ଥାନରେ ପୂଜା କରାଯାଉଛି।

ଛତିଶଗଡ଼ ଗରିଆବନ୍ଧ ଜିଲ୍ଲାର ଦେବଭୋଗ ଅଞ୍ଚଳରେ ଥିବା ଗାନ୍ଧୀ ଚୌକ୍‌ରେ ରହିଛି ଲଙ୍କିନୀ ଦେବୀଙ୍କ ମନ୍ଦିର। ବର୍ଷକୁ ଥରେ, କେବଳ ବିଜୟାଦଶମୀ ଦିନ ଏହି ମନ୍ଦିର ଖୋଲାଯାଏ। ଅନ୍ୟ ଦିନମାନଙ୍କରେ ଶ୍ରଦ୍ଧାଳୁମାନେ ମା'ଙ୍କ ମନ୍ଦିର ବାହାରେ ଭୋଗ ଲଗାଇ ପୂଜାର୍ଚ୍ଚନା କରିଥା'ନ୍ତି। ବିଶେଷଭାବେ ମଙ୍ଗଳବାର ଦିନ ଏଠାରେ ଅଧିକ ଭିଡ଼ ହୋଇଥାଏ। ଭାରତରେ ଲଙ୍କିନୀଙ୍କୁ ଦୁର୍ଗା ଓ ମା'କାଳୀଙ୍କ ସ୍ୱରୂପରେ ପୂଜା କରାଯାଉଛି।

## ବିଚିତ୍ର ବିଶ୍ୱାସ

ଅନନ୍ୟ ପରମ୍ପରା ପାଇଁ ବିଖ୍ୟାତ ଛତିଶଗଡ଼ରେ ରାବଣ ପୋଡ଼ିକୁ 'ଶାହି ଦଶହରା' ଭାବେ ମାନ୍ୟତା ମିଳିଛି। ବିଜୟାଦଶମୀ ଦିନ ଦେବୀ ଲଙ୍କିନୀ ରାବଣଙ୍କ ବିଶାଳକାୟ କୁଶପୁତ୍ତଳିକାକୁ ପରିକ୍ରମା କରିବା ପରେ ରାବଣଙ୍କ ଦହନ ହୋଇଥାଏ। ପ୍ରାୟ ୨୦୦ ବର୍ଷ ପୁରୁଣା ଏହି ପରମ୍ପରାରେ ପ୍ରଥମେ ବିଜୟାଦଶମୀ ଦିନ ଆଖପାଖ ଗାଁରେ ବିରାଜିତ ଦେବଦେବୀଙ୍କୁ ରାବଣ ଦହନର ସୂଚନା ଦିଆଯାଏ। ତା'ପରେ ବିଗ୍ରହଙ୍କ ପ୍ରତୀକ ସ୍ୱରୂପ ଗାଁର ମୁଖିଆମାନେ ପତାକାକୁ ଆଣି ଦେବଭୋଗରେ ପହଞ୍ଚିଥା'ନ୍ତି। ମୁଖ୍ୟ ଦେବୀ ଭାବରେ ଲଙ୍କିନୀଙ୍କ ସ୍ୱରୂପ ପତାକା ସହିତ ଅନ୍ୟ ପତାକା ବହନ କରିଥିବା ମୁଖିଆମାନେ ରାବଣଙ୍କ ପୁତ୍ତଳିକାକୁ ପରିକ୍ରମା କରନ୍ତି। ଏହାପରେ ଜମିଦାରମାନଙ୍କର ଇଷ୍ଟଦେବ କଞ୍ଚନା ଧ୍ରୁବାଙ୍କ ପ୍ରତିନିଧି ଭାବେ ଜଣେ ବ୍ୟକ୍ତି ନିଜର ପତାକା ଦ୍ୱାରା ରାବଣଙ୍କ ଶରୀରରେ ଅଗ୍ନି ସଂଯୋଗ କରନ୍ତି। ଦେବୀ ଲଙ୍କିନୀଙ୍କ ଅନୁମତି ମିଳିବା ପରେ ହିଁ ରାବଣ ଦହନ କରାଯାଏ। 'ଦାଉ' ନାମକ ଜମିଦାରଙ୍କ ବଂଶଜ ପରିବାର ଏହି ଦାୟିତ୍ୱ ବହନ କରିଥା'ନ୍ତି।

ଜନଶ୍ରୁତି ଅନୁଯାୟୀ, ନାରାୟଣ ଅବସ୍ତି ନାମକ ଜଣେ ବ୍ୟକ୍ତି ତାଙ୍କର ପୁତ୍ର ଜୀବନଲାଲ୍‌ଙ୍କ ନାମରେ ଦେବଭୋଗର ମୁଖ୍ୟ ସ୍ଥାନ (ଗାନ୍ଧୀ ଚୌକ୍)ରେ ୨ ଏକର ଜାଗା କିଣିଥିଲେ। ଏହାର କିଛିଦିନ ଭିତରେ ପରିବାରର ସମସ୍ତ ସଦସ୍ୟ ରୋଗଗ୍ରସ୍ତ ହେବାକୁ ଲାଗିଲେ। ପ୍ରତି ଦଶହରା ଦିନ ଘରର ବଡ଼ବୋହୂର ସ୍ୱାସ୍ଥ୍ୟ ସମସ୍ୟା ଦେଖାଯାଉଥିଲା। ଏକଦା ବଡ଼ବୋହୂକୁ ସ୍ୱପ୍ନ ଦେଖିଲେ ଯେ, ସେହି ଜମିରେ ପୂର୍ବରୁ ଜମିଦାରମାନଙ୍କର ଜମିଦାରୀ ଥିଲା। ତେଣୁ ସେହି ସ୍ଥାନରେ ଦେବୀ ଲଙ୍କିନୀଙ୍କ ମନ୍ଦିର ପ୍ରତିଷ୍ଠା ହେବା ଉଚିତ। ବଡ଼ବୋହୂଙ୍କ ପୁଅଙ୍କ ଉଦ୍ୟମରେ ଉକ୍ତ ସ୍ଥାନରେ ମନ୍ଦିର ନିର୍ମାଣ ପାଇଁ ମୂଳଦୁଆ ଖୋଳିବା ସମୟରେ ଦେଖାଗଲା ଯେ, ପୂର୍ବରୁ ସେଠାରେ ଗୋଟିଏ ମନ୍ଦିରର ନକ୍ସା ବା ଢାଞ୍ଚା ପ୍ରସ୍ତୁତ ହୋଇ ରହିଛି। ସେହି ଢାଞ୍ଚା ଅନୁସାରେ ମନ୍ଦିର ନିର୍ମାଣ କରାଯାଇ ମା' ଲଙ୍କେଶ୍ୱରୀଙ୍କୁ ସ୍ଥାପନା କରାଗଲା।

ଲୋକକଥା ଅନୁସାରେ ଦଣ୍ଡକାରଣ୍ୟ କ୍ଷେତ୍ର ବସ୍ତର ଅଞ୍ଚଳର ଗୋଟିଏ ବଡ଼ ଅଂଶରେ ଏବଂ ଏଠାରୁ ପ୍ରାୟ ୧୫୦ କିଲୋମିଟର ଦୂର ଦେବଭୋଗ ଅଞ୍ଚଳରେ ରାବଣ ସେନାର ଦୁଇ ପରାକ୍ରମୀ ଅସୁର ଖର ଓ ଦୂଷଣଙ୍କ ଆଧିପତ୍ୟ ଥିଲା। ତେଣୁ ଦେବଭୋଗ ଏବଂ କାନ୍ଦାଡୋଙ୍ଗ ନାମକ ଅଞ୍ଚଳରେ ମଧ୍ୟ ଏଭଳି ଅନନ୍ୟ ପରମ୍ପରା ସହିତ ଦଶହରା ପାଳିତ ହୋଇଥାଏ। ଦେବୀଙ୍କ ଅନ୍ୟ ଏକ ଆସ୍ଥାନ ବରହୀ ଗାଁରେ ମଧ୍ୟ ରହିଛି ବୋଲି ବିଶ୍ୱାସ କରାଯାଏ। ପୂର୍ବରୁ ବରହୀ ମନ୍ଦିରେ ବଳିପ୍ରଥା ଥିଲା। ତେଣୁ ଏହି ମନ୍ଦିରକୁ ଜନସାଧାରଣଙ୍କ ପ୍ରବେଶ ନିଷେଧ ଅଛି। ମନ୍ଦିରରେ କବାଟ ନାହିଁ। କେବଳ ଆୟତକାର ଭାବେ ଗୋଟିଏ ଛୋଟ ଦ୍ୱାର ଅଛି, ଯାହା ମଧ୍ୟ ଦେଇ ଜଣେ ପୂଜାରୀ ଯିବାଆସିବା କରିପାରିବେ। ଓଡ଼ିଶାର କଳାହାଣ୍ଡିସ୍ଥିତ ଜୁନାଗଡ଼ ଏବଂ ସୁବର୍ଣ୍ଣପୁରରେ ମଧ୍ୟ ଦେବୀ ଲଙ୍କିନୀ ପ୍ରତ୍ୟକ୍ଷ ଦେବୀ ଲଙ୍କେଶ୍ୱରୀ ଭାବେ ପୂଜା ପାଇ ଆସୁଥିବା ଜନଶ୍ରୁତି ରହିଛି। ●

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

ସକାଳ THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ପୁରୀ ବିମାନବନ୍ଦର ପାଇଁ ହେବ ପକ୍ଷୀଜନିତ ବିପଦର ଅନୁଧ୍ୟାନ

ଭୁବନେଶ୍ୱର,୨୮।୮(ସମିସ): ପୁରୀରେ ପ୍ରସ୍ତାବିତ ଅନ୍ତର୍ଜାତୀୟ ବିମାନବନ୍ଦର ପାଇଁ ଖୁବ୍‌ଶୀଘ୍ର ପକ୍ଷୀ ଜନିତ ବିପଦ ଉପରେ ଅନୁଧ୍ୟାନ କରାଯିବ। ଏହି ପ୍ରକଳ୍ପ ଯୋଗୁଁ ଆବଶ୍ୟକ ଅନୁମୋଦନ ପାଇବା ପାଇଁ ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ନିକଟରେ ଏହି ରିପୋର୍ଟ ଦାଖଲ କରାଯିବ। ପୁରୀର ସିପସରୁବାଲିରେ ଶ୍ରୀଜଗନ୍ନାଥ ଅନ୍ତର୍ଜାତୀୟ ବିମାନବନ୍ଦର ବିକାଶ ପାଇଁ ମିଳିତ ସର୍ବେକ୍ଷଣ ସଂସ୍ଥା ପ୍ରସ୍ତାବିତ ପ୍ରକଳ୍ପ କ୍ଷେତ୍ର ଉପରେ ଏକ ବ୍ୟାପକ ଅଧ୍ୟୟନ କରିଛି। ପ୍ରକଳ୍ପ ଭିତରେ ଏବଂ ଏହାର ଆଖପାଖରେ ପ୍ରବାସୀ ପକ୍ଷୀ ଏବଂ ସେମାନଙ୍କ ବାସସ୍ଥାନକୁ ସୁରକ୍ଷା ଦେବା ପାଇଁ ପରିବେଶ ସୁରକ୍ଷା ଦିଗରେ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ଏଥିରେ ଦର୍ଶାଯାଇଛି। ମାତ୍ର ପକ୍ଷୀ ଜନିତ କେଉଁ ବିପଦ ରହୁଛି ତାହା ଉପରେ ଅଧ୍ୟୟନକୁ ଗୁରୁତ୍ୱ ଦିଆଯାଇଛି। ଏହି ଅଧ୍ୟୟନ ସହିତ

**■ ବିଶେଷଜ୍ଞ ମୂଲ୍ୟାଙ୍କନ କମିଟି ସୁପାରିସ୍ ଆଧାରରେ ହେବ ଅନୁଧ୍ୟାନ**
**■ ଚୂଡ଼ାନ୍ତ ପରିବେଶ ମଞ୍ଜୁରୀ ପୂର୍ବରୁ ଅନୁଧ୍ୟାନ କରିବେ ସରକାର**

ପରିବେଶ ମଞ୍ଜୁରୀ ଏବଂ ଉପକୂଳ ନିୟନ୍ତ୍ରଣ କ୍ଷେତ୍ର ପାଇଁ ଅତିରିକ୍ତ ସର୍ତ୍ତ ଭାବରେ ମନ୍ତ୍ରଣାଳୟର ବିଶେଷଜ୍ଞ ମୂଲ୍ୟାଙ୍କନ କମିଟି ଏହି ଅଧ୍ୟୟନ ପାଇଁ କହିଥିଲା। ଏହାକୁ ଆଧାର କରି ରାଜ୍ୟ ସରକାର ପକ୍ଷୀ ଜନିତ ବିପଦ ଉପରେ ଅନୁଧ୍ୟାନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ବିମାନବନ୍ଦର ପ୍ରକଳ୍ପର ପ୍ରସ୍ତାବକ ଭାବେ ରାଜ୍ୟ ବାଣିଜ୍ୟ ଏବଂ ପରିବହନ ବିଭାଗ ଏହି ଅଧ୍ୟୟନ କରିବ ଏବଂ ଏଥିପାଇଁ ଏ କ୍ଷେତ୍ରରେ ଏକ ପ୍ରତିଷ୍ଠିତ ପ୍ରତିଷ୍ଠାନକୁ ନିୟୋଜିତ କରିବ ବୋଲି ଜଣାପଡ଼ିଛି।

ବାଣିଜ୍ୟ ଏବଂ ପରିବହନ ବିଭାଗ ପୂର୍ବରୁ ବିଶେଷଜ୍ଞ ମୂଲ୍ୟାଙ୍କନ କମିଟିକୁ ଜଣାଇଥିଲା ଯେ ଭାରତୀୟ ପ୍ରାଣୀ ବାଣିଜ୍ୟ ଓ ପରିବହନ ବିଭାଗକୁ ଓଡ଼ିଶା ଉପକୂଳ ଅଞ୍ଚଳ ପରିଚାଳନା ପ୍ରାଧିକରଣ ଦ୍ୱାରା ନିର୍ଦ୍ଧାରିତ ସମସ୍ତ ସର୍ତ୍ତାବଳୀ ପାଳନ କରିବାକୁ କୁହାଯାଇଛି। ଏହି ଆଧାରରେ ପ୍ରସ୍ତାବିତ ବିମାନବନ୍ଦର ଚାରିପାଖରେ କରାଯିବାକୁ ଥିବା ବୃକ୍ଷ ରୋପଣ ନିମନ୍ତେ ମାର୍ଗଦର୍ଶିକା ପାଇଁ ରାଜ୍ୟ ବନ ବିଭାଗ ସହିତ ବିଚାରବିମର୍ଶ କରିବାକୁ କୁହାଯାଇଛି।

ବର୍ତ୍ତମାନ ପୁରୀ ଶ୍ରୀଜଗନ୍ନାଥ ଗ୍ରୀନ୍‌ଫିଲ୍ଡ ବିମାନବନ୍ଦର ପାଇଁ କେବଳ ଚୂଡ଼ାନ୍ତ ପରିବେଶ ମଞ୍ଜୁରୀକୁ ଅପେକ୍ଷା ରହିଛି। ଏହି ମଞ୍ଜୁରୀ ମିଳିବା ପରେ ବିମାନବନ୍ଦନ ନିର୍ମାଣ ପାଇଁ ସମ୍ପୂର୍ଣ୍ଣ ପଥ ପରିଷ୍କାର ହେବ। ନିକଟରେ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ବିମାନବନ୍ଦର ପ୍ରକଳ୍ପକୁ ନୀତିଗତ ଅନୁମୋଦନ ଦେଇଥିଲା। ଏହାପରେ ପୁରୀରେ ପ୍ରସ୍ତାବିତ ବିମାନବନ୍ଦ ପାଇଁ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ଏକ ବିଶେଷଜ୍ଞ ମୂଲ୍ୟାଙ୍କନ କମିଟି କ୍ଷେତ୍ର ପରିଦର୍ଶନ କରି କିଛି ନିର୍ଦ୍ଦିଷ୍ଟ ପ୍ରଶ୍ନ ଉଠାଇଥିଲା। ଏ ସମ୍ପର୍କରେ ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ମନ୍ତ୍ରଣାଳୟ ନିକଟରେ ଜବାବ ଦାଖଲ କରାଯାଇଥିଲା। ସୂଚନା ଥାଉ କି ଏହି କେନ୍ଦ୍ରୀୟ ଟିମ୍ ପରିବେଶ ମଞ୍ଜୁରୀ ସମ୍ପର୍କିତ କିଛି ପଦକ୍ଷେପ ନେବା ଲାଗି ସୁପାରିସ କରିଥିଲେ। ବିମାନବନ୍ଦର ନିର୍ମାଣ ହେଲେ ଶ୍ରୀମନ୍ଦିର ଉପରେ କିମ୍ବା ଚିଲିକା ହ୍ରଦ ତଥା ଅଲିଭ୍‌ରିଡ୍‌ଲେ କଇଁଚଙ୍କ ଅଣ୍ଡାଦାନ ଉପରେ କିଛି କୁପ୍ରଭାବ ପଡିବ କି ନାହିଁ, ବିଦେଶାଗତ ପକ୍ଷୀଙ୍କ ଯିବା ଆସିବା କ୍ଷେତ୍ରରେ ବିମାନ କ୍ଷେତ୍ର ରହୁଛି କି ଆଦି ଅନୁଧ୍ୟାନ କରି ରିପୋର୍ଟ ଦେବା ପାଇଁ କହିଥିଲେ। ଶ୍ରୀମନ୍ଦିର ଉପରେ ପ୍ରଭାବ ଆଶଙ୍କା କ୍ଷୀଣ ବୋଲି ବିଶେଷଜ୍ଞ ରିପୋର୍ଟ ଦେଇଥିଲେ ସୁଦ୍ଧା ଏଏସ୍‌ଆଇର ମତାମତ ନେବା ପାଇଁ ସୁପାରିସ କରାଯାଇଥିଲା। ଏ ସବୁର ଜବାବ ଗତ ଜୁନ ମାସରେ ପରିବହନ ବିଭାଗ ପକ୍ଷରୁ କେନ୍ଦ୍ର ପରିବେଶ ମନ୍ତ୍ରାଳୟକୁ ପ୍ରଦାନ କରାଯାଇ ଚୂଡାନ୍ତ ଅନୁମୋଦନ ପ୍ରଦାନ ପାଇଁ ନିବେଦନ କରାଯାଇଛି।

# ଏମ୍‌ସରେ ଅତ୍ୟାଧୁନିକ ନ୍ୟୁରୋମଡ୍ୟୁଲେସନ୍ ସେବା ଆରମ୍ଭ

ଭୁବନେଶ୍ୱର, ୨୮।୮ (ସମିସ): ମାନସିକ ସ୍ୱାସ୍ଥ୍ୟସେବାକୁ ଆଗକୁ ବଢାଇବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ଏମ୍‌ସ ମାନସିକ ରୋଗ ବିଭାଗ ପକ୍ଷରୁ ଏକ ଅତ୍ୟାଧୁନିକ ନ୍ୟୁରୋମଡ୍ୟୁଲେସନ୍ ସେବା କେନ୍ଦ୍ର ଆରମ୍ଭ ହୋଇଛି। ଅତ୍ୟାଧୁନିକ ନନ୍-ଇନ୍‌ଭେସିଭ ବ୍ରେନ୍ ଷ୍ଟିମୁଲେସନ୍ ଥେରାପୀ ଚିକିତ୍ସା ପ୍ରଦାନ କରି ଔଷଧ ପ୍ରତିରୋଧୀ ଓ ଚିକିତ୍ସା କରିବାକୁ କଷ୍ଟକର ମାନସିକ ରୋଗରେ ପୀ?ିତ ରୋଗୀଙ୍କ ପାଇଁ ଏକ ନୂତନ ଆଶା ସଂଚାର କରିବ। ନ୍ୟୁରୋମଡ୍ୟୁଲେସନ୍ ସେବାକୁ ଉଦଘାଟନ କରିବା ସହ ମାନସିକ ସ୍ୱାସ୍ଥ୍ୟସେବା ପ୍ରଦାନ କ୍ଷେତ୍ରରେ ଏହି ବ୍ୟବସ୍ଥା ଏମ୍‌ସ ଭୁବନେଶ୍ୱରର ପ୍ରତିବଦ୍ଧତାକୁ ପ୍ରତିଫଳିତ କରିବ ବୋଲି କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ ମତବ୍ୟକ୍ତ କରିଥିଲେ।

କାର୍ଯ୍ୟକାରୀ ହୋଇଥିବା ନୂତନ କେନ୍ଦ୍ରଟି ଉନ୍ନତ ନ୍ୟୁରୋମଡ୍ୟୁଲେସନ୍ ପ୍ରଯୁକ୍ତିବିଦ୍ୟା ସହିତ ସଜ୍ଜିତ, ଯେଉଁଥିରେ ରିପିଟିଟିଭ୍ ଟ୍ରାନ୍ସକ୍ରାନିଏଲ୍ ମ୍ୟାଗ୍ନେଟିକ୍ ଷ୍ଟିମୁଲେସନ୍(ଆର୍‌ଟିଏମଏସ) ୟୁନିଟ୍, ଅଲ୍ଟ୍ରା-ବ୍ରିଫ୍ ପଲ୍ସ ଇସିଟି ୟୁନିଟ୍ ଓ ଟ୍ରାନ୍ସକ୍ରାନିଏଲ୍ ଇଲେକ୍ଟ୍ରିକାଲ୍ ଷ୍ଟିମୁଲେସନ୍ (ଟିଇଏସ୍) ଅନ୍ତର୍ଭୁକ୍ତ। ଏହି ନନ୍-ଇନ୍‌ଭେସିଭ କୌଶଳଗୁଡ଼ିକ ନିର୍ଦ୍ଦିଷ୍ଟ ବ୍ରେନ୍ ସର୍କିଟରେ କାର୍ଯ୍ୟକଳାପକୁ ନିୟନ୍ତ୍ରିତ କରି କାର୍ଯ୍ୟ କରେ। ଏହି କେନ୍ଦ୍ର ବିଭିନ୍ନ ମାନସିକ ସ୍ୱାସ୍ଥ୍ୟ ବ୍ୟାଧି,



ମାଦକ କିମ୍ବା ନିଶା ଦ୍ରବ୍ୟ ସେବନଜନିତ ବ୍ୟାଧି ଏବଂ ନ୍ୟୁରୋସାଇକିଆଟ୍ରିକ୍ ଅବସ୍ଥା ପାଇଁ ବିଶେଷ ଚିକିତ୍ସା ପ୍ରଦାନ କରିବ। କେବଳ ମସ୍ତିଷ୍କର ପ୍ରଭାବିତ ଅଞ୍ଚଳଗୁଡ଼ିକ ଉପରେ ଧ୍ୟାନ ଦେଇ, ଏହି ଚିକିତ୍ସା ପ୍ରଣାଳୀ ପାରମ୍ପରିକ ଚିକିତ୍ସା ପଦ୍ଧତି ଅପେକ୍ଷା ଅଧିକ ସଠିକ୍ ଏବଂ ଗ୍ରହଣୀୟ ବିକଳ୍ପ ପ୍ରଦାନ କରେ। ଯାହା ଦ୍ରୁତ ଆରୋଗ୍ୟ ଓ ଉତ୍ତମ ଫଳାଫଳରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ।

ପାରମ୍ପରିକ ଚିକିତ୍ସା ପଦ୍ଧତି ମାଧ୍ୟମରେ ବିଭିନ୍ନ ମାନସିକ ବ୍ୟାଧିରୁ ଆରାମ ପାଇବା ପାଇଁ ସଂଘର୍ଷ କରୁଥିବା ବ୍ୟକ୍ତିବିଶେଷଙ୍କ ପାଇଁ ଏହି ଅତ୍ୟାଧୁନିକ ଚିକିତ୍ସା ବ୍ୟବସ୍ଥା ବେଶ୍ ପ୍ରଭାବଶାଳୀ ହେବ ବୋଲି ବିଭାଗୀୟ ମୁଖ୍ୟ ଡ. ବିଶ୍ୱ ରଞ୍ଜନ ମିଶ୍ର ଆଶାବ୍ୟକ୍ତ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଡିନ୍ ଡ. ପ୍ରଶାନ୍ତ ଆର. ମହାପାତ୍ର, ମେଡିକାଲ୍ ଅଧୀକ୍ଷକ ଡ. ଦିଲ୍ଲୀପ କୁମାର ପରିଡ଼ା, ଡିଡିଏ ଲେଫ୍ଟନାଣ୍ଟ କର୍ଣ୍ଣେଲ ଅଭିଜିତ ସରକାର, ମାନସିକ ରୋଗ ବିଭାଗ ମୁଖ୍ୟ ଡ. ବିଶ୍ୱ ରଞ୍ଜନ ମିଶ୍ର, ଡ. ଏସ୍ କେ ପାଢୀ, ଡ. ଦେବଦତ୍ତା ମହାପାତ୍ର, ଡ. ଶ୍ରୀ ମିଶ୍ର, ଡ. ଅର୍ପିତ ପରମାର, ଡ. ଅମ୍ବିକା ସୁଂଦାସ, ଭେଷଜ ବିଭାଗର ଡ. ଶ୍ରୀକାନ୍ତ କୁମାର ବେହେରା, ବରିଷ୍ଠ ଅଧିକାରୀ ଓ ଅଧ୍ୟାପକମାନେ ଉପସ୍ଥିତ ଥିଲେ।

## ବୌଦ୍ଧ ଜେଲ୍‌ରେ କଏଦୀ ଆତ୍ମହତ୍ୟା ଘଟଣା

# ୫ଲକ୍ଷ କ୍ଷତିପୂରଣ ଦେବାକୁ ଏନ୍‌ଏଚ୍‌ଆରସିଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର,୨୮।୮(ସମିସ): ବୌଦ୍ଧ ଜେଲରେ କଏଦୀ ରବିନ୍ଦ୍ର ମେହେର ଆତ୍ମହତ୍ୟା ଘଟଣାରେ ଜେଲ କର୍ତ୍ତୃପକ୍ଷଙ୍କୁ ଦୋଷୀ କରିଛି ଜାତୀୟ ମାନବିକ ଅଧିକାର ଆୟୋଗ(ଏନ୍‌ଏଚ୍‌ଆରସି)। ଜେଲ କର୍ତ୍ତୃପକ୍ଷଙ୍କ ଅବହେଳା ପାଇଁ ରବିନ୍ଦ୍ର ଆତ୍ମହତ୍ୟା କରିଥିବାରୁ ତାଙ୍କ ପରିବାର ଲୋକାଙ୍କୁ ୫ଲକ୍ଷ ଟଙ୍କା କ୍ଷତି ପୂରଣ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ୬ସପ୍ତାହ ମଧ୍ୟରେ କ୍ଷତିପୂରଣ ଦେଇ ଆୟୋଗଙ୍କୁ ଜଣାଇବାକୁ କୁହାଯାଇଛି।

ରବିନ୍ଦ୍ରଙ୍କ ଘର ବୌଦ୍ଧ ଜାମଘାଟି ଅଞ୍ଚଳରେ ହୋଇଥିବା ବେଳେ ସେ ୨୦୧୫ରେ ଏକ ହତ୍ୟା ମାମଲାରେ ଜେଲ ଯାଇଥିଲେ। ୨୦୧୮ରେ ହତ୍ୟା ମାମଲାରେ କୋର୍ଟ ତାଙ୍କୁ ଆଜୀବନ ସଜା ଶୁଣାଇଥିଲେ। ଏହାପରେ ରବିନ୍ଦ୍ରଙ୍କ ମାନସୀକ ସ୍ଥିତି ବିଗିଡ଼ିଥିଲା। ଜେଲ କର୍ତ୍ତୃପକ୍ଷ ତାଙ୍କ ଉପରେ ନଜର ରଖିବାର ଥିଲା। ରବିନ୍ଦ୍ର ମେହେରା ଜଣେ ମାନସୀକ ରୋଗୀ ହୋଇଥିବା ବେଳେ ସେ ଚିକିତ୍ସାଧିନ ଥିଲା। କିନ୍ତୁ ତାଙ୍କ ଉପରେ ଜେଲ କର୍ତ୍ତୃପକ୍ଷ ନଜର ରଖିନଥିଲେ। ଯେଉଁଥି ପାଇଁ ସେ ମାନସିକ ଚାପରେ ଆସି ୨୦୨୩ ଏପ୍ରିଲ ୯ରେ ଆତ୍ମହତ୍ୟା କରିଥିଲେ। ଶବ ବ୍ୟବଚ୍ଛେଦ ରିପୋର୍ଟ ଏବଂ ବିଚାରବିଭାଗୀୟ ତଦନ୍ତରୁ ଜେଲ ଭିତରେ ଆତ୍ମହତ୍ୟା କରିଥିବା ସ୍ପଷ୍ଟ ହୋଇଥିଲା। ସେ ୧୧ ନମ୍ବର ୱାର୍ଡ ବାଥରୁମ୍‌ରେ ବେକରେ ଗାମୁଛା ଲଗାଇ ଝୁଲିପଡ଼ିଥିଲେ। ରବିନ୍ଦ୍ର ନ୍ୟାୟିକ ହାତରେ ଥିବାରୁ ଜେଲ କର୍ତ୍ତୃପକ୍ଷ ତାଙ୍କ ଉପରେ ନଜର ରଖିବାରେ ଅବହେଳା କରିଛନ୍ତି। ତେଣୁ ମୃତ ରବିନ୍ଦ୍ରଙ୍କ ପରିବାର ଲୋକଙ୍କୁ ୫ଲକ୍ଷ କ୍ଷତିପୂରଣ ଦେବାକୁ ଏନ୍‌ଏଚ୍‌ଆରସି ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ୬ ସପ୍ତାହ ମଧ୍ୟରେ କ୍ଷତିପୂରଣ ଦେଇ ଆୟୋଗଙ୍କୁ ଜଣାଇବାକୁ କୁହାଯାଇଛି।

# ହୀରାକୁଦ ଡ୍ୟାମ୍‌ର ସବୁ ଗେଟ୍ ବନ୍ଦ

ସମ୍ବଲପୁର, ୨୮।୮ (ସମିସ):ହୀରାକୁଦ ନଦୀବନ୍ଧକୁ ପ୍ରବେଶ ଜଳ ପରିମାଣ ହ୍ରାସ ପାଇବାରୁ ଆଜି ଅପରାହ୍ଣରେ ସମସ୍ତ ଗେଟ୍ ବନ୍ଦ କରିଦିଆଯାଇଛି। ଆଜି ଗୁରୁବାର ସନ୍ଧ୍ୟା ୬ଟା ସମୟରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୨.୬୫ ଫୁଟ୍ ରହିଛି। ନଦୀବନ୍ଧର ସମସ୍ତ ଗେଟ୍ ବନ୍ଦ ରହିଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୯୬,୮୮୮ ଘନଫୁଟ ଜଳ ପ୍ରବେଶ କରୁଥିବାବେଳେ ପାୱାର ଚେନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୩୫,୧୮୨ ଘନଫୁଟ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ କୌଣସି ଜଳ ପ୍ରବାହିତ ହେଉନଥିବାବେଳେ ପାୱାର ଚେନାଲ ଦେଇ ୩୧,୯୨୯ ଘନଫୁଟ, ଶିଳ୍ପାନୁଷ୍ଠାନ ସକାଶେ ୨୧୪ ଘନଫୁଟ, କେନାଲ ପାଇଁ ୩,୦୩୯ ଘନଫୁଟ ଜଳ ନିଷ୍କାସିତ ହେଉଛି। ଅନ୍ୟପକ୍ଷରେ ତଳମୁଣ୍ଡରେ ବେଲଗାଁଠାରେ ୧୩,୬୦୦ ଘନଫୁଟ୍ ଜଳ ପ୍ରବାହିତ ହେଉଥିବାବେଳେ ପଥର୍ଲାଠାରେ ୩୨,୦୭୦ ଘନଫୁଟ୍, ଖଇରମାଲଠାରେ ୧,୨୪,୦୦୦ ଘନଫୁଟ୍, ବାରମୁଲଠାରେ ୧,୨୫,୨୫୦ ଘନଫୁଟ୍ ଏବଂ ମୁଣ୍ଡଲୀଠାରେ ୨,୧୩,୩୪୪ ଘନଫୁଟ୍ ଜଳ ପ୍ରବାହିତ ହେଉଥିବା ହୀରାକୁଦ ମୁଖ୍ୟ ନଦୀବନ୍ଧ ସୂତ୍ରରୁ ପ୍ରକାଶ। ହୀରାକୁଦ ନଦୀବନ୍ଧର ଉପରମୁଣ୍ଡରେ ଗତ ୨୪ ଘଣ୍ଟାରେ ୮.୩୩ ମିମି ବର୍ଷା ହୋଇଥିବାବେଳେ ତଳମୁଣ୍ଡରେ ୮.୦୮ ମିମି ବର୍ଷା ହୋଇଥିବା ସୂଚନା ମିଳିଛି। ଗତବର୍ଷ ଆଜିର ଦିନରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୦.୪୭ ଫୁଟ୍ ରହିଥିଲା।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ୪ ମହଲା କୋଠା...

୯ଜଣଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି ଓ ସେମାନଙ୍କ ଚିକିତ୍ସା ଚାଲିଛି। ଏବେ ଭଗ୍ନାବଶେଷ ତଥା ଆବର୍ଜନା ତଳେ କୌଣସି ଲୋକ ଫସି ରହିଥିବା ଆଶଙ୍କା କରାଯାଉଛି। ଭସାଇ ବିରାର ମ୍ୟୁନିସପାଲ କର୍ପୋରେସନ (ଭିଭିଏମ୍‌ସି)ର ଦମକଳ ବିଭାଗ ଓ ଏନ୍‌ଡିଆରଏଫ୍‌ର ଦୁଇଟି ଟିମ୍ ଉଦ୍ଧାର କାର୍ଯ୍ୟ ଜାରି ରଖିଛି। ଏହି ଘଟଣା ପାଇଁ ସ୍ଥାନୀୟ ଲୋକେ ବିଲ୍ଡର ଓ ବିଭାଗୀୟ ଅଧିକାରୀଙ୍କୁ ଦାୟୀ କରିଛନ୍ତି। ଭିଭିଏମ୍‌ସି ପୁଲିସ ସମ୍ପୃକ୍ତ ବିଲ୍ଡରଙ୍କୁ ଗିରଫ କରି ପଚରା ଉଚରା କରୁଛି। ଗତ ୩୬ ଘଣ୍ଟା ଧରି ଉଦ୍ଧାରକାର୍ଯ୍ୟ ଜାରି ରହିଥିବା ବେଳେ ଆଉ କେତେ ଘଣ୍ଟା ପରେ ଏହା ଶେଷ ହେବ। ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାବୀସ ଏହି ଘଟଣାରେ ଦୁଃଖ ପ୍ରକାଶ କରିଛନ୍ତି। ମୃତକଙ୍କ ପରିବାରକୁ ୫ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ରାଶି ଦେବାକୁ ସେ ଘୋଷଣା କରିଛନ୍ତି।

୨୦୧୨ରେ ଏହି ନିର୍ମିତ ଏହି କୋଠାରେ ୫୦ଟି ଫ୍ଲାଟ ରହିଥିଲା। କିନ୍ତୁ କୋଠାରେ ଯେଉଁ ଅଂଶ ଭୁଶୁଡିଛି ସେଥିରେ ୧୨ଟି ଫ୍ଲାଟ୍ ଥିଲା। କୋଠାର ଆଖାପାଖ ଅଞ୍ଚଳକୁ ଖାଲି କରିଦିଆଯାଇଛି ଓ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ନିଆଯାଇଛି। ଏବେ ଦୁଇଜଣ ନିଖୋଜ ଅଛନ୍ତି ବୋଲି ସ୍ଥାନୀୟ ଲୋକ କହିଛନ୍ତି। ସେମାନଙ୍କୁ ଉଦ୍ଧାର କରିବା ପ୍ରକ୍ରିୟା ଜାରି ରହିଛି। ପ୍ରଭାବିତ ପରିବାରଗୁଡିକୁ ଏବେ ଚନ୍ଦନସର ସମାଜମନ୍ଦିରରେ ଅସ୍ଥାୟୀରୂପେ ଥଇଥାନ କରାଯାଇଛି। ଏହି ପରିବାରଗୁଡିକୁ ଖାଇବା, ପିଇବା, ଚିକିତ୍ସା ସହାୟତା ସହ ଅନ୍ୟାନ୍ୟ ଜରୁରୀ ଆବଶ୍ୟକତା ପ୍ରଦାନ କରାଯାଉଛି।

### ୫.୮%କୁ ଖସିବ...

ଔଷଧ, କାଠ, ଶକ୍ତି କ୍ଷେତ୍ରରେ ବର୍ତ୍ତମାନ ପାଇଁ କୌଣସି ଶୁଳ୍କ ଲାଗୁ କରିନାହିଁ। ମାତ୍ର ଅନ୍ୟ କ୍ଷେତ୍ର ଏହାଦ୍ୱାରା ପ୍ରଭାବିତ ହେବ ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ (ଏମ୍‌ଏସ୍‌ଏମ୍‌ଇ) କ୍ଷେତ୍ର ଏହାଦ୍ୱାରା କ୍ଷତିଗ୍ରସ୍ତ ହେବ।

ଅନ୍ୟପକ୍ଷରେ ଭାରତ ଏହି ସମସ୍ୟାର ସମାଧାନ ପାଇଁ ଉଦ୍ୟମ ଜାରି ରଖିଥିବା କେନ୍ଦ୍ର ସରକାରଙ୍କ ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ବୈଦେଶିକ ବିଭାଗର ଏହି ଅଧିକାରୀଙ୍କ ସୂଚନା ଅନୁସାରେ ଟାରିଫ୍ ଆହ୍ୱାନ ସମ୍ପର୍କରେ ଉଭୟ ଦେଶ ସମାଧାନ ଖୋଜିବା ଆରମ୍ଭ କରିଛନ୍ତି। ଉଭୟ ପକ୍ଷରୁ ଯୋଗାଯୋଗ ପଥ ଖୋଲା ରହିଛି। ଏହାର ଏକ ନିଷ୍କର୍ଷ ବାହାର କରିବାକୁ ଉଦ୍ୟମ ଚାଲିଛି। ଏହା ଏକ ଦୀର୍ଘକାଳୀନ ସମ୍ପର୍କରେ ଏକ ଅସ୍ଥାୟୀ ପର୍ଯ୍ୟାୟ। ଆଲୋଚନାର ବିକଳ୍ପ ଖୋଲା ରଖିବା ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଭାରତୀୟ ରପ୍ତାନି ସଂଗଠନ ଫେଡେରେସନ ସଭାପତି ଏସ.ସି. ରାଲହାନଙ୍କ ନେତୃତ୍ୱରେ ଏକ ପ୍ରତିନିଧିମଣ୍ଡଳୀ ଆଜି ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କୁ ଭେଟି ପରିସ୍ଥିତି ଓ ଆହ୍ୱାନ ସମ୍ପର୍କରେ ଅବଗତ କରିଛନ୍ତି। ଅର୍ଥମନ୍ତ୍ରୀ ସେମାନଙ୍କ ସହ ସରକାର ଦୃଢ଼ ଭାବରେ ଠିଆ ହେବେ ବୋଲି ଆଶ୍ୱାସନା ଦେଇଛନ୍ତି। ଏହା ସହ ଏହି ଶୁଳ୍କ ସମସ୍ୟାର ସମାଧାନ ପାଇଁ ଉଦ୍ୟମ ହେଉଛି ବୋଲି ଅର୍ଥମନ୍ତ୍ରୀ କହିଛନ୍ତି।

### ଜେଡିୟୁ ପୁଣି...

ଏନେଇ ଆନୁଷ୍ଠାନିକ ଭାବେ କୌଣସି ଘୋଷଣା ହୋଇନାହିଁ। ଖୁବଶୀଘ୍ର ଏନ୍‌ଡିଏ ସାମ୍ବାଦିକ ସମ୍ମିଳନୀରେ ଏ ନେଇ ସ୍ପଷ୍ଟ କରିବ ବୋଲି ଆଶା କରାଯାଇଛି।

୨୦୨୦ ବିଧାନସଭା ନିର୍ବାଚନରେ ଜେଡ଼ିୟୁ ୧୧୫ଟି ଆସନରେ ନିର୍ବାଚନ ଲଢ଼ି ୪୩ଟି ସ୍ଥାନରେ ବିଜୟୀ ହୋଇଥିଲା। ମାତ୍ର ମେଣ୍ଟର ଅନ୍ୟତମ ଅଂଶୀଦାର ବିଜେପି ୧୧୦ଟି ଆସନରେ ନିର୍ବାଚନ ଲଢ଼ିଥିଲା ଓ ୭୪ଟି ଆସନରେ ବିଜୟୀ ହୋଇଥିଲା। ହାମ୍ ୭ଟିରେ ଲଢ଼ି ୪ଟି ଓ ଭିଆଇପି ୧୧ଟି ସ୍ଥାନରେ ଲଢ଼ି ୪ଟି ଆସନ ପାଇଥିଲା। ସେତେବେଳେ ଚିରାଗ ପାଶ୍ୱାନଙ୍କ ଲୋକ ଜନଶକ୍ତି ପାର୍ଟି ମେଣ୍ଟରେ ଅଂଶୀଦାର ନ ଥିଲା ଓ ୧୩୫ଟି ଆସନରେ ଏକାକୀ ନିର୍ବାଚନ ଲଢ଼ି ମାତ୍ର ଗୋଟିଏ ଆସନରେ ବିଜୟୀ ହୋଇଥିଲା।

### ଦିନରେ ପ୍ରବଚନ...

ଏହି 'ପ୍ରବଚକ' ଚୋରକୁ ଭରତପୁର ଥାନା ପୁଲିସ ଏବଂ ସ୍ପେଶାଲ ସ୍କ୍ୱାଡ୍ କଟକରୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଉଛି କଟକ ଜିଲ୍ଲା ବୈଦେଶ୍ୱର ଖଜୁରୀପଡ଼ାର ମନୋଜ କୁମାର ସିଂ। ପୁଲିସ କମିସନର ସୁରେଶ ଦେବଦତ୍ତ ସିଂ ଆଜି ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ମନୋଜ ଜଣେ ପେସାଦାର ଚୋର। ତା' ନାଁରେ ଭୁବନେଶ୍ୱରର ବିଭିନ୍ନ ଥାନାରେ ୧୦ରୁ ଅଧିକ ମାମଲା ରହିଛି। ୨୦୧୧ରୁ ସେ ଚୋରି କରିଆସୁଛି। ଯେଉଁ ଘରଗୁଡ଼ିକରେ ତାଲା ପଡ଼ିଥାଏ, ସେ ସେଗୁଡ଼ିକୁ ଟାର୍ଗେଟ କରେ। ମନୋଜ କୁମାର ସିଂ ୟୁଟ୍ୟୁବ ଚ୍ୟାନେଲ ଖୋଲି ସେ କେମିତି ଚୋର ହେଲା, କେମିତି ତା' ମନ ବଦଳିଲା, କାହିଁକି ଜଣେ ଚୋର ହୁଏ, ଜଣେ ଜନ୍ମରୁ ଅପରାଧୀ ହୋଇ ନଥାଏ, କିଭଳି ଭାବେ ଜଣେ ନିଜକୁ ଅପରାଧ ଦୁନିଆଁରୁ ଦୂରେଇ ରଖିପାରିବ ଆଦି ବିଷୟରେ କହୁଥିଲା। ଏହା ଦେଖି ପୁଲିସ୍ ଭାବିଥିଲା ଯେ ଲୋକଟି ବୋଧହୁଏ ତା' ଅତୀତକୁ ଭୁଲି ଭଲ ମଣିଷ ହୋଇଯାଇଛି। କିନ୍ତୁ ଗତ ଅଗଷ୍ଟ ୧୪ ତାରିଖରେ ଭୁବନେଶ୍ୱରର ଭରତପୁର ଥାନା ଅଞ୍ଚଳରେ ହୋଇଥିବା ଏକ ଚୋରି ଘଟଣାର ତଦନ୍ତ ବେଳେ ସିସିଟିଭି ଫୁଟେଜରେ ମନୋଜ କୁମାର ସିଂକୁ ଦେଖି ପୁଲିସ ଆଶ୍ଚର୍ଯ୍ୟ ହୋଇଯାଇଥିଲା। ଗତ ଅଗଷ୍ଟ ୧୪ ତାରିଖରେ ଭୁବନେଶ୍ୱରର ଭରତପୁର ଥାନା ଅନ୍ତର୍ଗତ ଖଣ୍ଡଗିରି ବାରୀରୁ ଗୋଟିଏ ଘରୁ ଚୋରି ହୋଇଥିଲା। ଘରେ ସ୍ୱାମୀ-ସ୍ତ୍ରୀ ନଥିବା ବେଳେ ୨୦୦ ଗ୍ରାମ ସୁନା ଗହଣା ଓ ୧ ଲକ୍ଷରୁ ଅଧିକ ଟଙ୍କା ଚୋରି ହୋଇଥିଲା। ଏନେଇ ଭରତପୁର ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ପୁଲିସ୍ ଏହି ଘଟଣାର ତଦନ୍ତ କରି ସିସିଟିଭି ଫୁଟେଜ ଆଧାରରେ ମନୋଜ କୁମାର ସିଂକୁ ଗିରଫ କରିଛି। ସେ ପୁଲିସ କହିଛି ଯେ ଯେତେ ପ୍ରବଚନ ଦେଲେ ବି ଯେତେବେଳେ ସେ କିଛି ଭଲ ଜିନିଷ ଦେଖେ, ତା'ର ଚୋରି କରିବାକୁ ଇଚ୍ଛା ହୁଏ। ସେ ଲୋଭ ସମ୍ବରଣ କରିପାରେନାହିଁ। ଗତ ଅଗଷ୍ଟ ୧୪ ତାରିଖରେ ଖଣ୍ଡଗିରି ବାରୀର ସେହି ଘରଟିରେ ତାଲା ପଡ଼ିଥିବା ସେ ଦେଖିଥିଲା। ତାଲା ଭାଙ୍ଗି ସେ ଚୋରି କରିଥିଲା ବୋଲି ପୁଲିସକୁ କହିଛି। ସେହି ଘରୁ ସେ ୧୦ ମିନିଟ୍ ଭିତରେ ଚୋରି କରି ଫେରାର ହୋଇଯାଇଥିଲା। ୮୨ ଗ୍ରାମ ସୁନାଗହଣା ନୟାଗଡ଼ର ଏକ ଗୋଲ୍ଡ ଲୋନ୍ ସଂସ୍ଥାରେ ବନ୍ଧା ପକାଇ ୪ ଲକ୍ଷ ୫୩ ହଜାର ଟଙ୍କା ଆଣିଥିଲା। ବାକି ସୁନାଗହଣା ଓ ଟଙ୍କା ସେ ନିଜ ପାଖରେ ରଖିଥିଲା। ସେସବୁକୁ ପୁଲିସ ଜବତ କରିଛି। ଏହା ସହିତ ଏକ ବାଇକ ଓ ଏକ ଲୁହା ରଡ୍ ମଧ୍ୟ ଜବତ କରିଛି ପୁଲିସ।

### ମାଁ ସମଲେଇଙ୍କୁ...

ଗମ୍ଭୀରା ତଥା ପାଶ୍ୱର୍ ଦେବାଦେବୀଙ୍କଠାରେ ବନା (ଝୋଟି) ଦେଇଥିଲେ। ଆଜି ପୂର୍ବାହ୍ନ ପ୍ରାୟ ୧୦ଟା ସମୟରେ ମନ୍ଦିରର ମୁଖ୍ୟ ପୂଜକ ଅମ୍ବିକା ରାୟଙ୍କ ସହ ପୂଜକ ଗଙ୍ଗାଧର ରାୟ, କୋଦଣ୍ଡରାମ ରାୟ, ସୁଧାଂଶୁ ରାୟ ଓ ପ୍ରଶାନ୍ତ ରାୟଙ୍କ ପରିବାର ସହିତ ବେହେରା ପରିବାରରୁ ନବାନ୍ନ ଭୋଗ ଆସିଥିଲା। ପୂଜକମାନେ ପ୍ରାୟ ୧୦ଟା ୨୫ ମିନିଟ ପର୍ଯ୍ୟନ୍ତ ପ୍ରସ୍ତୁତି ସମ୍ପୂର୍ଣ୍ଣ କରିବାପରେ ଶୁଭ ଶଙ୍ଖ ନାଦ କରାଯାଇଥିଲା। ଏହା ଗୁପ୍ତ ପୂଜା ହୋଇଥିବାରୁ କାହାରିକୁ ଭିତରକୁ ଛଡ଼ା ଯାଇନଥାଏ। ବ୍ରହ୍ମପଣ୍ଡିତ ମହାସଭା ଦ୍ୱାରା ନିର୍ଦ୍ଧାରିତ ଲଗ୍ନ ୧୦ଟା ୩୩ ରୁ ୧୦ଟା ୫୫ ମିନିଟ ମଧ୍ୟରେ ନୂଆ ଚାଉଳ, କ୍ଷୀରି, ପିଠା, ସାରୁ ଶାଗ ଆଦି ଭୋଗ ଲାଗି ହୋଇଥିଲା। ଭୋଗ ଲାଗି ସମୟରେ ଢୋଲ, ଶଙ୍ଖ, ଘଣ୍ଟ ବାଦ୍ୟରେ ସମଗ୍ର ଅଞ୍ଚଳ ପ୍ରକମ୍ପିତ ହୋଇଥିଲା। ମା'ଙ୍କ ଠାରେ ନୂଆଁ ଭୋଗ ଲାଗି ହେଲାପରେ ଗମ୍ଭୀରା ଭିତରୁ ପୂଜକମାନେ ବାହାରି ମନ୍ଦିର ପରିସରସ୍ଥ ୧୧୫ ପାଶ୍ୱର୍ ଦେବାଦେବୀଙ୍କୁ ନବାନ୍ନ ଲାଗି କରିଥିଲେ। ଶ୍ରୀ ଗଣେଶଙ୍କଠାରୁ ଆରମ୍ଭ କରି ଶେଷରେ ମାଉଳୀ ଦେବୀଙ୍କୁ ନବାନ୍ନ ଅର୍ପଣ କରାଯାଇଥିଲା। ଏହାପରେ ବଡ଼ବଜାର କେଉଟପଡ଼ାର ଘୁଡ଼ାଘାଟ ମନ୍ଦିର, ଧୋବାପଡ଼ାର ଘିକୁଣ୍ଡି ମନ୍ଦିର ଓ ସୁନାରିପଡ଼ାର ହନୁମାନ ମନ୍ଦିରକୁ କେଇଜଣ ପୂଜକ ଯାଇ ନବାନ୍ନ ଲାଗି କରିଥିଲେ। ଏହାପରେ ମଙ୍ଗଳ ଆଳତୀ କରାଯାଇଥିଲା। ମଧ୍ୟାହ୍ନ ୧୨ଟା ସମୟରେ ମା' ସମଲେଶ୍ୱରୀଙ୍କ ଅନ୍ନଭୋଗ ଲାଗି ହୋଇଥିଲା। ଏହାପରେ ପ୍ରାୟ ସାଢ଼େ ୧୨ଟାରୁ ଅପେକ୍ଷାରତ ଶହ ଶହ ଭକ୍ତ ଓ ଶ୍ରଦ୍ଧାଳୁ ମା'ଙ୍କ ଦର୍ଶନ କରିଥିଲେ।

ମା'ଙ୍କ ନୂଆ ଚାଉଳ ଭୋଗ ନେଇ ଲୋକେ ଘରେ ଘରେ ନୂଆଁ ଖାଇଥିଲେ। ନୂଆଁ ଖାଇବା ପରେ ନିଜଠୁ ବଡ଼ ମାନଙ୍କୁ ମୁଣ୍ଡିଆ ମାରି ଜୁହାର ଭେଟ୍ ହୋଇ ଆଶୀର୍ବାଦ ଗ୍ରହଣ କରିଥିଲେ। ବହୁ ସ୍ଥାନରେ ସାମୂହିକ ନୂଆଁଖାଇ ପାଳିତ ହୋଇଯାଇଛି। ଦିନତମାମ ସମ୍ବଲପୁର ତଥା ଆଖପାଖ ଅଞ୍ଚଳରୁ ଆସି ମା' ସମଲେଶ୍ୱରୀଙ୍କ ଦର୍ଶନ କରିଥିଲେ। ସନ୍ଧ୍ୟା ଆଳତୀ ପାଇଁ ୭ଟା ୪୫ରୁ ୮ଟା ୧୫ ପର୍ଯ୍ୟନ୍ତ ଦର୍ଶନ ବନ୍ଦ ରହିଥିଲା। ଏହାପରେ ପୁଣି ୯ଟା ପର୍ଯ୍ୟନ୍ତ ଶ୍ରଦ୍ଧାଳୁ ଦର୍ଶନ କରିଥିଲେ। ସନ୍ଧ୍ୟାରେ ସମଲେଶ୍ୱରୀ ଯୁବକ ସଂଘ, ତ୍ରିଡ୍ରୋପ୍‌ଲା ଯୁବକ ସଂଘ ଓ ଲକ୍ଷ୍ମୀନାରାୟଣ ସାହିତ୍ୟ ସଂସଦ, ଓଡ଼ିଶା ସାଂସ୍କୃତିକ ସମାଜ ଆଦି ବିଭିନ୍ନ ଅନୁଷ୍ଠାନ ପକ୍ଷରୁ "ନୂଆଁଖାଇ ଭେଟ୍‌ଘାଟ୍" କାର୍ଯ୍ୟକ୍ରମ ଆୟୋଜିତ ହୋଇଛି।

### ନିଜକୁ ଜାଳିଦେଲେ...

ଯାଇ ଯାଇ ନିଜ ଦେହରେ ପେଟ୍ରୋଲ ଢାଳି ନିଆଁ ଲଗେଇ ଦେଇଥିଲେ। ଛାତ୍ ଉପରୁ ନିଆଁ ବାହାରୁଥିବା ଦେଖି ପରିବାର ଲୋକ ଯାଇଥିଲେ। ହେଲେ ସେତେବେଳକୁ ତାଙ୍କ ଶରୀରର ୯୦ ପ୍ରତିଶତ ପୋଡ଼ି ଯାଇଥିଲା।

### ଉତ୍ପାଦନ ବଢୁଛି...

ହୋଇଥିବାବେଳେ କପାକୁ ଏକ ଲାଭଜନକ ଶସ୍ୟ ଭାବେ ଚାଷୀକୂଳ ବିବେଚନା କରୁଛି। କପା ଆମର ଅନ୍ୟତମ ମୁଖ୍ୟ ଅଣପାରମ୍ପରିକ ଅର୍ଥକରୀ ଫସଲ ଭାବେ ଗଣା ହେଉଛି। ରାଜ୍ୟର ସମଗ୍ର ଚାଷ ଜମିର ୨.୭୩ ପ୍ରତିଶତ ଏବଂ ରାଜ୍ୟର ଢିପ ଚାଷ ଜମିର ୫.୮ ପ୍ରତିଶତ କ୍ଷେତ୍ରରେ ଥିବା ପ୍ରାୟ ୨.୮୯ ଲକ୍ଷ ହେକ୍ଟରରେ କପା ଚାଷ ହେଉଛି। ସମଗ୍ର ଭାରତରେ ଉତ୍ପାଦିତ କପାର ପ୍ରାୟ ୨ ପ୍ରତିଶତରୁ ଅଧିକ ଆମ ରାଜ୍ୟରୁ ଉତ୍ପାଦନ ହେଉଛି।

ଜାତୀୟ କପା ନିଗମର ସୂଚନାନୁସାରେ, ଆମ ଦେଶରେ ୬୫ ପ୍ରତିଶତ କପା ଗୁଜରାଟ, ମହାରାଷ୍ଟ୍ର ଏବଂ ତେଲେଙ୍ଗାନାରେ ଉତ୍ପାଦନ ହେଉଛି। ବାର୍ଷିକ ଗୁଜରାଟ ୯୨ ଲକ୍ଷ ବେଲ୍, ମହାରାଷ୍ଟ୍ର ୮୦ ଲକ୍ଷ, ତେଲାଙ୍ଗାନା ୫୩ ଲକ୍ଷ, ରାଜସ୍ଥାନ ୨୭ ଲକ୍ଷ, କର୍ଣ୍ଣାଟକ ୨୧ ଲକ୍ଷ, ହରିଆଣା ୧୭ ଲକ୍ଷ, ଆନ୍ଧ୍ର ପ୍ରଦେଶ ୧୮ ଲକ୍ଷ, ମଧ୍ୟ ପ୍ରଦେଶ ୧୫ ଲକ୍ଷ, ପଞ୍ଜାବ ୯ ଲକ୍ଷ ଓ ଓଡ଼ିଶା ୭ ଲକ୍ଷ ବେଲ୍ ଉତ୍ପାଦନ ହେଉଛି। ହେକ୍ଟର ପିଛା ଉତ୍ପାଦନ ପରମାଣ ଗୁଜରାଟରେ ଅଧିକ ପ୍ରାୟ ୭୦୦ କିଲୋଗ୍ରାମ ହୋଇଥିବା ବେଳେ ଓଡ଼ିଶାରେ ତାହା ପ୍ରାୟ ୪୯୫ କିଲୋଗ୍ରାମରେ ସୀମିତ ରହିଛି। ଦେଶର ହାରାହାରି ଉତ୍ପାଦନ ହାର ପ୍ରାୟ ୫୦୦ କିଲୋଗ୍ରାମ୍ ରହିଥିଲେ ବି ଅନ୍ୟ ରାଜ୍ୟଗୁଡ଼ିକ ସେମାନଙ୍କ ଉତ୍ପାଦନ ବୃଦ୍ଧି ଉପରେ ବିଶେଷ ଦୃଷ୍ଟି ଦେଉଛନ୍ତି। ମାତ୍ର ଆମ ରାଜ୍ୟରେ ଏ ଦିଗରେ ପଦକ୍ଷେପ ନିଆଯାଉନି ବୋଲି କୁହାଯାଉଛି।

ଅନ୍ୟପକ୍ଷରେ ବଲାଙ୍ଗୀର ଏବଂ କଳାହାଣ୍ଡି ମଣ୍ଡିକୁ ସମବାୟ ବିଭାଗ ପକ୍ଷରୁ ଜାତୀୟ ମଣ୍ଡିର ମାନ୍ୟତା ମିଳିଛି। କଳାହାଣ୍ଡିର ଚାଷୀ ମହେନ୍ଦ୍ର ବହିଦାର୍‌ଙ୍କ କହିବାନୁସାରେ, ୧୦ ବର୍ଷ ପୂର୍ବରୁ ଭବାନୀପାଟଣାରେ ପ୍ରତି ଗାଁରେ କପା ଚାଷ ହେଉଥିଲା। କ୍ରମଶଃ ଏହା କମିବାରେ ଲାଗିଛି। ଏହି ଚାଷ ପାଇଁ ପାଣିର ଆବଶ୍ୟକତା ରହୁଥିବାବେଳେ ଜଳସେଚନ ବ୍ୟବସ୍ଥା ଦିନକୁ ଦିନ ବିପନ୍ନ ହେବାରେ ଲାଗିଛି। ଅନ୍ୟପକ୍ଷରେ ପ୍ରତିବର୍ଷ ଯେତିକି ଉତ୍ପାଦନ ହେଉଛି, ତା'ର ସଠିକ ଦାମ୍ ମିଳୁନି। ଗତବର୍ଷ ଅଧିକ ଚାହିଦା ଥିବାରୁ କେଜି ହିସାବରେ ୭୭ ଟଙ୍କା ମିଳିଥିଲା। କିନ୍ତୁ ଚଳିତ ବର୍ଷ ଏମ୍‌ଏସ୍‌ପି ଦର ଧାର୍ଯ୍ୟ ହେବାରୁ ତୁଳାର ମାନ ଅନୁସାରେ ଏହା ୭୦ଟଙ୍କାକୁ ଖସିଆସିଛି। କପା ଉତ୍ପାଦନରେ ବୃଦ୍ଧି ପାଇଲେ ବି ଆମର ସୁତାକଳ ନଥିବା ଦାମ୍ ନ ବଢ଼ିବାର ପ୍ରମୁଖ କାରଣ ବୋଲି କୁହାଯାଉଛି।


**AFFIDAVIT**
By virtue of an affidavit sworn before the Executive Magistrate, Sukinda. no 1497 dated 19/05/2025 declare that My name and D.O.B is wrongly printed in Aadhar card as Mili lenka (30.03.2001) in place of Lili lenka (28.04.1995). Hence forth I shall be known as Lili lenka and My correct D.O.B is 28.04.1995 for all purposes.
Sd/-Lili lenka

**AFFIDAVIT**
By virtue of an affidavit sworn before Executive Magistrate, Bhubaneswar, CF No- 37, dated 27-02-2025 I, **RUBI PARIDA**, W/o Chiranjeeb Parida permanent resident of Plot No: 248/A, Lane-3, Aerodrome Area, PO- Aerodrome Area, PS- Airport, Bhubaneswar, DIST- Khurda, State- Odisha, PIN- 751020, declare that I have changed my name from **RUBI MANDAL** (Old name) to **RUBI PARIDA** (New name). Henceforth, I shall be known as **RUBI PARIDA** for all purposes.
Sd-( **RUBI PARIDA** )

**AFFIDAVIT**
I, Vijoy Kedia, S/o-Janki Prasad Kedia, resident of At - Kali Tower, H B Road, Lalpur, PS -Lalpur Thana, Ranchi, Pin -834001, Dist-Ranchi, Jharkhand, declare by this affidavit No -480, dated-30.06.2025, that now onwards I shall be known as **VIJAY KUMAR KEDIA** for all future purposes.

**AFFIDAVIT**
I, Amrita Mohanty, W/o- Amit Kumar Mohanty, resident of vill - Tunga, PO / PS - Aul, Dist - Kendrapara, Pin - 754219, Odisha, declare by this affidavit No -1363, dated- 14.08.2025, that now onwards I shall be known as **BARNAPRIYA BEHERA** for all future purposes.

**AFFIDAVIT**
An affidavit before the Executive Magistrate, Chillika, Dist- Khordha, Odisha that Swarnamayee Behera, W/o- Jitendra Behera and Suhagini Behera, D/o- Gunduchi Behera. That both the names are related to one and same person for all purposes.

**AFFIDAVIT**
By Virtue of an affidavit sworn before Mr. D. Gopal Reddy (ORS) Executive Magistrate, Khordha on Dt.- 26.08.2025, I Purna Chandra Sahoo, S/o- Late Kangali Sahoo, At/Po.- Dingar, Ps.- Begunia, Dist.- Khordha, as per my Aadhar No.-3795 4674 6525 with above noted address but in my LIC policy No.- 585558703 my name recorded as Bhajamana Sahoo. So, I declared Purna Chandra Sahoo and Bhajamana Sahoo is one and same person by virtue of an affidavit. Henceforth I shall be known as **Purna Chandra Sahoo** for all purposes.

**AFFIDAVIT**
By virtue of an affidavit sworn before the Executive Magistrate, Sukinda. no 1498 dated 19/05/2025 declare that My name and D.O.B is wrongly printed in Aadhar card as Lili lenka (12.09.1996) in place of Mili lenka (11.05.2001) .Hence forth I shall be known as Mili Lenka and My correct D.O.B is 11.05.2001 for all purposes.
Sd/-Mili Lenka

**AFFIDAVIT**
**By virtue of an affidavit before Executive Magistrate Balasore I Shaikh Azad Alli S/o Sk Maphijuddin, At-khaparapada P/s Sahadevkhunta Dist-Balasore pin-756001 Odisha declared by this affidavit No-8395 dt22/07/2025 now onwards I shall be known as Shaikh Azad Alli instead of Shaikh Ajad Alli.**

**AFFIDAVIT**
By virtue of an affidavit before Executive Magistrate, Khordha I Satyabhama Baliarsingh (63) yrs. W/o- Rankanath Baliarsingh At-Indipur, Po.-Siko, Ps.-Jankia, Dist.- Khordha, wrongly my name as **Satya Bhawa** in my husband's pension book, PPO No. 212199700071 vide Pension Book No. 1021958. Henceforth I shall be known as **Satyabhama Baliarsingh** for all purposes.

**WALK-IN-INTERVIEW**
Educated, well-mannered, & Smart Male/Female required for the role of Receptionist / Tele-Caller at an Automobile Detailing Workshop. Prior Experience / Knowledge of Detailing Work shall be given preference. Salary negotiable.
Interview timings: **Dt. 31.08.2025 (Sunday) between 10:00 AM to 01:00 PM.**
Candidates are advised to contact the day prior and carry their Resume before coming for Interview.
**Contact: Odisha Detailing Empire, Near Twin City Gate No.1, Trisulia-Baranga Road, Baranga, Cuttack.**
**Mobile No: +91 83288 51843**

**TPWODL**
**TP WESTERN ODISHA DISTRIBUTION LIMITED**
(A Joint Venture of Tata Power and Government of Odisha)
Corporate Office : Burla, Dist.-Sambalpur (Odisha)-768017
**NOTICE INVITING TENDER**
**Tender Notice No. TPWODL/IA/O/SITC/2500001051**
TP Western Odisha Distribution Limited, invites tender quotations (in 2part bidding) from eligible vendors for the following package :
**SITC for construction of 33KV double circuit Joda-Tensa Transmission lines and Underground cable system.**
Interested bidders are to submit Tender Participation Fee and Authorization Letter through email on or before **08th September 2025, 15:00Hrs.**, after which the link from e-Tender system shall be shared with them.
For detailed tender documents of the above-mentioned tender, please visit Tender section of **www.tpwesternodisha.com.** All details for participating in tender is given in the tender document.
All future correspondence regarding the tender, bid submission, date extension etc. will take place with the participating bidders only through E-Tender system.
Sd/- Head- Contracts & Procurement

**ପୂର୍ବ ତଟ ରେଳପଥ**
ଇ-ଟେଣ୍ଡର ବିଜ୍ଞପ୍ତି ସଂ. CAO-C-RSP-BBS-20-2025, ତା.08.08.2025ରିଖ
**କାର୍ଯ୍ୟର ନାମ :** "ମୁଖ୍ୟ ପ୍ରଶାସନିକ ଅଧିକାରୀ, ନିର୍ମାଣ, ସଡ଼କ ସୁରକ୍ଷା ପ୍ରକଳ୍ପ (RSP), ପୂର୍ବ ତଟ ରେଳପଥ, ଭୁବନେଶ୍ୱରଙ୍କ ପରିସୀମାରେ ROBs (ରୋଡ୍ ଓଭର ବ୍ରିଜ୍) / FOBs (ଫୁଟ୍ ଓଭର ବ୍ରିଜ୍)/ LHS (ସ୍ୱଳ୍ପ ଉଚ୍ଚତା ବିଶିଷ୍ଟ ଉପମାର୍ଗ)ର ବିଭିନ୍ନ ନିର୍ମାଣ ସ୍ଥଳ ଏବଂ ଅନ୍ୟାନ୍ୟ ନିରାପତ୍ତା ସମ୍ବନ୍ଧୀୟ କାର୍ଯ୍ୟର ନିର୍ମାଣ" ନିମନ୍ତେ ପ୍ରୋଜେକ୍ଟ ସୁପରଭିଜନ ସର୍ଭିସେସ୍ (PSS) ପ୍ରଦାନ ପାଇଁ ପ୍ରସ୍ତାବ ନିମନ୍ତେ ଅନୁରୋଧ (RFP)।
**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 52.89 କୋଟି, EMD : ₹ 27,94,700/-, କାର୍ଯ୍ୟ ଶେଷ ହେବା ଅବଧି: 48 (ଅଠଚାଳିଶି) ମାସ।
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.26.09.2025ରିଖ 1530 ଘଟିକାରେ।
ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ହାତ/ଡାକ/କୁରିଅର ଦ୍ୱାରା କିମ୍ବା ଲିଖିତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର କାଗଜପତ୍ର ସହିତ ୱେବସାଇଟ୍ www.ireps.gov.in ରେ ଉପଲବ୍ଧ ଅଛେ।
**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବସାଇଟ୍‌କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।
ଟେଣ୍ଡରଦାତାମାନେ ସେମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଇ-ଟେଣ୍ଡର କାଗଜପତ୍ରରେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।
ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ) / RSP / ଭୁବନେଶ୍ୱର
PR-87/CI/25-26

### ପୁଣି ମାଫିଆ ସକ୍ରିୟ

# ରାତିରେ ନିଧଡ଼କ ମାଙ୍କଡ଼ା ପଥର କାରବାର

ନୟାଗଡ଼,୨୮।୮(ସମିସ):ନୟାଗଡ଼ ଜିଲ୍ଲା ଓଡ଼ଗାଁ ତହସିଲ ଅଧୀନସ୍ଥ କୋମଣ୍ଡ, ରୋହିବାଙ୍କ ପଞ୍ଚାୟତରେ ପୁଣି ଥରେ ମାଙ୍କଡ଼ା ଖଣି ମାଫିଆମାନେ ସକ୍ରିୟ ହୋଇ ଉଠିଛନ୍ତି ବୋଲି ଅଭିଯୋଗ ହେଉଛି। ମାଙ୍କଡ଼ା ଖଣିକୁ ନେଇ ବେଆଇନ ହାତଗୁଞ୍ଜା କାରବାର ଅଡିଓ ଭାଇରାଲ ହେବା, ଖଣି କାରବାରକୁ ନେଇ ରକ୍ତପାତ ହେବା ଏବଂ ପୁଲିସ ଚଢ଼ଉ କରିବା ପରେ ଖଣି କାରବାର କିଛିଦିନ ବନ୍ଦ ରହିଥିବା ବେଳେ ଏବେ ପୁଣି ରାତିଅଧିଆ ବେପାର ଆରମ୍ଭ ହୋଇଛି ବୋଲି ଅଭିଯୋଗ ହେଉଛି। ଉକ୍ତ ଅଞ୍ଚଳରେ ରହିଥିବା ଏକ ମହିଳା ମହାବିଦ୍ୟାଳୟ ପଛ ପାଖରୁ ରାତି ଅଧରେ ମାଙ୍କଡ଼ା ପଥର କଟାଯାଇ ଗଞ୍ଜାମ ଓ ନୟାଗଡ଼ ଜିଲ୍ଲାକୁ ଚାଲାଣ ହେଉଛି। ଏହାସହିତ ବାଦଭୂଇଁ, କୋମଣ୍ଡ ପଥରା ପୋଖରୀ ପଛପାଖରେ ବ୍ୟାପକ ଖଣି ଖନନ କରାଯାଉଛି। ଏହି ବେଆଇନ ଖଣି କାରବାରରେ ଶତାଧିକ ଗାଡ଼ି ବ୍ୟବହାର ହେଉଛି। ଜେସିବି, ଟ୍ରାକ୍ଟର, ୪୦୭, ହାଇୱା, ଡମ୍ଫର, ଟ୍ରକ

**▶ ଥାନା କର୍ମଚାରୀ ନେଉଛନ୍ତି ହାତଗୁଞ୍ଜା**
**▶ ଦୈନିକ ଶତାଧିକ ଟ୍ରିପ୍‌ରୁ ଊର୍ଦ୍ଧ୍ୱ ଚାଲାଣ**

ଏବଂ ପଥର କାଟିବା ମେସିନ ବ୍ୟବହାର ହେଉଛି। ଦୈନିକ ଶତାଧିକ ଟ୍ରିପ ମାଙ୍କଡ଼ା ଓ ମୋରମ ବେଆଇନ ଚାଲାଣ ହେଉଛି। ଏଭଳି ଲୁଟ ପାଇଁ କିଏ ପ୍ରୋତ୍ସାହନ ଦେଉଛି, କିଏ ସମର୍ଥନ ଦେଉଛି ତାହା ବଡ଼ ପ୍ରସଙ୍ଗ ପାଲଟିଥିବା ବେଳେ ପ୍ରଶାସନିକ ଅଧିକାରୀମାନେ କୌଣସି ପଦକ୍ଷେପ ନନେବା ଜିଲ୍ଲାବାସୀଙ୍କୁ ଚିନ୍ତାରେ ପକାଇଛି। ପ୍ରତ୍ୟେକ ଦିନ ରାତିରେ ଖଣି ଚାଲୁଥିବା ବେଳେ ଖଣି ଖନନ ସମୟକୁ ପରିବର୍ତ୍ତନ କରାଯାଉଛି। କେଉଁ ଦିନ ରାତି ୧୨ଟାରୁ ଆରମ୍ଭ ହେଉଛି ତ ପୁଣି କେଉଁଦିନ ରାତି ୩ଟାରୁ ସକାଳ ୭ ଯାଏଁ ଖଣି ଖନନ ହେଉଛି। ସେହିଭଳି ଭାବେ ଅନେକ ସମୟରେ ସଂନ୍ଧ୍ୟା ସମୟରେ ପଥର କାଟି ରାତି ୧୧ଟା ସୁଦ୍ଧା ଖାଲି କରାଯାଉଛି। ଦୀର୍ଘବର୍ଷ ଧରି ଚାଲିଥିବା ବେଆଇନ ମାଙ୍କଡ଼ା ଖନନ ପାଇଁ ଉକ୍ତ ଅଞ୍ଚଳରେ ଶହ ଶହ ସଂଖ୍ୟାରେ ମୃତ ମାଙ୍କଡ଼ା ଖଣି ରହିଛି। ଏହି ମୃତ ମାଙ୍କଡ଼ା ଖଣି ଗୁଡ଼ିକର ଗଭୀରତା ୫୦ରୁ ୧୦୦ ଫୁଟ। ବର୍ତ୍ତମାନ ସମୟରେ ୮୪ଟି ଖଣି ଜୀବନ ଅବସ୍ଥାରେ ଥିବା ବେଳେ ୧୫୦ରୁ ଅଧିକ ମୃତ ଖଣି ରହିଛି। ମୃତ ଖଣିଗୁଡ଼ିକ ପୋତା ଯାଉନଥିବାରୁ ଏହା ଜଳାଶୟରେ ପରିଣତ ହୋଇରହିଛି। ନାଲିମାଟି ମାଫିଆମାନେ ଖଣି ଲୁଟ କରିବା ପରେ ତାହାକୁ ଏଭଳି ସ୍ଥିତିରେ ଛାଡ଼ି ଦେଉଛନ୍ତି। ଯାହା ଭବିଷ୍ୟତରେ ବିପଦ ସୃଷ୍ଟି କରିବା ନିଶ୍ଚିତ ବୋଲି ଆଲୋଚନା ହେଉଛି। ବିଗତ ଦିନରେ ଏହି ଜଳାଶୟରେ ଅନେକ ଜୀବନ ଯାଇ ସାରିଥିବା ବେଳେ ମରଣଯନ୍ତା ସୃଷ୍ଟି କେବେ ବନ୍ଦ ହେବ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କୋମଣ୍ଡ ପଞ୍ଚାୟତ ପଥରା ଏବଂ ବାଦଭୂଇଁ ନିକଟସ୍ଥ ଅଞ୍ଚଳରେ ୨ କିଲୋମିଟର ପରିବ୍ୟାପ୍ତ ଅଞ୍ଚଳ ଖଣି ଦ୍ୱାରା ବ୍ୟାପକ କ୍ଷତିଗ୍ରସ୍ତ ହୋଇଥିବା ସାଟେଲାଇଟ୍ ମ୍ୟାପରେ ସ୍ପଷ୍ଟ ଦେଖାଯାଇଛି। ଉକ୍ତ ଅଞ୍ଚଳରେ ଖଣି ପାଇଁ ବିରଟ ବିରାଟ ଜଳଶୟ ସୃଷ୍ଟି ହୋଇଥିବା ଦେଖାଯାଇଛି। ବିସ୍ତିର୍ଣ୍ଣ ଅଞ୍ଚଳକୁ ନାଲିମାଟି ମାଫିଆମାନେ ଛାରଖାର କରି ଦେଇଥିବା ବେଳେ ଜିଲ୍ଲା ପ୍ରଶାସନ ମଧ୍ୟ ଚୁପ ବସିଛି। ବିଗତ ୩ ବର୍ଷ ଧରି ବ୍ୟାପକ ଭାବେ ଏଠାରେ ଖଣି ଖନନ କରାଯାଇ ଲୁଟ କରାଯାଉଥିଲେ ମଧ୍ୟ ସମସ୍ତେ ଆଖିବୁଜି ଦେଇଛନ୍ତି ବୋଲି ଅଭିଯୋଗ ହେଉଛି। ଏହି ବେଆଇନ ଖଣିକୁ ଓଡ଼ଗାଁ ଆଦର୍ଶ ଥାନାର କିଛି ଅଧିକାରୀ ଓ ତଳିଆ କର୍ମଚାରୀ ହାତଗୁଞ୍ଜା ନେଇ ସମର୍ଥନ ଦେଉଥିବା ସ୍ଥାନୀୟ ଅଞ୍ଚଳରୁ ସୂଚନା ମିଳିଛି । ଏହି ବେଆଇନ ମାଙ୍କଡ଼ା ଖଣି ଖନନ କାର୍ଯ୍ୟରେ ୮ ଜଣ ମାଫିଆ ସକ୍ରିୟ ରହିଥିବା ଜଣାପଡ଼ିଛି।

## ପିତାମାତାଙ୍କ ସ୍ମୃତିରେ ଗଣଦୌଡ଼



ଭାପୁର,୨୮।୮(ସମିସ): ପିତାମାତାଙ୍କୁ ଭଲପାଇବା ଓ ସେମାନଙ୍କର ଆଶୀର୍ବାଦ ନେଇ ଜୀବନଯାପନ କରିବା ହେଉଛି ଭାରତୀୟ ସଂସ୍କୃତିର ମୂଳପିଣ୍ଡ। ଏପରିକି ପିତାମାତାଙ୍କ ମୃତ୍ୟୁ ପରେ ସେମାନଙ୍କୁ ମନେ ରଖିବା ପାଇଁ ଶ୍ରାଦ୍ଧ ଦିବସ ପାଳନ କରାଯାଇଥାଏ। ନିଜର ପିତାମାତାଙ୍କ ଶ୍ରାଦ୍ଧ ଦିବସରେ ଶତାଧିକ ଯୁବକଙ୍କୁ ନେଇ ଏକ ମାରାଥନ ଦୌଡ ପ୍ରତିଯୋଗିତା ଆୟୋଜନ କରିଛନ୍ତି ତାଙ୍କର ପୁଅମାନେ। ପଦ୍ମାବତୀ ପଞ୍ଚାୟତ ପୂର୍ବତନ ସରପଞ୍ଚ କପିଳେନ୍ଦ୍ର ପଣ୍ଡା ଓ ସହଧର୍ମିଣୀ ଶଶିରେଖା ପଣ୍ଡାଙ୍କ ଶ୍ରାଦ୍ଧଦିବସରେ ତାଙ୍କର ତିନିପୁଅ ରମେଶ, ଦିଲ୍ଲୀପ ଓ ସନ୍ତୋଷ ପଦ୍ମାବତୀଠାରୁ ବାଉଁଶବାଟୀ ଗ୍ରାମ ପର୍ଯ୍ୟନ୍ତ ୩ କିଲୋମିଟର ରାସ୍ତାରେ ଏହି ମାରାଥନ ଦୌଡ଼ ଗୁରୁବାର ଆୟୋଜିତ ହୋଇଯାଇଛି। ଏଥିରେ ପଦ୍ମାବତୀ ଗ୍ରାମର ମନ୍ମଥ ବେହେରା ପ୍ରଥମ ଓ ଜିତେଶ ଖଟୁଆ ଦ୍ୱିତୀୟ ଓ ଶ୍ରୀଧର ଖଟୁଆ ତୃତୀୟ ସ୍ଥାନ ଅଧିକାର କରିଥିବା।

### ● ଦବିଗଲାଣି ରେଲ୍‌ୱେ ଓଭର ବ୍ରିଜ୍ ରାସ୍ତା

# ବିପଜ୍ଜନକ ଭାବେ ଯାତାୟାତ କରୁଛନ୍ତି ଲୋକେ



ନୟାଗଡ଼,୨୮।୮(ସମିସ): ନୟାଗଡ଼ ଜିଲ୍ଲା ଟାଉନ ଷ୍ଟେସନରୁ ମହିପୁର ଷ୍ଟେସନ ଅଭିମୁଖେ ଯାଇଥିବା ରେଳ ଲାଇନ୍ ନୟାଗଡ଼-ଖଣ୍ଡପଡ଼ା ରାସ୍ତାକୁ ବରପଲ୍ଲୀଠାରେ ଅତିକ୍ରମ କରୁଛି। ଏହି ରାସ୍ତାରେ ୭ ବର୍ଷ ହେଲା ଲେବଲ୍ କ୍ରସିଂ ପାଇଁ ଲୋକେ ଦୁର୍ଦ୍ଦଶା ଭୋଗୁଥିବା ବେଳେ ୫ ବର୍ଷ ତଳୁ ଚାଲିଥିବା ଓଭର ବ୍ରିଜ କାମ ଗତବର୍ଷ ମାର୍ଚ୍ଚ ମାସରେ ଶେଷ ହୋଇଥିଲା। ତରବରିଆ ରାସ୍ତା ନିର୍ମାଣ କାରଣରୁ ଓଭର ବ୍ରିଜ ସଂଲଗ୍ନ ଉଭୟ ପାଶ୍ୱର୍ ରାସ୍ତାର ଅନେକ ସ୍ଥାନ ଦୁଇ ମାସ ମଧ୍ୟରେ ଦବି ଯାଇଥିଲା। ମାଟି ପକାଇ ତରବରିଆ ଭାବେ ପଚୁ ପକାଯିବା ଦ୍ୱାରା ବର୍ଷା ଆରମ୍ଭରୁ ଏହି ରାସ୍ତା ଦବି ଯାଇଥିଲା। ଯାହାକୁ ନେଇ ବାରମ୍ବାର ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ଅକ୍ଟୋବର ୬ ତାରିଖରେ ଏହାକୁ ମରାମତି କରାଯାଇଥିଲା। ବିଭିନ୍ନ ସ୍ଥାନରେ ସୃଷ୍ଟି ହୋଇଥିବା ଖାଲକୁ ପୋତି ପୁଣି ପିଚୁ ପକାଯାଇଥିଲା। ଏବେ ପୁର୍ନବାର

**➤ ଗତବର୍ଷ ଦବିଯିବାରୁ ମରାମତି ହୋଇଥିଲା**
**➤ ଏବେ ସମାନ ସ୍ଥାନରେ ଦୁଇ ଫୁଟର ଖାଲ**

ସେହି ସ୍ଥାନ ଗୁଡ଼ିକ ଦୁଇ ଫୁଟ ଲେଖାଏଁ ଦବି ଗଲାଣି। ଅନେକ ସ୍ଥାନରେ ଆଣ୍ଠୁଏ ଲେଖାଁଏ ଖାଲ ସୃଷ୍ଟି ହୋଇଛି। ଓଭର ବ୍ରିଜକୁ ଲାଗିଥିବା ସଂଲଗ୍ନ ରାସ୍ତା ଖାଲକୁ ଦେଖିଲେ ଗାଡ଼ି ଚାଳକ ଭୟଭୀତ ହେଉଛି। ଅଘଟଣ ଆଶଙ୍କା ସୃଷ୍ଟି ହେଉଥିଲେ ବି ବିପଜ୍ଜନକ ଭାବେ ଲୋକେ ଯାତାୟାତ କରୁଛନ୍ତି। ରାତିର ଅନ୍ଧକାରରେ ଯାଉଥିବା ବାଇକ ଆରୋହୀ ନଜାଣି ଦୁର୍ଘଟଣାର ଶୀକାର ହେଉଛନ୍ତି। ଓଭର ବ୍ରିଜ ଓ ସଂଲଗ୍ନ ରାସ୍ତା ମଧ୍ୟରେ ଦୂରତା ମଧ୍ୟ ବୃଦ୍ଧି ପାଉଛି। ବ୍ରିଜ ଏବଂ ରାସ୍ତା ମଧ୍ୟରେ ଏବେ ୧୦ ଇଞ୍ଚ ଗ୍ୟାପ୍ ହୋଇସାରିଛି। ନୟାଗଡ଼ ଜିଲ୍ଲା ସଦରମହକୁମା ନିକଟବର୍ତ୍ତୀ ସ୍ଥାନରେ ନିର୍ମାଣ କରାଯାଇଥିବା ଏହି ଓଭର ବ୍ରିଜ ପାଇଁ ରେଳ ବିଭାଗ ପକ୍ଷରୁ ୧୬ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଥିଲା। ଶ୍ରୀ ଦୁର୍ଗା କନଷ୍ଟ୍ରକସନ୍ ଠିକାସଂସ୍ଥା ଏହାର ନିର୍ମାଣ ଦାୟିତ୍ୱ ନେଇଥିଲା। ନିର୍ମାଣ ଅବଧିଠାରୁ ବହୁ ବିଳମ୍ବରେ କାର୍ଯ୍ୟ ଶେଷ ହୋଇଥିବା ବେଳେ ବ୍ରିଜ ନିର୍ମାଣକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ମଧ୍ୟ ରହିଛି। ଏହାର ସଂଲଗ୍ନ ରାସ୍ତାକୁ ଯେନତେନ ନିର୍ମାଣ କରାଯାଇଥିବା ବେଳେ ରାସ୍ତା ଦବି ଯିବାକୁ ନେଇ ନୟାଗଡ଼ବାସୀଙ୍କ ମଧ୍ୟରେ କ୍ଷୋଭ ପ୍ରକାଶ ପାଇଛି। ଏହି କାମର ତଦନ୍ତ ଏବଂ ଠିକାସଂସ୍ଥା ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହେଉଛି। ଏହାସହିତ ଉକ୍ତ ରାସ୍ତାକୁ ପୁଣି ମରାମତି କରି ଏହାକୁ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରିବାକୁ ଦାବି ହେଉଛି।

### ଦୟନୀୟ ଅବସ୍ଥାରେ ଭୂମିହୀନ ପରିବାର

# ବସୁନ୍ଧରା ଯୋଜନା କାହା ପାଇଁ ?




ଗଣିଆ,୨୮।୮(ସମିସ): ରାଜ୍ୟ ସରକାର ଭୂମିହୀନ ପରିବାରଙ୍କୁ ଚିହ୍ନଟ କରି ବସୁନ୍ଧରା ଯୋଜନାରେ ଜମି ଜାଗା ଯୋଗାଇ ଦେବା ପାଇଁ ବ୍ୟବସ୍ଥା କରିଛନ୍ତି। ମାତ୍ର ପ୍ରଶାସନିକ ସ୍ଥାଣୁତା ଯୋଗୁଁ ବର୍ତ୍ତମାନ ଗଣିଆ ବ୍ଲକର ୮ଟି ପଞ୍ଚାୟତରେ ବହୁ ସଂଖ୍ୟକ ଭୂମିହୀନ ପରିବାର ବାସହରା ହୋଇ ଦୟନୀୟ ଅବସ୍ଥାରେ ଦିନ କାଟୁଛନ୍ତି। ବସୁନ୍ଧରା ଯୋଜନା ଏହି ଭୂମିହୀନ ବର୍ଗର ପରିବାରଙ୍କ ପାଇଁ ସାତସପନ ପାଲଟିଛି। ଗଣିଆ ତହସିଲ ଅଧୀନରେ ବାସ କରୁଥିବା ବହୁ ସଂଖ୍ୟକ ଭୂମିହୀନ ଗରିବ ପରିବାରଙ୍କ ନିକଟରେ ରହିବା ନିମନ୍ତେ ଘରଟିଏ ନାହିଁ। କିଏ ସରକାରୀ ଜାଗାରେ ତ କିଏ କିଏ ଗୋଚର ଓ ଅନାବାଦି ଜାଗାରେ ବର୍ଷ ବର୍ଷ ଧରି ଝାଟିମାଟି ଓ ଆଜବେଷ୍ଟସ୍ ଘର କରି ଅସ୍ଥାୟୀ ଭାବେ ଅତି ଦୟନୀୟ ସ୍ଥିତିରେ ରହି ଆସୁଛନ୍ତି। ଏପରିକି ଉକ୍ତ ପରିବାରଗୁଡ଼ିକ ଆନୁସଙ୍ଗିକ ସରକାରୀ ସୁବିଧାରୁ ବଞ୍ଚିତ ହୋଇଥିବା ଜଣାପଡିଛି। ରାଜ୍ୟ ସରକାର ଭୂମିହୀନ ଲୋକଙ୍କୁ ବସୁନ୍ଧରା ଯୋଜନାରେ ସରକାରୀ ଜାଗା ଯୋଗାଇ ଦେବାର ବ୍ୟବସ୍ଥା କରିଛନ୍ତି। ମାତ୍ର ଗଣିଆ ତହସିଲ ଅଞ୍ଚଳରେ ବାସ କରୁଥିବା ଶହଶହ ଭୂମିହୀନ ପରିବାରବର୍ଗଙ୍କ ନିକଟରେ ଜାଗା ଟିକିଏ ନଥିବାରୁ ସେମାନେ ସଦାସର୍ବଦା ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି। ଭୂମିହୀନ ପରିବାରମାନଙ୍କୁ ବସୁନ୍ଧରା ଯୋଜନାରେ ଜାଗା ଯୋଗାଇ ଦେବାରେ ଗଣିଆ ତହସିଲ ପ୍ରଶାସନ ବିଫଳ ହୋଇଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏସଂପର୍କିତ ଆବେଦନପତ୍ରଗୁଡିକ ବିଭିନ୍ନ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ବର୍ଷବର୍ଷ ଧରି ପଡିରହିଥିବା ଜଣାଯାଇଛି। ଭୂମିହୀନ ପରିବାରଗୁଡ଼ିକୁ ଚିହ୍ନଟ କରି ବସୁନ୍ଧରା ଯୋଜନାରେ ଜାଗା ପ୍ରଦାନ ନିମନ୍ତେ ବିଭିନ୍ନ ସମୟରେ ରାଜସ୍ୱ ନିରୀକ୍ଷକମାନଙ୍କ ଦ୍ୱାରା ସର୍ଭେ କାର୍ଯ୍ୟ ଶେଷ ହୋଇଥିଲେ ହେଁ ଅଦ୍ୟାବଧି ଏହି ଯୋଜନା କାର୍ଯ୍ୟକାରୀ ନହୋଇ ପଡିରହିଛି। ବସୁନ୍ଧରା ଯୋଜନାରେ ସମସ୍ତ ଭୂମିହୀନ ପରିବାରଗୁଡ଼ିକୁ ଜାଗା ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି। ନୟାଗଡ଼ ଜିଲ୍ଲାପାଳ ଓ ରାଜସ୍ୱ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଏଦିଗରେ ଦୃଷ୍ଟିଦେଇ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

### ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ

# ନିରୁତ୍ସାହିତ କରୁଛି ନିରାମୟ




ନୟାଗଡ଼,୨୮।୮(ସମିସ): ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ନାନାଦି ଅବ୍ୟବସ୍ଥା ସାଧାରଣ ଜନତାଙ୍କୁ ଅତିଷ୍ଠ କରୁଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବେଆଇନ ପାର୍କିଂ ବ୍ୟାପକ ସମସ୍ୟା ସୃଷ୍ଟି କରୁଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ବିଭିନ୍ନ ୱାର୍ଡଠାରୁ ଆରମ୍ଭ କରି ଏହାର ପରିସରକୁ ସଠିକ ଭାବେ ସଫେଇ କରାଯାଉ ନଥିବାରୁ ରୋଗୀ ଓ ରୋଗୀଙ୍କ ସମ୍ପର୍କୀୟମାନଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହେଉଛି। ସବୁଠାରୁ ବଡ଼ ସମସ୍ୟା ହେଉଛି ନିରାମୟ କେନ୍ଦ୍ର। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନିରାମୟ କେନ୍ଦ୍ରରେ ରୋଗୀ ଓ ରୋଗୀଙ୍କ ସମ୍ପର୍କୀୟଙ୍କ ଲମ୍ବାଧାଡ଼ି ଯୋଗୁଁ ଅକଥନୀୟ ଯନ୍ତ୍ରଣା ଭୋଗିବାକୁ ବାଧ କରାଯାଉଛି। ସକାଳ ୮ଟାରୁ ଦିନ ୨ଟା ପର୍ଯ୍ୟନ୍ତ ବହୁ ସଂଖ୍ୟାରେ ଗହଳି ଲାଗି ରହୁଥିବା ଦେଖିବାକୁ ମିଳିଛି। ଏତେ ପରିମାଣର ଗହଳିକୁ ଦୃଷ୍ଟି ଦେଇ ଅଧିକ କାଉଣ୍ଟର ଖୋଲିବା ଆବଶ୍ୟକତାକୁ ଦୃଷ୍ଟି ଦିଆଯାଉନାହିଁ। ନିରାମୟ କେନ୍ଦ୍ରରେ ରହିଥିବା ଦିବ୍ୟାଙ୍ଗ ଓ ବରିଷ୍ଠ ନାଗରିକଙ୍କ କାଉଣ୍ଟର ଦୀର୍ଘଦିନ ହେଲା ବନ୍ଦ ରହିଛି। କିଏ ଓ କାହା ନିର୍ଦ୍ଦେଶରେ ଦିବ୍ୟାଙ୍ଗ ଓ ବରିଷ୍ଠ ନାଗରିକ କାଉଣ୍ଟର ବନ୍ଦ କରାଯାଇଛି, ତାହା ବୁଝି ପଡୁନଥିବା ବେଳେ ନିରାମୟ କେନ୍ଦ୍ର କର୍ମଚାରୀ ଏହା ଆଦୌ ଖୋଲିବ ନାହିଁ ବୋଲି ସିଧା ସିଧା ରୋଗୀଙ୍କୁ ଶୁଣାଉଛନ୍ତି। ଫଳରେ ବୟସ୍କ ଓ ଦିବ୍ୟାଙ୍ଗ ବ୍ୟକ୍ତିମାନେ ଧାଡ଼ିରେ ଠିଆହୋଇ ଯନ୍ତ୍ରଣା ଭୋଗୁଛନ୍ତି। ଏନେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଶାନ୍ତ କୁମାର ଦାଶଙ୍କୁ ପଚାରିବାରେ, ଏହା ଖୋଲିବାକୁ ନିର୍ଦ୍ଦେଶ ରହିଥିଲା। ବନ୍ଦର କାରଣ କଣ ମୁଁ ବୁଝିବି ବୋଲି କହିଛନ୍ତି।

**➤ ଖୋଲୁନି ବୟସ୍କ ଓ ଦିବ୍ୟାଙ୍ଗ କାଉଣ୍ଟର**
**➤ ଲମ୍ବାଧାଡ଼ିରେ ବରିଷ୍ଠ ନାଗରିକ ଓ ଦିବ୍ୟାଙ୍ଗ**

### ଆନ୍ତରିକତାର ଅଭାବ

# ମାଟିରେ ମିଶିଲା ୧୧୦ ବର୍ଷର ସଂସ୍କୃତ ଶିକ୍ଷାନୁଷ୍ଠାନ



ଖଣ୍ଡପଡ଼ା,୨୮।୮(ସମିସ): ବିଶ୍ୱ ବରେଣ୍ୟ ମହାନ ପଣ୍ଡିତ ପଠାଣି ସାମନ୍ତଙ୍କ ଜନ୍ମ ମାଟିରେ ସ୍ୱାଧୀନତା ପୂର୍ବରୁ ଗଢ଼ି ଉଠିଥିବା ଏକ ଶିକ୍ଷା ଅନୁଷ୍ଠାନର ନା କର୍ପୁର ଅଛି ନା କନା ଅଛି। ପ୍ରଶାସନିକ ଉଦାସୀନତା ସାଙ୍ଗକୁ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଆନ୍ତରିକତା ଅଭାବରୁ ଖଣ୍ଡପଡ଼ା ସହରରେ ପ୍ରାକ ସ୍ୱାଧୀନତା ସମୟ ସନ ୧୯୧୫ ମସିହାରେ ପ୍ରତିଷ୍ଠିତ ହୋଇଥିବା ରାମଚନ୍ଦ୍ର ସଂସ୍କୃତ ଟୋଲ ଶିକ୍ଷାନୁଷ୍ଠାନଟି ମାଟିରେ ବିଲୀନ ହୋଇଯାଇଛି। ସଂସ୍କୃତ ଭାଷାର ପ୍ରସାର ଉଦ୍ଦେଶ୍ୟରେ ପ୍ରତିଷ୍ଠିତ ହୋଇଥିବା ସେହି ଶିକ୍ଷାନୁଷ୍ଠାନରୁ ଏକଦା ଅନେକ ଛାତ୍ରଛାତ୍ରୀ ପାଠପଢ଼ି ଏବେ ସମାଜରେ ପ୍ରତିଷ୍ଠିତ ହୋଇପାରିଛନ୍ତି। ମାତ୍ର ଦୀପତଳ ଅନ୍ଧାର ପରି ଶିକ୍ଷାନୁଷ୍ଠାନଟିର ସୁରକ୍ଷା ପ୍ରତି କେହିହେଲେ ଦୃଷ୍ଟି ନଦେବା ଫଳରେ ଏପରି ପରିସ୍ଥିତି ସୃଷ୍ଟି ହୋଇଥିବା ଜଣାପଡ଼ିଛି। ପ୍ରକାଶଥାଉକି ରାଜ୍ୟ ସରକାରଙ୍କ ଗଣଶିକ୍ଷା ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଛତୁ ଫୁଟିଲା ପରି ଶିକ୍ଷାନୁଷ୍ଠାନଗୁଡିକୁ ଖୋଲାଯିବା ପରେ ସମୟାନୁକ୍ରମେ ପୁରାତନ ଶିକ୍ଷାନୁଷ୍ଠାନ ଗୁଡ଼ିକୁ ପ୍ରଶାସନ ଅଣଦେଖା କରିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ଜଣାପଡିଛି। ସେହିପରି ସଂସ୍କୃତ ଶିକ୍ଷାନୁଷ୍ଠାନରୁ ଧୀରେ ଧୀରେ ଛାତ୍ରଛାତ୍ରୀ ଦୂରେଇ ଯିବା ଶିକ୍ଷାନୁଷ୍ଠାନ ବନ୍ଦର ଅନ୍ୟତମ କାରଣ ଅଟେ ବୋଲି ଜଣାପଡ଼ିଛି। ୧୯୯୫ ମସିହା ପର୍ଯ୍ୟନ୍ତ ଉକ୍ତ ଶିକ୍ଷାନୁଷ୍ଠାନଟି ବେଶ ଚଳଞ୍ଚଳ ଥିବା ଖଣ୍ଡପଡ଼ା ସହରର ବହୁ ବୁଦ୍ଧିଜୀବୀ ଓ ପୁରୁଖା ବ୍ୟକ୍ତିବିଶେଷ ମତ ଦେଇଛନ୍ତି। ତତ୍କାଳୀନ ଖଣ୍ଡପଡ଼ା ରାଜା ରାମଚନ୍ଦ୍ର ସିଂହ ମର୍ଦ୍ଦରାଜଙ୍କ ସ୍ମୃତିରକ୍ଷା ଉଦ୍ଦେଶ୍ୟରେ ନାମିତ ଏହି ଶିକ୍ଷାନୁଷ୍ଠାନ ପ୍ରତି ଶିକ୍ଷା ବିଭାଗ ଉଚ୍ଚ କର୍ତ୍ତୃପକ୍ଷ, ଜିଲ୍ଲା ପ୍ରଶାସନ ଓ ଲୋକ ପ୍ରତିନିଧିମାନେ କେହି ହେଲେ ଦୃଷ୍ଟି ନ ଦେବାରୁ ପୁରାତନ ଶିକ୍ଷାନୁଷ୍ଠାନଟି ମାଟିରେ ମିଶିଯାଇଥିବାରୁ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଥିବା ବେଳେ ଜନମାନସରୁ ଉକ୍ତ ଶିକ୍ଷାନୁଷ୍ଠାନଟି ସବୁଦିନ ପାଇଁ ଦୁରେଇଯାଇ ଇତିହାସ ପାଲଟିଗଲା ବୋଲି ସାଧାରଣରେ ଆଲୋଚନା ହେଉଛି।

## ବୃଉଙ୍ଗ ନଦୀରେ ବୁଲୁଛି କୁମ୍ଭୀର

ଗଣିଆ,୨୮।୮(ସମିସ): ଗଣିଆ ବ୍ଲକ୍ ଛାମୁଣ୍ଡିଆଠାରେ ଥିବା ବୃଉଙ୍ଗ ନଦୀରେ କୁମ୍ଭୀର ଆତଙ୍କ ଦେଖାଦେଇଥିବା ବେଳେ ଗ୍ରାମବାସୀ ଭୟଭୀତ ଅବସ୍ଥାରେ ଅଛନ୍ତି। ମହାନଦୀରେ ଜଳସ୍ତର ବୃଦ୍ଧି ପାଇଥିବା ବେଳେ ମହାନଦୀରୁ ଏକ କୁମ୍ଭୀର ବୃଉଙ୍ଗ ନଦୀକୁ ଚାଲିଆସିଥିବା ଗ୍ରାମବାସୀ ଦେଖିବାକୁ ପାଇଥିଲେ। ଏନେଇ ଛାମୁଣ୍ଡିଆ ରେଞ୍ଜର ଲକ୍ଷ୍ମୀନାରାୟଣ ପଣ୍ଡା ଖବର ପାଇ କୁମ୍ଭୀର ଖଣିଠାରେ ଥିବା ବ୍ରିଜ ଉପରେ ରହି ତଦାରଖ କରିଥିଲେ। ଗ୍ରାମବାସୀଙ୍କୁ ସଚେତନ କରିବା ସହିତ ନଦୀ ଭିତରକୁ ନଯିବାକୁ ପରାମର୍ଶ ଦେଇଛନ୍ତି। ଗୋଳି ପାଣି ଯୋଗୁଁ କୁମ୍ଭୀରଟି ଆସିଥିବାରୁ ଭୟଭୀତ ନହେବାକୁ ସେ ଗ୍ରାମବାସୀଙ୍କୁ ସୂଚନା ପ୍ରଦାନ କରିଛନ୍ତି। ଯଦି କେହି ବି କୁମ୍ଭୀରଟିକୁ ଦେଖନ୍ତି ତେବେ ତୁରନ୍ତ ବିଭାଗକୁ ଜଣାଇବାକୁ ରେଞ୍ଜର ଅନୁରୋଧ କରିଛନ୍ତି।

# ଜିଲ୍ଲାସ୍ତରୀୟ କ୍ରାନ୍ତି କବିତା ଆସର




ଓଡ଼ଗାଁ,୨୮।୮(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ଏନ୍ଏସି ମିନି ଷ୍ଟାଡିୟମ ନିକଟ ରଘୁନାଥ ଆଥଲେଟିକ ଆସୋସିଏସନ୍ ଠାରେ ଗୁରୁବାର କ୍ରାନ୍ତି କବିତା ଆସର ଅନୁଷ୍ଠିତ ହୋଇଯାଇଛି। ଆଥଲେଟିକ ଆସୋସିଏସନ୍ ତରଫରୁ ସମ୍ପାଦକ ତଥା ଓଡ଼ଗାଁର ଖେଳ ମଣିଷ ଭାବେ ପରିଚିତ ଦିବାକର ନାୟକଙ୍କ ଦ୍ୱାରା ଆୟୋଜିତ ଏବଂ ପ୍ରଫୁଲ୍ଲ ମାଝୀଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ଆସରରେ ନୟାଗଡ଼ ଜିଲ୍ଲା ଲେଖକ ପରିଷଦ ସମ୍ପାଦକ ସେଖ୍ ଅବଦୁଲ ଖାଲିକ, ନୟାଗଡ଼ ପରମ୍ପରାର ସମ୍ପାଦକ ନିର୍ମଳ ଚନ୍ଦ୍ର ଶୁରଦେଓ, କବି ପଞ୍ଚାନନ ପଣ୍ଡା, ଗୋଦାବରୀ ବସନ୍ତିଆ, ନିରାକାର ସ୍ୱାଇଁ, ଲଳିତ ମୋହନ ମିଶ୍ର, କ୍ଷଣପ୍ରଭା କର, ପ୍ରଦୀପ୍ତ ବିଶ୍ୱାଳ, ସାରସ ମିଶ୍ର, ପ୍ରଶାନ୍ତ କୁମାର ଦାଶ, ରବିନ୍ଦ୍ର କୁମାର ମହାପାତ୍ର (ଅଚଞ୍ଚାକିଳା) ପ୍ରମୁଖଙ୍କ ସହିତ ୩୭ ଜଣ କବି ଅଂଶଗ୍ରହଣ କରି ସେମାନଙ୍କ ସ୍ୱରଚିତ କବିତାମାନ ପାଠ କରିଥିଲେ। ସାମ୍ବାଦିକ ଅଶୋକ କୁମାର ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ କବି ଶରତ ଚନ୍ଦ୍ର ଷଡ଼ଙ୍ଗୀ, ଯଶୋବନ୍ତ ପଟ୍ଟନାୟକ, ରଞ୍ଜନ କୁମାର ଦାଶ ପରିଚାଳନାରେ ସହଯୋଗ କରିଥିଲେ।

### ଗୁଜୁରାଣ ମେଣ୍ଟାଇ ପାରୁନି କୌଳିକ ବୃତ୍ତି, ବିମୁଖ ଯୁବପିଢ଼ି

# ବୁଡ଼ିବାକୁ ବସିଲାଣି ଜ୍ୟୋତିଷ ବେଉସା



ଭାପୁର,୨୮।୮(ସମିସ): ଜାତକ ତିଆରି ଓ ପାଞ୍ଜି ଦେଖି ରୋଜଗାର କରି ପରିବାର ଚଳାଇବା କଷ୍ଟକର ହୋଇପଡୁଛି। ଜୋତିଷ ପରିବାର ବୟସ୍କମାନେ କଷ୍ଟେମଷ୍ଟେ କୌଳିକ ବୃତ୍ତିକୁ ବଞ୍ଚାଇ ରଖିଥିଲା ବେଳେ ସେମାନଙ୍କ ପରବର୍ତ୍ତୀ ପିଢିମାନେ ଏହି ବୃତ୍ତି ପ୍ରତି ବିମୁଖ ହେଉଥିବା ଦେଖିବାକୁ ମିଳୁଛି। ଯୁଗ ଯେତେ ଆଗେଇଲେ ବି ଓଡିଆ ଜାତିର ନବଜାତକଙ୍କ ଜନ୍ମ ସମୟରେ ପିତାମାତାମାନେ ଜାତକ ତିଆରି କରନ୍ତି। ବିବାହ ସମୟରେ ଏହି ଜାତକକୁ ଆଧାର କରି ପୁଅ ଝିଅଙ୍କ କୋଷ୍ଠି ଗଣନା କରି ବିବାହ ସ୍ଥିର କରାଯାଇଥାଏ। ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ୍‌ର ନୂଆଗାଁ, କଇଁଫୁଲିଆ, ଚକ୍ରଧରପ୍ରସାଦ, କରବର, ଶାଶନ, ମାଧପୁର, ବିଜିପୁର, ଧଳାବନ୍ଧ, ପୁରୁଷୋତ୍ତମ ପ୍ରସାଦ, ତରବାଲୋ ଆଦି ଗ୍ରାମରେ ଜୋତିଷ୍ମ ଜାତିର ଲୋକମାନେ ରୁହନ୍ତି। ସେମାନେ ପିଢି ପରେ ପିଢି ତାଳପତ୍ରରେ ଜାତକ ତିଆରି କରିବା ସହ ବିଭିନ୍ନ ଗାଁକୁ ଯାଇ ପାଞ୍ଜି ପଢି ଯେଉଁ ସ୍ୱଳ୍ପ ରୋଜଗାର କରନ୍ତି ତାହା ପରିବାର ପ୍ରତିପୋଷଣ ପାଇଁ ଯଥେଷ୍ଟ ହେଉନାହିଁ। ଯୁଗ ବଦଳିବା ସହ ନବଜାତକଙ୍କ ଜାତକ ନିର୍ମାଣ କରିବା ସମୟରେ ଅକ୍ଷାଂଶ ଦ୍ରାଘିମା ଦେଖି ଜାତକ କରିବା ବୟସ୍କ ଜୋତିଷଙ୍କ ପାଇଁ କଷ୍ଟକର ହେଉଛି। ତଥାପି ସେମାନେ କିଛି ଅଧ୍ୟୟନ କରି ଜ୍ଞାନ ଆହରଣ କରି ଜାତକ ତିଆରି କରୁଛନ୍ତି। ଏପରିକି ତାଳପତ୍ରରେ ଜାତକ ତିଆରି କରିବା ଓ ଲିଖନୀରେ ତାଳପତ୍ରରେ ଲେଖିବା କଷ୍ଟକର ହୋଇଥିଲେ ହେଁ ଗରାଖଙ୍କ ଚାହିଦାକୁ ଦେଖି ବହୁ କଷ୍ଟ କରି ତାଳପତ୍ରରେ ଲେଖୁଛନ୍ତି ଅନେକ। ମାତ୍ର, ଏହି କାର୍ଯ୍ୟ ପାଇଁ ଦୁଇ ଦିନ ପରିଶ୍ରମ କରି ଗୋଟିଏ ଜାତକ ଲେଖିବା ସମ୍ଭବ ହେଉଥିବା ବେଳେ ଏହାର ପାରିଶ୍ରମିକ ୫ ଶହରୁ ଅଧିକ ହେଉନଥିବାରୁ ପରିବାର ପ୍ରତିପୋଷଣ କଷ୍ଟକର ହେଉଛି। ବର୍ତ୍ତମାନ ଅନେକ ଯୁବ ଜୋତିଷ୍ମ କାଗଜରେ ଜାତକ ତିଆରି କରି ଲାମିନେସନ କରି ଗରାଖଙ୍କୁ ସନ୍ତୁଷ୍ଟ କରୁଥିବାରୁ ଦେଖିବାକୁ ମିଳୁଛି। ଏନେଇ ଶାଳପଡା ପଞ୍ଚାୟତ ନୂଆଗାଁ ଗ୍ରାମର ବାଇଧର ନାୟକ (୭୭)କୁହନ୍ତି ଆଖିକୁ ଭଲ ଦେଖାଯିବା ପର୍ଯ୍ୟନ୍ତ ତାଳପତ୍ରରେ ଲିଖନୀରେ ଜାତକ କରି ଚାଲିବି। ଜାତକ ଲେଖିବା ବେଳେ ହାତକୁ ଓ ଆଖିକୁ କଷ୍ଟ ହୋଇଥାଏ। ହେଲେ ଗରାଖଙ୍କୁ ସନ୍ତୁଷ୍ଟ କରିବା ପାଇଁ ସେ ଏହି କାର୍ଯ୍ୟ ସମ୍ପାଦନ କରି ଚାଲିବେ। ମାତ୍ର, ପାରିଶ୍ରମିକ କମ ମିଳୁଥିବାରୁ ପରିବାର ଚଳାଇବା କଷ୍ଟକର ହେଉଛି। ସେଥିପାଇଁ ମୋ ପରି ଅନେକଙ୍କ ପରିବାରର ପିଲାମାନେ ଆଉ ଏହି ବୃତ୍ତି କରିବାକୁ ଆଗ୍ରହ କରୁନାହାନ୍ତି।

## ଗଣେଶ ପୂଜାକୁ କେନ୍ଦ୍ରକରି ଗୋଷ୍ଠୀ ସଂଘର୍ଷ; ୪ ଗିରଫ

ବାଲୁଗାଁ,୨୮।୮ (ସମିସ): ଗଣେଶ ପୂଜାକୁ କେନ୍ଦ୍ରକରି ବାଲୁଗାଁ ଥାନା ଅନ୍ତର୍ଗତ ଗୋପିନାଥପୁର ଗ୍ରାମରେ ଗୋଷ୍ଠୀ ସଂଘର୍ଷ ଘଟଣାର ଅଭିଯୋଗ ଆଧାରରେ ଉଭୟ ଗୋଷ୍ଠୀର ୭ଜଣ ଲେଖାଏଁ ସଦସ୍ୟଙ୍କୁ ପୁଲିସ ବୁଧବାର ଅଟକ ରଖି ତଦନ୍ତ ଚଳାଇଥିବାବେଳେ ଗୁରୁବାର ଅଟକ ୪ଜଣଙ୍କୁ ପୁଲିସ କୋର୍ଟ ଚାଲାଣ କରିଛି। ଗିରଫ ଯୁବକମାନେ ହେଲେ ଗୋପିନାଥପୁର ଗ୍ରାମର ହରପ୍ରସାଦ ବିଶ୍ୱାଳ, ଅନିଲ ପ୍ରଧାନ, ସୁକାନ୍ତ ନାୟକ ଓ ମନିଷ ପାଢ଼ୀ।

ସୂଚନା ମୁତାବକ, ମଙ୍ଗଳବାର ଶ୍ରୀଗଣେଶଙ୍କ ମୂର୍ତ୍ତିକୁ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତାମାନେ ବାଜା, ବାଣ, ରୋଷଣୀ ସହ ଶୋଭାଯାତ୍ରା ପାଛୋଟି ନେଇ ବାଲୁଗାଁ ସହର ପରିକ୍ରମା କରି ମଣ୍ଡପମାନଙ୍କରେ ବିରାଜମାନ କରାଇଥିଲେ। ଏପରିସ୍ଥଳେ ବାଲୁଗାଁ ଥାନା ଅନ୍ତର୍ଗତ ଗୋପିନାଥପୁର ଅଞ୍ଚଳରେ ପ୍ରତିବର୍ଷ ଗୋଟିଏ ପୂଜା ଅନୁଷ୍ଠିତ ହେଉଥିବାବେଳେ ଚଳିତ ବର୍ଷ ଦୁଇ ଗୋଷ୍ଠୀ ମଧ୍ୟରେ ମନୋମାଳିନ୍ୟ ହୋଇ ଦୁଇଟି ପୂଜା ମଣ୍ଡପରେ ପୂଜା କରାଯାଉଛି। ମଙ୍ଗଳବାର ରାତିରେ ଶ୍ରୀଗଣେଶଙ୍କୁ ରୋଷଣୀରେ ପାଛୋଟି ନେବା ସମୟରେ ବାଣଫୁଟାକୁ କେନ୍ଦ୍ର କରି ଦୁଇ ଗୋଷ୍ଠୀ ମଧ୍ୟରେ ପ୍ରଥମେ ପାଟିତୁଣ୍ଡ ପରେ ଉଗ୍ରରୂପ ନେଇ ଗୋଷ୍ଠୀ ସଂଘର୍ଷ ସୃଷ୍ଟି ହୋଇଥିଲା। ଏଥିରେ କେତେକ ସଦସ୍ୟ ଆହତ ହୋଇ ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ଏନେଇ ଉଭୟ ଗୋଷ୍ଠୀ ତରଫରୁ ବାଲୁଗାଁ ଥାନାରେ ଅଭିଯୋଗ ହେବାରେ ପୁଲିସ ଗୋଟିଏ ଗୋଷ୍ଠୀର ଜିତେନ୍ଦ୍ର ପ୍ରଧାନଙ୍କ ଅଭିଯୋଗ କ୍ରମେ କେସ୍ ନଂ ୨୬୬/୨୫ ଓ ଅନ୍ୟ ଗୋଷ୍ଠୀର ସୁକାନ୍ତ ନାୟକଙ୍କ ଅଭିଯୋଗ କ୍ରମେ ୨୬୭/୨୫ରେ ଦୁଇଟି ପୃଥକ୍ ମାମଲା ରୁଜୁ କରି ଉଭୟ ଗୋଷ୍ଠୀର ୪ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବାଲୁଗାଁ ଥାନା ଏସ୍‌ଆଇ ସୌମ୍ୟରଞ୍ଜନ ପାଣିଗ୍ରାହୀ ସୂଚନା ଦେଇଛନ୍ତି।

## ଅଧ୍ୟାପକ ସୁବ୍ରତ ସାମନ୍ତରାୟଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ

ଖୋର୍ଦ୍ଧା,୨୮।୮ (ସମିସ): ଖୋର୍ଦ୍ଧା ଉପକଣ୍ଠ କାଇପଦରସ୍ଥିତ ଶ୍ରୀଜଗନ୍ନାଥ ମହାବିଦ୍ୟାଳୟର ସରକାରୀ ଧନ୍ଦାମୂଳକ ଶିକ୍ଷାନୁଷ୍ଠାନର ଉଦ୍ୟାନ କୃଷି ବିଭାଗର ଅଧ୍ୟାପକ ତଥା ଖୋର୍ଦ୍ଧା ଭାଳିଆବାଡ଼ି ଅଞ୍ଚଳର ସୁବ୍ରତ ସାମନ୍ତରାୟ (ବାବୁ)ଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ରଣପୁର ବ୍ଲକ୍ ଅଧୀନ ନିଜଗ୍ରାମ ନାକୀଠଣାରେ ପାଳିତ ହୋଇଛି। ଏଥିରେ ଜଗନ୍ନାଥ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡ. ଦେବେନ୍ଦ୍ର କୁମାର ମାନସିଂହ, ପ୍ରତାପ କିଶୋର ଛୋଟରାୟ, ଭାଗିରଥି ସାହୁ, ଅଧ୍ୟାପିକା ସଂଯୁକ୍ତା ପଟ୍ଟନାୟକ, ଦିଗମ୍ବର ବଳିୟାରସିଂହ, ପ୍ରଦୋଷ ମହାରଥୀ, ତାଙ୍କ ସହଧର୍ମିଣୀ ପୁଷ୍ପାଞ୍ଜଳୀ ସାମନ୍ତରାୟ, ପୁତ୍ର ତପୁ, ସାନ ଭାଇ କାବୁ, ପରିବାର ବର୍ଗ, ବନ୍ଧୁ, ସହପାଠୀ ଓ ଗ୍ରାମବାସୀବୃନ୍ଦ ଉପସ୍ଥିତ ରହି ସ୍ୱର୍ଗତ ବାବୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ତାଙ୍କର ଗୁଣଗାନ କରିବା ସହିତ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ।

## ବୃଷଭ ଉପରେ ପୂଜା ପାଉଛନ୍ତି ଶ୍ରୀଗଣେଶ



ବାଲୁଗାଁ,୨୮।୮ (ସମିସ): ପବିତ୍ର ଗଣେଶ ଚତୁର୍ଥୀ ବୁଧବାର ବିଘ୍ନ ବିନାଶକ ଗଣପତି ଧରାବତରଣ କରି ବାଲୁଗାଁ ବାଣପୁର ଅଞ୍ଚଳର ବିଭିନ୍ନ ମଣ୍ଡପରେ ସୁନ୍ଦର ତୋରଣ ସାଙ୍ଗକୁ ରଙ୍ଗୀନ ଆଲୋକମାଳା, ସାଜସଜ୍ଜାର ସହ ବିଦ୍ୟାଦାତା ବିଘ୍ନ ବିନାଶକଙ୍କ ବିରାଟ ମୃଣ୍ମୟ ମୂର୍ତ୍ତି ବିରାଜମାନ କରାଇ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ମହାଆଡ଼ମ୍ବରରେ ପୂଜା କରୁଛନ୍ତି। ଚଳିତ ବର୍ଷ ବାଲୁଗାଁ ଏନ୍‌ଏସିର ସରଳାପଦର ଗ୍ରାମ ମଣ୍ଡପରେ ନିଆରା ଢଙ୍ଗରେ ବୃଷଭ ଉପରେ ଶୟନ ମୁଦ୍ରାରେ ଦେବଦେବ ମହାଦେବଙ୍କ ବେଶରେ ପ୍ରଭୁ ଶ୍ରୀଗଣେଶ ପୂଜା ପାଉଛନ୍ତି। ପୂଜା ମଣ୍ଡପ ସୁନ୍ଦର ତୋରଣ ସାଙ୍ଗକୁ ଆଲୋକମାଳା ଝଲସି ଉଠୁଥିବାବେଳେ ଏହି ନିଆରା ଶ୍ରୀଗଣେଶ ମୂର୍ତ୍ତି ଦେଖିବାକୁ ଲୋକଙ୍କ ଭିଡ଼ ଜମୁଛି।

## ଶରଧାପୁର ଫୁଟ୍‌ବଲ୍ ଲିଗ୍: ବେଣାପଞ୍ଜରୀ ଓ ତରତୁଆ ମ୍ୟାଚ୍ ଡ୍ର

ଖୋର୍ଦ୍ଧା,୨୮।୮ (ସମିସ): ଖୋର୍ଦ୍ଧା ଉପକଣ୍ଠ ଶରଧାପୁର ସ୍ପୋର୍ଟସ ଆସୋସିଏସନ୍ ଆନୁକୂଲ୍ୟରେ ସ୍ଥାନୀୟ ଖେଳପଡ଼ିଆରେ ଚାଲିଥିବା ଶରଧାପୁର ଫୁଟ୍‌ବଲ୍ ଲିଗ୍ ମ୍ୟାଚ୍‌ରେ ଗୁରୁବାର ବେଣାପଞ୍ଜରୀ ଓ ତରତୁଆ ମଧ୍ୟରେ ହୋଇଥିଲା। ଉଭୟ ଦଳ ନିର୍ଦ୍ଧାରିତ ସମୟରେ କେହି କାହାରିକୁ ଗୋଲ୍ ଦେଇପାରି ନ ଥିଲେ। ତେଣୁ ମ୍ୟାଚ୍‌ଟି ସଂଘର୍ଷପୂର୍ଣ୍ଣ ହୋଇଥିବାବେଳେ ଉଭୟ ଦଳକୁ ଗୋଟିଏ ଲେଖାଏଁ ପଏଣ୍ଟ ମିଳିଥିଲା। ଏହି ମ୍ୟାଚ୍‌ରେ ଅତିଥି ଭାବେ ସଂଘର ସଭାପତି ମହମ୍ମଦ ଜମିରୁଲ ରହେମନ, ପୂର୍ବତନ ସରପଞ୍ଚ ଲକ୍ଷ୍ମୀଧର ବଡ଼ଜେନା, ମୀନକେତନ ବଡ଼ଜେନା, ଦୁଃଖିଶ୍ୟାମ ବେହେରା, ଜାପାନୀ ବେହେରା ପ୍ରମୁଖ ଯୋଗଦେଇଥିଲେ। ଖେଳକୁ ସାଗିର ଅହମ୍ମଦ ପରିଚାଳନା କରିଥିବାବେଳେ ଇଜାଜ ହୁସେନ, ଅମ୍‌ଜଦ ଖାଁ ଓ ସୌକତ ଅହମ୍ମଦ ତାଙ୍କୁ ଲାଇନ୍‌ରେ ସହାୟତା କରିଥିଲେ।

# ଜବାହର ନବୋଦୟ ବିଦ୍ୟାଳୟରୁ ଡେଙ୍ଗୁ ରୋଗୀ ଚିହ୍ନଟ

■ ଗୁରୁତର ଅବସ୍ଥାରେ ଦ୍ୱାଦଶ ଶ୍ରେଣୀର ଛାତ୍ର ମେଡିକାଲରେ ଭର୍ତ୍ତି ■ ହଷ୍ଟେଲରେ ୧୦ ଛାତ୍ରଛାତ୍ରୀଙ୍କୁ ଜ୍ୱର

ଖୋର୍ଦ୍ଧା,୨୮।୮ (ସମିସ)

ଖୋର୍ଦ୍ଧା ପୌରପରିଷଦ ଅଧୀନ ଗୁରୁଜଙ୍ଗସ୍ଥିତ ଜବାହର ନବୋଦୟ ବିଦ୍ୟାଳୟରେ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଛନ୍ତି। ବିଦ୍ୟାଳୟର ଜଣେ ଦ୍ୱାଦଶ ଶ୍ରେଣୀର ଛାତ୍ର ଡେଙ୍ଗୁରେ ଆକ୍ରାନ୍ତ ହୋଇ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଚିକିତ୍ସାଳୟରେ ଗୁରୁତର ଅବସ୍ଥାରେ ଭର୍ତ୍ତି ହୋଇଛନ୍ତି। ବିଦ୍ୟାଳୟରୁ ଡେଙ୍ଗୁ ଚିହ୍ନଟ ପରେ ହଷ୍ଟେଲରେ ରହୁଥିବା ଛାତ୍ରଛାତ୍ରୀ ଏକପ୍ରକାର ଆତଙ୍କିତ ଓ ଭୟଭୀତ ଅବସ୍ଥାରେ ରହୁଥିବାବେଳେ ପିଲାଙ୍କ ସୁରକ୍ଷାକୁ ନେଇ ସେମାନଙ୍କ ଅଭିଭାବକ ମଧ୍ୟ ମାନସିକ ଦୁଃଶ୍ଚିନ୍ତାରେ ରହୁଛନ୍ତି।

ପ୍ରକାଶ ଥାଉକି, ବର୍ଷାଋତୁରେ ସାରା ରାଜ୍ୟରେ ଡେଙ୍ଗୁ ଆତଙ୍କ ଘଟଣା ସରକାର ଓ ପ୍ରଶାସନ ପାଇଁ ମୁଣ୍ଡ ବିନ୍ଧା ସାଜିଛି। ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ତଥ୍ୟ ଅନୁସାରେ ଗତ ମଙ୍ଗଳବାର ସୁଦ୍ଧା ଜିଲ୍ଲାରେ ୩୬୪ଜଣ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଛନ୍ତି। ତନ୍ମଧ୍ୟରେ ଖୋର୍ଦ୍ଧା ଅଞ୍ଚଳରୁ ୧୪ଜଣ ରହିଛନ୍ତି। ଡେଙ୍ଗୁ ରୋଗ ନେଇ ସରକାରଙ୍କ ପକ୍ଷରୁ ସଚେତନତା ବାର୍ତ୍ତା ଦେବା ସହିତ ସଫାସୁତରା, ପରିଷ୍କାର ପରିଚ୍ଛନ୍ନ ଓ ପାଣି ନିଷ୍କାସନ ପାଇଁ ଗୁରୁତ୍ୱ ଦିଆଯାଉଛି। ମାତ୍ର ଗୁରୁଜଙ୍ଗସ୍ଥିତ ଜବାହର ନବୋଦୟ ବିଦ୍ୟାଳୟରେ ଏହାର ଘୋର୍ ବ୍ୟତିକ୍ରମ ଦେଖା ଦେଇଥିବା କେତେକ ଅଭିଭାବକ ଅଭିଯୋଗ କରିଛନ୍ତି। ଘଞ୍ଚ ଘାସ, ବଣବୁଦା ସାଙ୍ଗକୁ ପାଣି ନିଷ୍କାସନ ସଠିକ୍ ଭାବେ ହୋଇପାରୁନାହିଁ। ପରିବେଶ ସବୁବେଳେ ଓଦା, ସନ୍ତସନ୍ତିଆ ରହୁଥିବାରୁ ସାପ, ବିଛା ଓ ମଶାଙ୍କୁ ବେଶ୍ ସୁହାଉଛି। ଯାହାପାଇଁ ଦିନ ଦ୍ୱିପ୍ରହରରେ ମଶା ଉପଦ୍ରବ ବେଶ୍ ବୃଦ୍ଧି ପାଉଛି। ଯାହାଫଳରେ ଛାତ୍ରଛାତ୍ରୀମାନେ ଡେଙ୍ଗୁ ଭଳି ମାରାତ୍ମକ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଉକ୍ତ ବିଦ୍ୟାଳୟର ହଷ୍ଟେଲରେ ପାଖାପାଖି ୫୫୫ ଜଣ ଛାତ୍ରଛାତ୍ରୀ ରହୁଥିବାବେଳେ କର୍ମଚାରୀ ଓ ତାଙ୍କ ପରିବାର ମିଶି ପ୍ରାୟ ୧୫୦ଜଣ ରହୁଥିବା ସ୍କୁଲ କର୍ତ୍ତୃପକ୍ଷଙ୍କ ସୂତ୍ରରୁ ଜଣାଯାଇଛି। ତେବେ ବାଲୁଗାଁ ତୁଳସୀନଗର ଅଞ୍ଚଳର ଜନୈକ ଛାତ୍ର ବିଦ୍ୟାଳୟର ହଷ୍ଟେଲରେ ରହି ଦ୍ୱାଦଶ ଶ୍ରେଣୀରେ ପଢୁଥିବାବେଳେ ସେ ଡେଙ୍ଗୁ ଆକ୍ରାନ୍ତ ହୋଇ ଭୁବନେଶ୍ୱରର ଏକ ଘରୋଇ ମେଡିକାଲରେ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି। ଛାତ୍ରଙ୍କଠାରେ ଡେଙ୍ଗୁ ଚିହ୍ନଟ ପରେ ହଷ୍ଟେଲରେ ରହୁଥିବା ଛାତ୍ରଛାତ୍ରୀ ଏକପ୍ରକାର ଆତଙ୍କିତ ଓ ଭୟଭୀତ ଅବସ୍ଥାରେ ରହିଛନ୍ତି। କିଛିଦିନ ହେବ ଉକ୍ତ ବିଦ୍ୟାଳୟର ପ୍ରାୟ ୧୦ଜଣ ଛାତ୍ରଛାତ୍ରୀଙ୍କୁ ଜ୍ୱର ହେଉଥିବାବେଳେ ସେମାନଙ୍କ ଅଭିଭାବକମାନେ ମଧ୍ୟ ଏବେ ଚିନ୍ତାରେ। ଏହି ସମୟରେ ସ୍କୁଲ ଅଧ୍ୟକ୍ଷ ରାଜ୍ୟ ବାହାରେ ଥିବାବେଳେ କର୍ତ୍ତୃପକ୍ଷଙ୍କ ଖାମଖିଆଲି ନୀତି ଛାତ୍ରଛାତ୍ରୀଙ୍କୁ ବିପଦକୁ ଠେଲି ଦେଉଥିବା ଆଶଙ୍କା କରିଛନ୍ତି ଅଭିଭାବକ।

ଏନେଇ ଛାତ୍ରଙ୍କ ଅଭିଭାବକ କୁହନ୍ତି, ପୁଅର ଜ୍ୱର ହେଉଥିବା ଖବର ପାଇ ଗତ ରବିବାର ଦିନ ଆମେ ସ୍କୁଲରୁ ତାକୁ ଘରକୁ ଆଣି ବାଣପୁର ସିଏଚ୍‌ସିକୁ ଚିକିତ୍ସା ପାଇଁ ନେଇଥିଲୁ। ସେଠାରୁ ଔଷଧ ଆଣି ଖାଇଥିଲେ ମଧ୍ୟ ଅବସ୍ଥା ଗୁରୁତର ହୋଇଥିଲା। ସେ ନିସ୍ତେଜ ହୋଇ ଗୋଟିଏ ସ୍ଥାନରେ ବସି ରହିବା ସହ ବ୍ରେନ୍ କିଛି କାମ କଲାନି। ସଙ୍ଗେ ସଙ୍ଗେ ତାକୁ ଆମେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ମେଡିକାଲକୁ ନେଇଥିଲୁ। ଗୁରୁତର ଥିବାରୁ ଡାକ୍ତର ତାକୁ ପ୍ରାଥମିକ ଚିକିତ୍ସା କରିବା ସହ ଆଇସିୟୁରେ ଭର୍ତ୍ତି କରିଥିଲେ। ସେଠାରେ ୩ ଦିନ ଧରି ଚିକିତ୍ସା ପରେ ଗୁରୁବାର ୱାର୍ଡକୁ ଫେରିଥିବା ତାଙ୍କ ବାପା କହିଛନ୍ତି। ସ୍କୁଲ ଅଧ୍ୟକ୍ଷା କବିତା କରଙ୍କୁ ଯୋଗାଯୋଗ କରିବାରେ ସେ ଅଫିସ କାମରେ ରାଜ୍ୟ ବାହାରକୁ ଆସିଥିବା କହିଥିଲେ। ତାଙ୍କ ନିର୍ଦ୍ଦେଶ ଅନୁସାରେ ସ୍କୁଲର ଷ୍ଟାଫ୍ ନର୍ସ ଶାନ୍ତିଲତା ବସ୍ତିଆଙ୍କ କହିବା ଅନୁସାରେ, ଉକ୍ତ ଛାତ୍ର ଜଣକ ୧୪ ତାରିଖରେ ଘରକୁ ଯାଇ ୧୭ ତାରିଖରେ ଫେରିଥିଲେ। ୨୩ ତାରିଖରେ ଜ୍ୱର ହୋଇଥିବାବେଳେ ତାକୁ ପ୍ରାଥମିକ ପର୍ଯ୍ୟାୟରେ ସ୍କୁଲ ପକ୍ଷରୁ ଔଷଧ ଦିଆଯାଇଥିଲା। ଖବର ପାଇ ପରିବାର ଲୋକ ତାକୁ ଘରକୁ ନେଇଥିଲେ। ସ୍କୁଲ ହଷ୍ଟଲରେ ଥିବା ୧୦ଜଣ ଛାତ୍ରଛାତ୍ରୀଙ୍କୁ ଜ୍ୱର ହୋଇଥିବାବେଳେ ସେମାନଙ୍କୁ ପ୍ରାଥମିକ ଚିକିତ୍ସା ସହ ଡେଙ୍ଗୁ ପରୀକ୍ଷା କରାଯାଇଛି ବୋଲି କହିଥିଲେ। ସ୍କୁଲରେ ଡେଙ୍ଗୁ ସଚେତନତା କରାଯାଉଥିବାବେଳେ ମଶା ଧୂଆଁ ଓ ମଶା ତେଲ ପକାଯାଉଥିବା କହିଛନ୍ତି। ଅନ୍ୟପକ୍ଷରେ ଗୋଟେ ଡେଙ୍ଗୁ ରୋଗୀ ଚିହ୍ନଟ ହେବା ପରେ ଏବେ ଅଭିଭାବକଙ୍କ ସମେତ ସ୍ଥାନୀୟ ଅଞ୍ଚଳରେ ଲୋକଙ୍କ ମଧ୍ୟରେ ଛନକା ପଶିଛି। ସ୍କୁଲରେ ଏହା ବ୍ୟାପିବାର ଆଶଙ୍କା ଥିବାରୁ ପୌର ପ୍ରଶାସନ ଓ ଜିଲ୍ଲା ପ୍ରଶାସନ ସ୍ୱଚ୍ଛତା ପ୍ରତି ଗୁରୁତ୍ୱ ଦେବାକୁ ଦାବି ହେଉଛି।

### ଡେଙ୍ଗୁ ଚିହ୍ନଟ ପରେ ସ୍କୁଲରେ ସଚେତନତା କାର୍ଯ୍ୟକ୍ରମ




ଖୋର୍ଦ୍ଧା,୨୮।୮ (ସମିସ): ଖୋର୍ଦ୍ଧା ଗୁରୁଜଙ୍ଗସ୍ଥିତ ଜବାହର ନବୋଦୟ ବିଦ୍ୟାଳୟରେ ଡେଙ୍ଗୁ ରୋଗୀ ଚିହ୍ନଟ ପରେ ଚେଇଁ ଉଠିଛନ୍ତି ସ୍କୁଲ କର୍ତ୍ତୃପକ୍ଷ ଓ ସ୍ୱାସ୍ଥ୍ୟ ବିଭାଗ। ଗୁରୁବାର ସ୍କୁଲ ପରିସରରେ ସଚେତନତା କାର୍ଯ୍ୟକ୍ରମ କରାଯାଇଛି। ଉପାଧ୍ୟକ୍ଷ ଏନ୍‌ସି ଚକ୍ରଙ୍କ ପୌରୋହିତ୍ୟରେ ଡା. ସତ୍ୟ ଶିବାନନ୍ଦ ବେହେରା, ଅସିତ୍ ଦାସ ପ୍ରମୁଖ ଯୋଗଦେଇ ବର୍ଷା ଋତୁରେ ବ୍ୟାପୁଥିବା ମେଲେରିଆ, ଡେଙ୍ଗୁ ରୋଗର ପ୍ରତିଶେଧକ ଓ ନିରାକରଣ ତଥା ନିଜ ନିଜ ପରିବେଶର ସଫାସୁତରା ଉପରେ ସଚେତନ କରିଥିଲେ। ଡେଙ୍ଗୁ ଓ ମେଲେରିଆ ଉପରେ ସଚେତନତା ବାର୍ତ୍ତା ବାଣ୍ଟିଥିଲେ। ଶେଷରେ ଜ୍ୟୋତିଶଙ୍କର ମହାଳିକ ଧନ୍ୟବାଦ ଦେଇଥିଲେ।

ଠକେଇ ମାମଲାରେ ସୁବ୍ରତ ଗିରଫ ଘଟଣା

## ଛନକା ହେଲେଣି ସହଯୋଗୀ; ଇଓଡବ୍ଲୁର ନଜର

ଖୋର୍ଦ୍ଧା,୨୮।୮ (ସମିସ): ବ୍ୟାଙ୍କରେ ଜାଲ୍ କାଗଜପତ୍ର ଜମାକରି ୧କୋଟି ରୁ ଉର୍ଦ୍ଧ୍ୱ ଟଙ୍କା ଠକିନେଇ ଇଓଡବ୍ଲୁ ଦ୍ୱାରା ସୁବ୍ରତ ନାୟକ ଗିରଫ ହେବା ପରେ ତାଙ୍କ ସହଯୋଗୀଙ୍କ ଛାତି ଧଡ଼ ଧଡ଼। ଖୋର୍ଦ୍ଧା ଅଞ୍ଚଳର ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ସମ୍ପତ୍ତି କିଛି କଳାମୁଗୁନି ପଥର ଖଣିରେ ତାଙ୍କର ଅର୍ଥ ଲାଗିଥିବାବେଳେ ଏଥିରେ କଟକ ଏବଂ ଖୋର୍ଦ୍ଧାର କେତେକ ସହଯୋଗୀ ଏବେ ଦିନ ଗଣିବା ଆରମ୍ଭ କରିଥିବା ବେଶ୍ ଚର୍ଚ୍ଚା ହେଉଛି।

ସୂଚନା ଅନୁସାରେ, ଖୋର୍ଦ୍ଧା ସଦର ଥାନା ଅନ୍ତର୍ଗତ କାଇପଦର ମୌଜା ଅଧୀନରେ ଥିବା ଧନିଆ ପାହାଡ଼ରେ ଚାଲିଥିବା ବେଆଇନ ସ୍ୱଲ୍ ଖଣିରେ ସେ ସମ୍ପୃକ୍ତ ଥିବା ଚର୍ଚ୍ଚା ହେଉଛି। ଏଠାରେ ଦୁଇଟି ଖଣି ନିଲାମ ନେଇ ଗୋଟିଏ ଖଣିର ନିଲାମୀ ଅର୍ଥ ପୈଠ କରିଥିବାବେଳେ ପାଖରେ ଲାଗି ରହିଥିବା ଅନ୍ୟ ଏକ ପାହାଡ଼କୁ ବେଆଇନ ଭାବେ ଉତ୍ତୋଳନ କରିବା କ୍ଷେତ୍ରରେ ମଧ୍ୟ ତାଙ୍କ ଅର୍ଥ ଲାଗିଥିବା ଚର୍ଚ୍ଚା ହେଉଛି। ତେଣୁ ଉକ୍ତ ପାହାଡ଼ର ଖନନ ଏବଂ ଶ୍ରୀ ନାୟକ ଲଗାଇଥିବା ଅର୍ଥର ପୁଙ୍ଖାନୁପୁଙ୍ଖ ତଦନ୍ତ ଇଓଡବ୍ଲୁ କରିବାକୁ ସ୍ଥାନୀୟ ଅଞ୍ଚଳରେ ଦାବି ହେଉଛି। ଏହି ରାକେଟ୍ ପଛରେ ବହୁ ବ୍ୟକ୍ତି ପୁଲିସ ଓ ପ୍ରଶାସନର କେତେକ ଅସାଧୁ କର୍ମଚାରୀଙ୍କୁ ହାତ କରି ଖଣିରୁ ଶହ ଶହ ଟ୍ରିପ୍ ଚୋରି କରିଥିବା ମଧ୍ୟ କୁହାଯାଉଛି। ତେଣୁ ବିଧିବଦ୍ଧଭାବେ ତଦନ୍ତ କରାଗଲେ ଘଟଣାର ସତ୍ୟାସତ୍ୟ ପଦାକୁ ଆସିବ ବୋଲି ସ୍ଥାନୀୟ ବାସିନ୍ଦାମାନେ ଦାବି କରିଛନ୍ତି। ଅନ୍ୟପଟେ ସୁବ୍ରତଙ୍କ ଠକେଇ ସାମ୍ରାଜ୍ୟ କେଉଁ ଜିଲ୍ଲାକୁ ବ୍ୟାପିଛି ତା'ର ତଦନ୍ତ ଇଓଡବ୍ଲୁ କରୁଥିବାବେଳେ ଖୋର୍ଦ୍ଧା ଓ ଏହାର ଉପକଣ୍ଠରେ ରହିଥିବା ସହଯୋଗୀଙ୍କ ଭିତରେ ଛନକା ପଶିଲାଣି ବୋଲି କୁହାଯାଉଛି। ପ୍ରକାଶ ଥାଉକି, ମା'ଙ୍କ ମୃତ୍ୟୁ ହୋଇଯିବା ପରେ ତାଙ୍କ ପରିଚୟରେ ଦସ୍ତଖତ କରି ଭୁବନେଶ୍ୱରର ଏକ ଆଇସିଆଇସିଆଇ ବ୍ୟାଙ୍କରୁ ୧କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଠକିନେଇ ଇଓଡବ୍ଲୁ ଦ୍ୱାରା ସୁବ୍ରତ ନାୟକ ଗିରଫ ହୋଇଛନ୍ତି।

## ମା' ଭଗବତୀଙ୍କ ପୀଠରେ ଆଜି 'ଷଷ୍ଠୀ ଓଷା'

ବାଣପୁର,୨୮।୮ (ସମିସ): ଓଡ଼ିଆ ପରମ୍ପରାର ପ୍ରମୁଖ ପର୍ବ "ଷଷ୍ଠୀ ଓଷା' ଭାଦ୍ରବ ଶୁକ୍ଳ ଷଷ୍ଠୀ ତିଥିରେ ଘରେ ଘରେ ମା' ଷଷ୍ଠୀ ଦେବୀ ତଥା ଷଠି ବୁଢ଼ୀଙ୍କୁ ପୂଜାର୍ଚ୍ଚନା କରାଯିବାର ପରମ୍ପରା ପ୍ରାଚୀନ କାଳରୁ ଚାଲି ଆସୁଛି। ଷଷ୍ଠୀ ଓଷାରେ ବାଣପୁରର ଆରାଧ୍ୟା ଦେବୀ ମା' ଭଗବତୀଙ୍କୁ ଅଞ୍ଚଳରେ ଷଷ୍ଠୀ ଦେବୀ ଭାବରେ ପୂଜାର୍ଚ୍ଚନା କରାଯିବାର ଏକ ନିଆରା ପରମ୍ପରା ଚଳିଆସୁଛି। ଏପରି ସ୍ଥଳେ ଚଳିତ ବର୍ଷ ମା'ଙ୍କ ପୀଠରେ ଷଷ୍ଠୀ ଓଷା ପର୍ବ ଓ ଲଳିତା ସପ୍ତମୀରେ ମା'ଙ୍କ ନୌବିହାର ସହ ପାଣିତୋଳା ଉତ୍ସବ ଓ ଅଷ୍ଟମୀରେ ଦୁର୍ଗାଷ୍ଟମୀ ଶୟନର ଲଗ୍ନ ସ୍ଥିର କରିଛନ୍ତି ମନ୍ଦିର ଗଣକ ଖଡ଼ିରତ୍ନ ଶରତ ଚନ୍ଦ୍ର ପଣ୍ଡିତରାୟ। ଗଣନା ଅନୁଯାୟୀ, ଚଳିତ ଭାଦ୍ରବ ଶୁକ୍ଳ ଷଷ୍ଠୀ ତିଥି ଶୁକ୍ରବାର ଦିନ ୧୨ଟା ୪୭ରୁ ଦିନ ୨ଟା ୪୫ ମିନିଟ୍ ପର୍ଯ୍ୟନ୍ତ ଅମୃତବେଳା ଥିବାରୁ ମା'ଙ୍କ ପୀଠରେ ଉକ୍ତ ଦିନ "ଷଷ୍ଠୀ ଓଷା' ବ୍ରତ ପାଳନ ଲାଗି ନିର୍ଘଣ୍ଟ ହୋଇଛି। ଦିନ ୧ଟାରେ ମା' ଭଗବତୀଙ୍କ ପିତ୍ରାଳୟ ଶ୍ରୀଦକ୍ଷେଶ୍ୱର ଦେବ ମନ୍ଦିରରେ ବିଜେ କାହାଳୀ ବାଜିବା ପରେ ମା'ଙ୍କ ଚଳନ୍ତି ପ୍ରତିମା ସ୍ତମ୍ଭେଶ୍ୱରୀ କାଠି ଠାକୁରାଣୀ ଷଷ୍ଠୀ ଦେବୀ ବେଶରେ ପାଟ ପଟୁଆର ବାଜା ରୋଷଣିରେ ଘଣ୍ଟକାହାଳୀ ବାଦ୍ୟ, ଛତ୍ର, ତ୍ରାଣ, ଆଲଟ ଚାମର ସହ ସେବାୟତଙ୍କ ଗହଣରେ ନିଜ ମନ୍ଦିରକୁ ଯାତ୍ରା କରିବେ। ମା'ଙ୍କ ପୀଠରେ ବର୍ଷର ଏହି ଗୋଟିଏ ଦିନ କେବଳ ମା' କାଠି ଠାକୁରାଣୀ ପିତ୍ରାଳୟ ଦକ୍ଷେଶ୍ୱର ମନ୍ଦିରରୁ ନିଜ ମନ୍ଦିରକୁ ଦିନ ବେଳା ଯାତ୍ରା କରିବାର ପରମ୍ପରା କାହିଁ କେଉଁ କାଳରୁ ପ୍ରଚଳିତ ହୋଇ ଆସୁଛି। ପରବର୍ତ୍ତୀ ଦିନ ଲଳିତା ସପ୍ତମୀ ଶନିବାର ଅପରାହ୍ଣରେ ମା'ଙ୍କ ପୂର୍ବ ଦିଗ ରକ୍ଷାକାରିଣୀ ଭଉଣୀ ମା' କାଳିଜାଈଙ୍କୁ ଶାରଦୀୟ ପର୍ବକୁ ନିମନ୍ତ୍ରଣ କରିବା ପାଇଁ ଚିଲିକାରେ ନୌବିହାର ସହ ଆଜ୍ଞାମାଳ ନେଇ ଫେରିବା ବାଟରେ ପରମ୍ପରା ଅନୁସାରେ ବିଭିନ୍ନ ଗ୍ରାମ ଓ ଶ୍ରଦ୍ଧାଳୁମାନଙ୍କ ଦୁଆରେ ପନ୍ତିଭୋଗ ଖାଇ ରବିବାର ସକାଳେ ଶ୍ରୀଦକ୍ଷେଶ୍ୱର ମନ୍ଦିରକୁ ବାହୁଡ଼ିବା ପରେ ଦୁର୍ଗାଶୟନ ଅଷ୍ଟମୀ ତିଥିରେ ଶୟନ କାହାଳୀ ବାଜିବାରେ ମା'ଙ୍କ ଶୟନ ନୀତିକାନ୍ତି ଆରମ୍ଭ ହୋଇ ଆଶ୍ୱିନ କୃଷ୍ଣ ଅଷ୍ଟମୀ ତଥା ମୂଳାଷ୍ଟମୀ ପର୍ଯ୍ୟନ୍ତ ମା' ଶୟନ କରିବାର ନିର୍ଘଣ୍ଟ ଧାର୍ଯ୍ୟ ହୋଇଥିବା ଗଣନାରୁ ଜଣାପଡ଼ିଛି।

## ଗଣେଶ ମହୋତ୍ସବ ଉଦ୍‌ଘାଟିତ

ବେଗୁନିଆ,୨୮।୮ (ସମିସ): ବୋଲଗଡ଼ ବ୍ଲକ୍ ଗେଡ଼ିଆପଲ୍ଲୀ ପଞ୍ଚାୟତ ଅନ୍ତର୍ଗତ ଗୁଡୁପାଙ୍ଗି ଗ୍ରାମ ଆଦିବାସୀ ସାହିରେ ଅଷ୍ଟମ ବାର୍ଷିକ ଗଣେଶ ମହୋତ୍ସବ ଉଦ୍‌ଘାଟିତ ହୋଇଛି। ଏଥିରେ ଅନୁଷ୍ଠାନର ସଭାପତି ପ୍ରତାପ ନାହାକଙ୍କ ଅଧ୍ୟକ୍ଷତା ଓ ଦାଶରଥି ନାହାକଙ୍କ ସଂଯୋଜନାରେ ବିଧାୟକ ପ୍ରଦୀପ କୁମାର ସାହୁ ମୁଖ୍ୟଅତିଥି, ସରପଞ୍ଚ କବିତା ମଞ୍ଜରୀ ତ୍ରିପାଠୀ ମୁଖ୍ୟବକ୍ତା, ପୂର୍ବତନ ସରପଞ୍ଚ ଅର୍ଜୁନ ବେହେରା, ନାଏବ ସରପଞ୍ଚ ଲକ୍ଷ୍ମୀଧର ସ୍ୱାଇଁ, କୃଷକ ନେତା କାହ୍ନୁ ଚରଣ ବେହେରା, ଫାଣ୍ଡି ଅଧିକାରୀ ସୁଶାନ୍ତ କୁମାର ମଲ୍ଲିକ, ସମାଜସେବୀ ପ୍ରଫୁଲ୍ଲ କୁମାର ତ୍ରିପାଠୀ, ଉପଦେଷ୍ଟା ତଥା ଶିକ୍ଷକ ତପନ କୁମାର ନାଏକ, ସମ୍ପାଦକ ହେମନ୍ତ କୁମାର ନାହାକ, କୋଷାଧ୍ୟକ୍ଷ କିଷନ ନାହାକ, ଶ୍ରାବଣ ନାହାକ, ଗ୍ରାମ୍ୟ କମିଟି ସଭାପତି ଗଗନ କୁମାର ନାଏକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମହୋତ୍ସବ ଭାଇଚାରା ଓ ସଂସ୍କୃତିକୁ ଉଜ୍ଜୀବିତ କରିଥାଏ ବୋଲି ମତପ୍ରକାଶ କରିଥିଲେ। ପରେ ଗୀତିକାର ସୁବାସ ଚନ୍ଦ୍ର ନାୟକ, ପ୍ରଫୁଲ୍ଲ ଚନ୍ଦ୍ର ଦେଉରୀ ଓ ଅମିନ ପରିଡ଼ା ପ୍ରମୁଖ ସଙ୍ଗୀତ ପରିବେଷଣ ସହ ପାଇକ ଆଖଡ଼ା, ଦାସକାଠିଆ, ସମ୍ବଲପୁରୀ ନୃତ୍ୟ ଓ ମଡର୍ଣ୍ଣ ଡ୍ୟାନ୍ସ ଆଦି ମନୋରଞ୍ଜନ କାର୍ଯ୍ୟକ୍ରମ ହୋଇଥିଲା। ଶେଷରେ ସୁଶାନ୍ତ କୁମାର ନାହାକ ଧନ୍ୟବାଦ ଅର୍ପଣ କରିଥିଲେ।



## ଘରେ ପଶି ଲୁଟ୍; ପେସାଦାର ଅପରାଧୀ ଗିରଫ

ଜଟଣୀ,୨୮।୮ (ସମିସ): ଜଟଣୀ ଥାନା ଅଞ୍ଚଳରେ ଜଣେ ବ୍ୟକ୍ତିଙ୍କ ଘରେ ପଶି ବିଭିନ୍ନ ସରଞ୍ଜାମ ଲୁଟ୍ ଘଟଣାରେ ଗୁରୁବାର ଅଭିଯୁକ୍ତକୁ ଗିରଫ କରିଛି ପୁଲିସ। ଗିରଫ ଅଭିଯୁକ୍ତ ହେଲା ଜଟଣୀ ଗୋପବନ୍ଧୁ ନଗରର କାର୍ତ୍ତିକ ମହାରଣା(୩୨)। ତା' ନିକଟରୁ ଲୁଟ୍ ଏସି ତାର, ପାଣି ମିଟର, ଷ୍ଟିଲ୍ ପାଇପ୍, ଗ୍ୟାସ୍ ସିଲିଣ୍ଡର୍, ପିତ୍ତଳ ମୂର୍ତ୍ତି ଓ ଠାକୁର ବାସନ ଭଳି ଅନେକ ଜିନିଷ ଜବତ କରିଛି ପୁଲିସ। ତେବେ ଅଭିଯୁକ୍ତ ଜଣେ ପେସାଦାର ଅପରାଧୀ ହୋଇଥିବାବେଳେ ପୂର୍ବରୁ ଥାନାରେ ବିଭିନ୍ନ ମାମଲା ରହିଥିବା ଜଣାପଡ଼ିଛି।



ସୂଚନାଯୋଗ୍ୟ ଯେ, ବୁଧବାର ଗଣେଶ ପୂଜା ଥିବାବେଳେ ଏହାର ସୁଯୋଗ ନେଇ ରାତିରେ ଅଭିଯୁକ୍ତ ବିଡିଏ କଲୋନୀସ୍ଥିତ ଅଭିଯୋଗକାରୀ ରବୀନ୍ଦ୍ର ସାହୁଙ୍କ ଘରେ ତାଲା ଭାଙ୍ଗି ପଶିଥିଲା। ତଳ ଘରର ଷ୍ଟୋର୍ ରୁମ୍ ଭିତରୁ ଠାକୁର ବାସନ, ରୁପା ମୁଦ୍ରା, ପିତ୍ତଳ ମୂର୍ତ୍ତି ସହ ବିଭିନ୍ନ ସରଞ୍ଜାମ ଲୁଟ୍ କରି ନେଇଥିଲା। ପରେ ଅଭିଯୁକ୍ତ ସିଡ଼ି ସାହାଯ୍ୟରେ ଛାତ ଉପରକୁ ଯାଇଥିଲା। ଏହି ସମୟରେ ଶ୍ରୀ ସାହୁ ଛାତ ଉପରକୁ ବୁଲିବାକୁ ଯାଇଥିବାବେଳେ ଜଣେ ବ୍ୟକ୍ତି ଏସି ତାର କାଟୁଥିବା ଦେଖି ତାକୁ କାବୁ କରିଥିଲେ। ଖବର ପାଇ ପୁଲିସ ପିସିଆର୍ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତକୁ କାବୁ କରି ଥାନାକୁ ଆଣିଥିଲା। ଥାନାରେ ଅଭିଯୋଗ ପରେ ପୁଲିସ ଗୁରୁବାର ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି। ତେବେ ଅଭିଯୁକ୍ତ ନାଁରେ ପୂର୍ବରୁ ଜଟଣୀ ଥାନାରେ ୮ଟି ଅପରାଧିକ ମାମଲା ରହିଥିବା ଜଣାପଡ଼ିଛି।

ଗଣେଶ ପୂଜାରେ ଝଲସୁଛି ଜଟଣୀ ସହର

# ବିଭିନ୍ନ ପୂଜା ମଣ୍ଡପରେ ଆଧ୍ୟାତ୍ମିକ ପରିବେଶ

ଜଟଣୀ,୨୮।୮ (ସମିସ)


ଚଳିତ ବର୍ଷ ଗଣେଶ ପୂଜା ଲାଗି ଜଟଣୀ ସହର ପୂର୍ବାପେକ୍ଷା ଅଧିକ ଚଳଚଞ୍ଚଳ ହୋଇଉଠିଛି। ବୁଧବାରଠାରୁ ପୂରା ସହରଟା ମେଳାପଡ଼ିଆ ପାଲଟିଯାଇଛି। ନାଇଜର୍ ଛକରୁ କୁଦିଆରୀ, ହାଟବଜାରରୁ ରେତଙ୍ଗ କଲୋନୀ, ବାଛେରାରୁ ବାଲିଛକସାହି ସବୁଆଡ଼େ ଉତ୍ସବର ମାହୋଲ୍। ଲଘୁଚାପଜନିତ ବର୍ଷା କାରଣରୁ ପୂଜା ମହୋଲ୍ ଟିକେ ଖରାପ ଥିଲା। ହେଲେ ସନ୍ଧ୍ୟାରେ ଧୀରେ ଧୀରେ ଭକ୍ତଙ୍କ ସମାଗମ ବଢ଼ିଥିଲା। ମଣ୍ଡପମାନଙ୍କରେ ଆଧ୍ୟାତ୍ମିକ ପରିବେଶରେ ପୂଜାର୍ଚ୍ଚନା ଚାଲିଥିବାବେଳେ ମେଳାରେ ମନୋରଞ୍ଜନ ଲାଗି ଲୋକଙ୍କ ସମାଗମ ହେଉଛି।

**ପଡ଼ିଆରେ ମନୋରଞ୍ଜନ ସହିତ ଅପେରାକୁ ଅପେକ୍ଷା**



ସଞ୍ଜ ବୁଡୁବୁଡୁ ସହର ଏକ ଭିନ୍ନ ରୂପରେ ଦୃଶ୍ୟମାନ ହେଉଛି। ରଙ୍ଗିନ୍ ଆଲୋକମାଳାରେ ସବୁଆଡ଼େ ଝଲସିଉଠୁଛି। ପୂଜା ମଣ୍ଡପରେ ରଙ୍ଗିନ୍ ଆଲୋକ ଭିତରେ ବିଗ୍ରହମାନେ ବେଶ୍ ସୁନ୍ଦର ଦେଖାଯାଉଥିବା ବେଳେ ସବୁ ତୋରଣର ଆଖିଝଲସା ଲାଇଟ୍ ସହରର ରାଜରାସ୍ତାକୁ ଝଲମଲ କରୁଛି। ମଣ୍ଡପରେ ଯେତିକି ଶ୍ରଦ୍ଧାଳୁ ମୀନାବଜାରରେ ମଧ୍ୟ ଦର୍ଶକଙ୍କୁ ଦେଖିବାକୁ ମିଳିଛି। ଏଥର ସବୁ ମଣ୍ଡପରେ ସାଜସଜ୍ଜା ମଧ୍ୟ ଭିନ୍ନ ଧରଣର ହୋଇଛି। କେଉଁଠି ଗଜାନନଙ୍କୁ ଅଶ୍ୱ ଦ୍ୱାରା ଟଣାଯାଇ ପୂଜା ପରମ୍ପରା ଆକାର ମଧ୍ୟରେ ପ୍ରତିଷ୍ଠା କରାଯାଇଛି ତ କେଉଁଠି ଯୋଦ୍ଧା ଆକୃତିରେ ମୃଣ୍ମୟୀ ମୂର୍ତ୍ତି ବସିଛନ୍ତି। ଏ ବର୍ଷ ପ୍ରାୟ ସବୁ ମଣ୍ଡପର ମୂର୍ତ୍ତି ବଡ଼ ଓ ଅଧିକ ସୁନ୍ଦର ଦେଖାଯାଉଥିବା ଦର୍ଶକମାନେ କହୁଛନ୍ତି। ସନ୍ଧ୍ୟାରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମରୁ ଆରମ୍ଭ ହୋଇଛି। ବିଭିନ୍ନ ପୂଜା ମଣ୍ଡପରେ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଛୋଟପିଲାଙ୍କ ମନୋରଞ୍ଜନ ପାଇଁ ମଣ୍ଡପ ନିକଟରେ ଏଲ୍‌ଇଡି ଲାଇଟ୍‌ରେ ସିଂହ, ରାବଣ, ଡ୍ରାଗନ୍, ଭାଲୁ, ପଶୁପକ୍ଷୀଙ୍କ ଆନିମେସନ୍ କାର୍ଟୁନ୍ ପୂଜା ମାହୋଲକୁ ଆହୁରି ସରସ ସୁନ୍ଦର କରୁଛି। ଅନ୍ୟପଟେ ଗୁରୁବାର ସନ୍ଧ୍ୟାରେ ଅପେରା ପାର୍ଟି ଆସି ପହଞ୍ଚିବାର ଥିଲା, କିନ୍ତୁ ଖବର ଲେଖା ହେବା ପର୍ଯ୍ୟନ୍ତ ପହଞ୍ଚି ନ ଥିଲେ। ସେହିପରି ଗୁରୁବାରଠାରୁ ୯ଦିନ ବ୍ୟାପୀ ହରିଭାଇନା ଛକରେ ପାଲା ଆରମ୍ଭ ହୋଇଛି। ଶରତ ପାଇକରାୟ ଷ୍ଟାଡିୟମ୍ ଓ ଖୁଦୁପୁର ପଡ଼ିଆରେ ମୀନାବଜାର ପଡ଼ିଛି।

## ଜଙ୍କିଆ ପଲ୍ଲୀ ଉତ୍ସବର ଦ୍ୱିତୀୟ ସନ୍ଧ୍ୟା



ନିରାକାରପୁର,୨୮।୮ (ସମିସ): ଗ୍ରାମାଞ୍ଚଳର କଳାକାର ଓ ତାଙ୍କ କଳା ନୈପୁଣ୍ୟକୁ ପ୍ରଦର୍ଶନ କରିବାକୁ ଏହି ମଞ୍ଚ ସୁଯୋଗ ଦେଉଛି। ଓଡ଼ିଶାର ସଂସ୍କୃତି, ଲୋକକଳା ଓ ପାରମ୍ପରିକ ନୃତ୍ୟକୁ ବଞ୍ଚାଇ ରଖିବା ପାଇଁ ଜଙ୍କିଆ ପଲ୍ଲୀ ଉତ୍ସବର ଜନ୍ମ ବୋଲି ଖୋର୍ଦ୍ଧା ଜିଲ୍ଲା ଜଂକିଆ ପଲ୍ଲୀ ଉତ୍ସବ ଦ୍ୱିତୀୟ ସନ୍ଧ୍ୟାରେ ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ସମାଜସେବୀ ସୁରେନ୍ଦ୍ରନାଥ ଜେନା, ଓଁ ଶ୍ରୀ ଗ୍ରୁପ୍ ସଭାପତି କୃଷ୍ଣଚନ୍ଦ୍ର ନରେନ୍ଦ୍ର ଓ ମୁଖ୍ୟ ସଂଯୋଜକ ବିଶ୍ୱଭୂଷଣ ଛୋଟରାୟ ପ୍ରମୁଖ ଅତିଥିଭାବେ ଉପସ୍ଥିତ ରହି ନୃତ୍ୟ ପରିବେଷଣ କରୁଥିବା ଗ୍ରୁପ୍‌ମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଗୁରୁବାର କଟକ ନଟରାଜ ଡ୍ୟାନ୍ସ ଏକାଡେମୀ, ଶ୍ରୀବିଦ୍ୟା ଡ୍ୟାନ୍ସ ଏକାଡେମୀ, ଖୋର୍ଦ୍ଧା କେବି ଡ୍ୟାନ୍ସ ଏକାଡେମୀ କଳାକାରଙ୍କ ଦ୍ୱାରା ଚିତାକର୍ଷକ ନୃତ୍ୟ ପରିବେଷଣ ହୋଇଥିଲା। ଉପସ୍ଥାପକ କମଳେଶ ମହାରଣା, ଅଶ୍ୱନୀ ମହାନ୍ତି ମଞ୍ଚ ପରିଚାଳନା କରିଥିବାବେଳେ ଓଁ ଶ୍ରୀ ଗ୍ରୁପ୍‌ର ସଭ୍ୟ ସଂଗ୍ରାମ ପଟ୍ଟନାୟକ, ରାଜେଶ ପାଲଟାସିଂହ, ଇନ୍ଦ୍ରଜିତ ଦାସ, କେଦାର ବଳବନ୍ତରାୟ, ବଣ୍ଟି ଜେନା, କୁଳଦୀପ ଛୋଟରାୟ, ଅନିରୁଦ୍ଧ ବେହେରା, ବିଶ୍ୱରଞ୍ଜନ ମଲ୍ଲ, କିଶାନ ଜେନା, ଶଶାଙ୍କ ମଲ୍ଲ, ସୁଧାଂଶୁ ଶେଖର ରାଉତରାୟ, ରମାକାନ୍ତ ସାମନ୍ତରାୟ, ରୋଶନ ଜେନା, ଶଶିକାନ୍ତ ସାମନ୍ତରାୟ, ତାପସ ବଳିୟାରସିଂହ ଓ ଗୌତମ ବଳିୟାରସିଂହ ପ୍ରମୁଖ ସହ କମିଟିର କର୍ମକର୍ତ୍ତା ଉପସ୍ଥିତ ରହି ସହଯୋଗ କରିଥିଲେ।

## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୮୭.୬୨ ● ପାଉଣ୍ଡ ୧୧୮.୨୭
- ୟୁରୋ ୧୦୨.୦୮ ● ୟେନ୍ ୦.୫୯

## ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)


- ସୁନା: ୯୩,୯୦୦ (ଭୁବନେଶ୍ୱର)
- ରୁପା : ୧,୨୧,୫୦୦ (କେଜି)



## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)

- ସେନ୍‌ସେକ୍ସ ୮୦,୦୮୦.୦୦
- ନିଫ୍ଟି ୨୪,୫୦୦.୦୦



## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



### ଭାରତକୁ ଟ୍ରମ୍ପଙ୍କ ପରାମର୍ଶଦାତାଙ୍କ ଚେତାବନୀ

# ଭାରତ ମୁଣ୍ଡ ନ ନୁଆଁଇଲେ ପଛକୁ ହଟିବେନି ଟ୍ରମ୍ପ୍

ୱାଶିଂଟନ୍, ୨୮।୮ (ଏଜେନ୍ସି)




ଆମେରିକା ଏବଂ ଭାରତ ମଧ୍ୟରେ ଗମ୍ଭୀର ହେଉଥିବା ଶୁଳ୍କ ବିବାଦ ଅନ୍ତର୍ଜାତୀୟ ସମ୍ପର୍କରେ ଏକ ନୂତନ ମୋଡ଼ ନେଇଛି। ଶୁଳ୍କକୁ ନେଇ ଆମେରିକା ଏବଂ ଭାରତ ମଧ୍ୟରେ ବଢ଼ୁଥିବା ଉତ୍ତେଜନା ମଧ୍ୟରେ ରାଷ୍ଟ୍ରପତି ଟ୍ରମ୍ପଙ୍କ ଅର୍ଥନୈତିକ ପରାମର୍ଶଦାତା କେଭିନ୍ ହାସେଟ୍ ଭାରତକୁ କଡ଼ା ଚେତାବନୀ ଦେଇଛନ୍ତି। ହାସେଟ୍ ସ୍ପଷ୍ଟ ଭାବରେ କହିଛନ୍ତି ଯେ ଯଦି ବାଣିଜ୍ୟ ଶୁଳ୍କ ପ୍ରସଙ୍ଗରେ ଭାରତ ମୁଣ୍ଡ ନୁଆଁଇବାକୁ ମନା କରେ, ତେବେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ତାଙ୍କର ଆଭିମୁଖ୍ୟକୁ ନରମ କରିବେନାହିଁ। କୌତୂହଳର ବିଷୟ ଯେ, ହାସେଟ୍‌ଙ୍କ ଏହି ମନ୍ତବ୍ୟ ଏପରି ସମୟରେ ଆସିଛି ଯେତେବେଳେ ଅଗଷ୍ଟ ୨୭ରୁ ଭାରତୀୟ ଆମଦାନୀ ଉପରେ ଆମେରିକାର ବାଣିଜ୍ୟ ଶୁଳ୍କ ଦୁଇଗୁଣ ବୃଦ୍ଧି ପାଇ ୫୦ ପ୍ରତିଶତ ହୋଇଯାଇଛି। ଗୁରୁବାର ହ୍ୱାଇଟ୍ ହାଉସରେ ସାମ୍ବାଦିକଙ୍କ ସହ କଥାବାର୍ତ୍ତା କରି କେଭିନ୍ ହାସେଟ୍ ଭାରତର ବାଣିଜ୍ୟିକ ଆଭିମୁଖ୍ୟ ଉପରେ ନିରାଶା ପ୍ରକାଶ କରିଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ ଭାରତ ଆମେରିକୀୟ ଉତ୍ପାଦ ପାଇଁ ତା'ର ବଜାର ଖୋଲିବାରେ ଏକ ଜିଦ୍‌ଖୋର ମନୋଭାବ ଗ୍ରହଣ କରୁଛି।

ହାସେଟ୍ ଭାରତ ସହିତ ଆମେରିକା ସମ୍ପର୍କକୁ 'ଜଟିଳ' ବୋଲି ବର୍ଣ୍ଣନା କରିଛନ୍ତି। ସେ ରୁଷ ଉପରେ ପଡୁଥିବା ଚାପକୁ ମଧ୍ୟ ଉଲ୍ଲେଖ କରିଛନ୍ତି। ସେ କହିଛନ୍ତି ଯେ ଆମ ଉତ୍ପାଦ ପାଇଁ ନିଜର ବଜାର ଖୋଲିବା ପାଇଁ ଭାରତର ଜିଦ୍‌ଖୋର ମନୋଭାବ ମଧ୍ୟ ଏକ ବଡ଼ କାରଣ। ଏହି ବିବାଦ କେବଳ ଶୁଳ୍କ ପର୍ଯ୍ୟନ୍ତ ସୀମିତ ନୁହେଁ, ବରଂ ଆମେରିକା ଭାରତ ଉପରେ ଦୁଗ୍ଧ ବାଣିଜ୍ୟ ଏବଂ ରୁଷରୁ ତେଲ କ୍ରୟ ଭଳି ପ୍ରସଙ୍ଗରେ ଚାପ ପକାଇଆସୁଛି। ଭାରତ ସ୍ପଷ୍ଟ କରିଛି ଯେ ସେ ଏହାର ଚାଷୀଙ୍କ ସ୍ୱାର୍ଥ ସହିତ କୌଣସି ସାଲିସ କରିବ ନାହିଁ, ଯେଉଁଠାରୁ ସେ ଶସ୍ତାରେ ତେଲ ପାଇବ ସେଠାରୁ ତେଲ କିଣିବ। ଏହି ଶୁଳ୍କ ଯୁଦ୍ଧ ଏବେ ସବୁଠୁ ଖରାପ ସ୍ତରରେ ପହଞ୍ଚିଛି, ଯେଉଁଥିରେ ଭାରତୀୟ ସାମଗ୍ରୀ ଉପରେ ମୋଟ ୫୦% ଶୁଳ୍କ ଲାଗୁ କରାଯାଇଛି, ଯାହା ମଧ୍ୟରୁ ୨୫% ଶୁଳ୍କ କେବଳ ରୁଷଠାରୁ ତେଲ କିଣିବା ପାଇଁ ଦଣ୍ଡ ସ୍ୱରୂପ। ଆମେରିକାର ଜାତୀୟ ଅର୍ଥନୈତିକ ପରିଷଦ ନିର୍ଦ୍ଦେଶକ କେଭିନ୍ ହାସେଟ୍ ଭାରତର ଏହି 'ଜିଦ୍' ବିଷୟରେ ଉଲ୍ଲେଖ କରିଛନ୍ତି। ଏପରି ପରିସ୍ଥିତିରେ, ଏହି ଶୁଳ୍କ ଯୁଦ୍ଧ କେବେ ଏବଂ କିପରି ଶାନ୍ତ ହୁଏ ତାହା ଦେଖିବା ଆକର୍ଷଣୀୟ ହେବ। କାରଣ ଭାରତ ମଧ୍ୟ ଆମେରିକା ସହିତ ଏହାର ଡାକ ସେବା ବନ୍ଦ କରିଦେଇଛି।

## ଟ୍ରମ୍ପ୍‌ଙ୍କୁ ଘେରିଲେ ବିରୋଧୀ

ୱାଶିଂଟନ୍, ୨୮।୮ (ଏଜେନ୍ସି): ଭାରତ ଉପରେ ଟ୍ରମ୍ପ୍ ପ୍ରଶାସନ ଲାଗୁ କରିଥିବା ୫୦% ଉଚ୍ଚ ବାଣିଜ୍ୟ ଶୁଳ୍କ ଏବେ ଦୁଇ ଦେଶ ମଧ୍ୟରେ ସମ୍ପର୍କକୁ ବିଗତ ଦଶନ୍ଧୀଗୁଡିକର ସର୍ବନିମ୍ନ ସ୍ତରକୁ ନେଇଯାଇଛି। ତେବେ ଭାରତ ଉପରେ ଶୁଳ୍କ ଲାଗୁ ପ୍ରସଙ୍ଗରେ ଖୋଦ୍ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଏବେ ନିଜ ଦେଶରେ ଅଡୁଆରେ ପଡିଯାଇଛନ୍ତି। ଆମେରିକାର ମୁଖ୍ୟ ବିରୋଧୀ

**ଭାରତ ଉପରେ ଶୁଳ୍କ ନିଷ୍ପତ୍ତିକୁ ତୀବ୍ର ସମାଲୋଚନା**

ଦଳ ଡେମୋକ୍ରାଟିକ୍ ପାର୍ଟି ଅଫ୍ ଆମେରିକାର ହାଉସ୍ ଫରେନ୍ ଆଫେୟାର୍ସ କମିଟି ଭାରତ ସମ୍ପର୍କରେ ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱାରା ନିଆଯାଇଥିବା ନିଷ୍ପତ୍ତିକୁ ତୀବ୍ର ବିରୋଧ କରିଛି। ଏହା ଚୀନ୍ ଉପରେ ନୀରବ ରହିବା ଏବଂ କେବଳ ଭାରତ ଉପରେ ଶୁଳ୍କ ଲଗାଇବା ପାଇଁ ଟ୍ରମ୍ପ୍‌ଙ୍କ ନିଷ୍ପତ୍ତିକୁ ସମାଲୋଚନା କରିଛି। କମିଟି କହିଛି ଯେ 'ଭାରତ ଉପରେ ଶୁଳ୍କ ଲଗାଇବା ଦ୍ୱାରା ୟୁକ୍ରେନ ଯୁଦ୍ଧ ସମାପ୍ତ ହେବ ନାହିଁ। ଆପଣଙ୍କୁ ଜଣାଇ ଦେଉଛୁ ଯେ ଭାରତ ଏବଂ ଆମେରିକା ମଧ୍ୟରେ ସମ୍ପର୍କ ଯାହାକୁ ୨୧ ଶତାବ୍ଦୀର ସବୁଠାରୁ ମଜବୁତ ସମ୍ପର୍କ ଭାବରେ ବିବେଚନା କରାଯାଉଥିଲା, ତାହା ଏବେ ଗମ୍ଭୀର ବିପଦରେ ଅଛି। ପରିଣାମ ସ୍ୱରୂପ ଭାରତ ଟ୍ରମ୍ପ ପ୍ରଶାସନ ଆଗରେ ମୁଣ୍ଡ ନୁଆଁଇବାକୁ ମନା କରି ରୁଷ ତେଲ କିଣିବା ଜାରି ରଖିବାକୁ ନିଷ୍ପତ୍ତି ନେଇଛି। ଆମେରିକା ରୁଷ ତେଲ କିଣିବା ପାଇଁ ଭାରତ ଉପରେ ୨୫ ପ୍ରତିଶତ ବାଣିଜ୍ୟ ଶୁଳ୍କ ଏବଂ ୨୫ ପ୍ରତିଶତ ଅତିରିକ୍ତ ଶୁଳ୍କ ଲଗାଇଛି। ଯାହା ଭାରତୀୟ ଅର୍ଥନୀତି ଉପରେ ନିଶ୍ଚିତ ଭାବରେ ଗମ୍ଭୀର ପ୍ରଭାବ ପକାଇବ। ତଥାପି, ଟ୍ରମ୍ପ ପ୍ରଶାସନ ସର୍ବାଧିକ ରୁଷ ତେଲ କିଣୁଥିବା ଚୀନ୍ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ନେଇନାହିଁ, ଯାହାକୁ କଡ଼ା ଶବ୍ଦରେ ଡେମୋକ୍ରାଟିକ୍ ପାର୍ଟି ସମାଲୋଚନା କରିଛି। ହାଉସ୍ ଫରେନ୍ ଆଫେୟାର୍ସ କମିଟିର ଡେମୋକ୍ରାଟ୍‌ମାନେ ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ଏହି ନୀତିକୁ ଆମେରିକୀୟମାନଙ୍କୁ କ୍ଷତି ପହଞ୍ଚାଇବା ଏବଂ ଆମେରିକା-ଭାରତ ସମ୍ପର୍କକୁ ନଷ୍ଟ କରିବା ପାଇଁ ଏହା ଏକ ପଦକ୍ଷେପ ବୋଲି ବର୍ଣ୍ଣନା କରିଛନ୍ତି। ସେମାନେ ଅଭିଯୋଗ କରିଛନ୍ତି ଯେ ଏହି ନିଷ୍ପତ୍ତି ୟୁକ୍ରେନ ଯୁଦ୍ଧ ସହିତ କମ୍ ଏବଂ ଘରୋଇ ରାଜନୀତି ସହିତ ଅଧିକ ଜଡିତ।

## ଭାରତର ଏକ-ଚତୁର୍ଥାଂଶ ବୟନ ରପ୍ତାନୀ ଉପରେ ପଡ଼ିପାରେ ଗଭୀର ପ୍ରଭାବ

ନୂଆଦିଲ୍ଲୀ,୨୮।୮ (ଏଜେନ୍ସି): ଆମେରିକା ଦ୍ୱାରା ଭାରତୀୟ ବୟନଶିଳ୍ପ ଉପରେ ୫୦ ପ୍ରତିଶତ ଶୁଳ୍କ ଲାଗିବା ପରେ ଏହି କ୍ଷେତ୍ରର ରପ୍ତାନୀକାରୀଙ୍କୁ ଚିନ୍ତା ଘାରିଛି। କୁହାଯାଉଛି ଆସନ୍ତା ୬ ମାସରେ ଭାରତର ପ୍ରାୟ ଏକ ଚତୁର୍ଥାଂଶ ବସ୍ତ୍ର ରପ୍ତାନୀ ଉପରେ ଗଭୀର ପ୍ରଭାବ ପଡ଼ିପାରେ। ବିଶେଷଜ୍ଞଙ୍କ କହିବା ଅନୁସାରେ ଭାରତୀୟ ରପ୍ତାନୀକାରୀଙ୍କୁ ଅର୍ଡର ରଦ୍ଦ ହେବା ଭଳି ଗମ୍ଭୀର ଆହ୍ୱାନର ସାମ୍ନା କରିବାକୁ ପଡୁଛି। ଫେଡେରେସନ ଅଫ୍ ଇଣ୍ଡିଆନ ଟେକ୍ସଟାଇଲ ଇଣ୍ଡଷ୍ଟ୍ରିର ମହାସଚିବ ଚନ୍ଦ୍ରିମା ଚାଟାର୍ଜୀ କହିଛନ୍ତି, ଯଦି କିଛିଟା ରଣନୀତିରେ ପରିବର୍ତ୍ତନ କରାଯାଇପାରିବ ତେବେ ଆଗାମୀ ୬ ମାସରେ ୨୦-୨୫% ପର୍ଯ୍ୟନ୍ତ ପ୍ରଭାବ ଦେଖିବାକୁ ମିଳିପାରେ। ନହେଲେ ଏହି ସଂଖ୍ୟା ୨୯% ପର୍ଯ୍ୟନ୍ତ ପହଞ୍ଚିପାରେ। ଏହି ପ୍ରଭାବ ମୁଖ୍ୟତଃ ପୋଷାକ ଉଦ୍ୟୋଗ ଉପରେ ପଡ଼ିବ। ସେ କହିଛନ୍ତି ସରକାର କପା ଉପରେ ଆମଦାନୀ ଛାଡ଼ କରିଛନ୍ତି। ଏଥିରୁ କିଛିଟା ଆଶ୍ୱସ୍ତି ମିଳିବ। କାରଣ ଏବେ ନୂଆ ଅର୍ଡର ପାଇଁ ମଧ୍ୟ ଆମଦାନୀ ସମ୍ଭବ ହୋଇପାରିବ। ପୂର୍ବରୁ କରାଯାଇଥିବା ଛାଡ଼ର ଲାଭ ନୂଆ ଅର୍ଡରକୁ ମିଳି ନ ଥିଲା। କାରଣ କପା ସିପ୍‌ମେଣ୍ଟରେ ଅତିକମ୍‌ରେ ୪୦-୪୫ ଦିନ ଲାଗିଥାଏ। ଏବେ ଏହି ଲମ୍ବା ଅବଧିର ଛାଡ଼ ନୂଆ ଅର୍ଡର ପାଇଁ ଉପଯୋଗୀ ହେବ। ଚାଟାର୍ଜୀ କହିଛନ୍ତି , ଘରୋଇ କପା ଏବଂ ଅନ୍ତର୍ଜାତୀୟ ବେଞ୍ଚମାର୍କ ମୂଲ୍ୟରେ ୧୦-୧୫% ପର୍ଯ୍ୟନ୍ତ ପାର୍ଥକ୍ୟ ଥିଲା। ଯାହା ଏବେ ଏହି ଛାଡ଼ ଯୋଗୁ କମ୍ ହେବ।

**ଟ୍ରମ୍ପ ଟାରିଫ୍**


## କିଷାନ୍ କାର୍ଡ ଖେଳିଲେ କେଜ୍ରିୱାଲ୍

ନୂଆଦିଲ୍ଲୀ,୨୮।୮ (ଏଜେନ୍ସି): ଭାରତ-ଆମେରିକା ଶୁଳ୍କ ଯୁଦ୍ଧ ମଧ୍ୟରେ କେଜ୍ରିୱାଲ କୃଷକ କାର୍ଡ ଖେଳିଛନ୍ତି। ଦିଲ୍ଲୀରେ କ୍ଷମତା ହରାଇବା ପରେ, ଆମ୍ ଆଦମୀ ପାର୍ଟି (ଆପ୍) ସଂଯୋଜକ ଅରବିନ୍ଦ କେଜରିୱାଲଙ୍କ ନଜର ଗୁଜରାଟ ଉପରେ ରହିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ଉପରେ ୫୦%ଶୁଳ୍କ ଲାଗୁ କରିବା ମଧ୍ୟରେ କେଜ୍ରିୱାଲ ଏହି ଉଦ୍ଦେଶ୍ୟରେ ଚାଷୀ କାର୍ଡ ଖେଳି ବିଜେପିକୁ କୋଣଠେସା କରିବାକୁ ଚେଷ୍ଟା କରିଛନ୍ତି। ଯଦିଓ ଅନେକ ରାଜ୍ୟରେ କପା ଉତ୍ପାଦନ ହୁଏ, କିନ୍ତୁ ଆମ ଆଦମୀ ପାର୍ଟି ଗୁଜରାଟରେ ଏହି ପ୍ରସଙ୍ଗରେ ଆକ୍ରମଣାତ୍ମକ। କେଜରିୱାଲ ଏହି ପ୍ରସଙ୍ଗକୁ ବହୁତ ରଣନୀତିକ ଉପାୟରେ ଉଠାଇଛନ୍ତି। ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିକଟରେ ଦାବି କରିଛନ୍ତି ଯେ ଆମେରିକାରୁ ଆସୁଥିବା କପା ଉପରେ ହଟାଇ ଦିଆଯାଇଥିବା ୧୧% ଶୁଳ୍କକୁ ପୁନଃ ଲାଗୁ କରାଯାଉ।

### ଆମେରିକାରୁ କପା ଆମଦାନୀ ଉପରେ ସରକାରଙ୍କ ବଡ଼ ନିଷ୍ପତ୍ତି

# କପା ଉପରୁ ଆମଦାନୀ ଶୁଳ୍କ ୧୧%କୁ ହ୍ରାସ

ନୂଆଦିଲ୍ଲୀ,୨୮।୮ (ଏଜେନ୍ସି)




- ବୟନ ରପ୍ତାନିକାରୀଙ୍କୁ ଆଶ୍ୱସ୍ତି
- ଶୁଳ୍କମୁକ୍ତ କପା ଆମଦାନୀ ଅବଧି ଆଉ ତିନି ମାସ ବଢ଼ିଲା

ଆମେରିକାରେ ୫୦ ପ୍ରତିଶତର ଭାରୀ ଶୁଳ୍କର ସମ୍ମୁଖୀନ ହେଉଥିବା କପଡ଼ା ରପ୍ତାନିକାରୀଙ୍କୁ ସହାୟତା କରିବା ପାଇଁ ସରକାର ଗୁରୁବାର ଦିନ କପା ଶୁଳ୍କମୁକ୍ତ ଆମଦାନୀକୁ ଡିସେମ୍ବର ୩୧ ପର୍ଯ୍ୟନ୍ତ ଅର୍ଥାତ୍ ଆଉ ତିନି ମାସ ବୃଦ୍ଧି କରିଛନ୍ତି। ପୂର୍ବରୁ ଅଗଷ୍ଟ ୧୮ରେ ଅର୍ଥ ମନ୍ତ୍ରଣାଳୟ ଅଗଷ୍ଟ ୧୯ ରୁ ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ କପା ଆମଦାନୀ ଉପରେ ଶୁଳ୍କ ଛାଡ଼କୁ ଅନୁମତି ଦେଇଥିଲା।

ଗୁରୁବାର ଏକ ବିବୃତ୍ତିରେ ମନ୍ତ୍ରଣାଳୟ କହିଛି ଯେ, ରପ୍ତାନିକାରୀଙ୍କୁ ଆହୁରି ସହାୟତା ପ୍ରଦାନ କରିବା ପାଇଁ କେନ୍ଦ୍ର ସରକାର କପା ଉପରେ ଆମଦାନୀ ଶୁଳ୍କ ଛାଡ ସେପ୍ଟେମ୍ବର ୩୦ରୁ ଡିସେମ୍ବର ୩୧ ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହି ଛାଡ଼ରେ ୫ ପ୍ରତିଶତ ମୌଳିକ ସୀମା ଶୁଳ୍କ (ବିସିଡି) ଏବଂ ୫ ପ୍ରତିଶତ କୃଷି ଭିତ୍ତିଭୂମି ଏବଂ ବିକାଶ ସେସ୍ (ଏଆଇଡିସି) ଏବଂ ଉଭୟ ଉପରେ ୧୦ ପ୍ରତିଶତ ସାମାଜିକ କଲ୍ୟାଣ ସରଚାର୍ଜ ଅନ୍ତର୍ଭୁକ୍ତ। ତେଣୁ, ବର୍ତ୍ତମାନ କପା ଉପରେ ମୋଟ ଆମଦାନୀ ଶୁଳ୍କ ୧୧ ପ୍ରତିଶତକୁ ହ୍ରାସ ପାଇଛି। କେନ୍ଦ୍ର ସରକାରଙ୍କ ଏହି ପଦକ୍ଷେପ ସୂତା, କପଡ଼ା, ପୋଷାକ ଏବଂ ପ୍ରସ୍ତୁତ ସାମଗ୍ରୀ ସମେତ ସମଗ୍ର ବୟନ ସାମଗ୍ରୀ ମୂଲ୍ୟ ଶୃଙ୍ଖଳରେ ଉତ୍ପାଦନ ଖର୍ଚ୍ଚ ହ୍ରାସ କରିବ। ଏହା ନିର୍ମାତା ଏବଂ ଗ୍ରାହକ ଉଭୟଙ୍କୁ ଆବଶ୍ୟକ ଆଶ୍ୱସ୍ତି ପ୍ରଦାନ କରିବ ବୋଲି ଆଶା କରାଯାଉଛି। ଆମେରିକା ବୟନ, ରତ୍ନ ଏବଂ ଅଳଙ୍କାର ଏବଂ ଚମଡା ସମେତ ଭାରତୀୟ ସାମଗ୍ରୀ ଉପରେ ୫୦ ପ୍ରତିଶତ ଶୁଳ୍କ ଅଗଷ୍ଟ ୨୭ରୁ ଲାଗୁ କରିଛି।

ସରକାରଙ୍କ ଏହି ଶୁଳ୍କ ଛାଡ଼ ପଦକ୍ଷେପ ଘରୋଇ ବଜାରରେ କଞ୍ଚା କପା ଉପଲବ୍ଧତା ବୃଦ୍ଧି କରିବ। କପା ମୂଲ୍ୟ ସ୍ଥିର ରହିବ। ଏହାବ୍ୟତୀତ, ସମାପ୍ତ ବୟନ ସାମଗ୍ରୀ ଉପରେ ମୁଦ୍ରାସ୍ଫୀତି ଚାପ ହ୍ରାସ ପାଇବ। ସରକାରଙ୍କ ଅନୁଯାୟୀ, ଏହା ଉତ୍ପାଦନ ଖର୍ଚ୍ଚ ହ୍ରାସ କରି ଏବଂ ବୟନ କ୍ଷେତ୍ରରେ କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ (ଏସ୍‌ଏମ୍‌ଇ) ଗୁଡିକୁ ସୁରକ୍ଷା ଦେଇ ଭାରତୀୟ ବୟନ ସାମଗ୍ରୀର ରପ୍ତାନି ପ୍ରତିଯୋଗିତାକୁ ବୃଦ୍ଧି କରିବ।

# ଟାରିଫ୍ ପ୍ରଭାବ; ୭୦୦ ପଏଣ୍ଟ ଖସିଲା ସେନ୍‌ସେକ୍ସ

**୪.୨୫ ଲକ୍ଷ କୋଟି କ୍ଷତି ସହିଲେ ନିବେଶକ**




ମୁମ୍ବଇ,୨୮।୮ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ଦ୍ୱାରା ଭାରତ ଉପରେ ଲାଗୁ କରାଯାଇଥିବା ଅତିରିକ୍ତ ୨୫% ବାଣିଜ୍ୟ ଶୁଳ୍କ ବୁଧବାରଠାରୁ କାର୍ଯ୍ୟକାରୀ ହୋଇଛି। ଏହି ଶୁଳ୍କର ପ୍ରଭାବ ବୁଧବାର ଭଳି ଆଜି ଭାରତୀୟ ସେୟାର ବଜାର ଉପରେ ପଡିଛି। ଗୁରୁବାର କାରବାର ଶେଷ ବେଳକୁ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ) ସେନ୍‌ସେକ୍ସରେ ୭୦୦ରୁ ଅଧିକ ପଏଣ୍ଟ ହ୍ରାସ ଘଟିଥିବାବେଳେ ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜ ନିଫ୍ଟିରେ ୨୧୧ ପଏଣ୍ଟ ହ୍ରାସ ଘଟିଛି। ସେୟାର ବଜାରରେ ଏହି ହ୍ରାସ ଯୋଗୁ ନିବଶେକମାନେ ୪.୨୫ ଲକ୍ଷ କୋଟି କ୍ଷତି ସହିଛନ୍ତି।

ଗୁରୁବାର କାରବାର ଶେଷ ବେଳକୁ ସେନ୍‌ସେକ୍ସରେ ପ୍ରାୟ ୭୦୫.୯୭ ପଏଣ୍ଟ ବା ୦.୮୭ ପ୍ରତିଶତ ହ୍ରାସ ପାଇ ୮୦,୦୮୦.୫୭ ପଏଣ୍ଟ ସ୍ତରରେ ବନ୍ଦ ହୋଇଛି। ଅନ୍ୟପଟେ ନିଫ୍ଟି ୨୧୧.୧୫ ପଏଣ୍ଟ ହ୍ରାସ ଘଟି ୨୪,୫୦୦ ପଏଣ୍ଟ ତଳେ ବନ୍ଦ ହୋଇଛି। ଆମେରିକାର ଟାରିଫ୍ କାର୍ଯ୍ୟକାରୀ ହେବା ପରେ ବଜାରରେ ବିକ୍ରିବଟା ଦେଖିବାକୁ ମିଳିଥିଲା। ଏହା ବ୍ୟତୀତ ବିଦେଶୀ ନିବେଶକଙ୍କ ଲଗାତାର ବିକ୍ରି ମଧ୍ୟ ବଜାର ମନୋଭାବକୁ ଦୁର୍ବଳ କରିଛି। ଉପଭୋକ୍ତା ଦୀର୍ଘସ୍ଥାୟୀ ଛାଡ଼ି ପ୍ରାୟ ସମସ୍ତ ପ୍ରମୁଖ କ୍ଷେତ୍ରଭିତ୍ତିକ ଇଣ୍ଡେକ୍ସ ଲାଲ୍ ସଂକେତରେ ବନ୍ଦ ହୋଇଛି । ସବୁଠୁ ଅଧିକ ହ୍ରାସ ନିଫ୍ଟି ଆଇଟି ଓ ନିଫ୍ଟି ରିଅଲ୍ଟିରେ ଦେଖିବାକୁ ମିଳିଛି, ଯାହା ପ୍ରାୟ ୧.୫ ପ୍ରତିଶତ ଖସିଛି। ଅନ୍ୟପଟେ ନିଫ୍ଟି ପିଏସୟୁ ବ୍ୟାଙ୍କ୍, ଏଫ୍‌ଏମ୍‌ସିଜି ଓ ଫାର୍ମା ଇଣ୍ଡେକ୍ସ ୧ ପ୍ରତିଶତରୁ ଅଧିକ ହ୍ରାସ ପାଇଛି। ନିଫ୍ଟି ମିଡ୍‌କ୍ୟାପ୍ ୧୦୦ ଇଣ୍ଡେକ୍ସ ୧.୩ ପ୍ରତିଶତ ଓ ନିଫ୍ଟି ସ୍ମଲ୍‌କ୍ୟାପ୍ ୧୦୦ ଇଣ୍ଡେକ୍ସ ୧.୫ ପ୍ରତିଶତ ଖସି ବନ୍ଦ ହୋଇଛି।

ବିଏସ୍‌ଇରେ ସୂଚୀବଦ୍ଧ କମ୍ପାନୀଗୁଡ଼ିକର ବଜାର ପୁଞ୍ଜି ଅଗଷ୍ଟ ୨୮ରେ ହ୍ରାସ ପାଇ ୪୪୫.୨୦ ଲକ୍ଷ କୋଟି ଟଙ୍କା ହୋଇଛି। ପୂର୍ବ କାରବାର ଦିନ ମଙ୍ଗଳବାର ୪୪୯.୪୫ କୋଟି ଟଙ୍କା ଥିଲା। ସେହିପରି ବିଏସ୍‌ଇରେ ସୂଚୀବଦ୍ଧ କମ୍ପାନୀଗୁଡ଼ିକର ବଜାର ପୁଞ୍ଜି ପ୍ରାୟ ୪.୨୫ ଲକ୍ଷ କୋଟି ଟଙ୍କା ହ୍ରାସ ପାଇଛି। ଅନ୍ୟ ଶବ୍ଦରେ କହିବାକୁ ଗଲେ ଆଜି ନିବେଶକଙ୍କୁ ୪.୨୫ ଲକ୍ଷ କୋଟି ଟଙ୍କା କ୍ଷତି ହୋଇଛି। ବିଏସ୍‌ଇ ସେନ୍‌ସେକ୍ସର ୩୦ ସେୟାର ମଧ୍ୟରୁ ଆଜି କେବଳ ୭ ସେୟାର ସବୁଜ ସଂକେତରେ ବନ୍ଦ ହୋଇଛି । ଏଥିରେ ଟାଇଟନ୍ ସେୟାରରେ ସବୁଠୁ ଅଧିକ ୧.୨୨ ପ୍ରତିଶତ ବୃଦ୍ଧି ହୋଇଛି । ଅନ୍ୟପଟେ ୨୩ ସେୟାର ଲାଲ୍ ସଂକେତରେ ବନ୍ଦ ହୋଇଛି । ଏଥିରେ ଏଚସିଏଲ୍ ସେୟାର ୨.୮୫ ପ୍ରତିଶତ ହ୍ରାସ ହୋଇଛି।

## ଓଡ଼ିଶା ଡିସ୍‌କମ୍‌ଗୁଡ଼ିକ ପକ୍ଷରୁ ମୌସୁମୀ ଋତୁରେ ବିଦ୍ୟୁତ୍ ସମ୍ପତ୍ତିର ସୁରକ୍ଷା ପଦକ୍ଷେପ

ଭୁବନେଶ୍ୱର,୨୮।୮ (ଏଜେନ୍ସି): ପ୍ରବଳ ମୌସୁମୀ ବର୍ଷା ସମୟରେ ବିଦ୍ୟୁତ ଭିତ୍ତିଭୂମି ପ୍ରତି ଦେଖାଦେଉଥିବା ଆହ୍ୱାନର ମୁକାବିଲା କରିବା ଲାଗି ଟାଟା ପାୱାର ନେତୃତ୍ୱାଧୀନ ଓଡ଼ିଶାର ଡିସକମ ଗୁଡ଼ିକ ପକ୍ଷରୁ ଲାଇସେନ୍ସପ୍ରାପ୍ତ ଅଞ୍ଚଳଗୁଡ଼ିକରେ ବିଦ୍ୟୁତ ବ୍ୟବସ୍ଥା ଉପରେ ମାଡ଼ିଥିବା ବୃକ୍ଷଲତାକୁ ହଟାଇବା ଏବଂ ଗଛର ଡାଳ ଓ ଅଂଶଗୁଡ଼ିକୁ ଛେଦନ କରିବା ଅଭିଯାନ ଆରମ୍ଭ କରାଯାଇଛି। ପ୍ରୋଜେକ୍ଟ କ୍ଲିନ-ଅପର ଅଂଶ ସ୍ୱରୂପ ଏହି ବ୍ୟାପକ ଅଭିଯାନର ଲକ୍ଷ୍ୟ ହେଉଛି ବିଦ୍ୟୁତ ଭିର୍ତିଭୂମିର ସୁରକ୍ଷା କରିବା, ଯୋଗାଣ ଭରସାଯୋଗ୍ୟତାରେ ଉନ୍ନତି ଆଣିବା ଏବଂ ଲୋକମାନଙ୍କ ସୁରକ୍ଷା ସୁନିଶ୍ଚିତ କରିବା। ଓଡ଼ିଶାରେ ପ୍ରବଳ ବର୍ଷା ହେଉଥିବା ବେଳେ ଉର୍ବର ମୃତିକା ପାଇଁ ମୌସୁମୀ ଋତୁରେ ଗଛଲତାଗୁଡ଼ିକ ଶୀଘ୍ର ବଢ଼ି ବିଦ୍ୟୁତ ଭିତ୍ତିଭୂମି ଉପରେ ମାଡ଼ିଯାଉଛି। ଗଛଲତାରେ ହେଉଥିବା ସେହି ବୃଦ୍ଧି ଅଣଦେଖା ରହିଗଲେ ତାହା ନେଟୱର୍କରେ ବିଭ୍ରାଟ ସୃଷ୍ଟି କରିଥାଏ ଯାହା ଫଳରେ ବିଦ୍ୟୁତ ସରବରାହରେ ବ୍ୟାଘାତ ସୃଷ୍ଟି ହେବା, ବିଭ୍ରାଟ ଘଟିବା ସହିତ ଖୁଣ୍ଟ ଓ ଟ୍ରାନ୍ସଫର୍ମରକୁ କ୍ଷତି ପହଞ୍ଚିଥାଏ। ଗଛଲତା ଘଞ୍ଚ ହୋଇଯିବା ଦ୍ୱାରା ତାହା ଦୈନନ୍ଦିନ ରକ୍ଷଣାବେକ୍ଷଣ ଓ ନେଟୱର୍କ ନିରୀକ୍ଷଣ କାର୍ଯ୍ୟକୁ ପ୍ରଭାବିତ କରିଥାଏ। ଅଧିକ ବଢ଼ିଯାଇଥିବା ଗଛର ଶାଖା ଓ ଲତା ଯୋଗୁଁ ବିଦ୍ୟୁତ ଭିର୍ତିଭୂମି ପାଖରେ ପହଞ୍ଚି ହୁଏ ନାହିଁ, ଫଳରେ ରକ୍ଷଣାବେକ୍ଷଣରେ ଅସୁବିଧା ଉପୁଜେ। ଏହା ଅତ୍ୟାବଶ୍ୟକ ଯାଂଚ ଓ ମରାମତି କାମକୁ ବିଳମ୍ବିତ କରୁଥିବା ବେଳେ କ୍ଷେତ୍ରରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କ ପ୍ରତି ଗଭୀର ସୁରକ୍ଷା ବିପଦ ସୃଷ୍ଟି କରେ।




# ସେପ୍ଟେମ୍ବରରୁ ରୁପାରେ ହଲ୍‌ମାର୍କିଂ; ମହଙ୍ଗା ହେବ ଚାନ୍ଦି

ନୂଆଦିଲ୍ଲୀ,୨୮।୮ (ଏଜେନ୍ସି)



ସୁନା ଅଳଙ୍କାରର ଶୁଦ୍ଧତା ଯାଞ୍ଚ କରିବା ପାଇଁ ଏହାର ହଲ୍‌ମାର୍କ କରାଯାଏ। ଅଳଙ୍କାରରେ ଲେଖାଯାଇଥିବା ସଂଖ୍ୟା ଆଧାରରେ ସୁନାର କେତେ ପ୍ରତିଶତ ଶୁଦ୍ଧ ତାହା ନିର୍ଣ୍ଣୟ କରାଯାଏ। କିନ୍ତୁ ରୁପା ପାଇଁ ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ହଲ୍‌ମାର୍କ ବ୍ୟବସ୍ଥା ନାହିଁ। ଏବେ ସରକାର ସୁନା ପରି ରୁପା ପାଇଁ ହଲମାର୍କିଂ ନିୟମ ଆରମ୍ଭ କରୁଛନ୍ତି। ଏହା ସେପ୍ଟେମ୍ବର ପହିଲାରୁ ଆରମ୍ଭ ହେବ।

### ■ ରୁପା ହଲମାର୍କିଂ ନିୟମର ପ୍ରଭାବ

ପ୍ରାରମ୍ଭରେ, ଗ୍ରାହକମାନେ ହଲମାର୍କିଂ ରୁପା କିଣିବାକୁ ଚାହାଁନ୍ତି କି ହଲମାର୍କିଂ ନାହିଁ ତାହା ଆବଶ୍ୟକ ହେବ ନାହିଁ। ଅର୍ଥାତ୍, ଏହି ନିୟମ ସ୍ୱେଚ୍ଛାକୃତ ହେବ। ତଥାପି, ଯେପରି ହଲମାର୍କିଂ ସୁନା ଅଳଙ୍କାରକୁ ଏବେ ବାଧ୍ୟତାମୂଳକ କରାଯାଇଛି, ସେହିପରି କ୍ରେତାମାନେ ମଧ୍ୟ ହଲମାର୍କିଂ ରୁପା କିଣିବାକୁ ପସନ୍ଦ କରିପାରିବେ। ରୁପାର ଶୁଦ୍ଧତା ଯାଞ୍ଚ କରିବା ପାଇଁ, ଭାରତୀୟ ମାନକ ବ୍ୟୁରୋ (ବିଆଇଏସ୍) ଦ୍ୱାରା ୬ ଟି ମାନକ ପ୍ରସ୍ତୁତ କରାଯାଇଛି। ଏହି ମାନକଗୁଡ଼ିକ ଦର୍ଶାଏ ଯେ ରୁପାର କେତେ ପ୍ରତିଶତ ଶୁଦ୍ଧ।

### ■ ରୁପାର ମୂଲ୍ୟ ଉପରେ ପ୍ରଭାବ ପକାଇବ

ହଲମାର୍କଯୁକ୍ତ ଅଳଙ୍କାର କିଣିବା ଦ୍ୱାରା ରୁପାର ମୂଲ୍ୟ ଉପରେ କୌଣସି ପ୍ରଭାବ ପଡ଼ିବନାହିଁ, କିନ୍ତୁ ଏହା ଉତ୍ପାଦର ମାନକୁ ନେଇ ଗ୍ରାହକଙ୍କ ଆତ୍ମବିଶ୍ୱାସ ବୃଦ୍ଧି କରିପାରିବ। ଗ୍ରାହକମାନେ ନିଶ୍ଚିତ ହେବେ ଯେ ସେମାନେ ଯେଉଁ ମୂଲ୍ୟ ଦେଉଛନ୍ତି ସେହି ମୂଲ୍ୟର ଅଳଙ୍କାର ପାଉଛନ୍ତି। ଏହା ସେମାନଙ୍କର କ୍ରୟକୁ ମଧ୍ୟ ସୁରକ୍ଷିତ ରଖିବ।

**ଗ୍ରାହକ ପାଇବେ ଶୁଦ୍ଧତାର ଗ୍ୟାରେଣ୍ଟି**

## ଗେମିଂ ବିଲ୍ ବିରୋଧରେ ୩୦ରେ କର୍ଣ୍ଣାଟକ ହାଇକୋର୍ଟରେ ଶୁଣାଣି

ନୂଆଦିଲ୍ଲୀ,୨୮।୮ (ଏଜେନ୍ସି): କର୍ଣ୍ଣାଟକ ହାଇକୋର୍ଟ ଅଗଷ୍ଟ ୩୦ରେ ଅନଲାଇନ୍ ଗେମିଂ କମ୍ପାନୀ ଏ୨୩ର ଆବେଦନର ଶୁଣାଣି କରିବ। ଏହି ଆବେଦନରେ, ଭାରତରେ ଅନଲାଇନ୍ ଟଙ୍କା ଖେଳକୁ ନିଷେଧ କରିବା ପାଇଁ ନୂତନ ଆଇନକୁ ଚ୍ୟାଲେଞ୍ଜ କରାଯାଇଛି। ବରିଷ୍ଠ ଓକିଲ ସି. ଆର୍ଯ୍ୟମା ସୁନ୍ଦରମ୍ ଏବଂ ଧନ୍ୟା ଚିନ୍ନାସ୍ୱାମୀ ବୁଧବାର କୋର୍ଟରେ ତୁରନ୍ତ ଶୁଣାଣି ପାଇଁ ଏହି ଆବେଦନ ଉପସ୍ଥାପନ କରିଥିଲେ। ଅଗଷ୍ଟ ୨୨ରେ, ଅନଲାଇନ୍ ଗେମିଂ ବିଲ୍ ୨୦୨୫ ରାଷ୍ଟ୍ରପତିଙ୍କ ଅନୁମୋଦନ ପାଇଥିଲା। ବର୍ତ୍ତମାନ ଏହା ଏକ ଆଇନରେ ପରିଣତ ହୋଇଛି। ଅଗଷ୍ଟ ୨୧ରେ ରାଜ୍ୟସଭା ଏବଂ ଏହାର ଗୋଟିଏ ଦିନ ପୂର୍ବରୁ ଲୋକସଭା ଅନଲାଇନ୍ ଗେମିଂ ବିଲ୍ ୨୦୨୫ର ପ୍ରମୋସନ୍ ଏବଂ ନିୟନ୍ତ୍ରଣକୁ ମଞ୍ଜୁରୀ ଦେଇଥିଲା। ଏହି ବିଲ୍ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଉପସ୍ଥାପନ କରିଥିଲେ। ଏ୨୩ର ମୂଳ କମ୍ପାନୀ ହେଡ୍ ଡିଜିଟାଲ୍ ୱାର୍କ୍ସ କହିଛନ୍ତି ଯେ ଏହି ଆଇନ ରମି ଏବଂ ପୋକର ଭଳି ଦକ୍ଷତା-ଭିତ୍ତିକ ଖେଳକୁ ମଧ୍ୟ ନିଷେଧ କରେ। ଭାରତରେ, ଗତ ୭୦ ବର୍ଷ ଧରି, ସୁପ୍ରିମକୋର୍ଟ ଏବଂ ଅନେକ ହାଇକୋର୍ଟ ଦକ୍ଷତା-ଭିତ୍ତିକ ଖେଳକୁ ଜୁଆ ଠାରୁ ଭିନ୍ନ ବୋଲି ବିବେଚନା କରିଛନ୍ତି।

**ଅନ୍‌ଲାଇନ୍ ଗେମିଂ କମ୍ପାନୀ ଏ୨୩ କରିଛି ଅଭିଯୋଗ**



## ଆଜିର ରାଶିଫଳ

**ମେଷ:** ଅଫିସ୍ କାର୍ଯ୍ୟ ପ୍ରଭାବିତ ହେବ। ଆର୍ଥିକ ସମସ୍ୟା ଦେଖାଦେବ। ଖାଦ୍ୟପାନୀୟ ପ୍ରତି ଧ୍ୟାନ ରଖିବେ। ମହିଳାଙ୍କଠାରେ ଆଣ୍ଠୁଗଣ୍ଠି ସମସ୍ୟା ଦେଖାଦେବ। ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ।

**ବୃଷ:** ଅଫିସ୍‌ରେ ସହକର୍ମୀଙ୍କ ସହଯୋଗ ମିଳିବ। ବ୍ୟବସାୟରେ ସମସ୍ୟାକୁ ସାମ୍ନା କରିବେ। ଆର୍ଥିକ କ୍ଷେତ୍ରରେ ଉନ୍ନତି ପରିଲକ୍ଷିତ ହେବ। ମନ ପ୍ରସନ୍ନ ରହିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ମିଥୁନ:** ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ନୂଆ କାର୍ଯ୍ୟ ଆରମ୍ଭ କରିବେ। ବିଦେଶ ଯାତ୍ରା ଯୋଗ ରହିଛି। ପରିବାର ସହିତ ହସଖୁସିରେ ସମୟ ଅତିବାହିତ କରିବେ।

**କର୍କଟ:** ଶାନ୍ତ ଓ ଖୁସି ମନରେ ସମସ୍ତ କାମ ପୂରା କରିବେ। ନିବେଶରୁ ଲାଭ ମିଳିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ଜୀବନସାଥୀଙ୍କ ସହ ବୁଲିବାକୁ ଯିବେ। ଆଇଟି କ୍ଷେତ୍ରରେ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ।

**ସିଂହ:** ବ୍ୟବସାୟରେ ବିରୋଧୀଙ୍କୁ ସାମ୍ନା କରିବେ। ନୂଆ କାମରେ ବନ୍ଧୁ ତଥା ପରିବାର ସଦସ୍ୟଙ୍କ ସହଯୋଗ ମିଳିବ। ବିବାହ ପ୍ରସ୍ତାବ ସ୍ଥିର ହେବ। କଳା କ୍ଷେତ୍ରରେ ରୁଚି ବଢ଼ିବ। ଦେବ କାର୍ଯ୍ୟରେ ମନୋଯୋଗ ଦେବେ।

**କନ୍ୟା:** ବ୍ୟବସାୟରୁ ଲାଭ ମିଳିବ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ବାପାଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ। ବିଦ୍ୟାର୍ଥୀ ପ୍ରବେଶିକା ପରୀକ୍ଷା ପାଇଁ ପ୍ରସ୍ତୁତି କରିବେ।

**ତୁଳା:** କୋର୍ଟକଚେରୀ ମାମଲାରେ ବିଜୟ ଲାଭ କରିବେ। ପାରିବାରିକ ବିବାଦ ଦେଖା ଦେବ। ସନ୍ତାନଙ୍କ ଭବିଷ୍ୟତକୁ ନେଇ ଚିନ୍ତାରେ ରହିବେ। ଦୂର ସ୍ଥାନକୁ ଯାତ୍ରା ଯୋଗ ଅଛି। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**ବିଛା:** କାର୍ଯ୍ୟରେ ବାଧା ଆସିବ। ଅନଲାଇନ୍ ବ୍ୟବସାୟୀଙ୍କୁ ଲାଭ ମିଳିବ। ପୈତୃକ ସମ୍ପତ୍ତିକୁ ନେଇ ବିବାଦ ଦେଖା ଦେବ। ଭାଇ-ଭଉଣୀଙ୍କ ସମ୍ପର୍କ ମଜଭୁତ ହେବ। ଦାମ୍ପତ୍ୟ ଜୀବନ ଅଶାନ୍ତି ଭିତରେ ଗତି କରିବ।

**ଧନୁ:** କର୍ମ ଚଞ୍ଚଳ ରହିବେ। ଧାର୍ମିକ କାର୍ଯ୍ୟ ପ୍ରତି ରୁଚି ବଢ଼ିବ। ଅଫିସ୍ କାର୍ଯ୍ୟରେ ସମସ୍ୟା ଆସିବ। ସମୟ ପୂର୍ବରୁ କାମ ଶେଷ କରିବେ। ଆୟର ନୂତନ ମାର୍ଗ ଉନ୍ମୋଚନ ହେବ।

**ମକର:** ଆୟଠୁ ଅଧିକ ବ୍ୟୟ ହେବ। ପରିବାର ସଦସ୍ୟଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ। ସ୍ୱାସ୍ଥ୍ୟ ପ୍ରତି ସଚେତନ ହେବେ। ଅଯଥା ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ।

**କୁମ୍ଭ:** ଧାର କରଜରୁ ଦୂରେଇ ରହିବେ। ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳ ହେବେ। ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ମୀନ:** ଦିନଟି ବ୍ୟସ୍ତତା ଭିତରେ କଟିବ। ପରିବାରରେ ହସଖୁସିର ପରିବେଶ ରହିବ। ଖେଳାଳୀଙ୍କ ପାଇଁ ଅନୁକୂଳ ସମୟ। ଧନଲାଭ ଯୋଗ ଅଛି। ଆର୍ଥିକ ସ୍ଥିତି ମଜଭୁତ୍ ହେବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

## ଆଜିର ଇତିହାସ

- ୧୮୪୨- ଅଫିମ ଯୁଦ୍ଧ ସମାପ୍ତ।
- ୧୯୦୫- ହକି ଯାଦୁକର ମେଜର୍ ଧ୍ୟାନଚାନ୍ଦଙ୍କ ଜନ୍ମ।
- ୧୯୨୨- ପ୍ରଥମ ରେଡିଓ ବିଜ୍ଞାପନ ନ୍ୟୁୟର୍କ ସହରରେ ପ୍ରସାରିତ ହେଲା।
- ୧୯୫୭- ନାଗରିକ ଅଧିକାର ଅଧିନିୟମ ପାରିତ ହେଲା।
- ୧୯୭୪-ଚୌଧୁରୀ ଚରଣ ସିଂହ ଲୋକଦଳ ପାର୍ଟିର ସ୍ଥାପନା କଲେ।
- ୨୦୦୪- ଏଥେନ୍ସ ଅଲିମ୍ପିକ୍ସର ସମାପନ।

# ମା' ହେବେ ପରିଣୀତି

ବଲିଉଡ୍ ଅଭିନେତ୍ରୀ ପରିଣୀତି ଚୋପ୍ରା ଏବଂ ରାଘବ ଚଡ୍ଢାଙ୍କ ଘରକୁ ଖୁବ୍‌ଶୀଘ୍ର ନୂଆ ଅତିଥିଙ୍କ ଆଗମନ ହେବାକୁ ଯାଉଛି। ବିବାହର ଦୁଇ ବର୍ଷ ପରେ ମା' ହେବାକୁ ଯାଉଛନ୍ତି ପରିଣୀତି। ଉଭୟ ପରିଣୀତି ଏବଂ ରାଘବ ଏହି ଖୁସି ଖବର ସମ୍ପର୍କରେ ସାମାଜିକ ଗଣମାଧ୍ୟମରେ ଜଣାଇଛନ୍ତି। ଦୁହେଁ ଦୁଇରୁ ତିନି ହେବାକୁ ଯାଉଥିବା କହିଛନ୍ତି। ଅବଶ୍ୟ ସେମାନଙ୍କର ଏହି ଖୁସି ଖବର ସମ୍ପର୍କରେ କପିଲ ଶର୍ମାଙ୍କ ଶୋ'ରୁ ଅନୁମାନ କରାଯାଉଥିଲା। ଶେଷରେ ସେମାନେ ଏକଥା ସମସ୍ତଙ୍କୁ ଜଣାଇଛନ୍ତି। ପରିଣୀତି ତାଙ୍କ ପୋଷ୍ଟରେ କହିଛନ୍ତି, "ଆମର ଛୋଟ ଦୁନିଆ ଏବେ ରାସ୍ତାରେ ଅଛି।" ଶୁଭେଚ୍ଛା ଓ ଆଶୀର୍ବାଦ ପାଇଁ ସେ ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏହାସହ ନଜର ନ ଲାଗିବାର ଇମୋଜି ବି ସେୟାର୍ କରିଛନ୍ତି। ସେହିପରି ତାଙ୍କର ଏହି ପୋଷ୍ଟରେ କେକ୍‌ର ଫଟୋ ଅଛି। ଏଥିରେ ୧+୧=୩ ଲେଖାଯିବା ସହ ଛୋଟ ପିଲାର ପାଦ ଚିହ୍ନ ବି ଅଛି। ଏହାସହ ଏଥିରେ ଏକ ଭିଡିଓ ମଧ୍ୟ ରହିଛି। ଯେଉଁଥିରେ ପରିଣୀତି ରାଘବଙ୍କ ହାତ ଧରି ବଗିଚାରେ ଚାଲୁଥିବା ଦେଖାଯାଇଛି। ଏହି ଖବର ସାମ୍ନାକୁ ଆସିବା ପରେ ଉଭୟଙ୍କ ପରିବାର ଲୋକେ, ସାଙ୍ଗସାଥୀ ଏବଂ ପ୍ରଶଂସକ ସେମାନଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଉଛନ୍ତି।




# ଜାତୀୟ କ୍ରୀଡ଼ା ଦିବସ

ପ୍ରତିବର୍ଷ ଅଗଷ୍ଟ ୨୯ ତାରିଖକୁ ଭାରତୀୟ ହକିର ପ୍ରବାଦ ପୁରୁଷ ମେଜର୍ ଧ୍ୟାନଚାନ୍ଦଙ୍କ ଜନ୍ମଦିବସକୁ 'ଜାତୀୟ କ୍ରୀଡ଼ା ଦିବସ' ଭାବେ ପାଳନ କରାଯାଉଛି। ଜୀବନରେ କ୍ରୀଡ଼ାର ଗୁରୁତ୍ୱପୂର୍ଣ୍ଣ ଭୂମିକା ବାବଦରେ ଏହି ଦିବସ ସଚେତନ କରାଇଥାଏ। ଏହାସହ ସ୍ୱାସ୍ଥ୍ୟ ସଚେତନ ଦୃଷ୍ଟିରୁ ବିଭିନ୍ନ କ୍ରୀଡ଼ାରେ ସାମିଲ ହେବା ନେଇ ଏହି ଦିବସ ଲୋକଙ୍କୁ ପ୍ରୋତ୍ସାହିତ କରିଥାଏ। ୧୯୦୫ ଅଗଷ୍ଟ ୨୯ରେ ପ୍ରୟାଗରାଜରେ ଧ୍ୟାନଚାନ୍ଦ ଜନ୍ମଗ୍ରହଣ କରିଥିଲେ। ତାଙ୍କର ପୂରା ନାଁ ମେଜର ଧ୍ୟାନଚାନ୍ଦ ସିଂହ। ସେ ପ୍ରାରମ୍ଭିକ ଶିକ୍ଷା ସମାପ୍ତ କରିବା ପରେ ୧୯୨୨ ମସିହାରେ ସୈନିକ ଭାବେ ବ୍ରିଟିଶ ସେନାରେ ସାମିଲ ହୋଇଥିଲେ। ୧୯୨୬ରୁ ୧୯୪୮ ପର୍ଯ୍ୟନ୍ତ ଅନ୍ତରାଷ୍ଟ୍ରୀୟ ହକି କ୍ୟାରିୟରରେ ଧ୍ୟାନଚାନ୍ଦ ପାଖାପାଖି ୧୮୫ଟି ମ୍ୟାଚ୍‌ରେ ଭାରତର ପ୍ରତିନିଧିତ୍ୱ କରିଥିଲେ। ୧୯୨୮ର ଆର୍ମଷ୍ଟରଡ୍ୟାମ୍ ଅଲମ୍ପିକ୍ସ, ୧୯୩୨ ମସିହାର ଲସ୍ ଏଞ୍ଜେଲସ୍ ଅଲିମ୍ପିକ୍ସ ଓ ୧୯୩୬ ଜର୍ମାନୀର ବର୍ଲିନ ଅଲିମ୍ପିକ୍ସରେ ଲଗାତାର ସେ ଭାରତକୁ ସ୍ୱର୍ଣ୍ଣ ପଦକ ଭେଟି ଦେଇଥିଲେ। ସେ ତାଙ୍କ ୨୨ ବର୍ଷର କ୍ୟାରିୟରରେ ୪୦୦ରୁ ଅଧିକ ଗୋଲ୍ ଦେଇ ଅପ୍ରତିଦ୍ୱନ୍ଦ୍ୱୀ ପାଲଟିଥିଲେ। କେବଳ ଭାରତ ନୁହେଁ, ସାରା ପୃଥିବୀରେ ତାଙ୍କ ଅଦ୍ୱିତୀୟ ଖେଳର ଅଗଣିତ ପ୍ରଶଂସକ ଥିଲେ। ଅଲମ୍ପିକ୍ସ ସଂଘ ଧ୍ୟାନଚାନ୍ଦଙ୍କୁ ଶତାବ୍ଦୀର ଶ୍ରେଷ୍ଠ ଖେଳାଳି ଭାବେ ଘୋଷଣା କରିଥିଲା। ହକି ଦୁନିଆରେ ମେଜର ଧ୍ୟାନଚାନ୍ଦ ଯେଉଁ ରୂପରେଖ ପ୍ରସ୍ତୁତ କରିଥିଲେ ତାହା ଅତୁଳନୀୟ। ଏହି ମହାନ ଖେଳାଳିଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ପାଇଁ ୨୦୧୨ରେ ତାଙ୍କ ଜନ୍ମଦିନକୁ ଜାତୀୟ କ୍ରୀଡ଼ା ଦିବସ ଭାବରେ ପାଳନ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏହି ଅବସରରେ ଖେଳ ଜଗତରେ ଉତ୍କୃଷ୍ଟ ପ୍ରଦର୍ଶନ କରିଥିବା ଖେଳାଳିମାନଙ୍କୁ ବିଭିନ୍ନ ସମ୍ମାନରେ ସମ୍ମାନିତ କରାଯାଏ।



# ଏଠି ପୁରୁଷଙ୍କ ପ୍ରବେଶ ମନା

ପ୍ରତିଟି ଗାଁର ନିଜସ୍ୱ ସ୍ୱତନ୍ତ୍ରତା ରହିଛି। ତନ୍ମଧ୍ୟରୁ କିଛି ଗାଁ ତାର ପ୍ରାକୃତିକ ଶୋଭାରାଜି ପାଇଁ ଚର୍ଚ୍ଚାରେ ଥିବାବେଳେ ଆଉ କିଛି ତା'ର ବିଚିତ୍ର ପରମ୍ପରା ପାଇଁ ଧ୍ୟାନ ଆକର୍ଷଣ କରିଥାଏ। ଏମିତି ଏକ ଗାଁ ହେଉଛି କେନିଆର ଉମୋଜା ଉଆସୋ। ଏହି ଗାଁରେ କେବଳ ମହିଳା ବସବାସ କରନ୍ତି। ପୁରୁଷଙ୍କୁ ଏଠାରେ ରହିବାକୁ ଅନୁମତି ମିଳେ ନାହିଁ। ୧୯୯୦ ମସିହାରେ ଗଢ଼ି ଉଠିଥିବା ଏହି ଗାଁଟି କେନିଆର ରାଜଧାନୀ ନାଇରୋବିଠାରୁ ପାଖାପାଖି ୩୮୦ କିଲୋମିଟର ଦୂରରେ ଥିବା ସମ୍ବୁରୁ କାଉଣ୍ଟିରେ ଅବସ୍ଥିତ। ରେବେକା ଲୋଲୋସୋଲି ଏହି ଗାଁର ସ୍ଥାପନା କରିଥିଲେ। ତେବେ ଏହି ଗାଁରେ ମୁଖ୍ୟତଃ ଯୌନ ହିଂସା ତଥା ଦୁର୍ବ୍ୟବହାରର ଶିକାର ହୋଇଥିବା ମହିଳାମାନେ ରହୁଛନ୍ତି। ଏହି ମହିଳାମାନଙ୍କୁ ସେମାନଙ୍କ ପରିବାର ଛାଡ଼ି ଦେଇଛନ୍ତି। ୨୦୧୫ ସୁଦ୍ଧା ଏହି ଗାଁରେ ୪୭ ଜଣ ମହିଳା ଏବଂ ୨୦୦ ଶିଶୁ ଥିଲେ। ଏହି ଗାଁକୁ ପୁରୁଷ ଆସି ପାରିବେ ସତ କିନ୍ତୁ ଏଠାରେ ରହିପାରିବେ ନାହିଁ। ଉମୋଜା ଉଆସୋ ଏବେ ମହିଳା ସଶକ୍ତିକରଣର ଅନନ୍ୟ ଉଦାହରଣ ପାଲଟିଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ୧୮ ବର୍ଷରୁ କମ୍ ବୟସର ପୁଅ ଏହି ଗାଁରେ ରହିପାରନ୍ତି। ପୁଅମାନଙ୍କର ବୟସ ୧୮ ବର୍ଷରୁ ଊର୍ଦ୍ଧ୍ୱ ହେଲେ ଏଠାରେ ସେମାନଙ୍କୁ ରହିବାକୁ ଅନୁମତି ମିଳେ ନାହିଁ। ଗାଁରେ ରହୁଥିବା ମହିଳାମାନଙ୍କ ସମ୍ବନ୍ଧରେ କୌଣସି ନିଷ୍ପତ୍ତି 'ଟ୍ରି ଅଫ୍ ସ୍ପିଚ୍' ଜରିଆରେ ନିଆଯାଇଥାଏ। ଲୋଲୋସୋଲି ଏହି ଗାଁର ମୁଖିଆ। ଗାଁର ସମସ୍ତ ମହିଳାଙ୍କୁ ସମାନ ଅଧିକାର ଦିଆଯାଇଛି। ଏଠାରେ ରହୁଥିବା ମହିଳାମାନେ ମୁଖ୍ୟତଃ ସମ୍ବୁରୁ ସଂସ୍କୃତିର। ଏମାନେ ବିଭିନ୍ନ ପ୍ରକାରର ମାଳି ବିକି ନିଜ ଗୁଜୁରାଣ ମେଣ୍ଟାନ୍ତି। ଗାଁର ମହିଳାମାନେ ଯୌନଉତ୍ପୀଡ଼ନ, ମହିଳା ବିରୋଧି ସାମାଜିକ ବ୍ୟବସ୍ଥା ଓ ବ୍ୟଭିଚାର ବିରୋଧରେ ନିଜର ସଂଗ୍ରାମ ଜାରି ରଖିଛନ୍ତି।







# ସ୍କ୍ରୁୱର୍ମ

**ମହାମାରୀ କରୋନା ପରେ ଅନେକ ଭୂତାଣୁଜନିତ ରୋଗ ଦେଖାଯାଉଛି। ତନ୍ମଧ୍ୟରୁ କିଛି ଭୂତାଣୁ ସ୍ୱାସ୍ଥ୍ୟ ପାଇଁ ବିପଜ୍ଜନକ ସାବ୍ୟସ୍ତ ହେଉଥିବାବେଳେ ଆଉ କିଛି ପରଜୀବୀ ଲୋକଙ୍କ ଚିନ୍ତା ବଢ଼ାଏ। ଏହି କ୍ରମେ ଏବେ ଆମେରିକାରେ ସ୍କ୍ରୁୱର୍ମ ରୋଗ ଚିହ୍ନଟ ହୋଇଛି। ୨୦୨୩ ମସିହାରେ ସେଣ୍ଟ୍ରାଲ ଆମେରିକାରେ ଏହି ପରଜୀବୀ ପ୍ରଥମଥର ପାଇଁ ଚିହ୍ନଟ ହୋଇଥିଲା। ପରେ ଏହା ଅନ୍ୟ ଦେଶକୁ ବ୍ୟାପିଥିଲା। ତେବେ ଏହି ପରଜୀବୀ କିପରି ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରେ ଜାଣନ୍ତୁ।**



ସ୍କ୍ରୁୱର୍ମ ପରଜୀବୀ ରୋଗ 'ନ୍ୟୁ ୱାର୍ଲଡ ସ୍କ୍ରୁଓର୍ମ' ଲାର୍ଭାରୁ ହୋଇଥାଏ। ସ୍କ୍ରୁୱର୍ମ ମାଛିରୁ ବ୍ୟାପୁଥିବା ଏହା ଏକ ପରଜୀବୀ ରୋଗ। ମୁଖ୍ୟ ରୂପେ ଗାଈ, ମଇଁଷି, ଛେଳି, ଆଦିଙ୍କୁ ଏହି ପରଜୀବୀ ସଂକ୍ରମିତ କରିଥାଏ। ଏହା ମଣିଷଙ୍କୁ ମଧ୍ୟ ସଂକ୍ରମଣ କରିପାରେ। ଘା', କଟିଯାଇଥିବା ତଥା ଆମ୍ପୁଡ଼ା ସ୍ଥାନରେ ସ୍କ୍ରୁୱର୍ମ ମାଛି ବହୁତ ଶୀଘ୍ର ପ୍ରଜନନ କରିପାରନ୍ତି। ଗୋଟିଏ ଥରରେ ଏମାନେ ୨୦୦ରୁ ୩୦୦ ଅଣ୍ଡା ଦେଇଥାନ୍ତି। ୧୨ରୁ ୨୪ ଘଣ୍ଟା ପରେ ଅଣ୍ଡା ଫୁଟି ଲାର୍ଭା ବାହାରେ। ଲାର୍ଭାର ପରଜୀବୀ ମଣିଷର ଘା' ଭିତରେ ବ୍ୟାପି ଜୀବିତ ଟିସୁକୁ ଖାଇବା ଆରମ୍ଭ କରି ଦିଅନ୍ତି। ଯାହାଦ୍ୱାରା ଘା' ଅଧିକ ବଡ଼ ଏବଂ ଗଭୀର ହୋଇଯାଏ। ଏହା ସମୟ କ୍ରମେ ବିପଜ୍ଜନକ ହୋଇପାରେ। ବିଶେଷ କଥା ହେଉଛି, ପରଜୀବୀ ପ୍ରବେଶ କରିବା ପରେ ଶରୀରରେ କିଛି ଲକ୍ଷଣ ଯଥା- ଘା' ସ୍ଥାନଟି ଯନ୍ତ୍ରଣା ଲାଗିବା, ସେହି ସ୍ଥାନଟି ଫୁଲି କରି ଲାଲ୍ ପଡ଼ିବା, କିମ୍ବା ଘା'ରୁ ଦୁର୍ଗନ୍ଧ ଆସିଥାଏ। ସାଧାରଣତଃ ଏହି ମାମଲା ଖୁବ୍ କମ୍ ଦେଖାଯାଏ। ତେଣୁ ଲକ୍ଷଣ ଆରମ୍ଭରୁ ଡାକ୍ତରଙ୍କ ପରାମର୍ଶକ୍ରମେ ଚିକିତ୍ସା କରିବା ଜରୁରି। ଲାର୍ଭାକୁ ହଟାଇ ଘା'କୁ ସଫା କରିବା ତଥା ପ୍ରାରମ୍ଭିକ ଉପଚାର ଦ୍ୱାରା ଏହି ରୋଗର ଗମ୍ଭୀରତା ହ୍ରାସ ପାଇପାରେ।

# ଏଲ୍‌ଏଫ୍‌ଟି ଟେଷ୍ଟ



**ଯକୃତ ମନୁଷ୍ୟ ଶରୀରର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ଏହା ଖାଦ୍ୟ ହଜମ କରିବା ସହ ଶରୀରରୁ ବିଷାକ୍ତ ପଦାର୍ଥ ବାହାରି କରିଥାଏ। ତେଣୁ ଜଣେ ସୁସ୍ଥ ରହିବାକୁ ହେଲେ ଯକୃତ ସକ୍ରିୟ ଓ କାର୍ଯ୍ୟକ୍ଷମ ରହିବା ଜରୁରି। ହେଲେ ଅଧୁନା ଭୁଲ୍ ଖାଦ୍ୟପେୟ ଓ ଜୀବନଶୈଳୀ ଯୋଗୁଁ ଯକୃତ ଉପରେ ଖରାପ ପ୍ରଭାବ ପଡୁଛି। ଫ୍ୟାଟି ଲିଭର, କାମଳ, ଲିଭର ସିରୋସିସ୍ ଆଦି ସମସ୍ୟା ଚିନ୍ତା ବଢ଼ାଉଛି। ସେହିପରି କେତେ ଗୁଡ଼ିଏ ଔଷଧ ସେବନ ଦ୍ୱାରା ଏହାର ପାର୍ଶ୍ୱପ୍ରତିକ୍ରିୟାରେ ଯକୃତ ପ୍ରଭାବିତ ହୋଇ କାମଳ ଆଦି ରୋଗ ହୋଇଥାଏ। ତେଣୁ ଯକୃତର ସୁସ୍ଥତା ତଥା ଏହାର କାର୍ଯ୍ୟକ୍ଷମ ବିଷୟରେ ଜାଣିବାକୁ ଯକୃତ କାର୍ଯ୍ୟକ୍ଷମତା ପରୀକ୍ଷଣ ତଥା ଲିଭର ଫଙ୍କସନ ଟେଷ୍ଟ (ଏଲ୍‌ଏଫ୍‌ଟି) ଏକ ଗୁରୁତ୍ୱପୂର୍ଣ୍ଣ ରକ୍ତ ପରୀକ୍ଷଣ।**

ଯକୃତ ଜନିତ ରୋଗ, କାମଳ, ଭୂତାଣୁ ସଂକ୍ରମଣ, ମୋଟାପା, ମଧୁମେହ, ପରିସ୍ରା ଓ ମଳରେ ରଙ୍ଗ ପରିବର୍ତ୍ତନ, ଲଗାତାର ଥକ୍କାପଣ ଅନୁଭବ କରୁଥିଲେ, ବାନ୍ତି, ଯକୃତ କର୍କଟ, ଗଲ ବ୍ଲଡର କର୍କଟ ଆଦି ସମସ୍ୟାରେ ପୀଡ଼ିତଙ୍କୁ ଡାକ୍ତର ଏଲ୍‌ଏଫ୍‌ଟି ଟେଷ୍ଟ କରିବାକୁ ପରାମର୍ଶ ଦିଅନ୍ତି। ବଂଶାନୁଗତ, ତଥା ଯକୃତ ଜନିତ ରୋଗ ଥିଲେ ଏଲ୍‌ଏଫ୍‌ଟି ଟେଷ୍ଟକୁ ଡାକ୍ତରଙ୍କ ପରାମର୍ଶକ୍ରମେ ସାଧାରଣ ଟେଷ୍ଟରେ ସାମିଲ କରିପାରିବେ। ବିଶେଷ କରି ନୂଆ ଔଷଧ ଖାଇବା ଆରମ୍ଭ କରିଲେ, ଏହା ଯକୃତକୁ ପ୍ରଭାବିତ କରିପାରେ। ତେଣୁ ଡାକ୍ତର ଏଲ୍‌ଏଫ୍ ଟି କରିବାକୁ ପରାମର୍ଶ ଦିଅନ୍ତି। ଏହି ଟେଷ୍ଟ ଯକୃତ ସ୍ୱାସ୍ଥ୍ୟ ଏବଂ କାର୍ଯ୍ୟପ୍ରଣାଳୀ ପାଇଁ ଏକ ରକ୍ତ ପରୀକ୍ଷଣ। ଏହି ପରୀକ୍ଷାରୁ ରକ୍ତରେ ଏଲ୍‌ବ୍ୟୁମିନ୍ (ପ୍ରୋଟିନ୍), ବିଲିରୁବିନ (ଅପଶିଷ୍ଟ ପଦାର୍ଥ) ଏବଂ ଏଞ୍ଜାଇମ୍ ଯାଞ୍ଚ କରାଯାଇଥାଏ। ରକ୍ତରେ ବିଲିରୁବିନ ମାତ୍ରା ଅଧିକ ହେଲେ ଯକୃତ କାର୍ଯ୍ୟକ୍ଷମତା ହ୍ରାସ ପାଏ। ଏଲ୍‌ବ୍ୟୁମିନ୍ କମ୍ ହେଲେ, ଗୋଡ଼, ପେଟ, ମୁହଁ ଫୁଲିବା ସହିତ ଯକୃତ ପ୍ରଭାବିତ ହୁଏ। ଏଞ୍ଜାଇମ୍ କମ୍ ବେଶୀ ହେଲେ ଯକୃତ ପ୍ରଭାବିତ ହେବ। ତେଣୁ ଏହି ଟେଷ୍ଟ ଦ୍ୱାରା ଯକୃତ ଠିକ୍ ଭାବେ କାମ କରୁଛି କି ନାହିଁ ଜଣା ପଡ଼ିଥାଏ। ଯକୃତ ରୋଗ, ହେପାଟାଇଟିସ୍, ଲିଭର ସିରୋସିସ୍, ଫ୍ୟାଟି ଲିଭର ତଥା ଔଷଧର ପାର୍ଶ୍ୱପ୍ରତିକ୍ରିୟାକୁ ଜାଣିବାରେ ଏହା ସାହାଯ୍ୟ କରେ। ଏହାଦ୍ୱାରା କେବଳ ରୋଗର ପ୍ରାରମ୍ଭିକ ସ୍ଥିତି ଜାଣିହୁଏ ତାହା ନୁହେଁ, ଯକୃତ ସୁସ୍ଥତା ବିଷୟରେ ଜଣାପଡ଼ିଥାଏ।

# ଅବସାଦ ଦୂର କରିବ ମ୍ୟାଜିକ୍ ଛତୁ



ଅବସାଦ ଏକ ପ୍ରକାର ମାନସିକ ରୋଗ। ଏହା ଉଭୟ ମନ ଓ ଶରୀର ଉପରେ ପ୍ରଭାବ ପକାଇଥାଏ। ଅବସାଦ ଦୂର ପାଇଁ ନାନା ଚିକିତ୍ସା ପଦ୍ଧତି ରହିଛି। ତେବେ ଜାଣି ଆଶ୍ଚର୍ଯ୍ୟ ହେବେ ଯେ, କର୍କଟ ପିଡ଼ୀତଙ୍କୁ ଚିକିତ୍ସା ସମୟରେ 'ମ୍ୟାଜିକ୍ ଛତୁ' ଦ୍ୱାରା ଅବସାଦ ଦୂର ହେବ ବୋଲି ଆମେରିକାର ଗବେଷକମାନେ ଜାଣିବାକୁ ପାଇଛନ୍ତି। ଏହି ଛତୁରେ ମିଳୁଥିବା ସ୍ୱତନ୍ତ୍ର ଏନ୍‌ଜାଇମ୍ ସାଇଲୋସାଇବିନ୍ କର୍କଟ ରୋଗୀଙ୍କଠାରେ ଅବସାଦ, ଭୟ ଏବଂ ଚିନ୍ତା କମ୍ କରିବାକୁ ଖୁବ୍ ପ୍ରଭାବୀ। ସାଇଲୋସାଇବିନ୍ ମସ୍ତିଷ୍କରେ ଏପରି ପରିବର୍ତ୍ତନ ଘଟାଇଥାଏ, ଯାହା ଦ୍ୱାରା ଅବସାଦ ଏବଂ ଚିନ୍ତା ଆଦି ସମସ୍ୟା ହ୍ରାସ ପାଇଥାଏ। ଏନେଇ ଆମେରିକାର କ୍ୟାନସର ସୋସାଇଟ୍‌ର ପତ୍ରିକା ୱିଲୀ ଅନ୍‌ଲାଇନ୍ ଇନ୍ କ୍ୟାନସରରେ ପ୍ରକାଶିତ ହୋଇଛି। ସାଇଲୋସାଇବିନ୍‌ର ପ୍ରଭାବକୁ ବୁଝିବାକୁ ଗବେଷକମାନେ ଦୁଶ୍ଚିନ୍ତା ଦେଇ ଗତି କରୁଥିବା ୨୮ ଜଣ କର୍କଟ ପିଡ଼ୀତଙ୍କ ଉପରେ କ୍ଲିନିକାଲ୍ ପରୀକ୍ଷା କରିଥିଲେ। ବରିଷ୍ଠ ମନସ୍ତତ୍ତ୍ୱବିତ୍‌ଙ୍କ ତତ୍ତ୍ୱାବଧାନରେ ପିଡୀତଙ୍କୁ ୨୫ ମିଲି ଗ୍ରାମ୍ ସାଇଲୋସାଇବିନ୍‌ର ଏକ ଡୋଜ୍ ଦିଆଯାଇଥିଲା। ଏଥିରୁ ସେମାନେ ମାନସିକ ଦୁଶ୍ଚିନ୍ତାରୁ ସାମାନ୍ୟ ରକ୍ଷା ପାଇଥିବା ଦେଖାଗଲା। ଗବେଷଣାର ମୁଖ୍ୟ ଡାକ୍ତର ମନୀଷ ଅଗ୍ରୱାଲ କୁହନ୍ତି, ଥରକରେ ସାଇଲୋସାଇବିନ୍ ଥେରାପି ଦ୍ୱାରା ଉଦାସୀନତାରୁ ଆରାମ ମିଳିବା ଆନନ୍ଦର ବିଷୟ। ଯଦି ଏହି ଚିକିତ୍ସା ପୁନରାବୃତ୍ତି କରାଯାଏ, ତେବେ ଏହା ଆହୁରି ଅଧିକ ରୋଗୀଙ୍କୁ ଚିନ୍ତାରୁ ମୁକ୍ତ କରିପାରି କି ନାହିଁ ତାହା ଜାଣିବାକୁ ଗବେଷକମାନେ ପ୍ରୟାସ କରୁଛନ୍ତି। ଯଦି ସମାନ ଭାବରେ ଫଳାଫଳ ଦେଖାଏ, ଚିକିତ୍ସା ପାଇଁ ଏହାର ବ୍ୟବହାର ଅଧିକ ହେବ। ଅନ୍ୟପଟେ ଗବେଷକଙ୍କ ମତରେ ସାଇଲୋସାଇବିନକୁ ଡାକ୍ତରଙ୍କ ବିନା ପରାମର୍ଶରେ ବ୍ୟବହାର କରିବା ବିପଜ୍ଜନକ ହୋଇପାରେ।

# ନିମ୍ନ ରକ୍ତଚାପ ଆୟୁର୍ବେଦ ଉପଚାର



**ଉଚ୍ଚ ରକ୍ତଚାପ ପରି ନିମ୍ନ ରକ୍ତଚାପ ମଧ୍ୟ ଏକ ସ୍ୱାସ୍ଥ୍ୟଗତ ସମସ୍ୟା। ସ୍ୱାଭାବିକ ରକ୍ତଚାପ ହେଉଛି ୧୨୦/୮୦ ଏମ୍‌ଏମ୍‌ଏଚଜି। ଏଥିରୁ କମ୍ ହୋଇଗଲେ, ତାହାକୁ ନିମ୍ନ ରକ୍ତଚାପ ବୋଲି କୁହାଯାଏ। ତେବେ ଏହାର ଆୟୁର୍ବେଦ ଉପଚାର ସମ୍ବନ୍ଧରେ ଜାଣିବା।**

ନିମ୍ନ ରକ୍ତଚାପ ଯୋଗୁଁ ଝାପ୍ସା ଦେଖାଯିବା, ମୁଣ୍ଡ ବୁଲାଇବା, ବାନ୍ତି ଲାଗିବା, ଅବସାଦ, ଥକ୍କା ଅନୁଭବ, ଥଣ୍ଡା ଲାଗିବା, ଶ୍ୱାସକ୍ରିୟାରେ ସମସ୍ୟା ଆଦି ଲକ୍ଷଣ ଦେଖାଯାଏ। ଏହା ଷ୍ଟ୍ରୋକ୍ ଓ ହୃଦ୍‌ଜନିତ ରୋଗ ଆଶଙ୍କାକୁ ବୃଦ୍ଧି କରାଏ। ତେଣୁ ଜୀବନଶୈଳୀରେ ପରିବର୍ତ୍ତନ ଆଣିବା ସହିତ ଖାଦ୍ୟରେ ଲୁଣ ମାତ୍ରା ବଢ଼ାଇବା, ଲୁଣ ପାଣି ପିଇବା, ସୋଡିୟମଯୁକ୍ତ ଖାଦ୍ୟ ଖାଇବା ଜରୁରି। ଦିନକୁ ୮ରୁ ୧୦ ଗ୍ଲାସ ପାଣି ପିଇବା ଆବଶ୍ୟକ। ଲେମ୍ବୁ ପାଣି ସ୍ୱାସ୍ଥ୍ୟ ପକ୍ଷେ ହିତକର।

- ରକ୍ତଚାପ ନିୟନ୍ତ୍ରଣରେ ତୁଳସୀ ପତ୍ର, ଅଦା, ଅର୍ଜୁନ ଗଛର ଛେଲି, ସୈନ୍ଧବ ଲୁଣ ବେଶ ସହାୟକ ହୁଏ। ରାତିରେ କିଛି କିସ୍ ମିସ୍‌କୁ ପାଣିରେ ଭିଜାଇ ପରଦିନ ସକାଳେ ଖାଲିପେଟରେ ସେହି ପାଣି ପିଇବା ଦ୍ୱାରା ରକ୍ତଚାପ ନିୟନ୍ତ୍ରଣରେ ରୁହେ। ଅଦା କିମ୍ବା ଅର୍ଜୁନ ଛେଲି ପ୍ରସ୍ତୁତ ଚା' ପିଇବା ହିତକର।
- ଏକ ଚାମଚ ଅଶ୍ୱଗନ୍ଧା ଚୂର୍ଣ୍ଣକୁ କ୍ଷୀରରେ ମିଶାଇ ପିଇଲେ ନିମ୍ନ ରକ୍ତଚାପ ହ୍ରାସ ପାଏ।
- ଶ୍ୱେତ ମୁଷଳୀ ଚୂର୍ଣ୍ଣକୁ ତିନି ଗ୍ରାମ ଉଷୁମ କ୍ଷୀରରେ ମିଶାଇ ଦିନକୁ ଦୁଇବେଳା ସେବନ କଲେ ନିମ୍ନ ରକ୍ତଚାପରେ ଉପକାର ହୁଏ। ସେହିପରି ସତାବରୀ ଚୂର୍ଣ୍ଣ ଦୁଇରୁ ପାଞ୍ଚ ଗ୍ରାମ ମାତ୍ରାରେ କ୍ଷୀର କିମ୍ବା ଉଷୁମ ପାଣିରେ ସେବନ କଲେ ହିତକର ହୋଇଥାଏ। କାକୁଡ଼ି, ତରଭୁଜ, ବିଟ୍, ଗାଜରର ରସକୁ ବାହାର କରି ସାମାନ୍ୟ ସୈନ୍ଧବ ଲବଣ ମିଶାଇ ଶହେ ମିଲି ମାତ୍ରାରେ ସକାଳେ ଓ ସନ୍ଧ୍ୟାରେ ପାନ କଲେ ନିମ୍ନ ରକ୍ତଚାପରେ ହିତକର ହୋଇଥାଏ। ଦିନରେ ଅତିକମ୍‌ରେ ୧୫ ମିନିଟ୍ ଚାଲିବା ଓ ନିଦ ପୂରା କରିବା ଆବଶ୍ୟକ।

## ଆଜିଠାରୁ ଏସିଆ କପ୍ ହକି

# ଟାଇଟଲ୍ ଜିତିଲେ ବିଶ୍ୱକପ୍ ଲାଗି ଯୋଗ୍ୟତା



ରାଜଗିର,୨୮।୮ (ଏଜେନ୍ସି): ବିହାରର ରାଜଗିରଠାରେ ଆସନ୍ତାକାଲିଠାରୁ ଏସିଆ କପ୍ ପୁରୁଷ ହକି ପ୍ରତିଯୋଗିତା ଆୟୋଜିତ ହେବ। ଏହି ପ୍ରତିଯୋଗିତାରେ ଯେଉଁ ଦଳ ଚାମ୍ପିଅନ ହେବ ସେହିଦଳ ସିଧାସଳଖ ୨୦୨୬ ବିଶ୍ୱକପ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିବ। ଏଥିଲାଗି ବିହାରରେ ପ୍ରଥମଥର ଆୟୋଜିତ ହେବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟର ଗୁରୁତ୍ୱ ଅନେକ ପରିମାଣରେ ବଢ଼ିଯାଇଛି। ନିକଟରେ ଏଫ୍ଆଇଏଚ୍ ଲିଗ୍‌ରେ କ୍ରମାଗତ ୭ଟି ମ୍ୟାଚ୍‌ରେ ପରାଜିତ ହୋଇ ନିରାଶା ସୃଷ୍ଟିକରିଥିବା ଭାରତ ଏଠାରେ ଚାମ୍ପିଅନ ହେବା ସହ ଏହି ନିରାଶାକୁ ଦୂରେଇବାକୁ ଚେଷ୍ଟା କରିବ। ଏଫ୍ଆଇଏଚ୍ ପ୍ରୋ ଲିଗ୍‌ରେ ଖରାପ ପ୍ରଦର୍ଶନ ଯୋଗୁଁ ଭାରତ ବିଶ୍ୱ ମାନ୍ୟତାରେ ୭ମ ସ୍ଥାନକୁ ଖସିଆସିଛି। ଏଣୁ ଦଳ ତାହାର ଆତ୍ମବିଶ୍ୱାସ ଫେରିପାଇବା ଲାଗି ନିଶ୍ଚିତଭାବେ ଏଠାରେ ଭଲ ଖେଳିବ ବୋଲି ଆଶା କରାଯାଉଛି। ହେଡ୍ କୋଚ୍ କ୍ରେଗ୍ ଫୁଲଟନ ଓ ଆହତ ସମସ୍ୟାରୁ ମୁକୁଳିଥିବା ଅଧିନାୟକ ହରମନପ୍ରୀତ୍ ସିଂହ ଭଲ ପ୍ରଦର୍ଶନ କରିବାକୁ ପ୍ରବଳ ଚାପରେ ରହିଛନ୍ତି। 'ଚଳିତବର୍ଷର ଏହା ଆମଲାଗି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଟୁର୍ଣ୍ଣାମେଣ୍ଟ' ବୋଲି କହନ୍ତି ଫୁଲଟନ୍। ପ୍ରୋ-ଲିଗ୍‌ରେ ବିପର୍ଯ୍ୟୟ ସାମୟିକ ଥିଲା କିମ୍ବା ଭାରତୀୟ ଦଳ ବଡ଼ ଟୁର୍ଣ୍ଣାମେଣ୍ଟ ଲାଗି ପ୍ରସ୍ତୁତ ତାହା ଏଠାରେ ଦେଖାଇବାକୁ ହେବ। ଏସିଆ ମହାଦେଶରେ ଏକ ଶକ୍ତିଶାଳୀ ଦେଶ ହୋଇଥିଲେ ମଧ ଭାରତ ମାତ୍ର ୩ଥର ଏହି ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ହୋଇଛି। ଭାରତୀୟ ଦଳରେ ଓଡ଼ିଶାର ଅମିତ ରୋହିଦାସ ଓ ଶିଳାନନ୍ଦ ଲାକ୍ରା ସ୍ଥାନ ପାଇଥିଲାବେଳେ ନୀଲମ ସଞ୍ଜୀପ ଖେସ ରିଜର୍ଭ ଖେଳାଳି ରହିଛନ୍ତି। ଚଳିତଥର ଏସିଆ କପ୍‌ରୁ ପାକିସ୍ତାନ ଓହରିଯିବା ପରେ ଏହାର ଚମକ କମିଛି। ପାକିସ୍ତାନ ସହ ଓମାନ ମଧ ଓହରିଯାଇଥିଲା। ସେମାନଙ୍କ ସ୍ଥାନରେ ବାଂଲାଦେଶ ଓ କାଜାଖସ୍ଥାନ ସାମିଲ ହୋଇଛନ୍ତି। ଏଥର ୮ଟି ଦଳ ଏସିଆ କପ୍ ଖେଳିବେ। ଏହି ଦଳଗୁଡ଼ିକୁ ଦୁଇଟି ପୁଲ୍‌ରେ ଭାଗ କରାଯାଇଛି। ପୁଲ୍-ଏ'ରେ ଭାରତ ଜାପାନ, ଚୀନ୍ ଓ କାଜାଖସ୍ଥାନ ସ୍ଥାନ ପାଇଛି। ପୁଲ୍-ବି'ରେ ଡିଫେଣ୍ଡିଂ ଚାମ୍ପିଅନ ଦକ୍ଷିଣ କୋରିଆ, ମାଲେସିଆ, ଚାଇନିଜ୍ ତାଇପେ ଓ ବାଂଲାଦେଶ ରହିଛନ୍ତି। ଗ୍ରୁପ୍ ପର୍ଯ୍ୟାୟ ରାଉଣ୍ଡ ରବିନ ଲିଗ୍ ଫର୍ମାଟରେ ଖେଳାଯିବ। ସର୍ବାଧିକ ପଏଣ୍ଟ ପାଇଥିବା ୨ଟି ଲେଖାଏଁ ଦଳ ପ୍ରତ୍ୟେକ ଗ୍ରୁପ୍‌ରୁ ସୁପର-୪'କୁ ଉନ୍ନୀତ ହେବେ। ସୁପର-୪'ରେ ପ୍ରତ୍ୟେକ ଦଳ ଅନ୍ୟ ସହ ଥରେ ଲେଖାଏଁ ଖେଳିବେ। ଏଥିରେ ପ୍ରଥମ ଦୁଇଟି ସ୍ଥାନ ଅଧିକାର କରିଥିବ ଦଳ ଫାଇନାଲ ଓ ଅନ୍ୟ ଦୁଇ ଦଳ ତୃତୀୟ ସ୍ଥାନ ଲାଗି ମୁକାବିଲା କରିବେ। ସେପ୍ଟେମ୍ବର ୭ରେ ଫାଇନାଲ ମୁକାବିଲା ହେବ।

### ପ୍ରସାରଣ

ଟେଲିଭିଜନ: ସୋନି ସ୍ପୋର୍ଟ୍ସ ନେଟ୍‌ୱର୍କ, ଲାଇଭ୍ ଷ୍ଟ୍ରିମିଂ: ସୋନି ଲାଇଭ୍, ୱାଚ୍.ହକି ଆପ ଓ ୱେବସାଇଟ୍

### ଭାରତୀୟ ଦଳ

ଗୋଲ୍‌କିପର: କ୍ରିଷନ ବାହାଦୂର ପାଠକ, ସୂରଜ କରକେରା, ଡିଫେଣ୍ଡର: ସୁମିତ, ଜରମନପ୍ରୀତ୍ ସିଂହ, ସଞ୍ଜୟ, ହରମନପ୍ରୀତ୍ ସିଂହ (ଅଧିନାୟକ), ଅମିତ୍ ରୋହିଦାସ ଓ ଯୁବରାଜ ସିଂହ, ମିଡ୍‌ଫିଲ୍ଡର: ରାଜିନ୍ଦର ସିଂହ, ରାଜକୁମାର ପାଲ୍, ହାର୍ଦ୍ଦିକ ସିଂହ, ମନପ୍ରୀତ୍ ସିଂହ ଓ ବିବେକ ସାଗର ପ୍ରସାଦ, ଫର୍‌ୱାର୍ଡ: ମନଦୀପ୍ ସିଂହ, ଶିଳାନନ୍ଦ ଲାକ୍ରା, ଅଭିଷେକ, ସୁଖଜିତ୍ ସିଂହ ଓ ଦିଲ୍‌ପ୍ରୀତ୍ ସିଂହ।

ରିଜର୍ଭ ଖେଳାଳି: ନୀଲମ ସଞ୍ଜୀପ ଖେସ ଓ ସେଲଭାମ କାର୍ତ୍ତି।

### ରକ୍ଷଣଭାଗକୁ ନେଇ ଚିନ୍ତାରେ ଭାରତ

ଏହି ଟୁର୍ଣ୍ଣାମେଣ୍ଟରେ ଭାରତ ଅନେକ କିଛି ପ୍ରମାଣିତ କରିବାକୁ ଅପେକ୍ଷା କରିଛି। ବିଶେଷ କରି ପ୍ରୋ-ଲିଗ୍‌ରେ ଭାରତ କ୍ରମାଗତ ୭ଟି ମ୍ୟାଚ୍‌ରେ ପରାଜିତ ହୋଇଥିଲାବେଳେ ଦଳ ଖେଳିଥିବା ୮ଟି ମ୍ୟାଚ୍‌ରେ ୨୬ଟି ଗୋଲ ବରଣ କରିଛି। ଗୋଲରକ୍ଷକ ଶ୍ରୀଜେଶଙ୍କ ଅବସର ଓ ଆହତଯୋଗୁ ହରମନପ୍ରୀତ୍ ସିଂହଙ୍କ ଅନୁପସ୍ଥିତିରେ ଦଳକୁ ଏହି ଦଶା ଭୋଗିବାକୁ ପଡ଼ିଛି। ଏଥିଲାଗି କୋଚ୍ କ୍ରେଗ୍ ଫୁଲଟନ ଶ୍ରେଷ୍ଠ ଖେଳାଳିଙ୍କୁ ନେଇ ଏହି ଦଳ ଗଠନ କରିଛନ୍ତି। ପେନାଲ୍ଟି କର୍ଣ୍ଣରକୁ ଗୋଲରେ ପରିଣତ କରିବାକୁ ନେଇ କଷ୍ଟ କରିବାକୁ ହେବ। ହରମନପ୍ରୀତ୍ ଏବେ ଦଳକୁ ଫେରିବା ପରେ ରକ୍ଷଣଭାଗ ଖେଳରେ ଉନ୍ନତି ହେବ ବୋଲି ଆଶା କରାଯାଉଛି। ଅନ୍ୟପକ୍ଷରେ ଗୋଲରକ୍ଷକ ସୁରଜ କରକେରା ଓ କ୍ରିଷନ ପାଠକଙ୍କୁ ଭଲ ଖେଳ ଦେଖାଇବାକୁ ହେବ।

### ଖେଳସୂଚୀ (ଲିଗ୍ ପର୍ଯ୍ୟାୟ)

**ଅଗଷ୍ଟ ୨୯, ଶୁକ୍ରବାର**
ମାଲେସିଆ-ବାଂଲାଦେଶ, ସକାଳ ୯ଟା
ଦ.କୋରିଆ-ତାଇପେଇ, ପୂର୍ବାହ୍ଣ ୧୧ଟା
ଜାପାନ- କାଜାଖସ୍ଥାନ, ଅପରାହ୍ଣ ୧ଟା
ଭାରତ- ଚୀନ, ଅପରାହ୍ଣ ୩ଟା

**ଅଗଷ୍ଟ ୩୦, ଶନିବାର**
ବାଂଲାଦେଶ-ତାଇପେ, ଅପରାହ୍ଣ ୧ଟା
ଦ.କୋରିଆ-ମାଲେସିଆ, ଅପରାହ୍ଣ ୩ଟା

**ଅଗଷ୍ଟ ୩୧, ରବିବାର**
ଚୀନ୍- କାଜାଖସ୍ଥାନ, ଅପରାହ୍ଣ ୧ଟା
ଭାରତ- ଜାପାନ, ଅପରାହ୍ଣ ୩ଟା

**ସେପ୍ଟେମ୍ବର ୧, ସୋମବାର**
ଦ.କୋରିଆ-ବାଂଲାଦେଶ, ଅପରାହ୍ଣ ୧.୩୦
ମାଲେସିଆ-ତାଇପେଇ, ଅପରାହ୍ଣ ୩.୩୦
ଜାପାନ- ଚୀନ, ସନ୍ଧ୍ୟା ୫ଟା ୩୦
ଭାରତ- କାଜାଖସ୍ଥାନ, ରାତି ୭.୩୦

**ସେପ୍ଟେମ୍ବର ୩ରୁ ୬, ବୁଧରୁ ଶନିବାର**
ସୁପର-୪ ମ୍ୟାଚ୍

**ସେପ୍ଟେମ୍ବର ୭, ରବିବାର**
ଫାଇନାଲ।

## ପ୍ରଥମଥର ଏଫ୍ଆଇଏଚ୍ ପ୍ରୋ ଲିଗ୍ ଖେଳିବ ପାକିସ୍ତାନ

ଲାଉସାନେ, ୨୮।୮ (ଏଜେନ୍ସି): ବିଶ୍ୱ ହକିର ଅନ୍ୟତମ ସମ୍ମାନଜନକ ପ୍ରତିଯୋଗିତା ଏଫ୍ଆଇଏଚ୍ ପ୍ରୋ ଲିଗ୍‌ରେ ପାକିସ୍ତାନ ପ୍ରଥମଥର ଅଂଶଗ୍ରହଣ କରିବ। ଏଫ୍ଆଇଏଚ୍ ପ୍ରୋ ଲିଗ୍‌ର ଆଗାମୀ ୨୦୨୫-୨୬ ସିଜନରେ ପାକିସ୍ତାନ ଦଳ ଭାଗନେବ ବୋଲି ଏଫ୍ଆଇଏଚ୍ ସଭାପତି ତୟାବ ଇକ୍ରାମ ଗୁରୁବାର ସ୍ପଷ୍ଟ କରିଛନ୍ତି। ଏଫ୍ଆଇଏଚ୍ ନେସନ୍ସ କପ୍‌ର ୨୦୨୪-୨୫ ସିଜନରେ ଚାମ୍ପିଅନ ହୋଇଥିବା ନ୍ୟୁଜିଲାଣ୍ଡ ଆଗାମୀ ପ୍ରୋ ଲିଗ୍‌କୁ ଯୋଗ୍ୟତା ଅର୍ଜନ କରିଥିଲା। କିନ୍ତୁ ନ୍ୟୁଜିଲାଣ୍ଡ ପ୍ରୋ ଲିଗ୍‌ରେ ଭାଗନେବାକୁ ମନା କରିଦେବା ପରେ ନେସନ୍ସ କପ୍ ରନର୍ସଅପ୍ ଦଳ ପାକିସ୍ତାନ ସ୍ୱୟଂଚାଳିତ ଭାବେ ଏଫ୍ଆଇଏଚ୍ ପ୍ରୋ ଲିଗ୍‌କୁ ଯୋଗ୍ୟତା ଅର୍ଜନ କରିଛି। ପାକିସ୍ତାନ ପୂର୍ବରୁ ୩ଥର ଅଲିମ୍ପିକ ଓ ୪ଥର ହକି ବିଶ୍ୱକପ୍ ବିଜୟୀ ହୋଇଛି। ତେଣୁ ପ୍ରଥମଥର ଲାଗି ଏଲିଟ୍ ହକି ଟୁର୍ଣ୍ଣାମେଣ୍ଟ ପ୍ରୋ ଲିଗ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିବାରୁ ଏହା ଆହୁରି ରୋମାଞ୍ଚ ହେବ ବୋଲି ଇକ୍ରାମ ଆଶାବାଦୀ ରହିଛନ୍ତି। ଏଥିସହ ଏଫ୍ଆଇଏଚ୍ ପ୍ରୋ ଲିଗ୍‌ର ଆଗାମୀ ସଂସ୍କରଣରେ ଭାରତ ଓ ପାକିସ୍ତାନ ମଧ୍ୟରେ ଦୁଇଥର ମୁକାବିଲା ହେବା ସ୍ପଷ୍ଟ ହୋଇଛି। ଭାରତ ଓ ପାକିସ୍ତାନ ସମେତ ଆର୍ଜେଣ୍ଟିନା, ଅଷ୍ଟ୍ରେଲିଆ, ବେଲ୍‌ଜିୟମ, ଇଂଲଣ୍ଡ, ଜର୍ମାନୀ, ନେଦରଲାଣ୍ଡସ ଓ ସ୍ପେନ ପ୍ରୋ ଲିଗ୍‌ର ୨୦୨୫-୨୬ ସିଜନରେ ଅଂଶଗ୍ରହଣ କରିବେ। ଚାମ୍ପିଅନ ଦଳ ୨୦୨୮ ଅଲିମ୍ପିକ୍ସକୁ ସିଧାସଳଖ ଯୋଗ୍ୟତା ଅର୍ଜନ କରିବ।

### ● ଦୁଲୀପ୍ ଟ୍ରଫି କ୍ରିକେଟ

## ମନୀଷଙ୍କୁ ୩ ୱିକେଟ, ଉତ୍ତରାଞ୍ଚଳ ୩୦୮ / ୬

ବେଙ୍ଗାଲୁରୁ,୨୮।୮ (ଏଜେନ୍ସି): ଏଠାରେ ଆଜିଠାରୁ ଆରମ୍ଭ ହୋଇଥିବା ଦୁଲୀପ୍ ଟ୍ରଫି କ୍ରିକେଟ ପ୍ରତିଯୋଗିତାର ପୂର୍ବାଞ୍ଚଳ ବିପକ୍ଷ ପ୍ରଥମ କ୍ୱାର୍ଟର ଫାଇନାଲର ପ୍ରଥମ ଦିନ ଖେଳ ଶେଷ ସୁଦ୍ଧା ଉତ୍ତରାଞ୍ଚଳ ପ୍ରଥମ ଇନିଂସରେ ୬ ୱିକେଟ ହରାଇ ୩୦୮ ରନ୍ ସଂଗ୍ରହ କରିଛି। ଷ୍ଟମ୍ପ ଅପସାରଣ ବେଳକୁ ୱିକେଟରକ୍ଷକ କନ୍ହେୟା ୱାଧାୱାନ୍ ୪୨ ଓ ମୟଙ୍କ ଡାଗର ୨୮ ରନ୍‌ରେ ବ୍ୟାଟିଂ କରୁଥିଲେ। ଦଳ ପକ୍ଷରୁ ଅନ୍ୟମାନଙ୍କ ମଧ୍ୟରେ ଆୟୁଷ ବଦୋନୀ ୬୩, ନିଶାନ୍ତ ସିନ୍ଧୁ ୪୭, ଯଶ ଧୂଲ ୩୯, ଅଧିନାୟକ ଅଙ୍କିତ କୁମାର ୩୦ ରନ୍ କରିଥିଲେ। ପୂର୍ବାଞ୍ଚଳ ପକ୍ଷରୁ ୨୨ ବର୍ଷୀୟ ଝାଡଖଣ୍ଡର ବାମହାତୀ ସ୍ପିନର ମନୀଷ ସର୍ବାଧିକ ୩ଟି ୱିକେଟ ପାଇଥିଲେ। ମହମ୍ମଦ୍ ସାମି, ସୁରଜ ସିନ୍ଧୁ ଜୟସ୍ୱାଲ ଓ ମୁକ୍ତାର ହୁସେନ ଜଣେ ଲେଖାଏଁ ଖେଳାଳିଙ୍କୁ ଆଉଟ କରିଥିଲେ। ମୁକେଶ କୁମାରଙ୍କ ମାଂସପେଶୀ ଟାଣି ହୋଇଯାଇଥିବାରୁ ସେ ୧୧.୫ ଓଭର ପରେ ଆଉ ବୋଲିଂ କରି ନ ଥିଲେ। ପୂର୍ବରୁ ଅଧିନାୟକ ଅଭିମନ୍ୟୁ ଈଶ୍ୱରନଙ୍କୁ ଜ୍ୱର ହେବାରୁ ସେ ଏହି ମ୍ୟାଚ୍‌ରୁ ଓହରି ଯାଇଥିଲେ ଓ ରିୟାନ ପରାଗ ତାଙ୍କ ସ୍ଥାନରେ ଦଳର ନେତୃତ୍ୱ ନେଇଥିଲେ। ଏହି ମ୍ୟାଚ୍ ଲାଗି ଓଡ଼ିଶାରୁ ସନ୍ଦୀପ ପଟ୍ଟନାୟକ ଓ ଆଶୀର୍ବାଦ ସ୍ୱାଇଁ ମନୋନୀତ ହୋଇଥିଲେ ମଧ୍ୟ କାହାରିକୁ ଖେଳିବାର ସୁଯୋଗ ମିଳି ନ ଥିଲା। **ମାଲେୱର, ପାଟିଦାରଙ୍କ ଶତକ:** ଏଠାରେ ଅନୁଷ୍ଠିତ ଉତ୍ତରପୂର୍ବାଞ୍ଚଳ ବିପକ୍ଷ ଅନ୍ୟ ଏକ କ୍ୱାର୍ଟର ଫାଇନାଲରେ ପ୍ରଥମ ଦିନ ଖେଳ ଶେଷ ସୁଦ୍ଧା କେନ୍ଦ୍ରାଞ୍ଚଳ ୨ ୱିକେଟରେ ୪୩୨ ରନ୍ କରିଛି। ଦଳ ପକ୍ଷରୁ ବିଦର୍ଭ ଖେଳାଳି ଡାନିସ ମାଲେୱର ସର୍ବାଧିକ ୧୯୮ ରନ୍ କରି ଅପରାଜିତ ଅଛନ୍ତି। ସେହିପରି ଆହତ ଧ୍ରୁବ ଜୁରେଲଙ୍କ ସ୍ଥାନରେ ଦଳର ନେତୃତ୍ୱ ନେଉଥିବା ରଜତ ପାଟିଦାର ୧୨୫ ରନ୍ କରିଛନ୍ତି। ଯୁବ ୱିକେଟ ରକ୍ଷକ ଆର୍ଯ୍ୟନ ଜୁୟାଲ ୬୦ ରନ୍ କରି ରିଟାୟର୍ଡ ହର୍ଟ ହୋଇଛନ୍ତି। ଓପନର ଆୟୁଷ ପାଣ୍ଡେ ୩ ରନ୍‌ରେ ପ୍ରଥମ ଖେଳାଳି ଭାବେ ଆଉଟ ହୋଇଥିଲେ।

## ଆଜିଠୁ ପ୍ରୋ କବାଡ଼ି ଲିଗ୍-୧୨

ଭାଇଜାଗ, ୨୮।୮ (ଏଜେନ୍ସି): ଲୋକପ୍ରିୟ ପ୍ରୋ କବାଡ଼ି ଲିଗ୍ (ପିକେଏଲ୍)ର ଦ୍ୱାଦଶ ସଂସ୍କରଣ ଶୁକ୍ରବାରଠାରୁ ଆରମ୍ଭ ହେବାକୁ ଯାଉଛି। ସ୍ଥାନୀୟ ବିଶ୍ୱନାଥ ସ୍ପୋର୍ଟ୍ସ କ୍ଲବରେ ତାମିଲ ଥଲାଇଭାସ ଓ ତେଲଗୁ ଟାଇଟାନ୍ସ ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ୍ ଖେଳାଯିବ। ସେହିଭଳି ଦିବସର ୨ୟ ମୁକାବିଲାରେ ବେଙ୍ଗାଲୁରୁ ବୁଲ୍ସ ଓ ପୁନେରୀ ପାଲଟନ୍ ପରସ୍ପରକୁ ଭେଟିବେ। ଏଥର ୧୨ଟି ଦଳ ମଧ୍ୟରେ ଟାଇଟଲ୍ ପାଇଁ ଲଢ଼େଇ ହେବ। ଅନ୍ୟ ଅଂଶଗ୍ରହଣକାରୀ ଦଳ ହେଲେ ଜୟପୁର ପିଙ୍କ ପାନ୍ଥର୍ସ, ବେଙ୍ଗଲ ୱାରିୟର୍ସ, ପାଟନା ପାଇରେଟ୍ସ, ୟୁପି ଯୋଦ୍ଧାସ, ୟୁ ମୁମ୍ବା, ଦବଙ୍ଗ ଦିଲ୍ଲୀ, ଗୁଜରାଟ ଜାଏଣ୍ଟସ ଓ ହରିୟାଣା ଷ୍ଟିଲର୍ସ। ଅଗଷ୍ଟ ୨୯ରୁ ସେପ୍ଟେମ୍ବର ୧୧ ପର୍ଯ୍ୟନ୍ତ ଭାଏଜାଗ୍ ଲେଗ୍ ଅନୁଷ୍ଠିତ ହେବ। ଏହାପରେ ଜୟପୁର (ସେପ୍ଟେମ୍ବର ୧୨ରୁ ୨୮), ଚେନ୍ନାଇ (ସେପ୍ଟେମ୍ବର ୨୯ରୁ ଅକ୍ଟୋବର ୧୦) ଓ ନୂଆଦିଲ୍ଲୀ (ଅକ୍ଟୋବର ୧୧ରୁ ଅକ୍ଟୋବର ୨୩)ରେ ମ୍ୟାଚ୍ ଖେଳାଯିବାର କାର୍ଯ୍ୟସୂଚୀ ରହିଛି।

### ବୁଚି ବାବୁ ଆମନ୍ତ୍ରଣୀୟ କ୍ରିକେଟ

## ଗୋବିନ୍ଦଙ୍କ ଅଲ୍‌ରାଉଣ୍ଡ ପ୍ରଦର୍ଶନ; ଓଡ଼ିଶା ବିଜୟୀ

କଟକ,୨୮।୮ (ସମିସ): ଚେନ୍ନାଇରେ ଅନୁଷ୍ଠିତ ବୁଚି ବାବୁ ଆମନ୍ତ୍ରଣୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଜମ୍ମୁ ଓ କଶ୍ମୀର ବିପକ୍ଷ ମ୍ୟାଚ୍‌କୁ ଓଡ଼ିଶା ୧୧୮ ରନରେ ବିଜୟୀ ହୋଇଛି। ୪୫ ଓଭରରେ ୨୨୫ ରନର ବିଜୟ ଲକ୍ଷ୍ୟକୁ ପିଛା କରିଥିବା ଜମ୍ମୁ ଓ କଶ୍ମୀର ୧୦୬ ରନରେ ଅଲ୍‌ଆଉଟ ହୋଇଥିଲା। ଉଭୟ ପାଳିରେ ଅର୍ଦ୍ଧଶତକୀୟ ଇନିଂସ ଖେଳିବା ସହ ମୋଟ ୫ଟି ୱିକେଟ ଦଖଲ କରିଥିବା ଗୋବିନ୍ଦ ପୋଦ୍ଦାର ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ତେବେ ମୋଟ ୩ଟି ମ୍ୟାଚ୍‌ରୁ ୨ଟି ପରାଜୟ ଓ ଗୋଟିଏ ମ୍ୟାଚ୍‌ରେ ବିଜୟୀ ହୋଇଥିବା ଓଡ଼ିଶା ୬ ପଏଣ୍ଟ ସହ ଟେବଲର ୪ର୍ଥ ସ୍ଥାନରେ ରହି ପ୍ରତିଯୋଗିତାରୁ ବିଦା ହୋଇଛି। ଓଡ଼ିଶାର ପ୍ରଥମ ପାଳି ୩୧୪ ରନ ଜବାବରେ ଜମ୍ମୁ ଓ କଶ୍ମୀର ୩୩୦ ରନ ସଂଗ୍ରହ କରିବା ସହ ୧୬ ରନର ଅଗ୍ରଣୀ ହାସଲ କରିଥିଲା। ଏହାପରେ ୨ୟ ଇନିଂସରେ ଓଡ଼ିଶା ୨୪୦ ରନରେ ଅଲଆଉଟ ହୋଇଥିଲା। ଓପନର ବିନୟ ପାଇକରାୟ ୨୦, ଶୁଭ୍ରାଂଶୁ ଶେଖର ସେନାପତି ୫୫, ଗୋବିନ୍ଦ ପୋଦ୍ଦାର ୭୨ ରନର ଦ୍ରୁତ ପାଳି ଖେଳିଥିଲେ। ଅନିଲ ପରିଡାଙ୍କ ୨୮ ଓ ସୟଦ ଟି ଅହମ୍ମଦଙ୍କ ୨୭ ରନର ଉପଯୋଗୀ ପାଳି ବଳରେ ଓଡ଼ିଶା ୨୪୦ ରନରେ ଅଲଆଉଟ ହୋଇଥିଲା। ଜମ୍ମୁ ଓ କଶ୍ମୀରର ୱଂଶଜ ଶର୍ମା ୩ଟି ୱିକେଟ ଦଖଲ କରିଥିଲେ। ତେବେ ମୁସୈଫ ଅଜିଜ(୪୭ରନ)ଙ୍କୁ ବାଦ ଦେଲେ ଜମ୍ମୁ ଓ କଶ୍ମୀରର ଅନ୍ୟ କୌଣସି ବ୍ୟାଟର ଦୀର୍ଘ ସମୟ କ୍ରିଜରେ ତିଷ୍ଠି ପାରିନଥିଲେ। ଫଳରେ ଦ୍ୱିତୀୟ ପାଳିରେ ଦଳ ୧୦୬ ରନରେ ସୀମିତ ରହିଥିଲା। ଓଡ଼ିଶା ନିମନ୍ତେ ପ୍ରଥମଥର ବରିଷ୍ଠ ଦଳରେ ସ୍ଥାନ ପାଇଥିବା ୧୯ବର୍ଷୀୟ ବାମହାତୀ ସ୍ପିନର ସୟଦ ଟି ଅହମ୍ମଦ ୪ଟି ୱିକେଟ ଦଖଲ କରିଥିଲେ। ଗୋବିନ୍ଦ ଓ ରାଜେଶ ମହାନ୍ତିଙ୍କୁ ୨ଟି ଲେଖାଏ ୱିକେଟ ମିଳିଥିଲା।

### ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଚାମ୍ପିଅନସିପ୍

## କ୍ୱାର୍ଟରରେ ସିନ୍ଧୁ

ପ୍ୟାରିସ, ୨୮।୮ (ଏଜେନ୍ସି): ପୂର୍ବତନ ଚାମ୍ପିଅନ ପିଭି ସିନ୍ଧୁଙ୍କ ସମେତ ମିକ୍ସଡ ଡବଲ୍ସ ଯୋଡ଼ି ଧ୍ରୁବ କପିଲ ଓ ତାନିଶା କ୍ରାଷ୍ଟୋ ଏଠାରେ ଚାଲିଥିବା ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଚାମ୍ପିଅନସିପ୍‌ର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଦୁଇଥରର ଅଲିମ୍ପିକ୍ସ ପଦକ ବିଜୟିନୀ ସିନ୍ଧୁ ମହିଳା ସିଙ୍ଗଲ୍ସ ରାଉଣ୍ଡ-୧୬ରେ ବିଶ୍ୱ ମାନ୍ୟତାର ୨ୟ ସ୍ଥାନରେ ରହିଥିବା ଚାଇନାର ୱାଙ୍ଗ୍ ଝି ୟିଙ୍କୁ ପରାସ୍ତ କରି ବିପର୍ଯ୍ୟୟ ଘଟାଇଥିଲେ। ୪୮ ମିନିଟ୍ ଧରି ଖେଳାଯାଇଥିବା ଏହି ମ୍ୟାଚକୁ ସିନ୍ଧୁ ୨୧-୧୯, ୨୧-୧୫ ସିଧାସଳଖ ଗେମ୍‌ରେ ବିଜୟୀ ହୋଇଥିଲେ। ଫଳରେ ୱାଙ୍ଗ୍‌ଙ୍କ ବିପକ୍ଷରେ ୱାର୍ଲ୍ଡ ଚାମ୍ପିଅନସିପ୍‌ରେ ଖେଳାଯାଇଥିବା ସମସ୍ତ ୮ଟି ମୁକାବିଲାରେ ସିନ୍ଧୁ ବିଜୟୀ ହୋଇ ତାଙ୍କର ଅପରାଜେୟ ଧାରାକୁ ବଜାୟ ରଖିଛନ୍ତି। କ୍ୱାର୍ଟର ଫାଇନାଲରେ ସିନ୍ଧୁଙ୍କ ମୁକାବିଲା ଇଣ୍ଡୋନେସିଆର ପୁତ୍ରି କୁସୁମାଙ୍କ ସହ ହେବ। ଅପରପକ୍ଷରେ ମିକ୍ସଡ ଡବଲ୍ସରେ ଧ୍ରୁବ-ତନିଶା ଯୋଡ଼ି ୧୯-୨୧, ୨୧-୧୨, ୨୧-୧୫ରେ ବିଶ୍ୱ ମାନ୍ୟତାର ୫ମ ସ୍ଥାନରେ ରହିଥିବା ହଂକଂ ଯୋଡ଼ି ତାଙ୍ଗ୍ ଚୁନ୍ ମାନ୍ ଓ ସି ୟିଙ୍ଗ୍ ସୁଏଟ୍‌ଙ୍କୁ ହରାଇଥିଲେ। ଯଦି ଧ୍ରୁବ-ତନିଶା ଯୋଡ଼ି ସେମିଫାଇନାଲରେ ପ୍ରବେଶ କରନ୍ତି ତେବେ ଭାରତର ପ୍ରଥମ ମିକ୍ସଡ ଡବଲ୍ସ ଯୋଡ଼ି ଭାବେ ଏହି ସମ୍ମାନଜନକ ପ୍ରତିଯୋଗିତାରେ ପଦକ ଜିତିବାର ସୌଭାଗ୍ୟ ଲାଭ କରିବେ।

### ● ଆଜି ଜାତୀୟ କ୍ରୀଡ଼ା ଦିବସ

## ପ୍ରଦାନ କରାଯିବ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର

ଭୁବନେଶ୍ୱର, ୨୮।୮ (ସମିସ): ହକି କିମ୍ବଦନ୍ତୀ ମେଜର ଧ୍ୟାନ ଚାନ୍ଦଙ୍କ ୧୨୦ତମ ଜନ୍ମବାର୍ଷିକୀ ଅବସରରେ ଶୁକ୍ରବାର ସାରା ଦେଶରେ ଜାତୀୟ କ୍ରୀଡ଼ା ଦିବସ ପାଳିତ ହେବ। ଏହି ଅବସରରେ କେନ୍ଦ୍ର କ୍ରୀଡ଼ା ଓ ଯୁବବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ୩ ଦିନ ଧରି କ୍ରୀଡ଼ା ଓ ଫିଟନେସ ମୋଭମେଣ୍ଟ କାର୍ଯ୍ୟକ୍ରମ ଆୟୋଜିତ ହେବ। ଯାହାର ଥିମ ରହିଛି 'ଏକ ଘଣ୍ଟା ଖେଲ୍ ମୈଦାନ ମେ'। ସେହିଭଳି ଓଡ଼ିଶା ସରକାରଙ୍କ ପକ୍ଷରୁ ରାଜ୍ୟର ସର୍ବଶ୍ରେଷ୍ଠ କ୍ରୀଡ଼ା ସମ୍ମାନ 'ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର' ପ୍ରତିବର୍ଷ ଭଳି ଆସନ୍ତାକାଲି ମଧ ପ୍ରଦାନ କରାଯିବ। ବର୍ଷ ୨୦୨୪ ଲାଗି ବିଭିନ୍ନ ବର୍ଗରେ ଏହି ପୁରସ୍କାର ଦିଆଯିବ। ତାରକା ଧାବକ ଅନିମେଶ କୁଜୁର ଶ୍ରେଷ୍ଠ କ୍ରୀଡ଼ାବିତ୍, ଚେସ୍ ଖେଳାଳି ସାତ୍ତ୍ୱିକ ସ୍ୱାଇଁ ଶ୍ରେଷ୍ଠ ଉଦୀୟମାନ ଖେଳାଳି, ବ୍ୟାଡ୍‌ମିଣ୍ଟନ ଖେଳାଳି ରାଖାଲ କୁମାର ସେଠୀ ଶ୍ରେଷ୍ଠ ପାରା ଖେଳାଳି ପୁରସ୍କାର ପାଇବେ। କ୍ରୀଡ଼ା ବିକାଶ ଲାଗି ରାଜ୍ୟ ଖୋ ଖୋ ସଂଘ ସମ୍ପାଦକ ପ୍ରଦ୍ୟୁମ୍ନ ମିଶ୍ର, ଶ୍ରେଷ୍ଠ କ୍ରୀଡ଼ା ସାମ୍ବାଦିକ ଭାବେ ବିମଳ କୁମାର ରାଉଳ, ଶ୍ରେଷ୍ଠ ବୈଷୟିକ କ୍ରୀଡ଼ା ଅଧିକାରୀ ଭାବେ ଡାକ୍ତର ସୁଜିତ ଶତପଥୀ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି।

### ● ଜୟନ୍ତ ମହାପାତ୍ର ସ୍ମାରକୀ ଫୁଟବଲ

## ଓଡିଏମ୍-କିସ୍ ଫାଇନାଲ ମୁକାବିଲା ଆଜି

ଭୁବନେଶ୍ୱର,୨୮।୮ (ସମିସ): ଓଡିଏମ୍ ପବ୍ଲିକ୍ ସ୍କୁଲ ଓ କିସ୍ ମଧ୍ୟରେ ଚଳିତବର୍ଷର ଜୟନ୍ତ ମହାପାତ୍ର ସ୍ମାରକୀ ଭୁବନେଶ୍ୱର ଆନ୍ତଃସ୍କୁଲ ଫୁଟବଲ ଟୁର୍ଣ୍ଣାମେଣ୍ଟର ଫାଇନାଲ ମୁକାବିଲା ଅନୁଷ୍ଠିତ ହେବ। ଭୁବନେଶ୍ୱର ଫୁଟବଲ ଏକାଡେମୀ ପରିସରରେ ଆଜି ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ଓଡିଏମ୍ ପବ୍ଲିକ୍ ସ୍କୁଲ ୨-୦ ଗୋଲରେ ଡିଏଭି ପୋଖରୀପୁଟକୁ ପରାସ୍ତ କରିଛି। ସେହିପରି ଦ୍ୱିତୀୟ ସେମିଫାଇନାଲରେ କିସ୍ ୪-୦ ଗୋଲରେ ବିକାଶ ରେସିଡେନ୍‌ସିଆଲ ସ୍କୁଲ୍‌କୁ ହରାଇଥିଲା। ପ୍ରଥମ ମ୍ୟାଚ୍‌ରେ କିସ୍‌ର ଆୟୁଷ ଗୋପେ ଓ ଦ୍ୱିତୀୟ ମ୍ୟାଚ୍‌ରେ କିସ୍‌ର ବଚନ ପୂର୍ତ୍ତିଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ଆସନ୍ତାକାଲି ଶୁକ୍ରବାର ଏହାର ଫାଇନାଲ ମୁକାବିଲା ଅନୁଷ୍ଠିତ ହେବ।

## ମନୀଷ ସ୍କୁଲ ଓପନ ଚେସ୍ ଚାମ୍ପିଅନ


ଭୁବନେଶ୍ୱର,୨୮।୮ (ସମିସ): ମନୀଷ ଦାସ ଏକାଦଶ ରାଜ୍ୟ ଓପନ ଚେସ୍ ଚାମ୍ପିଅନ ହୋଇଛନ୍ତି। ପୁରୁଣା ଭୁବନେଶ୍ୱରର ଲିଙ୍ଗରାଜ କ୍ଲବ୍ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଟୁର୍ଣ୍ଣାମେଣ୍ଟରେ ମନୀଷ ସର୍ବାଧିକ ୫ ପଏଣ୍ଟ ପାଇ ପ୍ରଥମ ହୋଇଥିଲେ। ଆୟାବନ୍ତ ମହାନ୍ତି, ସତ୍ୟନାରାୟଣ ସ୍ୱାଇଁ ଯଥାକ୍ରମେ ପ୍ରଥମ ରନର୍ସ ଅପ୍ ଓ ଦ୍ୱିତୀୟ ରନର୍ସ ଅପ୍ ହୋଇଥିଲେ। ପୂର୍ବତନ ମନ୍ତ୍ରୀ ଅଶୋକଚନ୍ଦ୍ର ପଣ୍ଡା ମୁଖ୍ୟଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ୱାର୍ଡ ନଂ-୫୪ କର୍ପୋରେଟର ଶିବପ୍ରସାଦ ବେହେରା, କ୍ଲବ୍ ସମ୍ପାଦକ ଶିବପ୍ରସାଦ ବେହେରା ପ୍ରମୁଖ ଅତିଥିଭାବେ ଉପସ୍ଥିତ ଥିଲେ।

### ୟୁଏସ୍ ଓପନ ଟେନିସ

## ଫେଡେରରଙ୍କ ରେକର୍ଡ ଭାଙ୍ଗିଲେ ଜୋକୋଭିଚ୍

ନ୍ୟୁୟର୍କ,୨୮।୮ (ଏଜେନ୍ସି): ସର୍ବିଆର ଚାମ୍ପିଅନ ଖେଳାଳି ନୋଭାକ ଜୋକୋଭିଚ୍ ଏଠାରେ ଚାଲିଥିବା ୟୁଏସ୍ ଓପନ ଟେନିସ ଟୁର୍ଣ୍ଣାମେଣ୍ଟର ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ବୁଧବାର ଖେଳାଯାଇଥିବା ଦ୍ୱିତୀୟ ରାଉଣ୍ଡ ମୁକାବିଲାରେ ସେ ଆମେରିକାର ଯୁବ ଖେଳାଳି ୨୨ ବର୍ଷୀୟ ଜ୍ୟାକ୍‌ରୀ ସାଇଦାଙ୍କୁ ୬-୭, ୬-୩, ୬-୩, ୬-୧ ସେଟ୍‌ରେ ହରାଇ ତୃତୀୟ ରାଉଣ୍ଡରେ ପ୍ରବେଶ କରିବା ସହ ରୋଜର ଫେଡେରରଙ୍କ ରେକର୍ଡ ଭାଙ୍ଗିବାରେ ସମର୍ଥ ହୋଇଛନ୍ତି। ଏହାକୁ ମିଶାଇ ଜୋକୋଭିଚ୍ ସର୍ବାଧିକ ୭୫ତମ ଥର ଲାଗି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିବାରେ ସମର୍ଥ ହୋଇଛନ୍ତି। ଜୋକୋଭିଚ୍‌ଙ୍କ ସହ ଟାଇଟଲ ଆଶାୟୀ କାର୍ଲୋସ୍ ଆଲକାରାଜ, ନଂ-୪ ଟେଲର ଫ୍ରିଜ୍, ୬ଷ୍ଠ ସିଡ୍ ଆମେରିକାର ବେନ୍ ଶେଲଟନ ତୃତୀୟ ରାଉଣ୍ଡରେ ପ୍ରବେଶ କରି ଟାଇଟଲ ଆଶାରେ ଆଉ ପାଦେ ଆଗେଇଛନ୍ତି। ଏହି ଧାରା ବଜାୟ ରହିଲେ ଆଲକାରାଜ ଓ ଜୋକୋଭିଚ୍‌ଙ୍କ ମଧ୍ୟରେ ସେମିଫାଇନାଲରେ ଭେଟାଭେଟି ହେବେ।





କିନ୍ତୁ ଦ୍ୱିତୀୟ ରାଉଣ୍ଡରେ ଏକାଧିକ ସିଡେଡ୍ ଖେଳାଳି ପରାଜୟର ରାସ୍ତା ଦେଖିଛନ୍ତି। ସେମାନଙ୍କ ମଧ୍ୟରେ ଅଛନ୍ତି ୫ମ ସିଡ୍ ବ୍ରିଟେନର ଜ୍ୟାକ୍ ଡ୍ରାପର, ୧୧ଶ ସିଡ୍ ଜେକ୍ ଡ୍ରେପର, ୧୨ଶ ସିଡ୍ ନରୱେର କାସ୍ପର ରୁଡ୍, ୧୬ତମ ସିଡ୍ ଚେକ୍ ରିପବ୍ଲିକ୍‌ର ଜ୍ୟାକୁବ ମେନସିକ୍, ୧୮ତମ ସିଡ୍ ସ୍ପେନ୍‌ର ଆଲେଜାଣ୍ଡ୍ରୋ ଡେଭିଡୋଭିଚ୍ ଫୋକିନା ପରାଜିତ ହୋଇ ପ୍ରତିଯୋଗିତାରୁ ବିଦାୟ ନେଇଛନ୍ତି।

### ତୃତୀୟ ରାଉଣ୍ଡରେ ସାବାଲେଙ୍କା

ପୁରୁଷ ବିଭାଗ ପରି ମହିଳା ଏକକ ଦ୍ୱିତୀୟ ରାଉଣ୍ଡରେ ଏକାଧିକ ମହିଳା ଖେଳାଳି ପରାଜିତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ମହିଳା ବିଭାଗରେ ୧୬ତମ ସିଡ୍ ସ୍ୱିଜରଲାଣ୍ଡର ବେଲିଣ୍ଡା ବେଙ୍କିକ୍, ପୂର୍ବତନ ଗ୍ରାଣ୍ଡସ୍ଲାମ୍ ଚାମ୍ପିଅନ ତଥା ୨୫ତମ ସିଡ୍ ଜେଲେନା ଓଷ୍ଟାପେଙ୍କୋ, ୧୭ତମ ସିଡ୍ ଲିଉଡମିଲା ସାମସୋନୋଭା ପରାଜୟ ବରଣ କରିଛନ୍ତି। ଏହା ମଧ୍ୟରୁ ଓଷ୍ଟାପେଙ୍କୋଙ୍କୁ ହରାଇଥିବା ଆମେରିକାର ଟାଉନ୍‌ସେଣ୍ଡ ପରସ୍ପର ସହ ମୁହାଁମୁହିଁ ହୋଇଥିଲେ। ଟାଉନ୍‌ସେଣ୍ଡକୁ ମୂର୍ଖ ଓ ଅଶିକ୍ଷିତ ବୋଲି ଅବିହିତ କରିଥିଲେ। ଏହି କଥାକୁ ନେଇ ଉଭୟଙ୍କ ମଧ୍ୟରେ କିଛି ସମୟ ଯୁକ୍ତିତର୍କ ହୋଇଥିଲା। ଓଷ୍ଟାପେଙ୍କୋଙ୍କୁ ୭-୫, ୬-୧ ସେଟ୍‌ରେ ହରାଇବା ପରେ କିଏ କ'ଣ ତାହା ଏବେ ଜଣାପଡ଼ିଛି ବୋଲି ଟାଉନ୍‌ସେଣ୍ଡ କହିଥିଲେ।

ଅନ୍ୟପକ୍ଷରେ ଟପ୍ ସିଡ୍ ଆରିନା ସାବାଲେଙ୍କା, ୪ର୍ଥ ସିଡ୍ ଜେସିକା ପେଗୁଲା, ୫ମ ସିଡ୍ ମୀରା ଆନ୍ଦ୍ରିଭା, ୭ମ ସିଡ୍ ଜଷ୍ଟିନ ପାଓଲିନ୍, ୯ମ ସିଡ୍ ଏଲିନା ରିବାକିନା ପ୍ରମୁଖ ବିଜୟ ହାସଲ କରି ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ପୋଲିନା କୁଦେରମୋଟୋଭାଙ୍କୁ ହରାଇବା ଲାଗି ସାବାଲେଙ୍କାଙ୍କୁ କଠିନ ପରିଶ୍ରମ କରିବାକୁ ପଡ଼ିଥିଲା।

୭-୬, ୬-୨ରେ ଏହି ମ୍ୟାଚ୍‌କୁ ଜିତିଥିବା ସାବାଲେଙ୍କା ତୃତୀୟ ରାଉଣ୍ଡରେ ଲିଲା ଫର୍ଣ୍ଣାଣ୍ଡିଜ୍‌ଙ୍କୁ ଭେଟିବେ। ଆନା ବ୍ଲିଙ୍କୋଭାଙ୍କୁ ୬-୧, ୬-୩ରେ ହରାଇଥିବା ପେଗୁଲା ତୃତୀୟ ରାଉଣ୍ଡରେ ୩୬ ବର୍ଷୀୟ ଖେଳାଳି ଭିକ୍ଟୋରିଆ ଆଜରେଙ୍କାଙ୍କୁ ଭେଟିବେ। ଆନାସ୍ତାସିଆ ପୋଟାପୋଭାଙ୍କୁ ୬-୧, ୬-୩ରେ ହରାଇଥିବା ୫ମ ସିଡ୍ ମୀରା ଆନ୍ଦ୍ରିଭା ତୃତୀୟ ରାଉଣ୍ଡରେ ଆମେରିକାର ଚର୍ଚ୍ଚିତ ଖେଳାଳି ଟେଲର ଟାଉନ୍‌ସେଣ୍ଡଙ୍କୁ ଭେଟିବେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS